ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ଜୁଲାଇ ୩୦/୨୦୨୧ (୧୬ ପୃଷ୍ଠା) | Dhenkanal, Friday, July 30/2021 | ★★★★★
୧୭ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଦୂତୀଙ୍କ ରେସ୍ ଆଜି**
ଟୋକିଓ ଅଲିମ୍ପିକ୍ସର ମହିଳା ୧୦୦ ମିଟର ରେସ୍ ପାଇଁ ଶୁକ୍ରବାର ଟ୍ରାକ୍‌କୁ ଓହ୍ଲାଇବେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

୧୬

୧୪

**କ୍ୟାଲେଣ୍ଡର୍‌ରେ ଐଶ୍ୱର୍ଯ୍ୟାଙ୍କ ଗ୍ଲାମର**
ବଲିଉଡ୍ ବିୟୁଟି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଡବ୍ବୁ ରତ୍ନାନୀଙ୍କ କ୍ୟାଲେଣ୍ଡର ପାଇଁ ଫଟୋ ଶୁଟ୍ କରିଛନ୍ତି।



# ବିଚାରପତିଙ୍କୁ ଅଟୋ ମଡ଼ାଇ ହତ୍ୟା

## ଗ୍ୟାଙ୍ଗଷ୍ଟରଙ୍କୁ ଜାମିନ ନ ଦେବାରୁ ଏମିତି ନେଲେ ପ୍ରତିଶୋଧ







ଧାନବାଦ ଜିଲା ଅତିରିକ୍ତ ବିଚାରପତି ଉତ୍ତମ ଆନନ୍ଦଙ୍କୁ ଅଟୋରିକ୍ସା ମଡ଼ାଇ ହତ୍ୟା କରାଯାଉଥିବା ବେଳର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି।

■ ହତ୍ୟା ବେଳର ଭିଡିଓ ଭାଇରାଲ
■ ନ୍ୟାୟପାଳିକା ଉପରେ ବର୍ବର ଆକ୍ରମଣ: ଏସ୍‌ସିବିଏ
■ ଏସ୍ଆଇଟି ଗଠିତ, ସିବିଆଇ ତଦନ୍ତ ଦାବି
■ ଚିନ୍ତାବ୍ୟକ୍ତ କଲେ ପ୍ରଧାନ ବିଚାରପତି
■ ପୋଲିସ ଅବହେଳାକୁ ନିନ୍ଦା
■ ଚୋରି ଅଟୋରେ ମାରିଥିବା ୨ ଅଭିଯୁକ୍ତ ଗିରଫ



ବିଚାରପତି
ଉତ୍ତମ ଆନନ୍ଦ

**ଧାନବାଦ/ନୂଆଦିଲ୍ଲୀ,୨୯।୭**

ଜଣେ ବିଚାରପତି ସବୁଦିନ ଭଳି ବୁଧବାର ଭୋର ସମୟରେ ପ୍ରାତଃ ଭ୍ରମଣରେ ବାହାରିଥିଲେ। ରାସ୍ତା ଜନଶୂନ୍ୟ ଥିଲା। ସେ ଚାଲି ଚାଲି ନିଜ ଘରଠାରୁ ୫୦୦ ମିଟର ଦୂରକୁ ଯାଇଥିଲେ। ଏତିକିବେଳେ ପଛପଟୁ ଏକ ଅଟୋ ଆସି ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ଫେରାର ହୋଇଗଲା। ବିଚାରପତି ରାସ୍ତାକଡ଼ରେ ଲହୁଲୁହାଣ ହୋଇ ପଡ଼ିରହିଥିଲେ। କିଛି ସମୟ ପରେ ସେହି ବାଟ ଦେଇ ଯାଉଥିବା ଜଣେ ବ୍ୟକ୍ତି ତାଙ୍କୁ ଉଠାଇ ମେଡିକାଲ କଲେଜକୁ ନେଇଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ତାଙ୍କ ମୃତଦେହ ପଡ଼ିରହିଥିଲା। କିନ୍ତୁ କେହି ଜାଣି ନ ଥିଲେ ସେ ଧାନବାଦ ଜିଲା ଅତିରିକ୍ତ ଜଜ୍ ଉତ୍ତମ ଆନନ୍ଦ ବୋଲି। ଉତ୍ତମ ସକାଳ ୭ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ତାଙ୍କ ପରିଚୟ ସ୍ପଷ୍ଟ କରିପାରିଥିଲା। ଏମିତି ଦେଖିଲେ ଏହା ଏକ ସ୍ୱାଭାବିକ ସଡ଼କ ଦୁର୍ଘଟଣା ବା 'ହିଟ୍ ଆଣ୍ଡ ରନ୍' ମାମଲା ଭଳି ମନେହେଉଛି। କିନ୍ତୁ ବାସ୍ତବରେ ଏହା ଏକ ସୁନିୟୋଜିତ ହତ୍ୟା ବୋଲି ସଂଗୃହୀତ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ବିଚାରପତି ଉତ୍ତମ ଆନନ୍ଦ ମାଫିଆମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବାରୁ ତାଙ୍କୁ ଏପରି ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ☞ପୃଷ୍ଠା–୪

## ଡାକ୍ତରୀ ଶିକ୍ଷାରେ ଓବିସିଙ୍କ ପାଇଁ ୨୭% କୋଟା

### 'ଠାର'କୁ ଭାଷା ମାନ୍ୟତା

**ନୂଆଦିଲ୍ଲୀ, ୨୯।୭**

ଚଳିତ ଶିକ୍ଷାବର୍ଷରୁ ସର୍ବଭାରତୀୟ ସ୍ତରରେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଓବିସିଙ୍କ ପାଇଁ ୨୭% ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ୧୦% ସିଟ୍ ସଂରକ୍ଷିତ ରହିବ। ନୂଆ ଶିକ୍ଷାନୀତି କାର୍ଯ୍ୟକାରିତାର ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏହା ଘୋଷଣା କରିଛନ୍ତି। ଏହି ଅବସରରେ 'ଠାର' ସାଙ୍କେତିକ ଭାଷାକୁ ସରକାର ଭାଷାର ମାନ୍ୟତା ଦେଇଛନ୍ତି। ଭିନ୍ନକ୍ଷମଙ୍କୁ ଶିକ୍ଷାଦାନରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। (ସବିଶେଷ ରିପୋର୍ଟ: ପୃଷ୍ଠା–୨ରେ)






## ଆଜିଠାରୁ ଅଫ୍‌ଲାଇନ ମାଟ୍ରିକ ପରୀକ୍ଷା

■ ୫୦୪ ପରୀକ୍ଷା କେନ୍ଦ୍ରରେ ଦେବେ ୧୫ ହଜାର ଛାତ୍ରୀଛାତ୍ର
■ କୋଭିଡ୍ ନିୟମ ଅନୁଯାୟୀ ହେବ ପରୀକ୍ଷା: ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୨୯।୭(ବ୍ୟୁରୋ):** ଶୁକ୍ରବାରଠାରୁ ସ୍ୱତନ୍ତ୍ର ମାଟ୍ରିକ ପରୀକ୍ଷା-୨୦୨୧ ଆରମ୍ଭ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜୁନ୍ ୨୫ରେ ଘୋଷଣା କରାଯାଇଥିବା ପରୀକ୍ଷା ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ଏବଂ ଅକୃତ କାର୍ଯ୍ୟ ହୋଇଥିବା ୧୫,୧୩୬ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ଏଥିପାଇଁ ସମଗ୍ର ରାଜ୍ୟରେ ୫୦୪ ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି ପରୀକ୍ଷା ଜୁଲାଇ ୩୦ରୁ ଆରମ୍ଭ ହୋଇ ଅଗଷ୍ଟ ୫ ତାରିଖ ଯାଏ ଚାଲିବ। ସମସ୍ତ କୋଭିଡ୍-୧୯ ପ୍ରୋଟୋକଲ ଅନୁସରଣ କରି ଏହି ପରୀକ୍ଷା ଅଫ୍‌ଲାଇନରେ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏଥିସହିତ କୋଭିଡ୍ ନିୟମ ପାଳନ କରିବାକୁ ସମସ୍ତ ଜିଲାକୁ ସ୍ୱେଶାଲ ଅପରେଟିଂ ପ୍ରୋସିଜିଓର(ଏସ୍ଓପି) ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ସଭାପତି ରାମାଶିଷ ହାଜରା କହିଛନ୍ତି, ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ☞ପୃଷ୍ଠା–୪

## ବିଶାଳ ଦେବ ଅର୍ଥ ସଚିବ

### ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ



**ଭୁବନେଶ୍ୱର,୨୯।୭ (ବ୍ୟୁରୋ):** ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଗୁରୁବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ବିଶାଳ ଦେବଙ୍କୁ ରାଜ୍ୟ ସରକାର ଅର୍ଥ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ଦେଇଛନ୍ତି। ଏହା ପୂର୍ବରୁ ସେ ରାଜ୍ୟର କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ପ୍ରମୁଖ ସଚିବ ସହିତ ଅତିରିକ୍ତ ଭାବେ ପର୍ଯ୍ୟଟନ ବିଭାଗର ଦାୟିତ୍ୱ ତୁଲାଉଥିଲେ। ସେହିଭଳି ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂହଙ୍କୁ ଇସ୍ପାତ ଓ ଖଣି ବିଭାଗର ସଚିବ ଭାବେ ବଦଳି କରାଯାଇଛି। ସିଂହ ପ୍ରାୟ ୮ବର୍ଷ ହେବ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିଲେ। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଅଶୋକ କୁମାର ମୀନାଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ☞ପୃଷ୍ଠା–୪

## ୩୦ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ

### ୨୦୦୮ କନ୍ଧମାଳ ଦଙ୍ଗା

### ୧ ହଜାର ଲେଖାଏ ଜରିମାନା

**ବାଲିଗୁଡା,୨୯।୭(ଡି.ଏନ.ଏ.)**

ବହୁଚର୍ଚ୍ଚିତ ୨୦୦୮ କନ୍ଧମାଳ ଦଙ୍ଗା ମାମଲାର ବିଚାର କରି କନ୍ଧମାଳ ଜିଲା କୋଟଗଡ଼ ପ୍ରଥମ ଶ୍ରେଣୀ ଅଦାଲତ ବିଚାରପତି ଅନୁରାଗ ଦେହୁରୀ ଗୁରୁବାର ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୩୦ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡସହ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଦଙ୍ଗାର ଦୀର୍ଘ ୧୩ବର୍ଷ ପରେ ଏହି ରାୟ ପ୍ରକାଶ ପାଇଛି। ତେବେ ସେଥିମଧ୍ୟରୁ ଜଣେ ଅଭିଯୁକ୍ତଙ୍କର ମୃତ୍ୟୁ ହୋଇଥିବା ଯୋଗୁ ଅନୁପସ୍ଥିତ ଥିବାରୁ ୬ ଅଭିଯୁକ୍ତଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଛି।

ସୂଚନାଯୋଗ୍ୟ, ୨୦୦୮ ସେପ୍ଟେମ୍ବର ୨ରେ କୋଟଗଡ଼ ବଣ୍ଡାପିପିଲି ଗ୍ରାମର ଅତୁଲ ପରିଚ୍ଛା ତାଙ୍କ ଘର ଜିନିଷପତ୍ର ଭାଙ୍ଗି ପୋଡି ନଷ୍ଟ କରିବା, ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା, ଜୀବନରେ ☞ପୃଷ୍ଠା–୪

## ଟିକା ନେବା ପରେ ଶିଶୁକନ୍ୟା ମୃତ

■ ପାର୍ଶ୍ୱ ପ୍ରତିକ୍ରିୟାରୁ ଜୀବନ ଯାଇଥିବା ଅଭିଯୋଗ
■ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେବ: ସ୍ୱାସ୍ଥ୍ୟ ଅଧିକାରୀ

**କାମାକ୍ଷାନଗର, ୨୯।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଖଜୁରିଆ ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ଟିକା ନେବାର କେଇ ଘଣ୍ଟା ପରେ ଜଣେ ୨ ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଯାଇଛି। ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଶିଶୁ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, କଙ୍କଡ଼ାହାଡ଼ ବ୍ଲକ ଖଜୁରିଆ ଗ୍ରାମର ମହେଶ୍ୱର ଦାସଙ୍କ ୨ ମାସର ଶିଶୁକନ୍ୟାଙ୍କୁ ବୁଧବାର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ରୋଟା, ପେଣ୍ଟା, ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଆଫଗାନିସ୍ତାନ ଓ ୨ ମହାଶକ୍ତି**

# 'ୱାନ୍ ନେଶନ୍, ୱାନ୍ ରାଶନ'

### ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ମାଲକାନଗିରି ଜିଲାରେ ଭିଟାମିନ୍‌ଯୁକ୍ତ ଚାଉଳ ପ୍ରଦାନ ଆରମ୍ଭ
■ ସ୍ୱାଭିମାନର ସହ ବଞ୍ଚିବା ଅଧିକାରରୁ ଗରିବ ଲୋକଙ୍କୁ କେହି ବଞ୍ଚିତ କରିପାରିବେ ନାହିଁ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଓଡ଼ିଶାର ସବୁ ଜିଲାରେ ଗୁରୁବାରଠାରୁ ୱାନ୍ ନେଶନ୍, ୱାନ୍ ରାଶନ (ଗୋଟିଏ ଦେଶ, ଗୋଟିଏ ରାଶନ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାଦ୍ୱାରା ରାଜ୍ୟ ବାହାରର ଲୋକ ଓଡ଼ିଶାରେ ଏବଂ ଓଡ଼ିଶା ଲୋକ ରାଜ୍ୟ ବାହାରେ ନିଜ ପସନ୍ଦର ଦୋକାନରୁ ରାଶନ ପାଇପାରିବେ। ରାଜ୍ୟର ୧୦,୫୭୮ ସୁଲଭ ମୂଲ୍ୟ ଦୋକାନରେ ହିତାଧିକାରୀମାନେ ଏହି ସୁବିଧା ପାଇବେ। ଏଥିସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପାଇଲଟ୍ ପ୍ରକଳ୍ପ ଭାବରେ ମାଲକାନଗିରି ଜିଲାରେ ଭିଟାମିନ୍‌ଯୁକ୍ତ ଚାଉଳ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଉକ୍ତ ଦୁଇଟି ☞ପୃଷ୍ଠା–୪




**୩୮ ମାଙ୍କଡ଼ଙ୍କୁ ମାରିଦେଲେ**

ପ୍ରାଣୀ ନିଷ୍ଠୁରତାର ଏକ ବର୍ବରତାପୂର୍ଣ୍ଣ ଘଟଣା କର୍ଣ୍ଣାଟକର ହାସନ ଜିଲାରେ ଘଟିଯାଇଛି। ଜିଲାର ଚୌଡ଼ାନାହାଲି ଗ୍ରାମରେ ୩୮ଟି ମାଙ୍କଡ଼ଙ୍କୁ ବିଷ ଦେଇ ଓ ବାଡ଼େଇ ହତ୍ୟା କରାଯାଇଥିବାବେଳେ ଅନ୍ୟ ୨୦ଟି ଗୁରୁତର ଆହତ ହୋଇଛନ୍ତି। ବନ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ମାଙ୍କଡ଼ଗୁଡ଼ିକୁ ପ୍ରଥମେ ବିଷ ଦିଆଯାଇଛି। ପରେ ଦୁର୍ବୃତ୍ତ ସେମାନଙ୍କୁ କେତେକ ଅଖାରେ ଭର୍ତ୍ତି କରି ନିର୍ମମ ଭାବେ ବାଡ଼େଇବା ପରେ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଇଛନ୍ତି।

## ସଂକ୍ଷେପରେ

### କେରଳରେ କେନ୍ଦ୍ରୀୟ ଟିମ୍

**କର୍ଣ୍ଣାଟକରେ ଦିନକରେ ୩୪% ବଢ଼ିଲା ସଂକ୍ରମଣ**

**ନୂଆଦିଲ୍ଲୀ, ୨୯।୭:** ସାରା ଦେଶରେ କରୋନା ସଂକ୍ରମଣ କମୁଥିବାବେଳେ କେତେକ ରାଜ୍ୟରେ ଏହା ଉପରମୁହାଁ ହେଉଥିବାରୁ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। କେରଳରେ ଗୋଟିଏ ଦିନରେ ୨୨ ହଜାରରୁ ଉର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହେବା ପରେ ଗୁରୁବାର ସେଠାକୁ ସ୍ଥିତି ଅନୁଧ୍ୟାନ ଲାଗି କେନ୍ଦ୍ରୀୟ ଟିମ୍ ଯାଇଛି। ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ନିର୍ଦ୍ଦେଶକ ଡ. ଏସ.କେ. ସିଂଙ୍କ ନେତୃତ୍ୱରେ ଯାଇଥିବା ୬ ଜଣିଆ କେନ୍ଦ୍ରୀୟ ଟିମ୍ ରାଜ୍ୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ କୋଭିଡ୍ ପରିଚାଳନାରେ ବିଭିନ୍ନ ପଦକ୍ଷେପ ନେବା ଦିଗରେ ସହଯୋଗ କରିବ। ସେପଟେ କର୍ଣ୍ଣାଟକରେ ବୁଧବାର ତୁଳନାରେ ଗୁରୁବାର ସଂକ୍ରମଣ ୩୪ ପ୍ରତିଶତ ବୃଦ୍ଧି ପାଇଛି। ସେଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯ ଲକ୍ଷ ଅତିକ୍ରମ କରିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୨୩,୨୫୩ ରହିଛି। ବୁଧବାର ୧,୫୩୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଗୁରୁବାର ୨,୦୫୨ ଜଣ ସଂକ୍ରମିତ ହୋଇଛନ୍ତି।

### ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେବା ଚର୍ଚ୍ଚା

**ନୂଆଦିଲ୍ଲୀ, ୨୯।୭:** ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସପ୍ତାହେ ପୂର୍ବରୁ ରାହୁଲ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କଂଗ୍ରେସ ନେତାମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ଦଳରେ ପ୍ରଶାନ୍ତ କିଶୋରଙ୍କୁ ନେବା ଠିକ୍ ହେବ କି ନାହିଁ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଗତ ୨୨ ତାରିଖରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ଏହି ବୈଠକରେ କମଲ ନାଥ, ମଲ୍ଲିକାର୍ଜୁନ ଖାର୍ଗେ, ଏ.କେ. ଆଣ୍ଟୋନି, ଅଜୟ ମାକେନ, ଆନନ୍ଦ ଶର୍ମା, ହରିଶ ରାୱତ୍, ଅମ୍ବିକା ସୋନି ଏବଂ କେ.ସି. ବେଣୁଗୋପାଳ ପ୍ରମୁଖ ଯୋଗଦେଇ ଉକ୍ତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଶାନ୍ତଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ରାହୁଲ କଂଗ୍ରେସ ନେତାମାନଙ୍କୁ ଜଣାଇଥିଲେ। କଂଗ୍ରେସ ଦଳ ପାଇଁ ପ୍ରଶାନ୍ତ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ତାଙ୍କ ପାଇଁ ମଧ୍ୟ ଭୂମିକା ରଖାଯାଇଛି। ତେଣୁ ପ୍ରଶାନ୍ତ କିଶୋର ଜଣେ ବାହ୍ୟ ପରାମର୍ଶଦାତା ଭାବେ ନୁହେଁ କଂଗ୍ରେସରେ ସାମିଲ ହେବାକୁ ଚାହୁଁଥିବା ଜଣାପଡ଼ିଛି। ଏନେଇ ବୈଠକରେ ଅନ୍ୟ ନେତାମାନଙ୍କ ପ୍ରସ୍ତାବ ନିଆଯାଇଥିଲା।

### ୨ ନାବାଳିକାଙ୍କୁ ବଳାତ୍କାର: ଅଭିଭାବକଙ୍କୁ ଦାୟୀକଲେ ମୁଖ୍ୟମନ୍ତ୍ରୀ

**ପଣଜୀ, ୨୯।୭:** ଗୋଆରେ ଅପରାଧ ବଢ଼ିବାରେ ଲାଗିଛି। ବେନାଉଲିମ୍ ବେଳାଭୂମିରେ ୨ ରବିବାର ୨ ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏହାକୁ ନେଇ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏତେ ରାତିରେ ପିଲାଙ୍କୁ କାହିଁକି ଛାଡୁଛ ବୋଲି ବୁଧବାର ଅଭିଭାବକମାନଙ୍କୁ ପ୍ରଶ୍ନ କରିଛନ୍ତି। ବିଧାନସଭାରେ ଏକ ଧ୍ୟାନ ଆକର୍ଷଣକାରୀ ନୋଟିସ ଉପରେ ବିତର୍କ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ କହିଥିଲେ, ଯଦି ଜଣେ ୧୪ ବର୍ଷୀୟା ଝିଅ ସାରା ରାତି ସମୁଦ୍ର କୂଳରେ ବୁଲୁଛି ତେବେ ମା'ବାପାମାନେ ଆତ୍ମସମୀକ୍ଷା କରିବା ଆବଶ୍ୟକ। ପିଲାମାନେ କଥା ନ ଶୁଣିଲେ ସରକାର ଓ ପୋଲିସ ଉପରେ ଦୋଷ ଲଦିଦେବା ଅନୁଚିତ ବୋଲି ଗୃହ ବିଭାଗ ଦାୟିତ୍ୱରେ ଥିବା ପ୍ରମୋଦ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ସମାଲୋଚନା କରିଛନ୍ତି।

# ୨୫ କୋଟିର କ୍ଷତିପୂରଣ ଦାବି

## ମିଡିଆ ବିରୋଧରେ ହାଇକୋର୍ଟ ଗଲେ ଶିଳ୍ପା



ପର୍ନ ଫିଲ୍ମ ପ୍ରଯୋଜନା ମାମଲାରେ ଜେଲରେ ଥିବା ମୁମ୍ବାଇ ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କ ଅଭିନେତ୍ରୀ ସ୍ତ୍ରୀ ଶିଳ୍ପା ସେଟ୍ଟୀ ଗୁରୁବାର ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେତେକ ନ୍ୟୁଜ୍ ୱେବ୍‌ସାଇଟ ଏବଂ ସୋସିଆଲ ମିଡିଆରେ ତାଙ୍କ ପରିବାର ବିରୋଧରେ ମିଥ୍ୟା ଓ ଆପତ୍ତିଜନକ ଖବର ପ୍ରକାଶ ପାଇଥିବାରୁ ମର୍ଯ୍ୟାଦାହାନି ହୋଇଥିବା ସେ ଦର୍ଶାଇଛନ୍ତି। ଏଥିପାଇଁ ଶିଳ୍ପା ୨୫ କୋଟି ଟଙ୍କା ଦାବିକରି ମାନହାନି ମାମଲା ଦାଏର କରିଛନ୍ତି। ପ୍ରକାଶ ଯେ, ରାଜ କୁନ୍ଦ୍ରାଙ୍କ ହଟ୍‌ଶଟ୍‌ସ ଆପ୍‌ରେ ପ୍ରସାରିତ ଅଶ୍ଳୀଳ ଚଳଚ୍ଚିତ୍ର ନିର୍ମାଣରେ ଶିଳ୍ପାଙ୍କ ସମ୍ପୃକ୍ତି ଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏନେଇ ଶିଳ୍ପା କହିଛନ୍ତି, ଏଭଳି ଖବର ପ୍ରକାଶ କରିଥିବା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ନିଃସର୍ତ୍ତ କ୍ଷମାମାଗନ୍ତୁ। ଏହାସହ ୨୫ କୋଟି ଟଙ୍କା କ୍ଷତିପୂରଣ ଦିଅନ୍ତୁ।

# ମୋତେ ଚୁମ୍ବନ ଦେଇଥିଲେ କୁନ୍ଦ୍ରା

## ଶେର୍ଲିନ ଚୋପ୍ରାଙ୍କ ବିସ୍ଫୋରକ ଅଭିଯୋଗ



ଅଭିନେତ୍ରୀ ତଥା ମଡେଲ ଶେର୍ଲିନ ଚୋପ୍ରା ଗୁରୁବାର ବିଜ୍‌ନେସମ୍ୟାନ ରାଜ କୁନ୍ଦ୍ରାଙ୍କ ବିରୋଧରେ ବିସ୍ଫୋରକ ଅଭିଯୋଗ ଆଣିଛନ୍ତି। ପର୍ନୋଗ୍ରାଫି ମାମଲାରେ ୧୪ ଦିନିଆ ବିଚାରବିଭାଗୀୟ ହାଜତରେ ଥିବା କୁନ୍ଦ୍ରା କୁଆଡ଼େ ତାଙ୍କୁ ଚୁମ୍ବନ ଦେଇଥିଲେ। କୁନ୍ଦ୍ରା ତାଙ୍କୁ କହିଥିଲେ, ସ୍ତ୍ରୀ ଶିଳ୍ପା ସେଟ୍ଟୀଙ୍କ ସହ ତାଙ୍କ ସମ୍ପର୍କ ଭଲ ନାହିଁ। ତାଙ୍କ ବିନା ଅନୁମତିରେ ଘରକୁ ଆସି ବିରୋଧ ସତ୍ତ୍ୱେ କୁନ୍ଦ୍ରା ତାଙ୍କୁ ଚୁମ୍ବନ ଦେଉଥିଲେ। ଫଳରେ ଶେର୍ଲିନ ତାଙ୍କୁ ଠେଲିଦେଇ ୱାଶ୍‌ରୁମକୁ ଚାଲିଯାଇଥିଲେ। ଗତ ଏପ୍ରିଲରେ ଶେର୍ଲିନ କୁନ୍ଦ୍ରାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ମୁମ୍ବାଇ କ୍ରାଇମବ୍ରାଞ୍ଚ ଶେର୍ଲିନଙ୍କୁ ସୋମବାର ବୟାନ ରେକର୍ଡ ପାଇଁ ସମନ କରିଥିଲା। କୁନ୍ଦ୍ରା ଗିରଫ ହେବା ପରେ ଶେର୍ଲିନ ଏକ ଭିଡିଓ ଷ୍ଟେଟ୍‌ମେଣ୍ଟରେ ପର୍ନ ଫିଲ୍ମ ମାମଲାରେ ବିବୃତି ଦେବାରେ ନିଜକୁ ପ୍ରଥମ ବ୍ୟକ୍ତି ବୋଲି ଦାବି କରିଥିଲେ।

# ଡାକ୍ତରୀ ଶିକ୍ଷାରେ ୨୭% ଓବିସି କୋଟା

**ନୂଆଦିଲ୍ଲୀ, ୨୯।୭**

## ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ



ସର୍ବଭାରତୀୟ ସ୍ତରରେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ପାଇଁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ୧୦ ପ୍ରତିଶତ ସିଟ୍ ସଂରକ୍ଷିତ ରହିବ। ନୂଆ ଶିକ୍ଷାନୀତି କାର୍ଯ୍ୟକାରିତାର ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏହା ଘୋଷଣା କରିଛନ୍ତି। ଏହି ସଂରକ୍ଷଣ ଚଳିତ ଶିକ୍ଷାବର୍ଷରୁ ଏମ୍‌ବିବିଏସ୍, ଏମ୍‌ଡି, ଏମ୍‌ଏସ୍, ବିଡିଏସ୍, ଏମ୍‌ଡିଏସ୍ ଏବଂ ଡିପ୍ଲୋମା ମେଡିକାଲ ପ୍ରୋଗ୍ରାମଗୁଡ଼ିକ ପାଇଁ ଲାଗୁହେବ। ଉପରୋକ୍ତ ବର୍ଗଙ୍କ ପାଇଁ ପାଖାପାଖି ୫,୫୦୦ ସିଟ୍ ସଂରକ୍ଷିତ ରହିବ। ଏହି ନିଷ୍ପତ୍ତି ଫଳରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୧୫୦୦ ଓବିସି ଏବଂ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ ପାଠ୍ୟକ୍ରମରେ ୨୫୦୦ ଓବିସି ଛାତ୍ରୀଛାତ୍ର ଉପକୃତ ହେବେ। ସେହିପରି ଏମ୍‌ବିବିଏସ୍‌ରେ ୫୫୦ ଏବଂ ପୋଷ୍ଟଗ୍ରାଜୁଏଟ୍‌ରେ ୧,୦୦୦ ଇଡବ୍ଲ୍ୟୁଏସ୍ ଛାତ୍ରୀଛାତ୍ରୀ ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି। ପଛୁଆବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ଉପଯୁକ୍ତ ସଂରକ୍ଷଣ ଯୋଗାଇ ଦେବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ ଗତ ସୋମବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ଦୀର୍ଘଦିନରୁ ପଡ଼ିରହିଥିବା ପ୍ରସଙ୍ଗଗୁଡ଼ିକର ସଫଳ ସମାଧାନ ସୂତ୍ର ବାହାର କରିବା ଲାଗି ସମ୍ପୃକ୍ତ ମନ୍ତ୍ରଣାଳୟଗୁଡ଼ିକୁ କହିଥିଲେ। ବୁଧବାର ଓବିସି ସମ୍ପ୍ରଦାୟର କେତେଜଣ ଭାଜପା ଏମ୍‌ପି ଉକ୍ତ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ।

ଅନ୍ୟପକ୍ଷରେ ଆସନ୍ତାବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ରହିଛି ଯେଉଁଠି ଜାତି ଏବଂ ସମ୍ପ୍ରଦାୟ ରାଜନୀତିର ବଡ଼ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ଓବିସି ଏବଂ ଇଡବ୍ଲ୍ୟୁଏସ୍‌ଙ୍କୁ ଖୁସି କରିବା ପାଇଁ ସରକାର ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଘୋଷଣା କରିଥିବା କୁହାଯାଉଛି। ପୂର୍ବରୁ କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ବେଳେ ନିର୍ଦ୍ଦିଷ୍ଟ ଜାତିଙ୍କୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଇଥିଲା।

# ୫ ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା

**ନୂଆଦିଲ୍ଲୀ, ୨୯।୭(ପି.ଟି.)**

ରାଷ୍ଟ୍ର ନିର୍ମାଣ ମହାଯଜ୍ଞରେ ନୂତନ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଏକ ବଡ଼ ଫ୍ୟାକ୍ଟର। ଭାରତର ସ୍ୱର୍ଣ୍ଣିମ ଭବିଷ୍ୟତ ଗଠନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଏନ୍‌ଇପିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉଦ୍‌ବୋଧନ ଦେଇ କହିଛନ୍ତି। ନୂଆ ଜାତୀୟ ଶିକ୍ଷାନୀତି ମାତୃଭାଷା ଓ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦେଇଛି। ୮ ରାଜ୍ୟର ୧୪ଟି ଇଞ୍ଜିନିୟରିଂ କଲେଜ ୫ ଭାରତୀୟ ଭାଷା ହିନ୍ଦୀ, ତାମିଲ, ତେଲୁଗୁ, ମରାଠୀ ଏବଂ ବଙ୍ଗଳାରେ ଶିକ୍ଷାଦାନ ଆରମ୍ଭ କରିଥିବା ମୋଦି କହିଥିଲେ। ଏହାବ୍ୟତୀତ ଇଞ୍ଜିନିୟରିଂ ଶିକ୍ଷାକୁ ୧୧ଟି ଆଞ୍ଚଳିକ ଭାଷାରେ ଭାଷାନ୍ତର କରିବା ଲାଗି ଏକ ଉପକରଣର ବିକାଶ କରାଯାଇଛି। ଏହା ଅବହେଳିତ ଓ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସହାୟକ ହୋଇପାରିବ। ନୂଆ ଶିକ୍ଷାନୀତିରେ 'ଠାର'କୁ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ର ଅନ୍ୟ ଭାଷା ଭଳି ଏହାକୁ ପଢ଼ିପାରିବେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଏହା ସହାୟକ ହେବ।

## ଠାରକୁ ଭାଷା ମାନ୍ୟତା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଭବିଷ୍ୟମୁଖୀ କରାଇବା ସହ ଏଆଇ-ଭିତ୍ତିକ ଅର୍ଥନୀତି ପାଇଁ ବାଟ ଖୋଲିଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଜଣେ ଉଚ୍ଚଶିକ୍ଷାରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ସ୍ୱାଧୀନତା ପାଇବ। ଜଣେ ନିଜର ପାଠ୍ୟକ୍ରମ ଚୟନ କରିପାରିବ ଏବଂ ଯଦି ସେଥିରେ ଆଗ୍ରହ ନ ଆସେ ତେବେ ଯେକୌଣସି ସମୟରେ ଛାଡ଼ିପାରିବ। ଏହି ଅବସରରେ ଗ୍ରେଡ୍-୧ ପିଲାଙ୍କ ପାଇଁ 'ବିଦ୍ୟା ପ୍ରବେଶ' ନାମରେ ଏକ ୩ ମାସିଆ ଖେଳ ଭିତ୍ତିକ ସ୍କୁଲ ପ୍ରସ୍ତୁତି ମଡ୍ୟୁଲ୍ ଏବଂ ଶିକ୍ଷକମାନଙ୍କ ପାଇଁ ସମନ୍ୱିତ ପ୍ରଶିକ୍ଷଣ ନିଷ୍ଠା ୨.୦ର ଶୁଭାରମ୍ଭ କରାଯାଇଛି। ସିବିଏସ୍‌ଇ ସ୍କୁଲ୍‌ରେ ତୃତୀୟ, ପଞ୍ଚମ ଏବଂ ଅଷ୍ଟମ ଗ୍ରେଡର ପିଲାଙ୍କ ପାଇଁ ପ୍ରତିଯୋଗିତାମୂଳକ ମୂଲ୍ୟାୟନ ଢାଞ୍ଚା 'ସଫଳ' ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଲଞ୍ଚ ହୋଇଛି।

# ୧୬ କୋଟିର କଳାକୃତି ଫେରାଇବ ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ, ୨୯।୭**



ଅଷ୍ଟ୍ରେଲିଆର ନ୍ୟାଶନାଲ ଗ୍ୟାଲେରି ଚୋରି ହୋଇଥିବା ତଥା ବେଆଇନ ଭାବେ ଚାଲାଣ ହୋଇଥିବା କଳାକୃତି ଭାରତକୁ ଫେରାଇବ। ସେଥିମଧ୍ୟରେ ଅନେକ ଚିତ୍ର ଓ ମୂର୍ତ୍ତି ରହିଥିବାବେଳେ କେତେକ ଦ୍ୱାଦଶ ଶତାବ୍ଦୀର ଏବଂ ଏହାର ମୂଲ୍ୟ ପ୍ରାୟ ୧୬.୩୪ କୋଟି ଟଙ୍କା ହେବ। କଳାକୃତିଗୁଡ଼ିକ ଭାରତୀୟ ଲୋକଙ୍କ ନିକଟକୁ ଫେରିଯିବା ଏକ ଆଶ୍ୱସ୍ତିକର କଥା ଏବଂ ଇତିହାସର ଏକ ଜଟିଳ ଅଧ୍ୟାୟ ବନ୍ଦ କରିବାକୁ ନ୍ୟାଶନାଲ ଗ୍ୟାଲେରି ସଂକଳ୍ପବଦ୍ଧ ବୋଲି ମ୍ୟୁଜିୟମ ନିର୍ଦ୍ଦେଶକ ନିକ୍ ମିତ୍‌ଜେଭିକ୍ କହିଛନ୍ତି। ଆଉ ମାସେ ଦୁଇ ମାସ ମଧ୍ୟରେ ପ୍ରତିମୂର୍ତ୍ତିଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ଆଲୋଚନା କରାଯିବ। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ହସ୍ତାନ୍ତର କାର୍ଯ୍ୟ ଭାରତ କି ଅଷ୍ଟ୍ରେଲିଆ କେଉଁଠି କରାଯିବ ତାହା ଆଲୋଚନାରେ ସ୍ଥିର ହେବ। ଏଥିପାଇଁ ମିତ୍‌ଜେଭିକ୍ କ୍ଷମା ମାଗିବା ସହ ଆଗକୁ ଏଭଳି ସ୍ଥିତି ଯେପରି ନ ଉପୁଜେ ସେଥିଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ମନ୍‌ପ୍ରୀତ ବୋରା ଏହାକୁ ସ୍ୱାଗତ କରିଛନ୍ତି। ଅଷ୍ଟ୍ରେଲିଆର ଏହି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ଭାରତ ସରକାରଙ୍କ ପକ୍ଷରୁ ସେ ଧନ୍ୟବାଦ ଜଣାଇଛନ୍ତି। ଅଷ୍ଟ୍ରେଲିଆ ମ୍ୟୁଜିୟମ୍ ନ୍ୟୁୟର୍କରେ ଏକ ଗ୍ୟାଲେରି ଚଲାଉଥିବା ସୁଭାଷ କପୁରଙ୍କଠାରୁ ୧୩ଟି କଳାକୃତି ନେଇଥିଲା। ସେଗୁଡ଼ିକୁ ସେ ଚୋରା ଚାଲାଣ କରିଥିବା ଅଭିଯୋଗ ରହିଥିଲା। ସୁଭାଷ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବାବେଳେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ।

# ପେଗାସସ୍, କୃଷି ଆଇନକୁ ନେଇ ହଟ୍ଟଗୋଳ




କୃଷି ଆଇନ ଉଚ୍ଛେଦ ଦାବିରେ କଂଗ୍ରେସ ଏମ୍‌ପିମାନେ ପାର୍ଲାମେଣ୍ଟ ଆଗରେ ବିକ୍ଷୋଭ କରୁଛନ୍ତି।

**ନୂଆଦିଲ୍ଲୀ, ୨୯।୭**

ପେଗାସସ୍ ଗୁପ୍ତଚରଗିରି, କୃଷି ଆଇନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ପାର୍ଲାମେଣ୍ଟର ଉଭୟ ଗୃହ ଗୁରୁବାର ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଲୋକ ସଭାରେ ତୃତୀୟ ମୁଲତବୀ ପରେ ଅପରାହ୍ନ ୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ଅକାଳୀ ଦଳ ସମେତ ଅନ୍ୟ ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହୋ-ହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ବିନା ଆଲୋଚନାରେ ଭାରତର ବିମାନବନ୍ଦର ଅର୍ଥନୀତି ନିୟାମକ କର୍ତ୍ତୃପକ୍ଷ(ସଂଶୋଧନ) ବିଲ୍, ୨୦୨୧ ଏବଂ ଇନ୍‌ଲାଣ୍ଡ ଭେସେଲ୍ସ ବିଲ୍, ୨୦୨୧ ଗୃହୀତ ହୋଇଥିଲା। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ଆସନକୁ ନ ଯାଇ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ଉଭୟ ଗୃହ ମୁଲତବୀ

ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଦୁଇଥର ମୁଲତବୀ ପରେ ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇ ଫ୍ୟାକ୍ଟରିଂ ରେଗୁଲେଶନ(ସଂଶୋଧନ) ବିଲ୍, ୨୦୨୧ ଗୃହୀତ ହୋଇଥିଲା। ତେବେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ବାମଦଳ ସଦସ୍ୟମାନେ ହୋହଲ୍ଲା ଜାରି ରଖିବାରୁ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଦିନକ ପାଇଁ ମୁଲତବୀ କରିଥିଲେ।

# ଅସ୍ଥାନାଙ୍କ ନିଯୁକ୍ତିକୁ ବିରୋଧ: ଦିଲ୍ଲୀ ବିଧାନସଭାରେ ପ୍ରସ୍ତାବ ଗୃହୀତ

**ନୂଆଦିଲ୍ଲୀ, ୨୯।୭**



ଜୁଲାଇ ୩୧ରେ ଅବସର ନେବାକୁ ଥିବା ବିବାଦୀୟ ଆଇପିଏସ୍ ଅଫିସର ରାକେଶ ଅସ୍ଥାନାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀ ପୋଲିସ କମିଶନର ଭାବେ ନିଯୁକ୍ତି ଦେବା ସହ ତାଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ବଢ଼ାଇଛନ୍ତି। ଏହାକୁ ନେଇ ବିବାଦ ଦେଖାଦେଇଛି। ଅସ୍ଥାନାଙ୍କ ନିଯୁକ୍ତିକୁ ବିରୋଧକରି ଦିଲ୍ଲୀ ବିଧାନସଭାରେ ଗୁରୁବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକ ସଞ୍ଜୀବ ଝା ପ୍ରସ୍ତାବ ଆଣିଥିବାବେଳେ ଏହା ଉପରେ ଆଲୋଚନା ପରେ ଗୃହୀତ ହୋଇଥିଲା। ଅସ୍ଥାନାଙ୍କ ନିଯୁକ୍ତି ପ୍ରତ୍ୟାହାର କରିନେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଜଣାଇବା ପାଇଁ ପ୍ରସ୍ତାବରେ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବିହାର ସବୁଠୁ ପଛୁଆ

**ନୂଆଦିଲ୍ଲୀ, ୨୯।୭**

## ନୀତି ଆୟୋଗ ଏସ୍‌ଡିଜି ରିପୋର୍ଟ



ନୀତୀଶ କୁମାର

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବିହାର ଦେଶର ସବୁଠୁ ପଛୁଆ ରାଜ୍ୟ। ନୀତୀଶ କୁମାର ସରକାରରେ ଭାଜପା ସହଯୋଗୀ ଦଳ ରହିଥିବାବେଳେ ପାର୍ଲାମେଣ୍ଟରେ ସରକାରଙ୍କ ଏଭଳି ରିପୋର୍ଟକୁ ନେଇ ନୂଆ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଜେଡିୟୁ ଲୋକ ସଭା ସଦସ୍ୟ ରାଜୀବ ରଞ୍ଜନ ସିଂଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂ କହିଥିଲେ, ନୀତି ଆୟୋଗଙ୍କ ୨୦୨୧-୨୨ର ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ରିପୋର୍ଟ ଅନୁଯାୟୀ ବିହାର ଦେଶର ସବୁଠୁ ପଛୁଆ ରାଜ୍ୟ। ଦାରିଦ୍ର୍ୟ, ସାକ୍ଷରତା ହାର, ମୋବାଇଲ୍ ଏବଂ ଇଣ୍ଟରନେଟ ବ୍ୟବହାରରେ ବିହାର ସର୍ବନିମ୍ନ ସ୍ତରରେ ରହିଛି। ରାଜ୍ୟର ସର୍ବାଧିକ ୩୩.୭୪% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ୫୨.୫ ପ୍ରତିଶତ ବହୁବିଧ ଦାରିଦ୍ର୍ୟର ସମ୍ମୁଖୀନ। ବିହାରରେ ୫୦.୫୬% ଲୋକ ମୋବାଇଲ ଏବଂ ୩୦.୯୯% ଇଣ୍ଟରନେଟ ବ୍ୟବହାର କରୁଥିବା ରାଓ ଇନ୍ଦ୍ରଜିତ କହିଥିଲେ। ନୀତି ଆୟୋଗ ଏସ୍‌ଡିଜି ସୂଚକାଙ୍କର ପ୍ରଥମ ୫ ସ୍ଥାନରେ ୯ଟି ରାଜ୍ୟ ରହିଛନ୍ତି। ସେଗୁଡ଼ିକ ହେଲେ କେରଳ, ହିମାଚଳପ୍ରଦେଶ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ସିକ୍କିମ ଏବଂ ମହାରାଷ୍ଟ୍ର। ସବୁଠୁ ତଳେ ଥିବା ୩ ରାଜ୍ୟ ହେଲେ ଆସାମ, ଝାଡ଼ଖଣ୍ଡ ଏବଂ ବିହାର।

# ଭୂକମ୍ପରେ ଥରିଲା ଆଲାସ୍କା

## ତୀବ୍ରତା ୮.୨
## ସୁନାମି ସତର୍କତା ଜାରି

**ୱାଶିଂଟନ୍, ୨୯।୭**

ଆଲାସ୍କାଠାରେ ବୁଧବାର ରାତିରେ ବଡ଼ ଧରଣର ଭୂମିକମ୍ପ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୨ ରହିଛି। ଫଳରେ ସେଠାରେ ସୁନାମି ଆଶଙ୍କା ଦେଖାଦେଇଛି। ଆମେରିକା ଜାତୀୟ ସୁନାମି ଚେତାବନୀ କେନ୍ଦ୍ର ପକ୍ଷରୁ ଦକ୍ଷିଣ ଆଲାସ୍କା ଏବଂ ଆଲାସ୍କା ଉପଦ୍ୱୀପରେ ସୁନାମି ସତର୍କତା ଜାରି କରାଯାଇଛି। ହୱାଇ ଦୀପ ପର୍ଯ୍ୟନ୍ତ ମଧ୍ୟ ଏହି ଆଲର୍ଟ ଘୋଷଣା ହୋଇଛି। ସୁନାମି ଲହର ଦକ୍ଷିଣ ଆଲାସ୍କା ଏବଂ ଆଲାସ୍କା ଉପଦ୍ୱୀପ ପାଇଁ ହିନ୍‌ଚିନ୍‌ବ୍ରୁକ୍ ଏଣ୍ଟ୍ରାନ୍ସରୁ ୟୁନିମାକ୍ ପାସ୍ ଏବଂ ଆଲ୍ୟୁସିଆନ ଦ୍ୱୀପ ପାଇଁ ୟୁନିମାକ୍ ପାସ୍‌ରୁ ସାମାଲ୍‌ଗା ପାସ୍ ପର୍ଯ୍ୟନ୍ତ ଯାଇପାରେ। ଏଥିସହ ଆମେରିକାର ଗୁଆମ ଏବଂ ଆମେରିକୀୟ ସାମୋଆ ପର୍ଯ୍ୟନ୍ତ ମଧ୍ୟ ସୁନାମି ଉଠିପାରେ ବୋଲି ଜାତୀୟ ପାଣିପାଗ ସେବା ପ୍ରଶାନ୍ତ ସୁନାମି ସତର୍କତା କେନ୍ଦ୍ର ପକ୍ଷରୁ କୁହାଯାଇଛି।



ବୁଧବାର ରାତି ପ୍ରାୟ ୧୦ଟାରେ ପେରିଭିଲେର ପୂର୍ବ-ଦକ୍ଷିଣପୂର୍ବରୁ ପ୍ରାୟ ୯୧ କିମି ଦୂରରେ ଭୂମିକମ୍ପର କେନ୍ଦ୍ରସ୍ଥଳ ସୃଷ୍ଟି ହୋଇଥିବା ଆମେରିକା ଭୂତର୍ତ୍ତ୍ୱ ସର୍ବେକ୍ଷଣ ବିଭାଗ ପକ୍ଷରୁ କୁହାଯାଇଛି। ଗଭୀରତା ସମୁଦ୍ର ପୃଷ୍ଠରୁ ୪୬ କିଲୋମିଟର ତଳେ ଥିଲା। ଏହାର ଅଧଘଣ୍ଟା ବ୍ୟବଧାନରେ ସମାନ ସ୍ଥାନରେ ୬.୨ ଏବଂ ୫.୬ ତୀବ୍ରତାର ଆଉ ଦୁଇଟି ଭୂକମ୍ପ ହୋଇଥିଲା। ଏଥିଯୋଗୁ ନିକଟବର୍ତ୍ତୀ ଲୋକେ ପ୍ରାୟ ୨୪ ଥର ଝଟକା ଅନୁଭୂତ କରିଥିଲେ। ସୋସିଆଲ ମିଡିଆରେ ଭୂକମ୍ପ ପରବର୍ତ୍ତୀ ଭିଡିଓ ଶେୟାର ହୋଇଛି। ଏଥିରେ ଅନେକ ରାସ୍ତାଘାଟ ଫାଟିଯିବା ସହ ଗଭୀର ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

### ୧୯୬୪ ହୋଇଥିଲା ବଡ଼ ଭୂମିକମ୍ପ

ଆଲାସ୍କା ଇତିହାସରେ ବଡ଼ ଧରଣର ଭୂମିକମ୍ପ ହେବାର ରେକର୍ଡ ରହିଛି। ୧୯୬୪ରେ ସବୁଠୁ ବଡ଼ ଭୂକମ୍ପ ହୋଇଥିଲା, ଯାହାର ତୀବ୍ରତା ଥିଲା ୯.୨। ଏଥିରେ ୧୩୧ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୯୬୪ରୁ ଏ ପର୍ଯ୍ୟନ୍ତ ୫ ଥର ରିକ୍ଟର ସ୍କେଲରେ ୮ରୁ ଅଧିକ ତୀବ୍ରତାର ଭୂମିକମ୍ପ ଆଲାସ୍କା ଦେଖିସାରିଲାଣି। ୧୯୬୫ରେ ଆଲ୍ୟୁସିଆନ ଓ ର୍‍ୟାଟ୍ ଦ୍ୱୀପ ନିକଟରେ ୮.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ସେତେବେଳେ ଆସିଥିବା ସୁନାମି ଯୋଗୁ ସମୁଦ୍ର ଢେଉ ୧୦.୭ ମିଟର ପର୍ଯ୍ୟନ୍ତ ଉପରକୁ ଉଠିଥିଲା। ଏହା ପୂର୍ବରୁ ୧୯୫୭ରେ ଆଲ୍ୟୁସିଆନ ଦ୍ୱୀପ ଏବଂ ଏଡ୍ରିୟନ ଅଫ୍ ଆଇଲାଣ୍ଡ୍‌ସ ନିକଟରେ ୮.୬ ତୀବ୍ରତାର ଭୂକମ୍ପ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୭୦,୩୧,୬୦୧ | ୪୨,୦୯,୩୮୯ | ୧୭,୮୩,୫୨,୫୪୬ |
| ଭାରତ | ୩,୧୫,୭୦,୭୭୪ | ୪,୨୩,୨୪୩ | ୩,୦୭,୩୫,୨୯୯ |
| ଓଡ଼ିଶା | ୯,୭୪,୧୩୨ | ୫୭୬୮(+୫୩) | ୯,୫୩,୦୮୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସ୍ମାର୍ଟ ଫୋନ୍ ପାଇଁ ଜୀବନ ଗଲା

କେନ୍ଦୁଝର, ୨୯।୭ (ସ୍ୱ.ପ୍ର.): ପାଠ ପଢ଼ିବା ପରିବର୍ତ୍ତେ ସ୍ମାର୍ଟ ଫୋନ୍‌ରେ ଗେମ୍ ଖେଳି ମାନସିକ ଭାରସାମ୍ୟ ହରାଇ ବସିଥିବା ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଆଖୁପାଳ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ଅନ୍‌ଲାଇନ୍ ପାଠପଢ଼ା ପାଇଁ ମୃତ ଛାତ୍ରଙ୍କ ବାପା ଏକ ସ୍ମାର୍ଟ ଫୋନ୍ କିଣି ତାଙ୍କୁ ଦେଇଥିଲେ। ମା' ବାପା ଚାଷୀବନ୍ଧୀ ଲୋକ ହୋଇଥିବାରୁ ଅନେକ ସମୟରେ ବିଲବାଡ଼ିକୁ ଯାଇଥାନ୍ତି। ଏହା ସୁଯୋଗରେ ଛାତ୍ର ଜଣଙ୍କ ପାଠପଢ଼ା ସହ ଫୋନରେ ବିଭିନ୍ନ ପ୍ରକାରର ଆପ୍ ଡାଉନଲୋଡ୍ କରି ଗେମ୍ ଖେଳୁଥିଲେ। ମା' ବାପା ଏ ବିଷୟରେ କିଛି ଜାଣିପାରୁ ନ ଥିଲେ। ତେବେ ଅଧିକାଂଶ ସମୟ ଛାତ୍ର ଜଣଙ୍କ ଗେମ୍ ଖେଳରେ ମଜି ରହିବାରୁ ଧୀରେ ଧୀରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଠିକ୍ ସମୟରେ ଖାଇବା ପିଇବା ନ କରିବାରୁ ଅସୁସ୍ଥ ହୋଇପଡ଼ିଥିଲେ। ବୁଧବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କ ମାନସିକ ଅବସାଦ ଦେଇ ଗତି କରୁଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଡାକ୍ତରଖାନାକୁ ପଠାଯାଇଥିଲା ବୋଲି ଡା. ମୁକ୍ତିକାନ୍ତ ନାୟକ କହିଥିଲେ। ଏ ନେଇ ହରିଚନ୍ଦନପୁର ଥାନାଧିକାରୀ ସସ୍ମିତା ଦେବତାଙ୍କୁ ପଚାରିବାରୁ ସେଭଳି ଘଟଣା ନେଇ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା କହିଛନ୍ତି।

### ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୯।୭ (ବ୍ୟୁରୋ): ଗୁରୁବାର ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବାରୁ ୬ଟି ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି। ଫଳରେ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍‌ର ୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୦୪.୭୭ ଫୁଟ୍ ରହିଛି। ବାମ ପାର୍ଶ୍ୱର ୫ ଓ ଡାହାଣ ପାର୍ଶ୍ୱର ୩ଟି ଗେଟ୍ ଖୋଲା ରହିଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୯ ହଜାର ୩୭୯ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୧ ଲକ୍ଷ ୬୨ ହଜାର ୨୧୬ କ୍ୟୁସେକ ଜଳ ନିଷ୍କାସନ ହେଉଛି। ୮ ଗେଟ୍ ଦେଇ ୧ ଲକ୍ଷ ୪୪ ହଜାର ୨୫୦, ପାୱାର ଚ୍ୟାନେଲ ୧୪ ହଜାର ୪୩୯, ଶିଳ୍ପାଞ୍ଚଳ ୨୭୨, ଚାଷ ପାଇଁ ବିଭିନ୍ନ କେନାଲରେ ୩୭୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ପର୍ଥଲାରେ ୧୭ ହଜାର ୭୧୦, ଖଇରମାଲରେ ୩ ଲକ୍ଷ, ବରମୁଲାରେ ୨ ଲକ୍ଷ ୯ ହଜାର ୬୨୫ ଓ ମୁଣ୍ଡଳୀରେ ୧ ଲକ୍ଷ ୭୮ ହଜାର ୩୪୪ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରେ ୧୪.୪୬, ତଳ ମୁଣ୍ଡରେ ୨୦.୫୨ ମିମି ବର୍ଷା ହୋଇଛି। ଏଥିସହ ବୁର୍ଲାରେ ୧୧.୫ ଓ ହୀରାକୁଦରେ ୧୩.୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ସାର୍ଟିଫିକେଟ୍ ପାଇଁ ଲାଞ୍ଚ

**ଭିଡିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ ଦାବି**

ଚାନ୍ଦବାଲି,୨୯।୭(ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କର୍ମଚାରୀ ଲାଞ୍ଚ ନେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଫିସ ଭିତରେ କର୍ମଚାରୀ ଜଣଙ୍କ ଜନ୍ମ ଓ ମୃତ୍ୟୁ ସାର୍ଟିଫିକେଟ ପାଇଁ ଲାଞ୍ଚ ନେଉଥିବା କ୍ୟାମେରାରେ କଏଦ ହୋଇଛି। ସେ ଲାଞ୍ଚ ନେଇ ଟେବୁଲ ତଳେ ଫିଙ୍ଗି ଦେଉଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ସମ୍ପୃକ୍ତ କର୍ମଚାରୀ ଏହାକୁ ଅସ୍ୱୀକାର କରିଛନ୍ତି। ତଦନ୍ତ କରାଯାଇ ଲାଞ୍ଚ ନେଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାନ୍ଦବାଲି ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ଆବେଦନର ୭ ଦିନ ମଧ୍ୟରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଦେବାକୁ ନିୟମ ଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିକମ୍‌ରେ ୨ରୁ ୩ ମାସ ଦୌଡ଼ିବାକୁ ପଡ଼ିଥାଏ। ଏହି ବିଭାଗରେ ଥିବା କର୍ମଚାରୀ ପ୍ରମାଣପତ୍ର ଦେବାରେ ବିଳମ୍ବ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଆଦାୟ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। କର୍ମଚାରୀ ଲାଞ୍ଚ ନେବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।




# ରାଜ୍ୟରେ ଆଉ ୬୫ ମୃତ

ଭୁବନେଶ୍ୱର, ୨୯।୭ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାବେଳେ ଦୈନିକ ମୃତ୍ୟୁ କିନ୍ତୁ ୬୦ ତଳକୁ ଖସିବାର ନାଁ ଧରୁନି। ଗତ ୨୪ ଘଣ୍ଟାରେ ପୁଣି ୬୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ସର୍ବାଧିକ ୯ଜଣ ଖୋର୍ଦ୍ଧା ଜିଲାରୁ ରହିଥିବାବେଳେ ବରଗଡ ଜିଲାରୁ ୭, ସୁନ୍ଦରଗଡରୁ ୬, ସମ୍ବଲପୁର ଓ ଝାରସୁଗୁଡାରୁ ୫ଜଣ ଲେଖାଏ, ଅନୁଗୋଳ, ପୁରୀ, ଗଞ୍ଜାମ, ବଲାଙ୍ଗୀର, କଟକ ଓ ଯାଜପୁରରୁ ୩ଜଣ ଲେଖାଏ, ଜଗତ୍‌ସିଂହପୁର, ଭଦ୍ରକ, ଗଜପତି ଓ କେନ୍ଦ୍ରାପଡା ଜିଲାରୁ ୨ଜଣ ଲେଖାଏ ଏବଂ ମୟୂରଭଞ୍ଜ, ନୟାଗଡ, ଢେଙ୍କାନାଳ, କେନ୍ଦୁଝର, କୋରାପୁଟ, ନୂଆପଡା ଓ କଳାହାଣ୍ଡିରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୫,୭୬୮କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

**୧୬୧୫ ଆକ୍ରାନ୍ତ**

ସେହିପରି ରାଜ୍ୟରୁ ଆଉ ୧୬୧୫ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯୩୭ଜଣ କ୍ୱାରାଣ୍ଟାଇନ୍‌ରୁ ବାହାରିଥିବାବେଳେ ୬୭୮ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୪୨ଜଣ, କଟକରୁ ୨୨୯, ପୁରୀରୁ ୧୨୩, ଅନୁଗୋଳରୁ ୭୨, ବାଲେଶ୍ୱରରୁ ୯୮, ଭଦ୍ରକରୁ ୬୦, ବୌଦ୍ଧରୁ ୧୧, ଢେଙ୍କାନାଳରୁ ୩୦, ଜଗତ୍‌ସିଂହପୁରରୁ ୯୬, ଯାଜପୁରରୁ ୭୦, ଝାରସୁଗୁଡାରୁ ୧୦, କନ୍ଧମାଳରୁ ୧୪, କେନ୍ଦ୍ରାପଡାରୁ ୪୦, କେନ୍ଦୁଝରରୁ ୧୫, ମୟୂରଭଞ୍ଜରୁ ୪୮, ନବରଙ୍ଗପୁରରୁ ୧୨, ନୟାଗଡରୁ ୪୨, ସମ୍ବଲପୁରରୁ ୧୬, ସୁନ୍ଦରଗଡରୁ ୩୦, ସୁବର୍ଣ୍ଣପୁରରୁ ୯, ନୂଆପଡାରୁ ୫, ମାଲକାନଗିରିରୁ ୪, ରାୟଗଡାରୁ ୯, କଳାହାଣ୍ଡିରୁ ୨, କୋରାପୁଟରୁ ୪, ଦେବଗଡରୁ ୯, ଗଜପତିରୁ ୨, ଗଞ୍ଜାମରୁ ୭ଓ ଷ୍ଟେଟ୍‌ପୁଲରୁ ୯୪ଜଣ ନୂଆ ସଂକ୍ରମିତ ରହିଛନ୍ତି। ସେହିପରି ଗୋଟିଏ ଦିନରେ ୨ହଜାର ୩୯ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ଦିଆଯାଇଛି।



# ୨୯ ନୂଆ ସଂକ୍ରମିତ ଚିହ୍ନଟ

## ରାଜଧାନୀରେ ଥମୁନି ଡେଙ୍ଗୁ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

କରୋନା ପରେ ଏବେ ଡେଙ୍ଗୁ ସଂକ୍ରମଣରେ ଅତିଷ୍ଠ ହେଲେଣି ରାଜଧାନୀବାସୀ। ଜ୍ୱର ହେବାମାତ୍ରେ ଭୟ ଘାରୁଛି। କେଉଁ ଜ୍ୱର ଡେଙ୍ଗୁର ଲକ୍ଷଣ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ସାଧାରଣ ଲୋକେ। ଡେଙ୍ଗୁ ଦମନରେ ପ୍ରଥମରୁ ଅବହେଳା ଯୋଗୁ ସହରରେ ସ୍ଥିତି ବିଗିଡିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଖାମଖିଆଲ ନୀତି ଓ ସଚେତନତା ଅଭାବକୁ ଦାୟୀ କରାଯାଉଥିବାବେଳେ ବିଳମ୍ବ ପଦକ୍ଷେପ ସଂକ୍ରମଣକୁ ରୋକିପାରୁନି। ଫଳରେ ସହରରୁ ଦିନକୁ ୩୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହେଉଛନ୍ତି। ଗୁରୁବାର ପୁଣି ସହରରୁ ୨୯ଜଣ ଡେଙ୍ଗୁରୋଗୀ ବାହାରିଛନ୍ତି। ଫଳରେ ଭୁବନେଶ୍ୱରରେ ଏବେ ଡେଙ୍ଗୁ ରୋଗୀ ସଂଖ୍ୟା ୪୮୨କୁ ବୃଦ୍ଧି ପାଇଛି। ତେବେ ବେସରକାରୀ ତଥ୍ୟ ଏହାଠାରୁ ଢେର୍ ଅଧିକ ରହୁଛି। କାରଣ ବହୁ ଡେଙ୍ଗୁ ରୋଗୀ ଘରୋଇ ହସ୍ପିଟାଲରେ ଟେଷ୍ଟିଂ ସହ ଚିକିତ୍ସିତ ହେଉଥିଲେ ମଧ୍ୟ ଏହାର ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। ଏପରିକି ଅନେକେ ଜ୍ୱରରେ ଆକ୍ରାନ୍ତ ହେବା ପରେ କରୋନା ଭୟରେ ମେଡିସିନ ଷ୍ଟୋର୍‌ରୁ ଔଷଧ ଆଣି ଘରେ ଖାଉଥିବା ଜଣାପଡିଛି।

ଗତ ଜାନୁୟାରୀରୁ ଜୁନ୍ ୨୯ ପର୍ଯ୍ୟନ୍ତ ସହରରୁ ମାତ୍ର ୧୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ହେଲେ ଜୁନ୍ ୩୦ରୁ ଜୁଲାଇ ୧୫ ପର୍ଯ୍ୟନ୍ତ ମାତ୍ର ୧୬ ଦିନରେ ୧୦୩ଜଣ ଆକ୍ରାନ୍ତ ହୋଇଥିଲେ। ସେହିପରି ଗତ ୨୧ ତାରିଖରେ ୧୨୨ଜଣ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୩୫ରେ ପହଞ୍ଚିଥିଲା। କେବଳ ସେତିକି ନୁହେଁ, କରୋନା ଭଳି ଡେଙ୍ଗୁ ସଂକ୍ରମଣରେ ମଧ୍ୟ ଖୋର୍ଦ୍ଧା ଜିଲା ଓ ଭୁବନେଶ୍ୱର ଏବେ ରାଜ୍ୟରେ ଶୀର୍ଷରେ ରହିଛି। ଗତ ୨୦ ତାରିଖ ସୁଦ୍ଧା ରାଜ୍ୟରୁ ୩୦୧ଜଣ ଡେଙ୍ଗୁ ରୋଗୀ ବାହାରିଥିବାବେଳେ ସେଥିରୁ କେବଳ ଭୁବନେଶ୍ୱରରୁ ୧୯୨ଜଣ ରହିଥିଲେ। ସେହିପରି ୨୭ ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୫୪୭ ଡେଙ୍ଗୁରୋଗୀ ଥିବାବେଳେ ଏଥିରୁ ୪୨୧ଜଣ ଭୁବନେଶ୍ୱରର ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି।

ଅପରପକ୍ଷେ ଡେଙ୍ଗୁ ବଢି ଚାଲିଥିବାରୁ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢି ଚାଲିଛି। ହସ୍ପିଟାଲରେ ଏବେ ୪୬ଜଣ ଡେଙ୍ଗୁରୋଗୀ ଚିକିତ୍ସିତ ହେଉଥିବା ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ସେହିପରି ଗୁରୁବାର ୧୦୪ଟି ନମୁନା ପରୀକ୍ଷା ହୋଇଥିବାବେଳେ ୧୪ଜଣ ନୂଆ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ଡେଙ୍ଗୁ ରୋଗୀଙ୍କ ପାଇଁ ହସ୍ପିଟାଲରେ ୬ଟି ବେଡ୍ ରହିଥାଏ। ମାତ୍ର ଚଳିତବର୍ଷ ସଂକ୍ରମଣ ବଢୁଥିବାରୁ ବେଡ୍ ସଂଖ୍ୟା ୪୬ରେ ପହଞ୍ଚିଛି। ଏତଦ୍‌ବ୍ୟତୀତ ଖାଲି ବେଡ୍‌କୁ ମଧ୍ୟ ଡେଙ୍ଗୁରୋଗୀଙ୍କ ପାଇଁ ସଂରକ୍ଷିତ ରଖାଯାଉଛି। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇ ନ ଥିଲେ ମଧ୍ୟ ଧୀରେ ଧୀରେ ବିଗୁଡୁଛି। ତେଣୁ ହସ୍ପିଟାଲ ଉପରେ ମଧ୍ୟ ଅଧିକ ଭାର ପଡୁଛି। ଲୋକମାନେ ସଚେତନ ହୋଇ ରହିଲେ ଏହାକୁ ବହୁ ମାତ୍ରାରେ ରୋକାଯାଇ ପାରିବ ବୋଲି ଡା. ସାହୁ କହିଛନ୍ତି।



- କରୋନା ଭଳି ଡେଙ୍ଗୁରେ ବି ଭୁବନେଶ୍ୱର ଆଗରେ
- କ୍ୟାପିଟାଲ ହସ୍ପିଟାଲରେ ୪୬ ରୋଗୀ ଚିକିତ୍ସିତ
- ସଚେତନତାକୁ ଗୁରୁତ୍ୱ ଦେଲେ ହସ୍ପିଟାଲ ନିର୍ଦ୍ଦେଶକ

# ଲଘୁଚାପ ସତ୍ତ୍ୱେ ହେଉନି ବର୍ଷା

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର ତଥା ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହୁଛି। ହେଲେ ବର୍ଷାର ନାଁଗନ୍ଧ ନାହିଁ। କେଉଁଠି କେତେବେଳେ ଅସରାଏ ଦି'ଅସରା ବର୍ଷା ହେଉଛି। ନଚେତ ପାଗ ଶୁଖିଲା ରହୁଛି। ଲଘୁଚାପ ୱେଲ୍‌ମାର୍କ ଲୋପ୍ରେସରରେ ପରିଣତ ହୋଇ ପଶ୍ଚିମ ଦିଗକୁ ଗତିକରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାର ଆଡ଼କୁ ଚାଲିଗଲାଣି। ପାଗ ଥଣ୍ଡା ରହିବା ସହ ବାୟୁମଣ୍ଡଳରେ ଆର୍ଦ୍ରତା କମ୍ ରହୁଥିବାରୁ ବର୍ଷା ହେଉ ନାହିଁ। ରାଜ୍ୟରେ ଅଧାରୁ ଅଧିକ ଜିଲାରେ ବର୍ଷା ପରିମାଣ ସ୍ୱାଭାବିକଠାରୁ ୨୦ରୁ ୫୦ ପ୍ରତିଶତ କମ୍ ବର୍ଷା ହୋଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ୨୧ ପ୍ରତିଶତ କମ୍ ରହିଛି।

**୨୪ ଘଣ୍ଟାରେ ହାଲୁକା ବର୍ଷା**

ତେବେ ଲଘୁଚାପ ଓ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯାଜପୁର, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବାରିପଦାରେ ସର୍ବାଧିକ ୨୫.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୬, ପାରାଦୀପ ୯, ଅନୁଗୋଳ ୩, ଭବାନୀପାଟଣା ୮.୬, ବଲାଙ୍ଗୀର ୧୯, ଟିଟିଲାଗଡ ୧୨.୨ ଏବଂ ବୌଦ୍ଧରେ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




**ଡେଙ୍ଗୁକୁ ଆମନ୍ତ୍ରଣ:** ସତ୍ୟନଗର ଓଭରବ୍ରିଜ୍ ତଳ ଓ ୟୁନିଟ୍-୧ ମାର୍କେଟ ଅଞ୍ଚଳରେ ଅଳିଆ ଗଦା। ବର୍ଷା ପାଣି ସହ ପଚାଶଢ଼ା ଆବର୍ଜନା ରାସ୍ତାରେ ଜମି ରହିଛି।

# ଗତିପଥ ବଦଳାଉଛି ବୁଢ଼ାବଳଙ୍ଗ

- ବିପଦରେ ୫ ଗାଁ
- ପଥର ପ୍ୟାକିଂ ପାଇଁ ପଦକ୍ଷେପ ନେଉନି ବିଭାଗ

ବାରିପଦା ଅଫିସ, ୨୯।୭

ଶିମିଳିପାଳରୁ ବାହାରିଥିବା ବୁଢ଼ାବଳଙ୍ଗ ନଦୀ ମୟୂରଭଞ୍ଜ ଜିଲା ସଦର ମହକୁମା ଦେଇ ପ୍ରବାହିତ ହେଉଛି। ଏହି ନଦୀ ଅବବାହିକାରେ ଅବସ୍ଥିତ ଅନେକ ଗାଁଗଣ୍ଡା ବନ୍ୟା ସମୟରେ ପ୍ରଭାବିତ ହୋଇଆସୁଛି। ସଦର ମହକୁମାରୁ ୧୦କି.ମି. ଦୂରରେ ଥିବା ଗାଁଗୁଡ଼ିକ ଏବେ ନଦୀଗର୍ଭରେ ଲୀନହେବାକୁ ବସିଛି। ବନ୍ୟାଜଳ ଅତଡ଼ା ଖାଇବା ଦ୍ୱାରା ବହୁ ଚାଷଜମି ନଦୀରେ ମିଶିଯାଇଛି। ବିପଜ୍ଜନକ ପରିସ୍ଥିତିରେ ଅଞ୍ଚଳବାସୀ ରହୁଥିବା ବେଳେ ନଦୀକୂଳରେ ପଥରପ୍ୟାକିଂ କରାଯାଉ ନ ଥିବାରୁ ବୁଢାବଳଙ୍ଗ ଗତିପଥ ବଦଳାଇ ଗାଁଆଡ଼କୁ ମାଡ଼ି ଆସୁଛି। ପ୍ରଶାସନିକ ସ୍ତରରେ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

ଲଘୁଚାପଜନିତ ବର୍ଷା ଆରମ୍ଭ ହେଲେ ନଦୀକୂଳବାସୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଥାଏ । ଶିମିଳିପାଳରୁ ଉଦ୍‌ବୃତ୍ତ ବର୍ଷାଜଳ ବୁଢ଼ାବଳଙ୍ଗରେ ବନ୍ୟା ସ୍ଥିତି ସୃଷ୍ଟି କରିଥାଏ । ଫଳରେ ବର୍ଷାଦିନେ ପ୍ରତ୍ୟେକ ବର୍ଷ ବନ୍ୟାଜଳ କୂଳ ଲଙ୍ଘନ କରିଥାଏ। ଏହି ସମୟରେ ନଦୀର ଉଭୟ ପାର୍ଶ୍ୱ ଅତଡ଼ା ଖସିବା ଦ୍ୱାରା ବନ୍ୟାଜଳ ପଶି ଗାଁ ଗଣ୍ଡାଗୁଡ଼ିକ ଜଳମଗ୍ନ ହୋଇଥାଏ। ବାରିପଦା ସଦର ବ୍ଲକ ହାତୀକୋଟ ପଞ୍ଚାୟତର ଯାମଦାପାଳ, କଞ୍ଚନପାଳ, ବାଲିପାଳ, କୁଣ୍ଡସାହି ଓ ମୁଗରାସାହି ଆଦି ୫ଟି ଗାଁ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୁର୍ବଳ ନଦୀବନ୍ଧ ଯୋଗୁ ଏସବୁ ଗ୍ରାମର ଲୋକେ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ବର୍ଷ ବନ୍ୟାଜଳ ଅତଡ଼ା ଖାଇବା ସହିତ କୂଳ ଲଙ୍ଘି ଚାଷଜମି ଓ ଗାଁଗୁଡ଼ିକରେ ବ୍ୟାପକ କ୍ଷତି କରିଥାଏ। ନଦୀରେ ଆଡ଼ିବନ୍ଧ କିମ୍ବା ପଥର ପ୍ୟାକିଂ କରାଯାଉ ନ ଥିବାରୁ କିଛି ବର୍ଷ ମଧ୍ୟରେ ୫୦ଫୁଟରୁ ଅଧିକ ଜମି କୂଳ ଖାଇ ନଦୀରେ ମିଶିଯାଇଥିବା ଯାମଦାପାଳ ଗ୍ରାମର ହୃଷୀକେଶ ସେନାପତି, ସନ୍ତୋଷ ଭୂୟାଁ, ଦେବେନ ଘୋଷ କହିଛନ୍ତି। କେତେଜଣ ଦାୟିତ୍ୱହୀନ ଅଧିକାରୀ ଓ ଯନ୍ତ୍ରୀଙ୍କ ଅଣଦେଖା ପାଇଁ ନଦୀକୂଳବାସୀ ବିପଦସଙ୍କୁଳ ଅବସ୍ଥାରେ ଥିବା ବାଲିପାଳ ଗ୍ରାମର ଅଶୋକ ଘୋଷ, ସନ୍ତୋଷ ନାଏକ, ବସନ୍ତ ନାଏକ, ମୋହନ ସିଂ ଓ ପ୍ରଫୁଲ୍ଲ ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି। ପଞ୍ଚାୟତବାସୀ ବାରମ୍ବାର ମୟୂରଭଞ୍ଜ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ପଥରପ୍ୟାକିଂ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ଏହି ଗ୍ରାମଗୁଡ଼ିକ ନଦୀ ଗର୍ଭରେ ଲୀନହେବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଏ ସଂକ୍ରାନ୍ତରେ ମୟୂରଭଞ୍ଜ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲିପାଳ ଗ୍ରାମର ସୁରକ୍ଷା ନିମନ୍ତେ ନଦୀବନ୍ଧରେ ପଥର ପ୍ୟାକିଂ ପାଇଁ ୧୭ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ଲାଗି ପଠାଯାଇଛି। ମଞ୍ଜୁରୀ ମିଳିଲେ କାମ ଆରମ୍ଭ ହେବ।



କୂଳ ଖାଇଥିବା ବୁଢ଼ାବଳଙ୍ଗ ନଦୀ।

### ଅଗଷ୍ଟ ୨୩ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଆସନ୍ତା ଅଗଷ୍ଟ ୨୩ରୁ ଆରମ୍ଭ ହେବ ଏକକ ପିଜି ପରୀକ୍ଷା। ଏନେଇ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ନାମଲେଖା ପାଇଁ ଆଶାୟୀ ଛାତ୍ରୀଛାତ୍ରମାନେ ଅଗଷ୍ଟ ୨ରୁ ୧୪ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିବେ। ଅଗଷ୍ଟ ୨୦ରୁ ଆଶାୟୀମାନେ ସେମାନଙ୍କ ଆଡମିଟ୍ କାର୍ଡ www.samsodisha.gov.in ୱେବସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ଅକ୍ଟୋବର ୧୨ରେ ରାଜ୍ୟସ୍ତରୀୟ ମେଧା ତାଲିକା ପ୍ରକାଶ ପାଇବ ଓ ୨୨ରେ ପ୍ରଥମ ପର୍ଯ୍ୟାୟ ସିଟ୍ ଆଲଟ୍‌ମେଣ୍ଟ ହେବ। ଅକ୍ଟୋବର ୨୨ରୁ ୨୮ ମଧ୍ୟରେ ନାମଲେଖା ହେବ। ନଭେମ୍ବର ୪ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ପ୍ରବେଶିକା ପରୀକ୍ଷା ସମ୍ପର୍କିତ ଅଧିକ ତଥ୍ୟ ଉକ୍ତ ୱେବସାଇଟ୍‌ରୁ ଜାଣିପାରିବେ ବୋଲି କୁହାଯାଇଛି।

**ଆଜିର ମନ୍ତବ୍ୟ**

“ନୂଆ ଶିକ୍ଷା ନୀତି ରାଷ୍ଟ୍ର ନିର୍ମାଣର ମହାଯଜ୍ଞରେ ଅନ୍ୟତମ ବଡ଼ କାରକ। ଦେଶ ଯୁବବର୍ଗଙ୍କ ଇଚ୍ଛା, ଆକାଂକ୍ଷାକୁ ସମର୍ଥନ କରେ ବୋଲି ଏହା ସୁନିଶ୍ଚିତ କରେ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ବିଚାରପତିଙ୍କୁ ଅଟୋ...

ଆସିଛି। ଅଟୋ ମଡ଼ାଇ ହତ୍ୟା କରାଯିବା ବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଚାରପତିଙ୍କ ହତ୍ୟାକାଣ୍ଡ ଝାଡ଼ଖଣ୍ଡର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଝାଡ଼ଖଣ୍ଡ ହାଇକୋର୍ଟଠୁ ନେଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଏହି ପ୍ରସଙ୍ଗ ଉଠିଛି। ସାଧାରଣ ଜନତାଙ୍କ ମନରେ ଅସୁରକ୍ଷା ଭାବ ବଢ଼ିଯାଇଛି। ଝାଡ଼ଖଣ୍ଡର ଧାନବାଦ ଜିଲା ଅତିରିକ୍ତ ବିଚାରପତି ଉତ୍ତମ ଆନନ୍ଦ ସ୍ଥାନୀୟ ହୀରାପୁରର ଜଜ୍ କଲୋନିରେ ରହୁଥିଲେ। ସେ ମାଫିଆଙ୍କ ବର୍ବର ହତ୍ୟାକୁ ନେଇ କେତେକ ମାମଲାର ଶୁଣାଣି କରୁଥିଲେ। ନିକଟରେ ସେ ଦୁଇଜଣ ଗ୍ୟାଙ୍ଗଷ୍ଟରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ଅଦାଲତରେ ବିଧାୟକ ସଞ୍ଜୀବ ସିଂଙ୍କ ଘନିଷ୍ଠ ସହଯୋଗୀ ରଞ୍ଜୟ ସିଂଙ୍କ ହତ୍ୟା ମାମଲା ବିଚାରାଧୀନ ଥିଲା। ଏଭଳି ହାଇପ୍ରୋଫାଇଲ ମାମଲାର ଶୁଣାଣି କରୁଥିବା ବିଚାରପତି ଭୋର ୫ଟାରେ ଜଗିଂ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ଅଟୋ ମଡ଼ାଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିଲେ ହେଁ ପୋଲିସ ଜାଣିଶୁଣି ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ତଦନ୍ତରେ ବିଳମ୍ବ କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ବିଚାରପତି ଉତ୍ତମ ଆନନ୍ଦଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେଠାରେ ତାଙ୍କ ମୃତଦେହ ପଡ଼ିଥିଲା। ହସ୍ପିଟାଲରେ କେହି ଜାଣି ନ ଥିଲେ ସେ ଜଣେ ବିଚାରପତି ବୋଲି। ସେ ସକାଳ ୭ଟା ଯାଏ ଘରକୁ ନ ଫେରିବାକୁ ପରିବାର ଲୋକେ ଉତ୍ତମ ନିଖୋଜ ଥିବା ନେଇ ପୋଲିସରେ ରିପୋର୍ଟ କରିଥିଲେ। ହସ୍ପିଟାଲରେ ଥିବା ମୃତକ ବିଚାରପତି ଉତ୍ତମ ଆନନ୍ଦ ବୋଲି ଏହା ପରେ ପୋଲିସ ଚିହ୍ନଟ କରିଥିଲା। ବିଚାରପତିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଛି। ଯେଉଁ ଅଟୋରେ ତାଙ୍କୁ ଧକ୍କା ଦିଆଯାଇଥିଲା ତାହା ଏକ ଚୋରି ଯାନ ବୋଲି ପୋଲିସ ସ୍ପଷ୍ଟ କରିଛି। ଉତ୍ତମଙ୍କୁ ହତ୍ୟା କରିଥିବା ଅଟୋ ଡ୍ରାଇଭର ଲଖନ କୁମାର ବର୍ମା ଓ ତାଙ୍କ ସହଯୋଗୀ ରାହୁଲ ବର୍ମାଙ୍କୁ ପୋଲିସ ଗିରଫ କରିବା ସହ ଉକ୍ତ ଅଟୋକୁ ଜବତ କରିଛି। ଦୁଇ ଅଭିଯୁକ୍ତ ପୋଲିସ ଆଗରେ ଦୋଷ ସ୍ୱୀକାର କରିଥିବା ପୋଲିସ ଆଇଜି ଅମୋଲ ବିନୁକାନ୍ତ ହୋମ୍‌କର ସୂଚନା ଦେଇଛନ୍ତି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବକୁ ନେଇ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ରବି ରଞ୍ଜନ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲିସର ତତ୍ପରତା ନ ଦେଖିଲେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ଭାର ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଉତ୍ତମଙ୍କ ହତ୍ୟାର ତଦନ୍ତ ଲାଗି ସ୍ଥାନୀୟ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ପୋଲିସ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି ବୋଲି ଧାନବାଦ ଏସ୍‌ଏସ୍‌ପି ସଞ୍ଜୀବ କୁମାର କହିଛନ୍ତି। ଅଟୋ ଚାଳକଙ୍କ ସ୍ତ୍ରୀ ରିଙ୍କି ଦେବୀ କହିଛନ୍ତି, ଲଖନ ୮୦ ହଜାର ଟଙ୍କାର ଏକ ଲଟେରି ଜିତିଥିବା ଏବଂ ଉକ୍ତ ଅର୍ଥରେ ସେ ଏକ ଅଟୋ ଓ ମୋବାଇଲ କିଣିଥିବା ନେଇ ଘରେ କହିଥିଲେ। ଝଡ଼ଖଣ୍ଡ ହାଇକୋର୍ଟର ଆଇନଜୀବୀ ପ୍ରଭାତ ସିହ୍ନା ମଧ ଏହାକୁ ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଜଣେ ମହିଳାଙ୍କ ନାମରେ ପଞ୍ଜୀକୃତ ହୋଇଥିବା ଉକ୍ତ ଅଟୋଟିକୁ ଘଟଣାର ପୂର୍ବ ରାତି ୧ଟାରେ ଚୋରି କରାଯାଇଥିଲା।

ଇତିମଧ୍ୟରେ ସୁପ୍ରିମକୋର୍ଟରେ ଏହି ପ୍ରସଙ୍ଗ ଉଠିଛି। ଉତ୍ତମ ଆନନ୍ଦଙ୍କୁ କିଭଳି ସୁନିୟୋଜିତ ଭାବେ ହତ୍ୟା କରାଯାଇଛି ସର୍ବୋଚ୍ଚ ଅଦାଲତରେ ଗୁରୁବାର ତାହାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଛନ୍ତି, ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ଅଧ୍ୟକ୍ଷ ବିକାଶ ସିଂ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଘଟଣା ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ବରିଷ୍ଠ ଆଇନଜୀବୀ ବିକାଶ ସିଂ କହିଛନ୍ତି, ବୁଧବାର ଭୋର ୫ଟାରେ ଉତ୍ତମ ଆନନ୍ଦ ଜଗିଂରେ ଯାଉଥିବାବେଳେ ତାଙ୍କୁ ଏକ ଅଟୋ ଧକ୍କା ଦେଇ ମାରିଦେଇଛି। ଏହା ଏପରି ଏକ ମାମଲା, ଯାହାର ତଦନ୍ତ ସିବିଆଇ ହିଁ କରିବା ଉଚିତ। ସାଧାରଣତଃ ଏଭଳି ମାମଲାରେ ସ୍ଥାନୀୟ ପୋଲିସର ସମ୍ପୃକ୍ତି ରହିଥାଏ। ବିଚାରପତି ଉତ୍ତମ ଗ୍ୟାଙ୍ଗଷ୍ଟରମାନଙ୍କ ଜାମିନ ଆବେଦନ ମାମଲାର ଶୁଣାଣି କରୁଥିଲେ। ନ୍ୟାୟପାଳିକା ଉପରେ ଏହା ବର୍ବର ଆକ୍ରମଣ। ତେଣୁ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗକୁ ନିଜ ସଂଜ୍ଞାନକୁ ନେବା ଉଚିତ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏହାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଦୃଷ୍ଟିକୁ ଆଣିବା ପାଇଁ ପ୍ରସ୍ତାବ ଦେଲେ। ବିକାଶ ସିଂ କହିଲେ, ଗୁରୁବାର ସିଜେଆଇଙ୍କ ସମ୍ମୁଖରେ ଉଲ୍ଲେଖ ଉପଲବ୍ଧ ନୁହେଁ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଲେ, ସିଜେଆଇଙ୍କୁ ସନ୍ଦେଶ ଦେବାକୁ ଉଦ୍ୟମ କରିବେ। ବିକାଶ ସିଂ ମଧ୍ୟ ସିଜେଆଇଙ୍କୁ ଅବଗତ କରାଇବା ପାଇଁ ପ୍ରୟାସ କରିବେ ବୋଲି ସହମତି ବ୍ୟକ୍ତ କରିଥିଲେ। ସିଜେଆଇ ଏନେଇ ଅବଗତ ହେବା ପରେ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଛନ୍ତି। ସିଜେଆଇ କହିଛନ୍ତି, ଏହି ମାମଲା ସମ୍ପର୍କରେ ଜାଣିବାକୁ ପାଇଛୁ। ଯାହା ଆବଶ୍ୟକ ତାହା କରାଯିବ। ଝାଡ଼ଖଣ୍ଡ ହାଇକୋର୍ଟ ବିଚାର ପାଇଁ ଏହି ମାମଲା ହାତକୁ ନେଇଛନ୍ତି।

## ‘ୱାନ୍ ନେଶନ୍,...

ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ‘ସ୍ୱାଭିମାନର ସହ ବଞ୍ଚିବା ସମସ୍ତଙ୍କର ଅଧିକାର। ଗରିବ ଲୋକଙ୍କୁ ଏହି ଅଧିକାରରୁ କେହି ବଞ୍ଚିତ କରିପାରିବ ନାହିଁ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଅଧିକାରକୁ ଆମେ ସବୁବେଳେ ସମ୍ମାନ ଜଣାଇଆସିଛୁ। ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆମର ଉଦ୍ୟମ ଜାରି ରହିବ। ଭିଟାମିନ୍‌ଯୁକ୍ତ ଚାଉଳରେ ଭିଟାମିନ୍ ବି–୧୨ ଓ ଫୋଲିକ୍ ଏସିଡ୍ ଥିବାରୁ ଏହା ଗରିବ ଲୋକମାନଙ୍କ ସହିତ ବିଶେଷକରି ମହିଳା ଏବଂ ବାଳିକାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ବହୁତ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଖାଦ୍ୟ ସୁରକ୍ଷା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ କଲ୍ୟାଣ କାର୍ଯ୍ୟକ୍ରମ। ଏହା ଜରିଆରେ ରାଜ୍ୟର ୯୩ ଲକ୍ଷ ପରିବାର ଓ ସାଢେ ୩ କୋଟି ଲୋକ ଉପକାର ପାଉଛନ୍ତି। ୨୦୦୮ରେ କେଜି ୨ ଟଙ୍କାରେ ଓ ୨୦୧୩ରୁ କେଜି ୧ ଟଙ୍କାରେ ରାଜ୍ୟ ସରକାର ଚାଉଳ ଯୋଗାଇ ଆସୁଛନ୍ତି। ଜଣେ ବି ଗରିବ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଏ, ତାହା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେଜି ପ୍ରତି ୧ ଟଙ୍କାରେ ଚାଉଳ ମିଳିବା ଦ୍ୱାରା ଗରିବ ଲୋକଙ୍କର ଖାଦ୍ୟ ନିରାପତ୍ତା ମଜଭୁତ ହୋଇଛି। ଖାଦ୍ୟ ନିରାପତ୍ତା ସହିତ ରାଜ୍ୟ ସରକାର ବିନା ମୂଲ୍ୟରେ ପିଲାମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ଜୋତାଠାରୁ ଆରମ୍ଭ କରି ପୋଷାକ, ବହି, ସାଇକେଲ ଇତ୍ୟାଦି ସରକାର ଯୋଗାଇ ଦେଉଛନ୍ତି। ସ୍ୱାସ୍ଥ୍ୟ ସୁବିଧା ପାଇଁ ସବୁ ସରକାରୀ ଡାକ୍ତରଖାନାରେ ସମସ୍ତଙ୍କ ପାଇଁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏଥିସହିତ ଗରିବ ଲୋକଙ୍କ ପାଇଁ ବିଭିନ୍ନ ରୋଜଗାର ଯୋଜନା ମଧ କାର୍ଯ୍ୟକାରୀ କରାଯାଉଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ମଧ ଗରିବ ପରିବାରର ମା’ମାନଙ୍କୁ ରୋଜଗାର ଦେଇଛି। ଚାଷୀଙ୍କ ପାଇଁ ‘କାଳିଆ’ ଯୋଜନା ସାରା ରାଜ୍ୟରେ ଆଦର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ମହାମାରୀ ସମୟରେ ଗରିବ ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱ ଦେଇ ସେ କହିଛନ୍ତି,କୋଭିଡ୍ ମହାମାରୀ ଗରିବ ଲୋକଙ୍କର ରୋଜଗାର ଉପରେ ଗଭୀର ପ୍ରଭାବ ପକାଇଛି। ଗରିବ ଲୋକଙ୍କ ରୋଜଗାର ପାଇଁ ଚାଷୀ, ମହିଳା, ଶ୍ରମିକମାନଙ୍କ ସକାଶେ ରାଜ୍ୟ ସରକାର ୨୦୦୦ କୋଟି ଟଙ୍କାର ସହାୟତା ଦେଇଛନ୍ତି। ଏହିସବୁ କାର୍ଯ୍ୟକ୍ରମ ଗରିବ ଲୋକଙ୍କ ସାମାଜିକ ସ୍ଥିତିରେ ଉନ୍ନତି ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କ ସକାଶେ ଖାଦ୍ୟ ସୁରକ୍ଷା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଖାଦ୍ୟ ସୁରକ୍ଷାରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ।

ମାଲକାନଗିରିଠାରେ ଉପସ୍ଥିତ ରହି ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ଭିଟାମିନ୍‌ଯୁକ୍ତ ଚାଉଳ ମାଲକାନଗିରିର ଜନସାଧାରଣଙ୍କ ପୁଷ୍ଟି ସାଧନରେ ସହାୟକ ହୋଇପାରିବ। ଗରିବ ଓ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିମୂଳକ ପଦକ୍ଷେପର ସେ ଉଚ୍ଚପ୍ରଶଂସା କରିଥିଲେ।

ସେହିପରି ବ୍ରହ୍ମପୁରଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରାଜ୍ୟ ସରକାରଙ୍କ ଦ୍ୱାରା ଗଞ୍ଜାମ ଜିଲାର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

ଭୁବନେଶ୍ୱରଠାରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଅନେକ କାର୍ଯ୍ୟକ୍ରମରେ ସାରା ଦେଶରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯାହା କରୁଛନ୍ତି, ସାରା ଦେଶ ତାକୁ ଗ୍ରହଣ କରୁଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଏବଂ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

ସୂଚନାଯୋଗ୍ୟ ଯେ ଗରିବ ଶ୍ରମିକମାନେ କାମଧନ୍ଦା ଅନ୍ୱେଷଣରେ ଅନେକ ସମୟରେ ରାଜ୍ୟ ଭିତରେ ଓ ବାହାର ରାଜ୍ୟକୁ ସପରିବାର ଯାଉଛନ୍ତି। ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ୟ ସ୍ଥାନରେ ରାଶନ ମିଳିପାରୁ ନ ଥିଲା। ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ରାଶନ କାର୍ଡଧାରୀମାନେ ଯେଉଁ ଅଞ୍ଚଳରେ ଥିବେ ସେଠାରୁ ମଧ ଖାଦ୍ୟ ସାମଗ୍ରୀ ନେଇପାରିବେ।

ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମରେ ପାଇଲଟ ପ୍ରକଳ୍ପ ଭାବେ ୱାନ୍ ନେଶନ, ୱାନ୍ ରାଶନ ଯୋଜନା କାର୍ଯ୍ୟକାରୀ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ.ପାଣ୍ଡିଆନ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି.ଭି. ଯାଦବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗର ଅତିରିକ୍ତ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର୍. କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ବିଶାଳ ଦେବ...

ମୀନା ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ଥିବା ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। କୁମାର ସାଧାରଣ ପ୍ରଶାସନ ବିଭାଗ ସହିତ ଅତିରିକ୍ତ ଭାବେ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ତୁଲାଇବେ। କୁମାର ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ସହିତ ଓଏମ୍‌ସି, ଏମ୍‌ଇସିଏଲ୍ ଓ ଇଡ୍‌କଲର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଶାସନ ସଚିବ ତଥା ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ଆର. ଭିନିଲ କ୍ରିଷ୍ଣାଙ୍କୁ ଅତିରିକ୍ତ ଭାବେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଶାସନ ସଚିବ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଭିନିଲ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ।

## ୩୦ ଅଭିଯୁକ୍ତଙ୍କୁ ୨ ବର୍ଷ...

ମାରିଦେବାକୁ ଧମକ ଦେବା ଆଦି ଅଭିଯୋଗରେ ୩୦ଜଣଙ୍କ ନାଁରେ କୋଟଗଡ଼ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି କୋଟଗଡ଼ ପୋଲିସ ନଂ. ୩୩/୨୦୦୮, ଧାରା ୧୪୭/୫୦୬/୪୨୭/୪୫୨/୪୩୫ ରେ ମାମଲା ରୁଜୁ କରିଥିଲା। ମୁଦାଲାଙ୍କ ପକ୍ଷରୁ ଲମ୍ବୋଦର ପଣ୍ଡା ଓ ସରକାରଙ୍କ ପକ୍ଷରୁ ସବିତା ସାମନ୍ତରାଏ ମକଦ୍ଦମା ପରିଚାଳନା କରୁଥିଲେ।

## ଆଜିଠାରୁ ଅଫ୍‌ଲାଇନ...

ପହଞ୍ଚି ସାରିଛି। ପରୀକ୍ଷା ଦାୟିତ୍ୱରେ ଥିବା ସମସ୍ତ ଶିକ୍ଷକମାନଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ପିଲାମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯିବ। ଏଥିସହିତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କୋଭିଡ୍ ନିୟମ କିପରି ପାଳନ କରାଯାଉଛି ତାହା ତଦାରଖ କରିବା ପାଇଁ ଜିଲାସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ସମସ୍ତ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ହାଜରା କହିଛନ୍ତି। ପରୀକ୍ଷା କେନ୍ଦ୍ରରେ ମୋବାଇଲ ବ୍ୟବହାର ଉପରେ କଟକଣା ଲଗାଯାଇଛି। କୌଣସି ଶିକ୍ଷକ କିମ୍ବା ଅନ୍ୟ କର୍ମଚାରୀମାନେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଏକ ଜରୁରିକାଳୀନ ସ୍ୱତନ୍ତ୍ର ଗୃହ ରଖାଯାଇଛି। ଯଦି କୌଣସି ଛାତ୍ରୀଛାତ୍ର ଅସୁସ୍ଥ ଅନୁଭବ କରିବେ ତେବେ ତାଙ୍କୁ ସେହି ସ୍ୱତନ୍ତ୍ର ଗୃହରେ ରଖାଯାଇ ଚିକିତ୍ସା କେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରାଯିବ। ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ଓ ଅନ୍ୟାନ୍ୟ କୋଭିଡ୍ ନିୟମ ପାଳନ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଟିକା ନେବା ପରେ...

ଆଇପିଭି ଭ୍ୟାକ୍ସିନ୍ ସହ ପୋଲିଓ ବୁନ୍ଦା ଦିଆଯାଇଥିଲା। ଆଶା ଏବଂ ଏଏନ୍‌ଏମ୍‌ଙ୍କ ଉପସ୍ଥିତିରେ ଶିଶୁକୁ ଏହି ପ୍ରତିଷେଧକ ଦିଆଯାଇଥିଲା। ଘରକୁ ଫେରିବାର କିଛି ସମୟ ପରେ ଶିଶୁକନ୍ୟା ରାହା ଧରି କାନ୍ଦିଥିଲେ। ମା’ ସ୍ତନ୍ୟପାନ କରାଇବା ପରେ ସେ ଶୋଇ ପଡ଼ିଥିଲେ। ଏହାପରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ରାତି ପ୍ରାୟ ୧୦ଟାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରୀକ୍ଷା ପରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ କଙ୍କଡ଼ାହାଡ଼ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ସଂକ୍ରାନ୍ତରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ କୁହନ୍ତି, ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ ଶିଶୁକନ୍ୟାର ପୋଷ୍ଟମର୍ଟମ କରାଯାଇଛି। ରିପୋର୍ଟ ଆସିବା ପରେ ଟିକା ପାଇଁ ଶିଶୁର ମୃତ୍ୟୁ ହୋଇଛି କି ନାହିଁ ତାହା ସ୍ପଷ୍ଟ ହେବ।



ଝିଅର ମୃତ୍ୟୁ ପରେ ଶୋକାଭିଭୂତ ପରିବାର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ମାନସିକ ସ୍ଥିତି ଦୁର୍ବଳ ରହିବା କାରଣରୁ ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କ ରହିବା ଭଲ। ପରିସ୍ଥିତିରେ ପଡ଼ି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବା କାରଣରୁ ନେଇ ବିବ୍ରତବୋଧ କରିବେ। ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ସାମୟିକ ଆଲୋଚନା ଅବସରରେ ନିଜର ଅକାଟ୍ୟ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ** ଦିନଟି କିଛି ଭଲ ଓ କିଛି ସମସ୍ୟା ଭିତର ଦେଇ କଟିବ। ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ, ଏଣୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ ହେବ। ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ରାଜନୀତି, ତଥା ଗଠନମୂଳକ କାର୍ଯ୍ୟ ପ୍ରତି ମନ ବଳିପାରେ।

**କର୍କଟ** ଆଜି ଦିନ ଭିତରେ ବିଶେଷ କିଛି ଅସୁବିଧା ହେବନି କିନ୍ତୁ, ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ତଥାପି ସାମୟିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ବସି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରି ପାରନ୍ତି। କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବା ସଙ୍ଗକୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ ହେବେ।

**କନ୍ୟା** ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଯାତ୍ରାରେ ବିଳମ୍ବ ଘଟିପାରେ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେବେ।

**ତୁଳା** ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକ ପ୍ରକାର ଖୁସି ହୋଇଯିବ। ସବୁ କାମ ବହୁ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ ଅର୍ଥ ଲାଭରୁ ଖୁସି ରହିବେ।

**ବିଛା** ବିଭିନ୍ନ ପ୍ରକାରର ଦୁର୍ଭାବନାରେ ମନ ବିଚଳିତ ରହିବ। ମାତ୍ର ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ।

**ଧନୁ** ବିଭିନ୍ନ ସମସ୍ୟା ସଙ୍ଗକୁ ଖର୍ଚ୍ଚ ପରିମାଣ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଅତି ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି।

**ମକର** ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଅଯଥା କଳହରୁ ଦୂରେଇ ରୁହନ୍ତୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ଆଜି କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ବିନା ଆହ୍ୱାନରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଏଣେ ଅଫିସ୍‌ରେ ମଧ ବିନା କାରଣରେ କଳହକୁ ନିମନ୍ତ୍ରଣ କରିପାରନ୍ତି। ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କତା ବିଧେୟ।

**ମୀନ** ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ କିମ୍ବା ଶାରୀରିକ ଅସୁସ୍ଥତା ହୋଇପାରେ। ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କରି ଅପମାନିତ ହେବେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

ଆଜି ଶ୍ରାବଣ କୃଷ୍ଣ ସପ୍ତମୀ ଶୁକ୍ରବାର, ଜୁଲାଇ ୩୦ ତାରିଖ, ଅନ୍ତର୍ଜାତୀୟ ବନ୍ଧୁତା ଦିବସ, ରାଶି ନକ୍ଷତ୍ର –ଦିବା ଘ.୦୨.୦୩ମି. ପର୍ଯ୍ୟନ୍ତ ରେବତୀ ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୫ମି. ଗତେ ଘ.୦୬.୧୭ମି. ମଧ୍ୟେ, ଘ.୦୭.୦୮ମି. ଗତେ ଘ.୦୯.୪୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୧୬ମି. ଗତେ ଘ.୧୧.୫୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Duplex for sale at Gohira Square, CV Raman College, Bhubaneswar. 9937066926. D-70235

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

1200sqft. land with 800sqft. House for sale at Back Side of Baragada Govt. School, Bhubaneswar. Contact: 9040686695. D-71810

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.-6371406921. D-69399

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

ତମାଣ୍ଡୋ National Highway ଠାରୁ 1.3 mtrs. ଦୂରରେ immediate ଘରକରି ରହିବା ପାଇଁ yellowzone plot ମିଳୁଛି। 9692213354. D-70465

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Infocity Bhubaneswar, 3 floors, 10,000 sqft each. Best for Software Companies. Call/Whatsapp 9437513333/ /9437313333 or 9438874333. D-21189




Take wellness relax massage ladies/ gents therapist 800/-, 7008773793, 8018656899. D-59999

New opening Saikrupa Panchakarma and Spa jointpain, fullbody massage, 8984068077. D-65919

Newly open SPA Offer @799/-, positively health benefits, Jaydev Vihar. 7846814019. D-59997

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

**AFFIDAVIT**

Affidavit before Executive Magistrate, Dtd. 27.07.21, solemnly declare my son's name has chaged from Arijeet Mohapatra to S.B Gyanendra Prasad for purpose of LIC policy No-589999561 and all purposes. Babuli Mohapatra, At-Aukhama, PO-Sarakpatana, PS- Sadar, Dist-Dhenkanal. D-70338

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରାହକ କୈନ୍ଦ୍ରିକ ପଦକ୍ଷେପରୁ ମିଳିଛି ସ୍ୱତନ୍ତ୍ରତା

**ମଧ୍ୟପ୍ରଦେଶର ଏକ ଚାଷୀକୁଳରେ ତାଙ୍କର ଜନ୍ମ। ପ୍ରାଥମିକ ଶିକ୍ଷା ପରେ ମେକାନିକାଲ ଇଞ୍ଜିନିୟରିଂ କରି ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ହେଲେ କୃଷି ପ୍ରତି ଭଲ ପାଇବା ତାଙ୍କୁ ଉକ୍ତ ଚାକିରି ଛାଡ଼ିବାକୁ ବାଧ୍ୟ କରିଥିଲା। ଏହାପରେ ସେ ଯୋଡ଼ି ହୋଇଯାଇଥିଲେ କୃଷି କାର୍ଯ୍ୟ ସହିତ ଜଡ଼ିତ ଟ୍ରାକ୍ଟର କମ୍ପାନୀଗୁଡ଼ିକରେ। ୧୪ ବର୍ଷ ଧରି ଏହି ଯାତ୍ରା ଜାରି ରହିଛି। ଉଚ୍ଚଶିକ୍ଷା ପରେ ନିଜ ଇଚ୍ଛା ମୁତାବକ କ୍ଷେତ୍ରରେ କାର୍ଯ୍ୟ କରୁଥିବାରୁ ସେ ନିଜକୁ ଧନ୍ୟ ମନେ କରିଥିବା କହିଛନ୍ତି ସୋନାଲିକା ଟ୍ରାକ୍ଟର ବ୍ରାଣ୍ଡର ଓଡ଼ିଶା ମୁଖ୍ୟ ବିବେକ କୁମାର ବାଜପାୟୀ। ଓଡ଼ିଶାରେ କମ୍ପାନୀର କାର୍ଯ୍ୟଧାରା, ବଜାର ସ୍ଥିତି ଏବଂ ଆଗାମୀ ଯୋଜନାକୁ ନେଇ ତାଙ୍କ ସହ 'ଧରିତ୍ରୀ'ର ଆଳାପ।**

**ଧରିତ୍ରୀ ଆଳାପ**



ବିବେକ କୁମାର ବାଜପାୟୀ

**ଓଡ଼ିଶା ବଜାରକୁ ନେଇ କ'ଣ କହିବେ?**

■ ସାରା ଭାରତରେ କମ୍ପାନୀ ଯେଉଁ କେତୋଟି ରାଜ୍ୟକୁ ତା'ର ଅଗ୍ରଣୀ ବ୍ୟବସାୟ କ୍ଷେତ୍ର ଭାବେ ମନୋନୀତ କରିଛି, ସେଥିମଧ୍ୟରୁ ଓଡ଼ିଶା ହେଉଛି ଅନ୍ୟତମ। ରାଜ୍ୟର ପ୍ରମୁଖ କୃଷି ଅଞ୍ଚଳ ବରଗଡ଼ ଓ ସୋନପୁର ଆମ ପାଇଁ ପ୍ରମୁଖ ବଜାର ଭାବେ ପରିଗଣିତ ହୋଇଛି। ମୋଟ କାରବାର ୧୫%ରୁ ଊର୍ଦ୍ଧ୍ୱ ଅଂଶ ଓଡ଼ିଶା ବଜାରରୁ ସଂଗ୍ରହ ହୋଇଥାଏ।

**କୋଭିଡ୍ ସ୍ଥିତିକୁ କିଭଳି ସାମ୍ନା କଲେ?**

■ କୋଭିଡ୍-୧୯ ଯୋଗୁ ବ୍ୟବସାୟୀମାନେ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ବଜାରର ସମସ୍ୟାକୁ ନଜରରେ ରଖି ଚାଷୀଙ୍କୁ ଉପଯୁକ୍ତ ସେବା ସହ ବୀମା ସୁବିଧା ପ୍ରଦାନ କରିଛୁ। କମ୍ପାନୀ ସହ ଜଡ଼ିତ ଅନ୍ୟ ଅଂଶୀଦାରଙ୍କୁ ମଧ୍ୟ ସହଯୋଗ କରାଯାଇଛି। କର୍ମଚାରୀଙ୍କୁ କୋଭିଡ୍ ସହାୟତା ସହ ନିଯୁକ୍ତି ସୁରକ୍ଷା ଓ ମେଡିକାଲ ସୁବିଧା ପ୍ରଦାନ କରାଯାଇଛି। କର୍ମଚାରୀ, ଡିଲର ଏବଂ ଗ୍ରାହକଙ୍କ ମନରେ ଯେଭଳି କୌଣସି ଆଶଙ୍କା ନ ଆସେ ସେ ଦିଗକୁ ଧ୍ୟାନରେ ରଖିଥିଲୁ।

**ସୋନାଲିକାର ଟ୍ରାକ୍ଟର ବିକ୍ରି କିପରି ରହିଛି?**

■ ଓଡ଼ିଶାରେ ପ୍ରାୟ ସମୟରେ କାରବାର ଭଲ ରହିଥାଏ। ଏଠାରେ କୃଷି, ଖଣି, ପରିବହନ ସହ ଅନ୍ୟ କ୍ଷେତ୍ରରେ ଟ୍ରାକ୍ଟର ବ୍ୟବହାର ହେଉଛି। ଗ୍ରାହକଙ୍କୁ ସହଜ ଋଣ ଓ ସୁଲଭ ମୂଲ୍ୟରେ ଗାଡ଼ି ଯୋଗାଇ ଦେଉଛୁ। କୃଷି କ୍ଷେତ୍ର ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ଯୋଗୁ ସୋନାଲିକାର ଟ୍ରାକ୍ଟର ବିକ୍ରି ବେଶ୍ ଭଲ ରହିଛି। କୋଭିଡ୍ ଯୋଗୁ କାରବାର ପ୍ରଭାବିତ ହୋଇଛି। ପ୍ରଥମ ଲହରରେ ଚାହିଦା ଅନୁସାରେ ଉତ୍ପାଦନ ଓ ଯୋଗାଣ ଠିକ ଭାବେ ହୋଇ ପାରି ନ ଥିଲା। ୨ୟ ଲହରରେ ଚାହିଦାରେ ଉନ୍ନତି ଆସିବାରୁ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା ଜାରି ରହିଛି। ଟ୍ରାକ୍ଟରର ଡିମାଣ୍ଡ ରହିଥିବାରୁ କାରବାର ବୃଦ୍ଧି ନେଇ ଯୋଜନା ରହିଛି।

**ଜିଏସ୍‌ଟି କେତେ ସହାୟକ ହୋଇଛି?**

■ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଦ୍ୱାରା ଟିକସ କ୍ଷେତ୍ରର ବିଭିନ୍ନ ସମସ୍ୟା ସମାଧାନ ହୋଇଛି। ସାରା ଦେଶରେ ସିଙ୍ଗଲ୍ ୱିଣ୍ଡୋ ଦ୍ୱାରା ସମୟ ଅନୁସାରେ କାମ ହୋଇପାରୁଛି। ବ୍ୟବସାୟୀ ଓ ଗ୍ରାହକ ବେଶ୍ ଉପକୃତ ହୋଇପାରୁଛନ୍ତି। ରାଜ୍ୟ ସ୍ତରରେ ଟିକସରେ ଭିନ୍ନତା ଓ ବିଭିନ୍ନ ଅନୁମତି ନେବାରେ ପୂର୍ବରୁ ସମସ୍ୟା ରହୁଥିଲା, ଯାହା ବର୍ତ୍ତମାନ ଆଉ ନାହିଁ।

**ସୋନାଲିକା କିଭଳି ଗ୍ରାହକଙ୍କୁ ଆକୃଷ୍ଟ କରିପାରିଛି?**

■ ଗ୍ରାହକଙ୍କ ଚାହିଦା ଓ ବଜାରର ଆବଶ୍ୟକତାକୁ ନଜରରେ ରଖାଯାଇଛି। ନୂଆ ଜ୍ଞାନକୌଶଳ ଦ୍ୱାରା ୧୫ ଏଚ୍‌ପିରୁ ୧୧୦ ଏଚ୍‌ପି ବର୍ଗର ଟ୍ରାକ୍ଟର ବଜାରରେ ଉପଲବ୍ଧ କରିଛୁ। ପ୍ରତି ଜିଲାରେ ଡିଲର ପଏଣ୍ଟ ସହ ସର୍ଭିସ ସେଣ୍ଟର ସ୍ଥାପନ କରାଯାଇଛି। ୨ ଦିନ ମଧ୍ୟରେ ଗ୍ରାହକ ସନ୍ତୁଷ୍ଟି ସେବା ଯୋଗାଉଛୁ। ମୂଲ୍ୟରେ ସୁଲଭତା, ବିକ୍ରି ପରବର୍ତ୍ତୀ ସେବା ଏବଂ ଗ୍ରାହକଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛୁ। ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ସୋନାଲିକାକୁ ଅନ୍ୟ ବ୍ରାଣ୍ଡଠାରୁ ସ୍ୱତନ୍ତ୍ର କରିଛି। ଫଳରେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହୋଇଛୁ।

**ସରକାରଙ୍କଠାରୁ କିଛି ସୁବିଧା ପାଉଛନ୍ତି?**

■ ସରକାର କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କରୁଛନ୍ତି। କୃଷି କ୍ଷେତ୍ରର ସବ୍‌ସିଡି ଯୋଜନାକୁ ଦୀର୍ଘ ସ୍ଥାୟୀ କରିବା ଆବଶ୍ୟକ। ଏହା କୃଷି ପ୍ରତି ଆଗ୍ରହ ଏବଂ ଚାହିଦା ବଢ଼ାଇବାରେ ସହାୟକ ହେବ। ସବ୍‌ସିଡି ଯୋଜନାରେ ନୂତନ ବର୍ଗର ଟ୍ରାକ୍ଟର ଓ ଯନ୍ତ୍ରପାତିକୁ ସାମିଲ କରାଗଲେ ଭଲ ହୁଅନ୍ତା। ପରିବହନ ବ୍ୟବସ୍ଥା ଓ ନିୟମ କୋହଳ ହେଲେ ସବୁ ବର୍ଗ ସୁବିଧା ପାଇପାରନ୍ତେ।

**ପାର୍ବଣ ପାଇଁ କ'ଣ ଯୋଜନା ରହିଛି?**

■ ଓଡ଼ିଶାରେ ବର୍ଷ ସାରା ପର୍ବପର୍ବାଣି। ପାର୍ବଣରେ ନୂଆ ମଡେଲ ସହ ସ୍ୱତନ୍ତ୍ର କମ୍ବୋ ଅଫର ଆସିବ। ୩୨ଟି ଡିଲର ପଏଣ୍ଟ ଜରିଆରେ ପ୍ରଡକ୍ଟ ଏବଂ ସେବା ଯୋଗାଇବାକୁ ଯୋଜନା ରହିଛି।

**ଅଫିସ ଏବଂ ପରିବାର ମଧ୍ୟରେ କିଭଳି ସମନ୍ୱୟ ରକ୍ଷା କରନ୍ତି?**

■ କମ୍ପାନୀ କର୍ତ୍ତୃପକ୍ଷ ଓ ପରିବାରର ସହଯୋଗ ଯୋଗୁ ସବୁ କାର୍ଯ୍ୟ ଠିକ୍‌ରେ କରି ହେଉଛି। ସମୟକୁ ଠିକ୍ ଭାବେ ବାଣ୍ଟିଦେଲେ ଦାୟିତ୍ୱ ନିର୍ବାହ କୋହଳ ହୋଇପାରିବ। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ହୋଇଥିବାରୁ ଅନେକ ଗୁରୁଦାୟିତ୍ୱ ରହିଛି। ପରିବାର ଲୋକଙ୍କ ପାଇଁ ମଧ୍ୟ କର୍ତ୍ତବ୍ୟ ରହିଛି। ସମସ୍ତଙ୍କଠାରୁ ସହଯୋଗ ପାଇଛି।

-ସାକ୍ଷାତ୍‌କାର: ଅଭୟ ଦାଶ

# ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣଙ୍କୁ ଏନ୍‌ସିବି ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**



ସତ୍ୟନାରାୟଣ ପ୍ରଧାନ

ଓଡ଼ିଆ ଆଇପିଏସ୍ ଅଧିକାରୀ ତଥା ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମହାନିର୍ଦ୍ଦେଶକ(ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗୁରୁବାର ଆଇପିଏସ୍ ଅଫିସର ରାକେଶ ଆସ୍ଥାନାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସତ୍ୟନାରାୟଣ ଏନ୍‌ଡିଆରଏଫ୍‌ରେ ନିଜ ଦାୟିତ୍ୱ ସୁଚାରୁରୂପେ ପାଳନ କରିବା ସହ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ସଫଳ ନେତୃତ୍ୱ ନେଇ ଚର୍ଚ୍ଚାରେ ରହିଥିଲେ। ତେଣୁ କେନ୍ଦ୍ର ସରକାର ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଏନ୍‌ସିବି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି।

ସତ୍ୟନାରାୟଣ ୧୯୮୮ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡ଼ରର ଆଇପିଏସ୍ ଅଧିକାରୀ। ସେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଜାତୀୟ ପୋଲିସ ଏକାଡେମୀର ସହାୟକ ନିର୍ଦ୍ଦେଶକ ଓ ଡେପୁଟି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଥିସହିତ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ଗୁରୁଦାୟିତ୍ୱ ତୁଲାଇଛନ୍ତି। ପରେ ତାଙ୍କୁ ଏନ୍‌ଡିଆର୍‌ଏଫ୍ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଥିଲା।


**ODISHA ADARSHA VIDYALAYA SANGATHAN**

N-1/9, Nayapalli, PO: Sainik School, Bhubaneswar – 751005

**ADVERTISEMENT No. 01/2020**

**NOTICE TO THE SHORTLISTED CANDIDATES FOR INTERVIEW**

No. n-23: Reference to the detailed advertisement No. 01/2020 published by OAVS on the website and in the newspapers. EdCIL (India) Ltd. on behalf of Odisha Adarsha Vidyalaya Sangathan under the School & mass Education Department, Government of Odisha has planned to conduct the Interview from **16th August to 26th August, 2021 (Except 20.08.2021, 21.08.2021 & 22.08.2021)** for the shortlisted candidates who are found provisionally eligible after the Computer Based Tests for the Post of **Pricnipal, TGT Math, TGT Social Studies, TGT English, TGT Odia, TGT Science, PGT English, PGT Chemistry, PGT Biology, PGT Physics, PGT Math, PET & Computer Teacher** held on 25th, 29th and 30th January, 2021 subject to verification of original documents and also fulfilling the eligibility conditions as mentioned in the advertisement.

Accordingly, SMS and E-mail intimation for interview will be sent to shortlisted candidates at their registered email ID's. The schedule of the Interview and the list of shortlisted candidates are also available on OAVS website. Candidates can download their call letters for interview from website **http://www.oav.edu.in**.

The call letters for the interview to the shortlisted candidates for all categories of Posts are "Purely Provisional" subject to subsequent verification of original documetns and also fulfilling the eligibility conditions as advertised at the time of Interview. In case any shortlisted candidate does not receive the email intimation or unable to download the Interview Call Letter, he/she may report at the Interview venue as per their Interview Schedule along with original educational testimonials/certificates and experience certificates, NOC (if applicable) etc. The venue for interview is: Prasar Bharati, National Academy of Broadcasting & Multimedia, Chandrasekharpur, OMFED Square, Bhubaneswar - 751017.

For lastest updates, please visit OAVS website regularly i.e. **http://www.oav.edu.in**.

**Date: 29.07.2021** **Sd./- State Project Director**

OIPR-27029/11/0003/2122


# ବିକ୍ଷୋଭସ୍ଥଳ ପାଲଟିଲା ରଣକ୍ଷେତ୍ର

**ଆନ୍ଦୋଳନକାରୀଙ୍କୁ ହାଣିଲେ, ଭଙ୍ଗାରୁଜା କଲେ**

■ ୩ ଅଟକ, ଭିମ୍‌ସାରରେ ଉତ୍ତେଜନା

**ସମ୍ବଲପୁର,୨୯।୭ (ବ୍ୟୁରୋ)**



ବୁର୍ଲା ଭିମ୍‌ସାରରେ ଆକ୍ରମଣର ଶିକାର ହୋଇଥିବା ଯୁବକ।

ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆନ୍ଦୋଳନସ୍ଥଳ ଗୁରୁବାର ରଣକ୍ଷେତ୍ର ପାଲଟିଥିଲା। ଆନ୍ଦୋଳନକାରୀଙ୍କୁ ଦୁର୍ବୃତ୍ତମାନେ ଗୋଡାଇ ଗୋଡାଇ ଧାରୁଆ ଅସ୍ତ୍ରରେ ହାଣିଥିଲେ। ଏଥିରେ ମନୋଜ କଲେତ ଓ ଦେବରାଜ ଡୁଙ୍ଗୁରୁ ନାମକ ୨ କର୍ମଚାରୀ ଗୁରୁତର ହୋଇଥିଲେ। ସେମାନେ ଭିମ୍‌ସାରରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି। ସମ୍ପୃକ୍ତ ଯୁବକମାନେ ଭିମ୍‌ସାର ପରିସରରେ ଗୋଟିଏ କୋଠରିର ଝରକା କାଚ ସହ ଟେବୁଲ ଚେୟାର ଭାଙ୍ଗି ଦେଇଥିଲେ।

ବୁର୍ଲା ଥାନାଧିକାରୀ କମଳଲୋଚନ ପଣ୍ଡା କହିଛନ୍ତି, ଭିମ୍‌ସାର ପରିସର ବାହାରେ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି, ଇଏସ୍‌ଆଇ, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦରମା ବୃଦ୍ଧି ଭଳି ୫ ଦଫା ଦାବି ନେଇ ଦୁଇଦିନ ହେଲା ଆନ୍ଦୋଳନ କରିଆସୁଛନ୍ତି। ବୁଧବାର ଏହାର ସମାଧାନ ପାଇଁ ଭିମ୍‌ସାର କର୍ତ୍ତୃପକ୍ଷ, ଠିକା ସଂସ୍ଥା ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ହେଲେ ସମାଧାନର ବାଟ ଫିଟି ନ ଥିଲା। ଆକ୍ରମଣର ଶିକାର ହୋଇଥିବା କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ଗୁରୁବାର ସକାଳେ ଆନ୍ଦୋଳନସ୍ଥଳରେ ୫ରୁ ୭ଜଣ ଯୁବକ ପହଞ୍ଚି ଆକ୍ରମଣ କରିଥିଲେ। ସଫେଇ କାମ ନେଇଥିବା ଠିକା ସଂସ୍ଥା ଏଲ୍‌ଏନ୍‌କେ କମ୍ପାନୀ ଇଙ୍ଗିତରେ ଏହି ଆକ୍ରମଣ କରାଯାଇଥିବା ସେମାନେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଗୁରୁ ପଞ୍ଚବିହାର, ଫକିର ନାୟକ, ରାମ ପଞ୍ଚବିହାର, ଶ୍ୟାମ ପଞ୍ଚବିହାର, ସତିଶ ସୁନାଙ୍କ ସହିତ ଏଲ୍‌ଏନ୍‌କେ କମ୍ପାନୀର ପରିଚାଳକ ନୟନ ପଟେଲଙ୍କ ନାମରେ ଥାନାରେ ୪୨୭/୨୧ରେ ମାମଲା ରୁଜୁ କରିଛି। ଘଟଣାରେ ୩ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ଅନ୍ୟପଟେ ସରକାରୀ ସମ୍ପତ୍ତି ନଷ୍ଟ କରିଥିବା ନେଇ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜଗତ୍‌ସିଂହପୁରରେ ୫ ଡେଙ୍ଗୁ ରୋଗୀ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ୍, ୨୯।୭**

ଜଗତ୍‌ସିଂହପୁର ଜିଲାରୁ ଗୁରୁବାର ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚିହ୍ନଟ ରୋଗୀଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଓସକଣାର ୨ ଜଣ ରହିଥିବା ବେଳେ ଜଗତ୍‌ସିଂହପୁର ମାର୍କଣ୍ଡପୁର, ନାଉଗାଁ ଭଣ୍ଡିସାହି ଓ ରଘୁନାଥପୁର ଗୋକୁଳପୁରରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ପ୍ରତ୍ୟେକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ସେମାନଙ୍କ ମଧ୍ୟରୁ ମାର୍କଣପୁର ଓ ଭଣ୍ଡିସାହିର ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜଗତ୍‌ସିଂହପୁର ଏକ ତଳିଆ ଜିଲା ହୋଇଥିବାରୁ ବର୍ଷା ଦିନେ ବିଭିନ୍ନ ସ୍ଥାନରେ ପାଣି ଜମି ରହିଥାଏ। କିନ୍ତୁ କେନାଲ, ଡ୍ରେନ୍ ଆଦି ଠିକ ଭାବେ ସଫେଇ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

# ବିସିଆଇ ଓ ରାଜ୍ୟ ବାର୍ କାଉନ୍‌ସିଲ୍‌କୁ ନୋଟିସ

**ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ ମାମଲା**

**କଟକ ଅଫିସ, ୨୯।୭**



ରାଜ୍ୟ ବାର୍ କାଉନସିଲ ନିର୍ବାଚନ ମାମଲାରେ ହାଇକୋର୍ଟ ବାର୍ କାଉନ୍‌ସିଲ ଅଫ ଇଣ୍ଡିଆ (ବିସିଆଇ) ଓ ରାଜ୍ୟ ବାର୍ କାଉନସିଲ୍‌କୁ ଜବାବ ତଲବ କରି ନୋଟିସ ଜାରି କରିଛନ୍ତି। ଆବେଦନକାରୀ ରାଜ୍ୟ ବାର୍ କାଉନ୍‌ସିଲର ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମହାନ୍ତି ଓ ପୂର୍ବତନ ସଦସ୍ୟ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ପିଟିଶନର ଶୁଣାଣି କରି ଜଷ୍ଟିସ ବିଶ୍ୱନାଥ ରଥ ବୁଧବାର ଏହି ରାୟ ଶୁଣାଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୯ରେ ହେବ।

ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ରାଜ୍ୟ ବାର୍ କାଉନ୍‌ସିଲର ନିର୍ବାଚିତ ସଭ୍ୟମାନଙ୍କ କାର୍ଯ୍ୟକାଳ ୫ବର୍ଷ ରହିଛି ବୋଲି ଆଡ୍‌ଭୋକେଟ୍ ଆକ୍ଟର ଧାରା-୮ରେ ଉଲ୍ଲେଖ ରହିଛି। ରାଜ୍ୟ ସରକାରଙ୍କ ଗେଜେଟ୍ ନୋଟିଫିକେଶନ ଅନୁଯାୟୀ, ୨୦୧୪ ମେ' ୫ରେ ୨୫ଜଣ ସଭ୍ୟ ରାଜ୍ୟ ଆଇନ ପରିଷଦକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ କାର୍ଯ୍ୟକାଳ ୨୦୧୯ ମେ' ୪ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଏହିଦିନଠାରୁ ୬ମାସ ମଧ୍ୟରେ ରାଜ୍ୟ ବାର୍ କାଉନସିଲ ନିର୍ବାଚନ ନୋଟିଫିକେଶନ ଜାରି କରିବା ବ୍ୟବସ୍ଥା ଥିଲେ ମଧ୍ୟ କୌଣସି କାରଣରୁ ଏହା କରାଯାଇନାହିଁ। ଫଳରେ ରାଜ୍ୟ ବାର୍ କାଉନସିଲ୍‌ରେ ୨ବର୍ଷ ଧରି ଅଚଳାବସ୍ଥା ଲାଗି ରହିବାରୁ ୫୦ ହଜାର ଆଇନଜୀବୀ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଇନଜୀବୀମାନଙ୍କ ସାମ୍ବିଧାନିକ ସୁବିଧା ଏବଂ ରାଜ୍ୟ ବାର୍ କାଉନସିଲ ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବାକୁ ନିବେଦନ କରି ଆବେଦନକାରୀ ଗତ ୨୩ ତାରିଖରେ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ।


**ODISHA PUBLIC SERVICE COMMISSION**

**19, DR. P.K. PARIJA ROAD, CUTTACK - 753001**

**NOTICE**

NO. 5160/PSC, (DR-IV) (4C-03-2021-22), DT. 29.7.21

**PROGRAMME OF COMPUTER BASED RECRUITMENT EXAMINATION (CBRE) FOR RECRUITMENT TO THE POST OF LECTURERS IN DIFFERENT DISCIPLINES OF GOVERNMENT HOMOEOPATHIC MEDICAL COLLEGES, PURSUANT TO ADVERTISEMENT NO. 03 OF 2020-21**

**No. D-72:- Computer Based Recruitment Examination (CBRE)** for recruitment to the posts of **Lecturers in different disciplines of Government Homoeopathic Medical Colleges** in Group-B of Odisha Homoeopathic Medical Education Service shall be held on **12.08.2021 (Thursday)** as per the following programme.

| Session | Paper | Time | Centre Name with Complete Address |
|---|---|---|---|
| Forenoon Session | Paper - I | 09.30 A.M. to 11.00 A.M. (09.30 A.M. to 11.30 A.M. for PWD candidates) | Gurukrupa College of Management GET Tower, Plot No.: 1742, Sub Plot: 3136, At: Kalarahanga, PO: KIIT Square, Dist: Khurda, PIN: 751031 |
| Afternoon Session | Paper - II | 12.00 P.M. to 1.30 P.M. (12.00 P.M. to 2.00 P.M. for PWD candidates) | |

The list of eligible candidates is annexed herewith in a separate copy for information of all concerned.
The admitted candidates are required to download their "**Admission Certificates**" and "**Instructions to candidates**" to be uploaded in the Website of the Commission at (**www.opsc.gov.in**) shortly.

***Note- The candidates can familiarize themselves for appearing on the above examination, through the Mock Test Link to be provided ten days before the examination in the website of the Commission.**

**Sd./- Additional Secretary**

**ODISHA PUBLIC SERVICE COMMISSION**

**Recruitment to the Posts of Lecturer in Homoeopathic Medical Colleges (Advt. No. 03 of 2020-21)**

**List of Eligible Candidates Admitted to the Written Examination**

**Venue:** Gurukrupa College Of Management, KIIT Square, Bhubaneswar

| SL. NO. | Roll No. | PPSAN NO. | CANDIDATE NAME | SL. NO. | Roll No. | PPSAN NO. | CANDIDATE NAME |
|---|---|---|---|---|---|---|---|
| 1 | 101 | 00000530 | AJIT KUMAR BEHERA | 41 | 141 | 00000578 | MISHRA MONALISA |
| 2 | 102 | 00000538 | AMIT KUMAR AGRAWAL | 42 | 142 | 00000364 | MOHAMMAD ABDUL KARIM |
| 3 | 103 | 00000549 | AMIT KUMAR SAHU | 43 | 143 | 00000347 | MONALISA BHATTA |
| 4 | 104 | 00000414 | ARATI KUMARI SAHU | 44 | 144 | 00000532 | MONALISA PRADHAN |
| 5 | 105 | 00000463 | ARYA KUMAR ANSUMAN SARANGI | 45 | 145 | 00000555 | MUKUNDADEV BEHERA |
| 6 | 106 | 00000570 | ASIT KUMAR SWAIN | 46 | 146 | 00000329 | NALINI PRAVA NAYAK |
| 7 | 107 | 00000574 | ASWINI KUMAR SAHOO | 47 | 147 | 00000550 | NALINI PRAVA NAYAK |
| 8 | 108 | 00000420 | BHARATI TRIPATHY | 48 | 148 | 00000573 | NAMITA BEHERA |
| 9 | 109 | 00000543 | BIJAYEENI SAHOO | 49 | 149 | 00000563 | NAMITA MISHRA |
| 10 | 110 | 00000259 | BISWAJIT RANJAN CHAND | 50 | 150 | 00000323 | P MEERA BAI |
| 11 | 111 | 00000423 | CHANDANA PANDA | 51 | 151 | 00000540 | PITAMBAR SAHOO |
| 12 | 112 | 00000335 | CHINMAYEE CHIRANJIBI DEVI | 52 | 152 | 00000567 | PRAJNA SHUBHADARSHINI |
| 13 | 113 | 00000557 | CHRISTINA EKKA | 53 | 153 | 00000560 | PRATIVA KUMARI MISHRA |
| 14 | 114 | 00000362 | D SATYA NARAYANA | 54 | 154 | 00000542 | PRIYA SATPATHY |
| 15 | 115 | 00000403 | DEBASMITA DAS | 55 | 155 | 00000529 | PRIYANKA PRIYADARSINI PATI |
| 16 | 116 | 00000379 | DHARMENDRA KUMAR | 56 | 156 | 00000465 | RAKESH KUMAR MISHRA |
| 17 | 117 | 00000580 | DIPTIMAYEE SATAPATHY | 57 | 157 | 00000533 | RAKESH SANTOSH KUMAR PAL |
| 18 | 118 | 00000443 | DR ARUNIMA DALEI | 58 | 158 | 00000486 | RATIKANTA BEHERA |
| 19 | 119 | 00000436 | DR ASHISH KUMAR SHRIVASTAVA | 59 | 159 | 00000566 | RUNU ACHARYA |
| 20 | 120 | 00000353 | DR BINDU REKHA SARANGI | 60 | 160 | 00000245 | SAGARIKA MISHRA |
| 21 | 121 | 00000358 | DR DEBADATTA SUCHARITA JENA | 61 | 161 | 00000546 | SANKARSAN SAHOO |
| 22 | 122 | 00000534 | DR MADHUSMITA PATNAIK | 62 | 162 | 00000342 | SANTAPANI KHADANGA |
| 23 | 123 | 00000346 | DR PANKAJ SHUKLA | 63 | 163 | 00000541 | SASMITA MADHEI |
| 24 | 124 | 00000482 | DR RITARANI SAHOO | 64 | 164 | 00000327 | SASMITA MOHAPATRA |
| 25 | 125 | 00000363 | DR SASMITA RANI BEURA | 65 | 165 | 00000565 | SATYANARAYAN SWAIN |
| 26 | 126 | 00000374 | DR SUSANDHYA PRIYADARSANI PANI | 66 | 166 | 00000558 | SATYARANJAN RATH |
| 27 | 127 | 00000247 | GANESH KUMAR NEPAK | 67 | 167 | 00000569 | SATYASHREE PATNAIK |
| 28 | 128 | 00000551 | ITISHREE MOHAPATRA | 68 | 168 | 00000572 | SHANTA MEHER |
| 29 | 129 | 00000539 | JYOTIRMAYA BEHERA | 69 | 169 | 00000545 | SOMA BRAHMA |
| 30 | 130 | 00000437 | KAMAL KRUSHNA MAHARANA | 70 | 170 | 00000300 | SOMYARANJAN SAHOO |
| 31 | 131 | 00000340 | KAMAL LOCHAN SAHU | 71 | 171 | 00000425 | SOVAN KUMAR SETHY |
| 32 | 132 | 00000418 | LEENA RANI CHAND | 72 | 172 | 00000413 | SUJATA KUMARI CHOUDHURY |
| 33 | 133 | 00000562 | LOPAMUDRA MISHRA | 73 | 173 | 00000294 | SUKANTI SUCHARITA SARANGI |
| 34 | 134 | 00000537 | MADHUSMITA MAJHI | 74 | 174 | 00000577 | SUNIL KUMAR BEHERA |
| 35 | 135 | 00000556 | MADHUSMITA MOHAPATRA | 75 | 175 | 00000350 | SUNITA KUMARI MAHARANA |
| 36 | 136 | 00000528 | MADHUSMITA SAHOO | 76 | 176 | 00000494 | SUNITA MAJHI |
| 37 | 137 | 00000257 | MADHUSUDAN SAHOO | 77 | 177 | 00000349 | SWARUP RANJAN SAHOO |
| 38 | 138 | 00000293 | MAHABAHU NAYAK | 78 | 178 | 00000531 | TRUPTI LAXMI SWAIN |
| 39 | 139 | 00000552 | MAHENDRA NILAKANTHA DHARUA | 79 | 179 | 00000553 | UNMESH KARAN |
| 40 | 140 | 00000400 | MINATI SAMAL | 80 | 180 | 00000561 | V REKHA |

OIPR-12002/11/0049/2122

> ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। –ଶ୍ରୀମା

# ଆଫଗାନିସ୍ତାନ ଓ ଦୁଇ ମହାଶକ୍ତି



ଡଜୋମାର୍ଟ ଓଟୋର୍ବାଏଭ୍

ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଫଗାନିସ୍ତାନର ସାମ୍ପ୍ରତିକ ପରିସ୍ଥିତି ଉପରେ ଚିନ୍ତିତ ଥିବା ଭଳି ମନେହେଉଛି। ଜୁନ୍ ୧୬ ଜେନେଭା ଶିଖର ସମ୍ମିଳନୀରେ ସେ ଆଫଗାନିସ୍ତାନ ସଙ୍କଟ ଉପରେ ଏକ ସମନ୍ୱିତ ପଦକ୍ଷେପକୁ ଦୃଷ୍ଟିରେ ରଖି ତାଜିକସ୍ତାନ ଓ କିରଗିଜସ୍ତାନରେ ଥିବା ରୁଷିଆର ସାମରିକ ଘାଟିକୁ ବ୍ୟବହାର କରିବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ପ୍ରସ୍ତାବ ଦେଇଛନ୍ତି। ଯଦିଓ ପୁଟିନ୍ ତଥା ରୁଷିଆ ସରକାରଙ୍କ ଏହି ଉଦ୍ଦେଶ୍ୟ ଅନ୍ୟର ହିତ ପାଇଁ ଉଦ୍ଦିଷ୍ଟ। ତଥାପି ଆମେରିକା ତାଜିକସ୍ତାନ ଓ କିରଗିଜସ୍ତାନରେ ତା'ନିଜସ୍ୱ ବେସ୍ ବା ଘାଟି ନିର୍ମାଣ ନ କରୁ ବୋଲି ରୁଷିଆ ଚାହେଁ। କିନ୍ତୁ ପୁଟିନଙ୍କ ପ୍ରସ୍ତାବ ବେଶ୍ ଆକର୍ଷକ ଏବଂ ବାଇଡେନ ଏହାକୁ ସହଜରେ ଗ୍ରହଣ କରିପାରନ୍ତି ବୋଲି ଆଶା କରାଯାଇପାରେ।

କେନ୍ଦ୍ର ଏସିଆର ଆୟତନ ରୁଷିଆ ଓ ଚାଇନା ମଧ୍ୟରେ ଥିବା ୟୁରୋପୀୟ ସଂଘର ଆକାର ସହ ପ୍ରାୟ ସମାନ। କିନ୍ତୁ ଏହା ଆନ୍ତର୍ଜାତିକ ସ୍ତରରେ ମୁଖ୍ୟ ଖବରକୁ ଆସିପାରେ ନାହିଁ। ଏହାର କାରଣ ହେଉଛି ଖରାପ ଖବର, ହିଂସା ଓ ଆଫଗାନିସ୍ତାନର ଅସ୍ଥିରତା। ଆଫଗାନିସ୍ତାନରୁ ଅବଶିଷ୍ଟ ଆମେରିକୀୟ ସୈନ୍ୟଙ୍କୁ ଫେରାଇ ନେବା ଲାଗି ବାଇଡେନ୍‌ଙ୍କ ନିଷ୍ପତ୍ତି ୨୦ ବର୍ଷର ଯୁଦ୍ଧର ଅବସାନ ଘଟାଇବ। ଏହି ଯୁଦ୍ଧରେ ଆମେରିକାର ୨.୩ ଟ୍ରିଲିୟନ ଡଲାର କ୍ଷତି ହୋଇଥିଲେ ମଧ୍ୟ ତା'ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛି। ଏବେ ଆଫ୍‌ଗାନିସ୍ତାନରେ ଚାଲିଥିବା ତାଲିବାନଙ୍କ ଆକ୍ରମଣ ଯୋଗୁ ସ୍ଥିତି ଗୃହଯୁଦ୍ଧ ଆଡକୁ ଗତିକରିବା ସହ ନିଶା କାରବାର, ସମୂହ ସ୍ଥାନାନ୍ତର ଓ ପଡ଼ୋଶୀ ଦେଶକୁ ଇସ୍‌ଲାମିକ ମୌଳବାଦର ପ୍ରସାର ହେବ ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି।

ଆଫ୍‌ଗାନିସ୍ତାନରେ ଆମେରିକା ନେତୃତ୍ୱରେ ସଂଗଠିତ ଯୁଦ୍ଧର ପରିଣାମ ଅତି ଭୟଙ୍କର। ସରକାରୀ ତଥ୍ୟ ମୁତାବକ ୨୦୦୧ ପରଠାରୁ ଆଫ୍‌ଗାନିସ୍ତାନରେ ୨,୩୧୨ ଆମେରିକୀୟ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦,୬୬୬ ଆହତ ହୋଇଛନ୍ତି। ଏହା ବ୍ୟତୀତ ୩,୮୦୦ରୁ ଊର୍ଦ୍ଧ୍ୱ ଘରୋଇ ସୁରକ୍ଷା କଣ୍ଟ୍ରାକ୍ଟରଙ୍କ ଜୀବନ ଯାଇଛି। କିନ୍ତୁ ଆଫଗାନ୍‌ବାସୀ ସବୁଠୁ ବେଶି ଯନ୍ତ୍ରଣା ଭୋଗିଛନ୍ତି। ବ୍ରାଉନ୍ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା 'କଷ୍ଟ ଅଫ୍ ୱାର୍ ପ୍ରୋଜେକ୍ଟ' ଅନୁଯାୟୀ, ଏହି ଯୁଦ୍ଧରେ ଅତି କମ୍‌ରେ ୪୭,୨୪୫ ନାଗରିକ ଏବଂ ୬୬,୦୦୦ ଆଫଗାନ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ସଂଘର୍ଷ ଯୋଗୁ ମୋଟରେ ୨.୭ ମିଲିୟନ ଲୋକ ଦେଶ ଛାଡି ମୁଖତଃ ପାକିସ୍ତାନ, ଇରାନ ଏବଂ ୟୁରୋପକୁ ଚାଲିଯିବାକୁ ବାଧ୍ୟ ହୋଇଛନ୍ତି। ଏହି ଯୁଦ୍ଧରେ ଆଫଗାନିସ୍ତାନର ୪୦ ମିଲିୟନ ଲୋକଙ୍କ ମଧ୍ୟରୁ ୩.୫ ମିଲିୟନରୁ ଅଧିକ ଲୋକ ଦେଶ ଭିତରେ ବିସ୍ଥାପିତ ହୋଇଛନ୍ତି।

ଆମେରିକା ସୈନ୍ୟ ପ୍ରତ୍ୟାହାର ପ୍ରାୟତଃ ଶେଷ ହୋଇଥିବାବେଳେ, ବାଇଡେନ ପ୍ରଶାସନ ପ୍ରକାଶ କରିଛି ଯେ, ତାଲିବାନ ଓ ଅନ୍ୟ ଇସ୍‌ଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀ ବିରୋଧୀ ଲଢ଼େଇରେ ଦୂରରେ ରହି ସେ ଆଫଗାନ ସରକାରଙ୍କୁ ସମର୍ଥନ ଦେବ। କିନ୍ତୁ ନିଜସ୍ୱ ଆଞ୍ଚଳିକ ସ୍ଥିତି ବା ଆଧାର ପ୍ରତିଷ୍ଠା କରିବାକୁ ହେଲେ ସୈନ୍ୟ, ଡ୍ରୋନ୍, ଲଢୁଆ ବିମାନ ଏବଂ ଆର୍ଟିଲାରୀ ରଖିବାକୁ ଆମେରିକା ପାଇଁ ଘାଟି ଦରକାର। ଆଫ୍‌ଗାନିସ୍ତାନର ପଡ଼ୋଶୀ ଦେଶ ମଧ୍ୟରେ ଇରାନ ଓ ଚାଇନା କୌଣସି ପରିସ୍ଥିତିରେ ସେମାନଙ୍କ ଜମିରେ ଆମେରିକା ଘାଟିକୁ ଅନୁମତି ଦେବେ ନାହିଁ। ପାକିସ୍ତାନ ମଧ୍ୟ ରୋକଠୋକ ମନା କରିଦେଇଛି। କିନ୍ତୁ ପୂର୍ବରୁ ଆଫ୍‌ଗାନିସ୍ତାନର ଉତ୍ତରରେ ଥିବା କେନ୍ଦ୍ର ଏସିଆର କେତେକ ପଡୋଶୀ ରାଷ୍ଟ୍ରରେ ଆମେରିକାର ବୃହତ ଏୟାର୍‌ବେସ ବା ବାୟୁସେନା ଘାଟି ଥିଲା । ୨୦୦୧ରୁ ୨୦୧୪ ମଧ୍ୟରେ କିର୍‌ଗିଜସ୍ତାନର ମନାସ୍ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ୨୦୦୧ରୁ ୨୦୦୫ ମଧ୍ୟରେ ଉଜବେକିସ୍ତାନର କର୍ଶି ଖାନାବାଦ ଏୟାରବେସ୍‌ରେ ଆମେରିକାର ବାୟୁସେନା ଘାଟି ରହିଥିଲା। ମନାସରେ ଆମେରିକା ରହିବାର ଶେଷ ବର୍ଷରେ ମୁଁ କିର୍‌ଗିଜସ୍ତାନର ଉପ ପ୍ରଧାନମନ୍ତ୍ରୀ ଥିଲି। ଘାଟି ବ୍ୟବସ୍ଥା କରିବାର ଯୋଜନାରେ ରୁଷିଆର ଉକ୍ତ ରଣନୀତି ଅତୀତରେ କେନ୍ଦ୍ର ଏସିଆରେ ପୁଟିନ୍ ଓ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କ ମଧ୍ୟରେ ହୋଇଥିବା ବ୍ୟକ୍ତିଗତ ଚୁକ୍ତି ସହ ସାମଞ୍ଜସ୍ୟ ରହିଥିବା ମନେ ହେଉଛି। ଏବେ ପୁଟିନ ସେଭଳି ପ୍ରସ୍ତାବ ବାଇଡେନ୍‌ଙ୍କୁ ଦେଇଛନ୍ତି।

ଆମେରିକା ପାଖରେ ଯଦି କିଛି ବିକଳ୍ପ ରହିଛି ତେବେ ତାହା ବହୁତ କମ୍ ବୋଲି କୁହାଯାଇପାରେ। କେନ୍ଦ୍ର ଏସିଆରେ ଆମେରିକା ପୁଣି ତାହାର ସ୍ଥିତି ଜାହିର କରିବାର ଯୋଜନାକୁ ରୁଷୀୟବାସୀ ଦୃଢ ବିରୋଧ କରୁଛନ୍ତି। ରୁଷିଆ ସରକାର ମଧ୍ୟ କେନ୍ଦ୍ର ଏସୀୟ ଦେଶଗୁଡ଼ିକୁ ସତର୍କ କରି ଦେଇଛନ୍ତି ଯେ ଆଫଗାନିସ୍ତାନ ପରିସ୍ଥିତିକୁ ଆୟତ୍ତ କରିବା ବଦଳରେ ରୁଷିଆ, ଚାଇନା ଏବଂ ଇରାନକୁ ରୋକିବା ବା ନିୟନ୍ତ୍ରଣ କରିବାକୁ ଆମେରିକା ଅଧିକ ଆଗ୍ରହୀ ରହିଛି। ନିକଟରେ ମସ୍କୋରେ ଉଚ୍ଚପାହ୍ୟା ତାଲିବାନ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନାରେ ରୁଷିଆ ପୁଣି ତା'ର ସ୍ଥିତି ମଜଭୁତ କରିଛି। ତାଲିବାନ ଗୋଷ୍ଠୀ କେନ୍ଦ୍ର ଏସିଆ ଦେଶଗୁଡ଼ିକର ସୀମା ଅତିକ୍ରମ କରିବେ ନାହିଁ ବୋଲି କଥା ଦେଇଛନ୍ତି। ଏହାବାଦ୍ ସେମାନେ ଆଫଗାନିସ୍ତାନରେ ଡ୍ରଗ ଉତ୍ପାଦନ ବନ୍ଦ କରିବାକୁ କହିଛନ୍ତି। ଠିକ୍ ଏହି ସମୟରେ ପୂର୍ବରୁ ଆମେରିକା ସେନାକୁ ସହଯୋଗ କରିଥିବା ତଥା ବିପଦରେ ଥିବା ୧୦,୦୦୦ ଆଫଗାନଙ୍କୁ ସ୍ଥାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବାଇଡେନ ପ୍ରଶାସନର ଅନୁରୋଧକୁ ତିନୋଟି କେନ୍ଦ୍ର ଏସୀୟ ଦେଶ କାଜାଖସ୍ତାନ, ତାଜିକସ୍ତାନ ଏବଂ ଉଜ୍‌ବେକିସ୍ତାନ ଗ୍ରହଣ ନ କରିବାର ଅଧିକ ସମ୍ଭାବନା ରହିଛି। ନିକଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମତ ଦେଇଛନ୍ତି ଯେ, ଆଫ୍‌ଗାନିସ୍ତାନରେ ଆମେରିକା ନେତୃତ୍ୱରେ କରାଯାଇଥିବା ଆକ୍ରମଣର ପ୍ରତିକୂଳ ପ୍ରଭାବ ତାଙ୍କ ଦେଶ ଉପରେ ପଡ଼ିଛି। ଏହା ଯୋଗୁ ତାଙ୍କ ଦେଶ ୨.୭ ମିଲିୟନ ଆଫ୍‌ଗାନ ଶରଣାର୍ଥୀଙ୍କୁ ପୋଷୁଛି। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଅନ୍ୟ କେନ୍ଦ୍ର ଏସୀୟ ନେତାମାନଙ୍କୁ ପ୍ରଭାବିତ କରିଛି। ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ୍ ଜୁନ ମଧ୍ୟଭାଗରେ ସିଧାସଳଖ କହିଥିଲେ ଯେ, ଆମର କୌଣସି ସହଯୋଗୀ ଦେଶ (କେନ୍ଦ୍ର ଏସିଆରେ) ଏଭଳି ଏକ ବିପଦ ସମୟରେ ସେମାନଙ୍କ କ୍ଷେତ୍ରକୁ ଖୋଲା ରଖିବା ଏବଂ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେମାନଙ୍କ ଉଦ୍ଦେଶ୍ୟ କ'ଣ ରହିଛି ସେ ସମ୍ପର୍କରେ ଘୋଷଣା କରିନାହାନ୍ତି।

ସମସ୍ତେ ଜାଣନ୍ତି, କେବଳ ପୁଟିନ ହିଁ ଏବକାର କଠିନ ସ୍ଥିତିକୁ ସମାଧାନ କରି ପାରିବେ ଏବଂ ଜେନେଭା ସମ୍ମିଳନୀରେ ସେ ଏଥିପାଇଁ ପ୍ରଥମ ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଦୁଇ ମହାଶକ୍ତି ରୁଷିଆ ଓ ଆମେରିକା ବିନା ରାଷ୍ଟ୍ରପତି ସ୍ତରୀୟ ଆଲୋଚନାରେ ଅନ୍ୟ ସମସ୍ୟାଗୁଡ଼ିକରେ ସହମତି ପ୍ରକାଶ କରିଥିଲେ। ଆଫ୍‌ଗାନିସ୍ତାନ ପରିସ୍ଥିତିରେ ସ୍ପଷ୍ଟତଃ ଏକ ମୁହାଁମୁହିଁ ଆଲୋଚନାର ଆବଶ୍ୟକତା ରହିଛି। ବାଇଡେନ ମଧ୍ୟ ଭଲ ଭାବେ ଅନୁଭବ କରିଛନ୍ତି ଯେ ଆଫ୍‌ଗାନିସ୍ତାନରେ ଏବେ ଆମେରିକା ଉପସ୍ଥିତି ଜାରି ରଖିବାର ଚାବିକାଠି ରୁଷିଆ ସରକାରଙ୍କ ପାଖରେ ରହିଛି।

ସମ୍ମିଳନୀର କାର୍ଯ୍ୟସୂଚୀରେ ସାଇବର ଗୁପ୍ତଚରୀ କାର୍ଯ୍ୟ, ୟୁକ୍ରେନ, ଇରାନ ଏବଂ ସିରିଆ ସମସ୍ୟା ଉପରେ କ'ଣ ହେବ ତାହା ଆଗରୁ ଅନୁମାନ କରାଯାଇଥିଲା ଏବଂ କୌଣସି ଆଖିଦୃଶିଆ ଫଳାଫଳ ପ୍ରକାଶ ପାଇପାରିଲା ନାହିଁ। ଆଫ୍‌ଗାନିସ୍ତାନରେ ରୁଷିଆ ଓ ଏହାର ସହଯୋଗୀଙ୍କୁ ସହଯୋଗ କରିବ କି ନାହିଁ ସେ ସମ୍ପର୍କରେ ଏବେ ବାଇଡେନ୍ ପ୍ରଶାସନ ନିଷ୍ପତ୍ତି ନେବା ଉଚିତ। ଆମେରିକା ସରକାରଙ୍କୁ ଭାବମୂର୍ତ୍ତି ରକ୍ଷା କରିବା ଲାଗି ପୁଟିନଙ୍କ ପ୍ରସ୍ତାବ ସୁଯୋଗ ଦେଇପାରେ। ଏହାବାଦ୍ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହର କରିବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ମଳିନ ପଡି ଆସୁଥିବା ଖ୍ୟାତିକୁ ଆମେରିକା ମଜଭୁତ କରିପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଦୀର୍ଘଦିନ ହେବ ଯନ୍ତ୍ରଣା ଭୋଗି ଆସୁଥିବା ଆଫ୍‌ଗାନିସ୍ତାନ ପାଇଁ ଉଭୟେ ଆମେରିକା ଓ ରୁଷିଆ ଏକ ଯୁଦ୍ଧ ଓ ଅରାଜକତା ମୁକ୍ତ ଭବିଷ୍ୟତକୁ ନିଶ୍ଚିତ କରିବା ଦରକାର।

**ପୂର୍ବତନ ପ୍ରଧାନମନ୍ତ୍ରୀ, କିରଗିଜସ୍ତାନ**

## ଅନାଥ ଶିଶୁଙ୍କ ଭବିଷ୍ୟତ



ଅଭିମନ୍ୟୁ ଧଳ

କୋଭିଡ୍ ମହାମାରୀ ସମୟରେ ଅନାଥ ଶିଶୁମାନଙ୍କର ହୃଦୟଫଟା ଦୃଶ୍ୟ ଓଡ଼ିଶା କାହିଁକି, ସମଗ୍ର ଦେଶରେ ଦେଖିବାକୁ ମିଳୁଛି। ମହାମାରୀ ଯୋଗୁ ଅନାଥ ହୋଇଥିବା ଶିଶୁଙ୍କ ବାବଦରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ପକ୍ଷରୁ ସୁପ୍ରିମକୋର୍ଟରେ ତଥ୍ୟ ଦାଖଲ କରାଯାଇଛି। ଯେଉଁ ସମୟରେ ସେମାନଙ୍କର ଖେଳ ଓ ପାଠରେ ସମୟ ବିତିବା କଥା, ସେହି ବୟସରେ ସେମାନେ ବଞ୍ଚିବା ପାଇଁ ସଂଘର୍ଷ ଆରମ୍ଭ କରିଦେଇଛନ୍ତି। ସେମାନଙ୍କ ଭବିଷ୍ୟତ କ'ଣ ହେବ, ତାହା ଏବେ ବି ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର କହିଛନ୍ତି, ମହାମାରୀରେ ନିଜର ମା'ବାପାଙ୍କୁ ହରାଇଥିବା ପିଲାମାନଙ୍କର ଅଭିଭାବକ ହେବେ ଜିଲାପାଳ। ଅନ୍ୟପକ୍ଷରେ ଶିଶୁମାନଙ୍କର ପୁନର୍ବାସ ଉଚିତ ଢଙ୍ଗରେ ତଥା ଜୁଭେନାଇଲ୍ ଜଷ୍ଟିସ ଆକ୍ଟ–୨୦୧୫ ଅନୁସାରେ କରିବେ। ଏଥିସହିତ ଜିଲାସ୍ତରରେ ବହୁ ବିଭାଗୀୟ ଟାସ୍କଫୋର୍ସ ଗଠନ ତଥା ଏସବୁ ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ କାର୍ଯ୍ୟ କରିବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ୍‌ରେ ରାଜ୍ୟ ସରକାର, ହସ୍ପିଟାଲ, ପଞ୍ଚାୟତିରାଜ ସଂସ୍ଥା ଓ ପୌରପାଳିକାଗୁଡ଼ିକ ପାଇଁ ଦାୟିତ୍ୱ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି, ଚାଇଲ୍ଡ ୱେଲ୍‌ଫେୟାର କମିଟିର ଯୋଗାଯୋଗ ନମ୍ବର ଓ ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବର ୧୦୯୮ କୁ ବ୍ୟାପକ ରୂପେ ପ୍ରଚାର କରାଯାଉ, ଶିଶୁମାନଙ୍କର ମନୋବୈଜ୍ଞାନିକ ସହାୟତା ପାଇଁ ସାଇକାଟ୍ରିଷ୍ଟଙ୍କ ସହିତ ପିଲାମାନଙ୍କର କଥାବାର୍ତ୍ତା କରାଇବାକୁ ପଡ଼ିବ।

ସରକାରଙ୍କ ନିୟମ ଅନେକ କ୍ଷେତ୍ରରେ କଚ୍ଛପ ଗତିରେ ଚାଲିଥାଏ। ଏପରି ହେଲେ ମା'ବାପାଙ୍କୁ ଶୈଶବରେ ହରାଇଥିବା ପିଲାଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିବ। କେତେକ କ୍ଷେତ୍ରରେ ଦେଖାଯାଏ, ଏହି ଅନାଥ ଶିଶୁଙ୍କ ସମ୍ପତ୍ତି ହାତେଇବା ପାଇଁ କେତେକ ନିକଟ ସମ୍ପର୍କୀୟ ପିଲାମାନଙ୍କ ଦାୟିତ୍ୱ ନେଇଥା'ନ୍ତି। ଏପରିକି ଏମାନଙ୍କୁ ଶିଶୁ ଶ୍ରମିକ କରାଇବାର ଅନେକ ଉଦାହରଣ ରହିଛି। ସେଥିପାଇଁ ସମ୍ପୃକ୍ତ ଅଞ୍ଚଳର ସିଡିପିଓଙ୍କୁ ସେ ଦାୟିତ୍ୱ ଦିଆଯାଇଛି। କୋଭିଡ୍ ଅନାଥଙ୍କୁ ବିକୁଛନ୍ତି ଦଲାଲ। ସୋସିଆଲ ମିଡିଆରେ ଏହି ର୍‍ୟାକେଟ୍ ସକ୍ରିୟ ହୋଇଛି। ନଗଦ ରାଶି ବଦଳରେ ସେମାନଙ୍କୁ ଚାଲାଣ କରିବା ଲାଗି ଏକ ବଡ଼ଧରଣର ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି। ଅନାଥ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଗତ କିଛି ଦିନ ହେବ ଜୋରସୋରରେ ପ୍ରୟାସ ମଧ୍ୟ ଆରମ୍ଭ ହୋଇଯାଇଛି। ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ନୋବେଲ୍ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀଙ୍କ ଏନ୍‌ଜିଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ସେନ୍‌ଗର କହିଛନ୍ତି, ବେଆଇନ ଭାବେ ପିଲାଙ୍କୁ ପୋଷ୍ୟ ରୂପେ ଗ୍ରହଣ କରାଯାଉଥିବା ବିଷୟରେ ଜାତୀୟ ମାନବାଧିକାର କମିଶନ, ଶିଶୁ ସୁରକ୍ଷା କମିଟି ଓ ତଦନ୍ତ ଏଜେନ୍ସି ଗୁଡ଼ିକୁ ସୂଚନା ଦିଆଯାଇଛି। ସଂଯୋଗ ନାମକ ଏକ ଏନ୍‌ଜିଓ ଅନୁସାରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ପିଲାଙ୍କୁ ଗୋଟି ଶ୍ରମିକ ଓ କନ୍ୟା ସନ୍ତାନମାନଙ୍କୁ ବେଶ୍ୟାବୃତ୍ତି କରିବାକୁ ବାଧ୍ୟ କରାଯାଉଛି। ପାଟ୍‌ନାର ଏକ ଏନ୍‌ଜିଓ ସେଣ୍ଟର ଡାଇରେକ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ କୁମାର କୁହନ୍ତି, ମହାମାରୀରେ ମାନବ ଚାଲାଣ ଏକ ସଂଗଠିତ, କିନ୍ତୁ ଲୁଚି ରହିଥିବା ଅପରାଧ। ଏହି ସଂସ୍ଥା ଜୟପୁରର ଏକ କାଚ କାରଖାନାରୁ ୫୦୦ ଶିଶୁଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ମଧ୍ୟରୁ ୬ ଜଣ ପିଲାଙ୍କ ମାତାପିତା କରୋନାରେ ପ୍ରାଣ ହରାଇଥିଲେ।

କରୋନାକୁ ବାଦ୍‌ଦେଇ ଜଟିଳ ରୋଗ, ଆକସ୍ମିକ ଦୁର୍ଘଟଣାରେ ପ୍ରାଣ ହରାଉଥିବା ମାତାପିତା କିମ୍ବା ସେମାନଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କଲେ ଘରର ଦୁଃସ୍ଥିତି ନେଇ ଶିଶୁମାନେ ଏକପ୍ରକାର ବିକ୍ରି ହୋଇ ଯାଉଛନ୍ତି। ଅବାଞ୍ଛିତ ସନ୍ତାନ, ସନ୍ତତିଙ୍କୁ ରାସ୍ତାକଡ଼ର ଶୁଆଇଦେବା, ଡାକ୍ତରଖାନାରେ ଛାଡ଼ିଦେଇ ଆସିବା ଭଳି ଅନେକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଯଦିଓ ଏମାନଙ୍କୁ ଚାଇଲ୍ଡଲାଇନ୍ ମାଧ୍ୟମରେ ବିଭିନ୍ନ ଅନାଥାଶ୍ରମରେ ରଖାଯାଉଛି। ଏହିଥିରୁ ପୋଷ୍ୟଭାବେ କେତେକ ଦମ୍ପତି ଗ୍ରହଣ କରୁଛନ୍ତି। ପରନ୍ତୁ ଯେଉଁମାନେ ରହିଗଲେ, ସେମାନଙ୍କ ବଞ୍ଚିବା ପାଇଁ ନିଯୁକ୍ତି ହେଉ ଅବା ଆତ୍ମନିଯୁକ୍ତି ହେଉ ବ୍ୟବସ୍ଥା କରିବା ଦରକାର। ୨୪ ବର୍ଷ ହେବ ରାଜ୍ୟରେ ଶିଶୁ ଶ୍ରମିକ ଗଣତି ହୋଇନାହିଁ। ୧୯୯୭ ସର୍ଭେରେ ୨.୫ ଲକ୍ଷ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ। ଏହାର ଠିକ୍ ତର୍ଜମା ହେଲେ ଶିଶୁ ଶ୍ରମିକଙ୍କ ମଧ୍ୟରେ କେତେ ଅନାଥ ଅଛନ୍ତି ଜଣାପଡ଼ିବ। ସେମାନଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇନେଲେ ସେମାନେ ମା'ବାପାଙ୍କ ଅନୁପସ୍ଥିତି କଷ୍ଟରୁ ରକ୍ଷାପାଇବେ। ଆଇନ ଅନୁସାରେ ଅନାଥ ଶିଶୁଙ୍କୁ କୋଳେଇନେବା ମହତ୍ କାର୍ଯ୍ୟ। ଏମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା, ଏନ୍‌ଜିଓ, ସମାଜସେବୀ ସର୍ବୋପରି ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ରମର ଠିକ୍ ରୂପାୟନ କଲେ ହଜିଯାଇଥିବା ଏମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇ ଉଠିବ।

ମୋ: ୯୮୬୧୦୪୮୦୫୨

## ଏଇ ଭାରତରେ

ଜୈବିକ କୃଷିର ଆକର୍ଷଣ କେତେ ତାହା ସ୍ପଷ୍ଟ ହୋଇଛି ତାମିଲନାଡୁର ଏସ୍. ଜୟଲକ୍ଷ୍ମୀଙ୍କ କ୍ଷେତ୍ରରେ। ସେ କାନାଡ଼ାରେ ୧୪ ବର୍ଷ ଚାକିରି କରିବା ପରେ ତାହା ଛାଡ଼ି ଭାରତ ଫେରି ଜୈବିକ ଚାଷ କରିବା ସହ ତାଙ୍କ ଅଞ୍ଚଳର ମହିଳାମାନଙ୍କୁ ଏହି ଚାଷ କରିବାକୁ ଉତ୍ସାହିତ କରୁଛନ୍ତି। ୧୯୯୨ରେ ଜୟଲକ୍ଷ୍ମୀ ଚେନ୍ନାଇ ଫେରିବା ପରେ ପ୍ରଥମେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀଠାରୁ ୫ ଏକର ଜମି ଆଣି ଚାଷ ଆରମ୍ଭ କରିଥିଲେ। ଏଥିରେ କ୍ଷତି ହେବା ପରେ ସେ ଓହରି ଗଲେ, କିନ୍ତୁ ଚାଷର ଆକର୍ଷଣ ତାଙ୍କୁ ଛାଡ଼ିଲା ନାହିଁ। ତାଙ୍କ ସ୍ୱାମୀ ରୋଜଗାର ପାଇଁ କାନାଡ଼ା ଫେରିଗଲେ ମଧ୍ୟ ଜୟଲକ୍ଷ୍ମୀ ତାଙ୍କ ଝିଅ ସହ ଭାରତରେ ରହି ଚାଷ କରିବାକୁ ନିଷ୍ପତ୍ତି ନେଇ ୨୦୦୨ରେ ରାମକୃଷ୍ଣ ଆଶ୍ରମ ମିଶନ୍ ସ୍କୁଲର ଡ. ଶନମୁଗା ସୁନ୍ଦରମ୍‌ଙ୍କ ସହାୟତାରେ ୩ ଏକର ଜମିରେ ପୁଣି ଚାଷ କଲେ। ଏଥର ସଫଳ ହେଲେ ଓ ଚାଷ ୧୦ ଏକରକୁ ବଢ଼ାଇଲେ। ଜୟଲକ୍ଷ୍ମୀ ଧାନ ସହ ବିଭିନ୍ନ ପ୍ରକାର ପରିବା, ଶାଗ, ଫଳ ଚାଷ କରୁଛନ୍ତି। ସେ ୭୫ ପ୍ରକାର ଦେଶୀ ଧାନ ଚାଷ କରୁଛନ୍ତି ଓ ଏହାର ବିହନ ଚାଷୀମାନଙ୍କୁ ଦେଉଛନ୍ତି। ବିଭିନ୍ନ ପରିବେଶ ଉପଯୋଗୀ କାର୍ଯ୍ୟରେ ଜଡ଼ିତ ଚେନ୍ନାଇର ଆରୁଲପିୟା କୁମାରଙ୍କ ସହ ମିଶି ଏବେ କେମିକାଲମୁକ୍ତ କୃଷି ଉତ୍ପାଦର ମାର୍କେଟିଂ କରୁଛନ୍ତି। ଉତ୍ପାଦଗୁଡ଼ିକୁ ଚେନ୍ନାଇରେ ବହୁ ଲୋକଙ୍କ ଘରେ ପହଞ୍ଚାଉଛନ୍ତି। ଜୟଲକ୍ଷ୍ମୀ 'ନାମ୍ମା ଭୂମି' ଗଠନ କରି ଏହି ବ୍ରାଣ୍ଡ୍‌ରେ ଚେନ୍ନାଇରେ କେମିକାଲମୁକ୍ତ ଖାଦ୍ୟ ବିକ୍ରି କରୁଛନ୍ତି। କେମିକାଲମୁକ୍ତ ଜୀବନଶୈଳୀର ବାର୍ତ୍ତା ମଧ୍ୟ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

ୀ DHARITRI

୩୦ ଜୁଲାଇ ୧୯୯୬

- ପରିତ୍ୟକ୍ତ ଶିଶୁମାନଙ୍କର ଯତ୍ନ ଓ ସେମାନଙ୍କର ଥଇଥାନ ନିମନ୍ତେ ମାଲେସିଆ ସରକାର ଦେଶରେ ଏକ ବେବି ବ୍ୟାଙ୍କ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି।
- ନ୍ୟାସନାଲ କନ୍‌ଫରେନ୍ସ ସହ ମେଣ୍ଟ ଗଠନ ନିଷ୍ପତ୍ତିର ପ୍ରତିବାଦ କରି ଜନତା ଦଳରୁ ବରିଷ୍ଠ ନେତା ମହମ୍ମଦ ସୟିଦଙ୍କ ଇସ୍ତଫା ପ୍ରଦାନ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତଛାଡ଼ ଅନ୍ଦୋଳନର ମହାନ ନେତ୍ରୀ ଅରୁଣା ଆସଫ ଅଲ୍ଲୀଙ୍କ ୮୮ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | 3 | | 9 | | |
| 7 | | | | | 5 | | | 8 |
| 9 | | | 6 | | | | | |
| | | | 5 | 4 | | | 1 | |
| 8 | | | | | | | | |
| 2 | | | | | | 5 | | 9 |
| | | 4 | | | | | 3 | |
| 1 | 9 | | | 7 | | | | 2 |
| | 7 | | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 1 | 6 | 9 | 3 | 7 | 4 |
| 1 | 6 | 7 | 3 | 5 | 4 | 9 | 8 | 2 |
| 3 | 9 | 4 | 8 | 2 | 7 | 1 | 6 | 5 |
| 6 | 3 | 1 | 4 | 8 | 5 | 7 | 2 | 9 |
| 7 | 4 | 8 | 9 | 3 | 2 | 6 | 5 | 1 |
| 9 | 5 | 2 | 6 | 7 | 1 | 8 | 4 | 3 |
| 4 | 7 | 9 | 5 | 1 | 6 | 2 | 3 | 8 |
| 8 | 1 | 6 | 2 | 4 | 3 | 5 | 9 | 7 |
| 5 | 2 | 3 | 7 | 9 | 8 | 4 | 1 | 6 |

ଗତକାଲିର ଉତ୍ତର

# ଜନମାନସିକତା ରାଷ୍ଟ୍ରର ଶକ୍ତି



ଉପେନ୍ଦ୍ର ବିଶ୍ୱାଳ

ସୋମାଲିଆ ପରି ଇଥିଓପିଆ ଥିଲା କଙ୍କାଳକାୟ ମଣିଷଙ୍କର ଭାଗ୍ୟହୀନ ଭୂମି। ଆଜି ଦୁର୍ଯୋଗ ବିରୋଧରେ ଲଢ଼େଇ କରି ଇତିହାସ ରଚୁଛି ଇଥିଓପିଆ । ଏହା ୨୦୦୦ରେ ଗରିବ ଦେଶ ତାଲିକାର ଶୀର୍ଷ ଦ୍ୱିତୀୟ ସ୍ଥାନରେ ଥିଲା । ଏବେ ଦ୍ରୁତତମ ଅଭିବୃଦ୍ଧିର ଦେଶ। ଇଥିଓପିଆବାସୀଙ୍କ ମନରେ ଝୁଙ୍କ ଉଠିଲା ମାଟିକୁ ଗଢ଼ିବୁ, ଆଗକୁ ବଢ଼ିବୁ। ଏଇ ମାନସିକତା ରୂପ ନେଲା ଗଣ ମନସ୍ତତ୍ତ୍ୱରେ। ଗଣମନସ୍ତତ୍ତ୍ୱଟି ଗଣସଂକଳ୍ପ ଓ ସଂକଳ୍ପଟି ସାଧନାରେ ପରିଣତ ହେଲା। ତା'ପରେ ଖୋଜି ବସିଲା, ଦୁର୍ଦ୍ଦଶାର କାରଣ। ଦୁର୍ଭିକ୍ଷ, ସ୍ୱଳ୍ପ ବୃଷ୍ଟିପାତ ହିଁ ବ୍ୟଥା ଓ ବେଦନାର ଉତ୍ସ ବୋଲି ହୃଦୟଙ୍ଗମ କଲା। ଆଉ ଘଞ୍ଚ ବନାନୀ, ବୃକ୍ଷ ସମ୍ପଦ ହିଁ ଏହାର ପ୍ରାଥମିକ ଉପଚାର ବୋଲି ବିଚାର କଲା। ସେଇଠୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ପ୍ରାଧାନ୍ୟ ଦେଲା ପର୍ଯ୍ୟାବରଣକୁ ବଳିଷ୍ଠ କରିବାକୁ, ଶ୍ୟାମଳିମାଭରା ଭୂମିଟିଏ ଗଢ଼ିବାକୁ। ପଥପାର୍ଶ୍ୱରୁ ପ୍ରାନ୍ତର, ପର୍ବତ ଦେଶରୁ ନଦୀପଠା, ସବୁଠି ଚାଲିଲା ବ୍ୟାପକ ବୃକ୍ଷରୋପଣ। ବଢ଼ିବାକୁ ଲାଗିଲା ବୃଷ୍ଟିପାତର ପରିମାଣ, ଭୂତଳ ଜଳସ୍ତର। ବଢ଼ିଲା ବି ଶସ୍ୟ ଉତ୍ପାଦନ। ସବୁଜିମାଭରା ଇଥିଓପିଆ ସାଉଁଟି ଚାଲିଲା ସୁଖ ଓ ସମୃଦ୍ଧି।

ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ଗତ ୨୦୦୦ରେ ଦାରିଦ୍ର୍ୟ ସୀମାରେଖା ତଳେ ଶତକଡ଼ା ୫୫ ଭାଗରୁ ଅଧିକ ଲୋକ ଥିଲାବେଳେ ବର୍ଷ କେଇଟା ପରେ ୨୦୧୧ବେଳକୁ ହ୍ରାସ ପାଇ ୩୦ଭାଗ, ୨୦୧୬ ବେଳକୁ ଆହୁରି ହ୍ରାସ ପାଇ ୨୪ଭାଗରେ ପହଞ୍ଚିଲା। ଆଜିର ଦିନରେ ୨୨ଭାଗ ପାଖାପାଖିରେ ପହଞ୍ଚିଛି। ଉତ୍କଟ ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ଦୈନିକ ପ୍ରାୟ ୭ଲକ୍ଷ ଲୋକ ଅକାଳମୃତ୍ୟୁକୁ ସାମ୍ନା କରୁଛନ୍ତି। ତନ୍ମଧ୍ୟରୁ ଶତକଡ଼ା ୧୨.୫ ଭାଗ ଭାରତୀୟ ଅଛନ୍ତି। ଇଥିଓପିଆ ବି ସେହି ସମସ୍ୟାରେ ସନ୍ତୁଳିତ ହେଉଥିଲା କାଲି। ଆଜି କିନ୍ତୁ ଅନେକ ସୁଧାର ଆସିଛି ସେଠି। ସେମିତି ବି କୁପୋଷଣ ଓ ଶିଶୁ ମୃତ୍ୟୁହାର ତା' ପାଇଁ ଥିଲା ଅନେକ ଆଶଙ୍କା ଓ ଆତଙ୍କର କାରଣ। ସେଥିରୁ ମୁକୁଳିବା ସହିତ ଶିଶୁ ମୃତ୍ୟୁହାରକୁ ଦୁଇ ତୃତୀୟାଂଶ ହ୍ରାସ କରିପାରିଛି ଆଜି ସେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, 'ଆମେ ଜାଗିଲେ – ଦେଶ ଜାଗିବ, ଆମେ ଗଢ଼ିବୁ ଦେଶର ଭାଗ୍ୟ'। ଏହି ମନୋଭାବ ଯୋଗୁ ଦେଶର ଜନସାଧାରଣଙ୍କ ମନରେ ଭରିଯାଇଛି ସକାରାତ୍ମକ ଭାବନା। ଏକମାତ୍ର ସ୍ୱପ୍ନ – ଶାନ୍ତି ଓ ସମୃଦ୍ଧି। ଏରିଟ୍ରିଆ ଆଦି ସୁଦାନ ଦେଶ ସହିତ ରହୁଥିବା ଶତ୍ରୁତା ମନୋଭାବ ଭୁଲି, ତାଙ୍କୁ ଶିଖାଇଛି ଶାନ୍ତିର ମନ୍ତ୍ର 'ଶାନ୍ତିରେ ରହିବା, ସମୃଦ୍ଧି କରିବା।' ଫଳତଃ ପଡ଼ୋଶୀ ସୋମାଲିଆ, କେନିଆ, ସୁଦାନ ଆଦି ଦେଶ ସହିତ ବିଦ୍ୱେଷର ବୋଝ ହଟି, ବଢ଼ିଛି ବନ୍ଧୁତ୍ୱର ଭାବ; ଯେଉଁଥିପାଇଁ କି ନାଇଜେରିଆ ପରେ ଆଫ୍ରିକାର ୨ୟ ବୃହତ୍ତମ ଲୋକସଂଖ୍ୟା (ସାଢ଼େ ଦଶ କୋଟି) ଓ ଘନ ଜନବସତିପୂର୍ଣ୍ଣ ହେଲେ ବି ଇସ୍‌ଲାମିକ ରାଷ୍ଟ୍ରଟିର ବାର୍ଷିକ ଅଭିବୃଦ୍ଧି ହାର ୮.୩ ଭାଗରୁ ଅଧିକ ବୋଲି ୨୦୧୭ ବିଶ୍ୱବ୍ୟାଙ୍କ ରିପୋର୍ଟ କୁହେ। ଯାହା କି ଭାରତ (୬.୬ ଭାଗ)ଠାରୁ ବେଶ୍ ଅଧିକ।

ଏହିପରି ଇଥିଓପିଆ ଆଜି ଅନେକ ଉପରକୁ ଉଠି ବିଶ୍ୱ ପାଇଁ ପାଲଟିଛି ପଥ ପ୍ରଦର୍ଶକ। ଜାତିସଂଘର ପରିବେଶ ମନ୍ତ୍ରଣାଳୟ ତରଫରୁ 'ଦୃଷ୍ଟାନ୍ତର ଦେଶ' ଭାବେ ସେ ଆଜି ସୂଚିତ ଓ ସମ୍ମାନିତ। ଇଥିଓପିଆ ପାଇଁ ଆହୁରି ସୌଭାଗ୍ୟ ସାବ୍ୟସ୍ତ ହୋଇଛନ୍ତି ୨୦୧୯ ନୋବେଲ ଶାନ୍ତି ପୁରସ୍କାର ବିଜୟୀ, ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲି । ତାଙ୍କର ସଫଳ ନେତୃତ୍ୱ ଓ ସଘନ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଯୋଗୁ ତ୍ୱରାନ୍ୱିତ ହୋଇଛି ପ୍ରଗତି। ୨୦୧୯ର ଜୁଲାଇରେ ଦେଶବାସୀଙ୍କୁ ଆହ୍ୱାନ ଦେଲେ ଗୋଟିଏ ଦିନରେ ବ୍ୟକ୍ତି ପିଛା ଦୁଇରୁ ଅଧିକ ଅର୍ଥାତ୍ ପ୍ରାୟ ୨୫ କୋଟି ବୃକ୍ଷରୋପଣର ଲକ୍ଷ୍ୟ ପୂରଣ କରିବାକୁ। ସମଗ୍ର ଦେଶବାସୀ ଏଥିରେ ଉଦ୍‌ବୁଦ୍ଧ ହୋଇ ଗୋଟିଏ ଦିନରେ ୩୫କୋଟି ବୃକ୍ଷରୋପଣ କରି ଇତିହାସ ରଚିଲେ। ବିଶ୍ୱବାସୀଙ୍କୁ ଭଲ ବାର୍ତ୍ତାଟିଏ ବି ବାଣ୍ଟିଲେ 'ଦୃଢ଼ ଇଚ୍ଛାଶକ୍ତି ଥିଲେ ଅସମ୍ଭବ ବି ସମ୍ଭବ ହୋଇପାରେ।'

ଅର୍ଥନୈତିକ ପ୍ରଗତି ସହିତ ସହନୀୟ ଓ ଦୀର୍ଘକାଳୀନ ବିକାଶକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ ଆଜି ତିନୋଟି 'ଆଇ' – ଇନୋଭେସନ, ଇନ୍‌ଫ୍ରାଷ୍ଟ୍ରକଚର ଓ ଇଣ୍ଡଷ୍ଟ୍ରି। ପ୍ରତିଟି ବ୍ୟକ୍ତିର କାର୍ଯ୍ୟକୁଶଳତା ବୃଦ୍ଧି, ଉତ୍ପାଦନ ଓ ବ୍ୟବହାରର ସମତୁଲ୍ୟତା ରକ୍ଷା ସହିତ ଦାରିଦ୍ର୍ୟହୀନ ଦେଶଟିଏ ଗଢ଼ିବା ସଂକଳ୍ପ ନେଇ ସେ କାର୍ଯ୍ୟରତ। ଫଳତଃ ଗୋଟିଏ ପଟେ କୋଟି କୋଟି ସଂଖ୍ୟାର କୋଟିପତି ତ ଅନ୍ୟପଟେ ବୁଭୁକ୍ଷୁଙ୍କ ଭିଡ଼, ଭାରତ ପରି ଦେଖିବାକୁ ମିଳେ ନାହିଁ ସେଠି କିମ୍ବା ସେଠି ନାହିଁ ସେମିତି ଆର୍ଥିକ ତାରତମ୍ୟ। ମାଟିର ମନସ୍ତତ୍ତ୍ୱ ଯଦି ଏମିତି ତିଆରି ହୋଇପାରିବ, ତେବେ ଜାତିର ଗୌରବଗାଥା ଗୁଞ୍ଜରିତ ହୋଇ ଉଠିବ ଦୁନିଆରେ । 'ମରିବୁ ତ ମାଟି ପାଇଁ, ଜିଇବୁ ତ ଜାତି ପାଇଁ' – ଯେଉଁ ଦେଶର ଗଣମନସ୍ତତ୍ତ୍ୱ ଏପରି ହୋଇପାରିବ ସେ ଦେଶ ତ ଇତିହାସ ରଚିବ ହିଁ ରଚିବ। ଏହି ମନସ୍ତତ୍ତ୍ୱ ହିଁ କ୍ଷୁଦ୍ର ରାଷ୍ଟ୍ର ହଲାଣ୍ଡ(ନେଦରଲାଣ୍ଡ) ଓ ଜାପାନକୁ ଜିତାଇ ଥିଲା ଶକ୍ତିଶାଳୀ ତଥା ସମୃଦ୍ଧଶାଳୀ ଫ୍ରାନ୍ସ ଓ ସଂଯୁକ୍ତ ରୁଷିଆକୁ ୧୬୭୮ ଓ ୧୯୦୫ ଯୁଦ୍ଧରେ ଯଥାକ୍ରମେ। ସେମିତି ବି ଏହି ପ୍ରକାର ଜନମାନସିକତା ଯୋଗୁ କ୍ରୋଏସିଆ, ଇସ୍ରାଏଲ, ନରୱେ, ସ୍ୱିଡେନ, କାନାଡ଼ା, ଡେନମାର୍କ, ସିଙ୍ଗାପୁର, ସୁଇଜରଲାଣ୍ଡ, ନେଦରଲାଣ୍ଡ, ଜାପାନ ଆଦି ଛୋଟ ଦେଶଗୁଡ଼ିକ ବେଶ୍ ସମୃଦ୍ଧ ଓ ଗୌରବମଣ୍ଡିତ।

ଅନେକଙ୍କର ଧାରଣା ଥାଏ ରାଜନୈତିକ ଦଳ ବା ଶାସନ ଦ୍ୱାରା ଦେଶର ଭବିଷ୍ୟତ ଗଢ଼ା ଯାଇପାରିବ; ଯାହା କି ଅମୂଳକ ବୋଲି ମନେହୁଏ। ଅନୈତିକତା ଓ ଅରାଜକତା ଅବରୁଦ୍ଧ କରି ରଖେ ସାମାଜିକ ପ୍ରଗତିର ପଥକୁ। ସମାଜର ସତତ ସତର୍କପଣିଆ, ଅଙ୍ଗୀକାରବଦ୍ଧତା ହିଁ ବାସ୍ତବରେ ରାଷ୍ଟ୍ରର ଭାଗ୍ୟ ନିର୍ଣ୍ଣାୟକ। ମାତ୍ର ବ୍ୟକ୍ତିର ସମାହାରରେ ତ ସମାଜ ଗଠିତ। ବ୍ୟକ୍ତି ନିର୍ମାଣ ସବୁଠୁ ମହତ୍ତ୍ୱ ରଖେ ସମାଜ ଗଠନରେ। ବ୍ୟକ୍ତିର ସକାରାତ୍ମକ ଭାବଧାରା, ଜାତିପ୍ରୀତି ଓ ଉତ୍ସର୍ଗୀକୃତ ମନୋଭାବ ହିଁ ବଳିଷ୍ଠ ଭୂମିକା ନିର୍ବାହ କରେ ସୁନ୍ଦର ଏକ ସମାଜ ଗଠନରେ। ବ୍ୟକ୍ତିର ଉତ୍ତରଣରେ ହିଁ ସମାଜର ଉତ୍କର୍ଷତାର ଉପଲବ୍ଧି। ଏଇଥିପାଇଁ ଅତୀତର ଆମ ଆର୍ଯ୍ୟାବର୍ତ୍ତ ପ୍ରାଧାନ୍ୟ ଦେଇ ଆସିଥିଲା ବ୍ୟକ୍ତି ଚରିତ୍ର ଗଠନ ଉପରେ। ରାଜା ହେଉ ବା ପ୍ରଜା, ସେମାନଙ୍କର ସନ୍ତାନମାନେ ସୁଖ–ସଉକକୁ ପରିତ୍ୟାଗ କରି ବଣ ଜଙ୍ଗଲରେ କଷ୍ଟ ସ୍ୱୀକାରପୂର୍ବକ ବିଦ୍ୟାର୍ଜନ କରୁଥିଲେ, ମୁନିମାନଙ୍କ ଆଶ୍ରମରେ ରହି। ନିଜର ବ୍ୟକ୍ତିତ୍ୱକୁ ପରିଷ୍କୃତ, ପରିପୁଷ୍ଟ, ପରିସ୍ଫୁଟ କରୁଥିଲେ । ସେଇଥିପାଇଁ ତ କୁହାଯାଏ ତାଜମହଲ ପରି ଆଶ୍ଚର୍ଯ୍ୟମୟ ଅଟ୍ଟାଳିକା ବା କୁତବ୍‌ମିନାର ପରି ଗର୍ବିତ ଗମ୍ବୁଜମାନ ଦେଶର ମହାନତାର ମାପକ ନୁହନ୍ତି। ଆମର ଅସଲ ପରିଚୟ, ଗୌରବ ତିଳକ ହେଉଛନ୍ତି ଶିବାଜୀ, ନେତାଜୀ, ବାପୁଜୀ, ସ୍ୱାମୀ ବିବେକାନନ୍ଦ, ଶହୀଦ ଭଗତ ସିଂ ପ୍ରମୁଖ ଶ୍ରେଷ୍ଠ ସନ୍ତାନମାନେ। ଏମାନେ ହେଉଛନ୍ତି ରାଷ୍ଟ୍ରୀୟ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ, ଅଗ୍ରଦୂତ। ଠିକ୍ ଯେମିତି ଇଟାଲି ପାଇଁ ଆଦର୍ଶ ଗାରିବାଲ୍ଡି, ଫ୍ରାନ୍ସ ପାଇଁ ନେପୋଲିଅନ, ଗ୍ରୀସ୍ ପାଇଁ ଆରିଷ୍ଟଟଲ, ରୁଷିଆ ପାଇଁ ଟଲଷ୍ଟୟ ପ୍ରମୁଖ। ଏଣୁ ସମର୍ଥ ରାମଦାସ, କୌଟିଲ୍ୟମାନେ ଅଜସ୍ର ଉଦ୍ୟମ କରୁଥିଲେ ଜଣେ ଜଣେ ଶିବାଜୀ, ଚନ୍ଦ୍ରଗୁପ୍ତ ଆଦିଙ୍କୁ ଗଢ଼ିବା ପାଇଁ। ଶ୍ରେଷ୍ଠ ବ୍ୟକ୍ତି କେବଳ ଦେଶର ପରିଚୟ ନୁହନ୍ତି ସେମାନେ ବି ପରିବ୍ୟାପ୍ତ କରିଥାଆନ୍ତି ମାଟିର ମହାନତାକୁ, ଠିକ୍ ପଣ୍ଡିତ କୁମାର ଜୀବଙ୍କ ପରି। ଦୁନିଆର ମଙ୍ଗଳ ପାଇଁ ଅତି ଅସାଧ୍ୟକୁ ସାଧ୍ୟ କରି ଦେଖାଇଛନ୍ତି ସେ। ବିଶ୍ୱର ପ୍ରଥମ ବିଶ୍ୱବିଦ୍ୟାଳୟ ତକ୍ଷଶିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ସୁଯୋଗ୍ୟ ଛାତ୍ର, ପଣ୍ଡିତ କୁମାର ଜୀବ ସମସ୍ତ ପ୍ରତିକୂଳତାକୁ ପ୍ରତିହତ କରି ପଦବ୍ରଜରେ ମଗଧରୁ ଯାଇ ସୁଦୂର ଚାଇନା, କୋରିଆ, ଜାପାନ ଆଦିରେ ହିନ୍ଦୁ ଧର୍ମର ଅତ୍ୟନ୍ତ ଅନୁରାଗୀ, ବୌଦ୍ଧ ଶାଖାର ପ୍ରଚାର ଓ ପ୍ରସାର କରିଥିଲେ। ଭାରତ ଜଣେ ବି ସୈନ୍ୟ ପ୍ରେରଣ ନ କରି ନିଜ ଭାବଧାରାରେ ବିଶାଳ ଭୂଖଣ୍ଡ ଚାଇନାକୁ ବଶୀଭୂତ କରିପାରିଛି ବୋଲି ଚାଇନାର ବିଦ୍ୱାନମାନେ ସେଥିପାଇଁ ମତବ୍ୟକ୍ତ କରିଥାଆନ୍ତି। ଏହିପରି ଭାବେ ରାଷ୍ଟ୍ରର ଭବ୍ୟ ଭବିଷ୍ୟତ ପାଇଁ ବ୍ୟକ୍ତି ନିର୍ମାଣ, ଜନମାନସିକତା ସର୍ବାଗ୍ରେ ଗୁରୁତ୍ୱପୂର୍ଣ୍ଣ।

**ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ :୯୪୩୭୪୩୬୦୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ଚାଉଳ ଯୋଗାଣ କେବଳ ଭୋଟ ରାଜନୀତି

ମହାଶୟ,

ବର୍ତ୍ତମାନ ସରକାର କେବଳ ଭୋଟ ରାଜନୀତି ପାଇଁ ନଭେମ୍ବର ପର୍ଯ୍ୟନ୍ତ ମାଗଣା ଚାଉଳ ଦେବାର ଯୋଜନା କରିଛନ୍ତି। ଖାଲି ଚାଉଳ, ଗହମ ଦେଇଦେଲେ ଲୋକେ ବଞ୍ଚିଯିବେ ଏକଥା ଭାବିବା ଉଚିତ ନୁହେଁ। ଯେଉଁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ଲୋକେ ନିର୍ଭର କରୁଛନ୍ତି, ତାହାର ମୂଲ୍ୟ ଅହେତୁକ ଭାବେ ବଢ଼ିବାରେ ଲାଗିଛି। ଗ୍ୟାସ୍‌ଠାରୁ ଆରମ୍ଭ କରି ତେଲ, ପେଟ୍ରୋଲ, ଡାଲି ଓ ପନିପରିବା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଲୋକେ ଖାଲି ଚାଉଳ, ଗହମ ଖାଇବେ ନାହିଁ। ଆନୁଷଙ୍ଗିକ ଦ୍ରବ୍ୟକୁ ଛୁଇଁଲେ ଛୁଆଁ। ଏ ଶସ୍ତା ରାଜନୀତି ଛାଡ଼ି ଉକ୍ତ ମାଗଣା ଚାଉଳ ବା ଗହମ ଯୋଗାଣରୁ ନିବୃତ୍ତ ରହି ଦରଦାମକୁ ନିୟନ୍ତ୍ରଣ କରନ୍ତୁ, ଯେଉଁଥିରେ କି ଲୋକମାନେ ଗଣ୍ଡେ ଖାଇ ବଞ୍ଚିପାରିବେ। ଦଣ୍ଡକିରି ଦେଖାଇ ବାଳିଆ ମାରିବା ନ୍ୟାୟ ଛାଡ଼ି ସରକାର ଯଦି ପ୍ରକୃତରେ ଲୋକଙ୍କର ହିତ ଚାହାନ୍ତି, ତେବେ ଦରଦାମ ନିୟନ୍ତ୍ରଣ ଉପରେ ଅଙ୍କୁଶ ଲଗାଇ ଲୋକମାନଙ୍କୁ ଖୁସିରେ ବଞ୍ଚିବାକୁ ଦିଅନ୍ତୁ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଚିରନ୍ତନୀ

ଲୁହାର କପାଟ ସମ
କାଟି ଦେଇ ବିଶ୍ୱର ବିଷାଦ
ଜଣାଇବି ଆଜି କୋଟି
ଶତାବ୍ଦୀ ସଞ୍ଚିତ ପ୍ରତିବାଦ। –(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପଞ୍ଚାୟତ ନିର୍ବାଚନ: କଂଗ୍ରେସର ରାଜ୍ୟସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର, (ବ୍ୟୁରୋ)- ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ କମିଟି ଘୋଷଣା କରିଛନ୍ତି। କମିଟିରେ ବରିଷ୍ଠ ନେତା ଯଜ୍ଞେଶ୍ୱର ବାବୁ ଆବାହକ ଥିବାବେଳେ ଉମାବଲ୍ଲଭ ରଥ, ମନୋରଞ୍ଜନ ଦାଶ, ଦେଓ ପ୍ରସାଦ, କୈଳାସ ସାହୁ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ସଙ୍ଗଠନ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବ। ଏହାର ରିପୋର୍ଟ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରଦାନ କରିବାକୁ ନିରଞ୍ଜନ ନିର୍ଦ୍ଦେଶ ଦେଇଛନ୍ତି।

# ୩.୫୯ ଲକ୍ଷ ଟଙ୍କା ଆତ୍ମସାତ୍

### ଯାଜପୁର ମ୍ୟୁନିସିପାଲିଟିରେ ଦୁର୍ନୀତି

**■କ୍ୟାଶିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ**

ଯାଜପୁର ଅଫିସ,୨୯।୭

ଯାଜପୁର ମ୍ୟୁନିସିପାଲିଟିରେ ହୋଲ୍ଡିଂ ଟ୍ୟାକ୍ସ, ପେନାଲ୍ଟି ଫି, ହାଉସ ରେଣ୍ଟ, ଟେଣ୍ଡର ପେପର ଇତ୍ୟାଦି କ୍ଷେତ୍ରରେ ଅର୍ଥ ଆଦାୟ କରାଯାଇ ୩,୫୯,୭୮୪ ଟଙ୍କା ଆତ୍ମସାତ କରାଯାଇଛି । ୨୦୧୯-୨୦ ଅଡିଟ୍ ରିପୋର୍ଟରୁ ଏହା ଜଣାପଡିଛି। ଏହିମର୍ମରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ଓ କଟକ ଜେନେରାଲ ଆଡମିନିଷ୍ଟ୍ରେଶନ (ଭିଜିଲାନ୍ସ) ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟର ଯୁଗ୍ମ ନିର୍ଦ୍ଦେଶକ ୨୯।୭।୨୦୨୧ରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ କରିଛନ୍ତି। ଯାଜପୁର ତହସିଲରେ ବହୁ ଚର୍ଚ୍ଚିତ ୪.୯୩ କୋଟି ଟଙ୍କାର ଅନିୟମିତତାର ଭିଜିଲାନ୍ସ ତଦନ୍ତ ଚାଲିଥିବାବେଳେ ମ୍ୟୁନିସିପାଲିଟିରେ ଏଭଳି ଟଙ୍କା ଆତ୍ମସାତ୍ ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଲୋକାଲ ଫଣ୍ଡ ଅଡିଟ୍ ପକ୍ଷରୁ ୨୦୧୯-୨୦ ବର୍ଷରେ ଯାଜପୁର ପୌରାଞ୍ଚଳର ଆର୍ଥିକ କାରବାର ଉପରେ ସ୍ୱତନ୍ତ୍ର ଅଡିଟ ହୋଇଥିଲା। ଉକ୍ତ ଅଡିଟରେ ମୋଟ ୩,୫୯,୭୮୪ ଟଙ୍କା ମଧ୍ୟରୁ ୯୫,୭୯୩ ଟଙ୍କା ସଂପୃକ୍ତ ଅଧିକାରୀ ଦିୱାନ ମୁର୍ମୁଙ୍କ ଦରମାରୁ ଅସୁଲି କରାଯାଇଥିଲା। ଅବଶିଷ୍ଟ ବାର୍ଷିକ ୧୮ ପ୍ରତିଶତ ସୁଧ ସହ ୨,୬୩,୯୯୧ ଟଙ୍କା ଅସୁଲି କରିବାର ଅଛି ବୋଲି ଅଡିଟ ପକ୍ଷରୁ ୨୦୨୦-୨୧ର ସ୍ୱତନ୍ତ୍ର ରିପୋର୍ଟରେ ଦର୍ଶାଯାଇଛି। କ୍ୟାସିୟରଙ୍କ ରିସିଭ ବହି ତଦନ୍ତ ସମୟରେ ୩,୪୧,୨୮୪ ଟଙ୍କା ବିଭିନ୍ନ କ୍ଷେତ୍ରରୁ ଆଦାୟ ହୋଇଥିବା ଜଣାପଡିଥିଲା। ତେବେ ଉକ୍ତ ଅର୍ଥ ମ୍ୟୁନିସିପାଲିଟିର କ୍ୟାସ୍‌ବୁକ୍ କିମ୍ବା ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିଲା। ଅଡିଟ୍ ରିପୋର୍ଟ ଅନୁସାରେ ହୋଲ୍ଡିଂ ଟ୍ୟାକ୍ସ ବାବଦକୁ ୧୧।୩।୨୦୨୦ରେ ୬୬,୪୧୨ ଟଙ୍କା, ୧୩।୩।୨୦୨୦ରେ ୩୬,୫୯୪ ଟଙ୍କା, ୧୬।୩।୨୦୨୦ରେ ୪୭,୨୦୮ ଟଙ୍କା, ୧୭।୩।୨୦୨୦ରେ ୨୩,୫୪୦ ଟଙ୍କା, ୧୮।୩।୨୦୨୦ରେ ୧୭,୦୭୨ ଟଙ୍କା, ୧୯।୩।୨୦୨୦ରେ ୩୦,୦୨୮ ଟଙ୍କା, ୨୧।୩।୨୦୨୦ରେ ୩୧,୬୬୮ ଟଙ୍କା, ୨୩।୩।୨୦୨୦ରେ ୨୨,୮୭୨ ଟଙ୍କା, ୧୭।୩।୨୦୨୦ରେ ପେନାଲ୍ଟି ଫି ବାବଦରେ ୧୨,୦୦୦ ଟଙ୍କା, ହାଉସରେଣ୍ଟ ବାବଦରେ ୧୮,୦୦୦ ଟଙ୍କା, ଟ୍ରେଡ୍ ଲାଇସେନ୍ସ ବାବଦରେ ୨,୫୦୦ ଟଙ୍କା, ହେୟାର ଚାର୍ଜେସ ପିପିଆର ବାବଦରେ ୪,୨୮୦ ଟଙ୍କା, ଟେଣ୍ଡର ପେପରରେ ୫,୦୦୦ ଟଙ୍କା, ୧୮।୩।୨୦୨୦ରେ ଟେଣ୍ଡର ପେପରରେ ୫,୦୦୦ ଟଙ୍କା, ୧୯।୩।୨୦୨୦ରେ ହାଉସ ରେଣ୍ଟ ବାବଦରେ ୧୮,୮୦୦ ଟଙ୍କା, ଅଡିଟ ରିକଭରି ୩୧୦ ଟଙ୍କା ଅନୁସାରେ ମୋଟ ୩,୪୧,୨୮୪ ଟଙ୍କା କ୍ୟାଶିୟର ଡିୱାନ ମୁର୍ମୁଙ୍କ ଦ୍ୱାରା ଆଦାୟ ହୋଇଥିଲା। ଏହାପରେ କୁସୁମା ପୋଖରୀ ଡିସିଆର ଚେକିଂ ସମୟରେ ୧୮,୫୦୦ ଟଙ୍କା ଆଦାୟ ହୋଇଥିଲାବେଳେ ତାହା ମଧ୍ୟ କ୍ୟାଶିୟର କ୍ୟାସ୍‌ବୁକ୍‌ରେ ଦର୍ଶାଯାଇ ନ ଥିଲା କିମ୍ବା ବ୍ୟାଙ୍କରେ ଜମା ହୋଇ ନ ଥିଲା। ତେବେ ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଉପରୋକ୍ତ ଟଙ୍କା ମଧ୍ୟ ଅସୁଲି ହୋଇ ନ ଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଶେଷରେ ୨୦୧୯-୨୦ ବର୍ଷର ରିସିଭ ବୁକ, କ୍ୟାଶିୟର କ୍ୟାଶ୍‌ବୁକ୍, ଆକାଉଣ୍ଟ କ୍ୟାଶ୍‌ବୁକ୍ ଆଦି ତଦନ୍ତ ସମୟରେ ସମୁଦାୟ ୩,୫୯,୭୮୪ ଟଙ୍କା ପୂର୍ବତନ କ୍ୟାଶିୟର ମୁର୍ମୁଙ୍କ ଦ୍ୱାରା ଆତ୍ମସାତ୍ ହୋଇଥିବା ଜିଲା ଅଡିଟ୍ ଅଧିକାରୀଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି।

ଯାଜପୁର ଜିଲାର ଯାଜପୁର ମ୍ୟୁନିସିପାଲିଟି ଓ ତହସିଲରେ ଟିକସ ଆଦାୟ କରି ଏଭଳି ଆତ୍ମସାତ୍ ଘଟଣା ନୂଆ ନୁହେଁ। ଯାଜପୁର ତହସିଲର ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ଆଧାରରେ ୧।୪।୨୦୦୬ରୁ୫।୪।୨୦୧୬ତାରିଖ ପର୍ଯ୍ୟନ୍ତ ୪.୯୩ କୋଟି ସରକାରୀ ଅର୍ଥ ତୋସରପାତ ହୋଇଥିଲା । ଏଥିରେ ସଂପୃକ୍ତ ତହସିଲର ନାଜିର ରଜତ କୁମାର ରାଉତରାୟଙ୍କୁ ନିଲମ୍ବନ କରାଯାଇଥିଲା । ଏହାସହ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା(ଭିଜିଲାନ୍ସ)ରେ ଏକ ମାମଲା(ନଂ.୫/୨୦୧।୨୦୧୮) ରୁଜୁ ହୋଇଥିଲା । କିନ୍ତୁ ଦେଢବର୍ଷରୁ ଊର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ଭିଜିଲାନ୍ସ ମାମଲା ରୁଜୁ କରି ଚୁପ୍ ବସିଥିଲା । ଏହାପରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଗତ ୨୬।୯।୨୦୧୯ରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଯାହାକି ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଏବେ ବି ଭିଜିଲାନ୍ସରେ ବିଚାରାଧୀନ ରହିଛି ।


DIRECTORATE OF LOCAL FUND AUDIT, ODISHA
TREASURY & ACCOUNTS BHAWAN, 2ND FLOOR
KHARAVEL NAGAR, UNIT-III, BHUBANESWAR
ODISHA. Pin:751001
e-mail: dirlfaodisha@gmail.com(phone:0674-2391704;Fax-0674-2391703)

No. 37/2 /DLFA. Date 29.07.2021
DLFA-(Special Report)-XIV-AUD-1/2021

To
The Principal Secretary to Govt., H&UD Department, Odisha.
The Special Secretary G.A. (Vigilance) Deptt. ,Odisha, Cuttack

Sub:- Transmission of Special Reports on misappropriation of cash amounting to Rs 359784.00 on the accounts of Jajpur Municipality Dist- Jajpur for the year 2019-20

Sir,
In inviting a reference to the subject cited above, I am directed to transmit here with the Special Report on misappropriation of cash amounting to Rs 359784.00 detected during the course of audit on the accounts of Jajpur Municipality for the year 2019-20 .Out of the said misappropriated amount ,a sum of Rs 95793.00 has already been realised from the arrear salary of the erring official and credited to municipal fund leaving a balance amount of Rs. 263991.00 (359784.00-95793.00) to be realised from him. The interest shall be calculated @18% per annum and recovered from the delinquent officials for the period of misappropriation. It is suggested that, disciplinary proceedings as deemed proper may be initiated against the erring officials.

The copy of original report submitted by the auditor along with the verification report and necessary comments of the District Audit Officer; Jajpur there on is transmitted here with for your kind information and necessary action.

Yours faithfully
Encl-As above
Joint Director

Memo No. 37/3 / Date 29.07.2021
Copy forwarded to the District Audit Officer,Jajpur for information and necessary action and to tender necessary Audit suggestion to local authority for early recovery of misappropriated amount with interest @18% per annum from the erring official with further suggestions to recover the balance amount with interest.
Joint Director

ଅଡିଟ୍ ରିପୋର୍ଟ।

# ଯୁବକଙ୍କୁ ହତ୍ୟା, ୩ ଅଟକ

ବରଗଡ଼ ଅଫିସ୍,୨୯।୭

ବରଗଡ଼ ଟାଉନ ଥାନା ଅଧୀନ କୁରୁଆଁ ଗାଁ ମୁଣ୍ଡରେ ଥିବା ଏକ ବ୍ରିଜ୍ ଉପରୁ ଗୁରୁବାର ସକାଳେ ପୋଲିସ ରକ୍ତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବରଗଡ଼ ସହର ସ୍ଥିତ ପଠାଣପଡ଼ାର ଇନତିଆସ କ୍ୟୁରେସି(୩୫)। ତାଙ୍କୁ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମେଣ୍ଢା ଚୋରିକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ଟାଉନ ଥାନା ପୋଲିସ କୁରୁଆଁ ଅଞ୍ଚଳର ସମ୍ପୃକ୍ତ ମେଣ୍ଢାପାଳକ ପରିବାରର ୩ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ମୃତ ଇନତିଆସ୍‌ଙ୍କ ସହିତ ଆଉ ଜଣେ ଥିଲେ ଏବଂ ସେ ନିଖୋଜ ଥିବା ଚର୍ଚ୍ଚା ହେଉଛି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୩୨୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି ।

ଗୁରୁବାର କୁରୁଆଁ ବ୍ରିଜ୍ ଉପରେ ଗୁରୁତର ଅବସ୍ଥାରେ ଜଣେ ଯୁବକ ପଡ଼ିଥିବା ଖବର ପାଇ ପୋଲିସର ପିସିଆର ଭ୍ୟାନ୍ ପହଞ୍ଚିଥିଲା। ସେତେବେଳକୁ ଯୁବକଙ୍କ ମୃତ୍ୟୁ ହୋଇସାରିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତାହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ଅଧିକ ଖୋଳତାଡ଼ କରିଥିଲା। ମେଣ୍ଢାଚୋରିରୁ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ଚାଲିଥିବାବେଳେ ଘଟଣାସ୍ଥଳର ଅନତିଦୂରରେ ଗୋଟିଏ ମେଣ୍ଢାଶାଳ ରହିଥିଲା। ଫଳରେ ପୋଲିସ ସମ୍ପୃକ୍ତ ୩ ମେଣ୍ଢାପାଳକ ବାପପୁଅଙ୍କୁ ଥାନାକୁ ଆଣିଥିଲା। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଥିଲା। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ମେଣ୍ଢାଚୋରିକୁ କେନ୍ଦ୍ର କରି ସେହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ଏବଂ ଏହାର ଅଧିକ ତଦନ୍ତ ଚାଲିଛି ବୋଲି କହିଥିଲେ।


## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

No. L-36

କୃଷକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ଖରିଫ୍ ୨୦୨୧ ଋତୁ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଚାଲୁରହିଛି।

କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କୋଭିଡ୍-୧୯ ନିୟମ ଅନୁପାଳନ କରି ନିଜର ନାମ ପଞ୍ଜିକରଣ ପାଇଁ ନିକଟସ୍ଥ ଜନସେବା କେନ୍ଦ୍ର / ବ୍ୟାଙ୍କ ଶାଖା / ବୀମା କମ୍ପାନୀ/ ବୀମା କମ୍ପାନୀ ଏଜେଣ୍ଟ / ପ୍ରାଥମିକ କୃଷି ସେବା ସମବାୟ ସମିତି ସହିତ ଯୋଗାଯୋଗ କରନ୍ତୁ।

ପଞ୍ଜିକରଣ ଶେଷ ତାରିଖ
**୩୧ ଜୁଲାଇ ୨୦୨୧**

OIPR-01034/11/0013/2122

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା


# ଜାତୀୟ ଶିକ୍ଷାନୀତି ନୂଆ ଭାରତର ମାଇଲଖୁଣ୍ଟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ନୂଆ ଜାତୀୟ ଶିକ୍ଷାନୀତି ରାଷ୍ଟ୍ର ନିର୍ମାଣରେ ବଡ଼ ଯୋଗଦାନ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ନୂଆ ଶିକ୍ଷାନୀତି ପ୍ରଣୟନର ଏକବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ପ୍ରଗତିଶୀଳ ନୂତନ ଜାତୀୟ ଶିକ୍ଷାନୀତି ଭାରତର ଭବିଷ୍ୟତକୁ ନୂଆ ରୂପ ଦେବାରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକାଧିକ ନୂଆ ଏବଂ ଅଭିନବ ପଦକ୍ଷେପର ଶୁଭାରମ୍ଭ ଦେଶର ଶିକ୍ଷା ପରିସଂସ୍ଥାନକୁ ଅଧିକ ତ୍ୱରାନ୍ୱିତ କରିବା ସହ ଦୂରଦୃଷ୍ଟିସମ୍ପନ୍ନ ନୂଆ ଶିକ୍ଷାନୀତି ଅଧୀନରେ ଥିବା ଅନେକ ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବ। ଆମେ ବର୍ତ୍ତମାନ ଅମୃତ ମହୋତ୍ସବ ପାଳନ କରୁଛୁ। ତେବେ ଭାରତକୁ ଶିକ୍ଷା ଅର୍ଥନୀତିର ଶୀର୍ଷରେ ପହଞ୍ଚାଇବା ପାଇଁ ଆମର ନେତୃତ୍ୱର ପ୍ରତିବଦ୍ଧତାକୁ ନୂତନ ଶିକ୍ଷାନୀତି ପ୍ରତିଫଳିତ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।




## ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡା, ଅନୁଗୁଳ

(ଶିକ୍ଷା ମନ୍ତ୍ରଣାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା)

**ଜବାହର ନବୋଦୟ ବିଦ୍ୟାଳୟ ଚୟନ ପରୀକ୍ଷା – ୨୦୨୧**

ଜବାହର ନବୋଦୟ ବିଦ୍ୟାଳୟ ଚୟନ ପରୀକ୍ଷା-୨୦୨୧ ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ ଓ ଅଭିଭାବକଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ପରୀକ୍ଷା ଆସନ୍ତା ଅଗଷ୍ଟ ମାସ ୭ତାରିଖ (ତା୦୭।୦୮।୨୦୨୧ରିଖ, ଶନିବାର)ଦିନ ଅନୁଷ୍ଠିତ ହେବାର ଥିଲା। ଏବେ ୧୧ତାରିଖ (ତା୧୧।୦୮।୨୦୨୧, ବୁଧବାର)ଦିନ ଅନୁଷ୍ଠିତ ହେବ। ଏଣୁ ପ୍ରାର୍ଥୀ ଓ ଅଭିଭାବକମାନେ ଏହି ୱେବସାଇଟ୍ **(https://cbseitms.nic.in/index.aspx)**ରୁ ପ୍ରବେଶ ପତ୍ର ଡାଉନଲୋଡ କରିପାରିବେ।

ଅଧ୍ୟକ୍ଷ


# ପିଏମ୍‌ଇଜିପି ଅଗ୍ରଗତିରେ ଓଡ଼ିଶା ପଛୁଆ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ପ୍ରଧାନମନ୍ତ୍ରୀ କର୍ମନିଯୋଜନ ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଲକ୍ଷ୍ୟ ହାସଲରେ ଓଡ଼ିଶା ଧିମେଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଓଡ଼ିଶା ଜାତୀୟସ୍ତରରେ ୧୧୪.୭% ହାସଲ କରି ୩ୟ ସ୍ଥାନରେ ଥିବାବେଳେ ଚଳିତବର୍ଷ ବହୁ ପଛରେ ପଡ଼ିଛି। ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କର୍ସମାନଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଏ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ତତ୍ପରତା ଦେଖାଇବା ସହ ସରକାରୀ ଯୋଜନାର ସଫଳ ରୂପାୟନ କରିବା ଦିଗରେ କାର୍ଯ୍ୟ କରିବାକୁ ସଚିବ ତାଗିଦ୍ କରିଛନ୍ତି। ରାଜ୍ୟରେ ପ୍ରତିଭାର ଅଭାବ ନାହିଁ। ମେଧାବୀ ଶିକ୍ଷିତ ଯୁବତୀଯୁବକମାନେ ନିଜସ୍ୱ ଉଦ୍ୟମରେ ଷ୍ଟାର୍ଟଅପ୍ ପ୍ରସ୍ତୁତ କରି ଆଗକୁ ବଢ଼ିବା ଲାଗି ଉଦ୍ୟମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ନିଜସ୍ୱ ସମ୍ବଳ ବିନିଯୋଗ ମଧ୍ୟ କରୁଛନ୍ତି। ବ୍ୟାଙ୍କଗୁଡ଼ିକର ସହଯୋଗ ମିଳିଲେ ସେମାନେ ସଫଳତାର ଶିଖର ଛୁଇଁପାରିବେ। ଏ ଦିଗରେ ବ୍ୟାଙ୍କଗୁଡ଼ିକ ଆଗେଇ ଆସିବାକୁ ସଚିବ ଆହ୍ୱାନ ଦେଇଛନ୍ତି। ସମୀକ୍ଷା ବୈଠକରେ ରାଜ୍ୟର ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କର ପ୍ରତିନିଧି ଯୋଗଦେଇ ପିଏମ୍‌ଇଜିପିରେ ନିଜସ୍ୱ ସହଯୋଗ ସମ୍ପର୍କିତ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ବ୍ୟାଙ୍କ ସହଯୋଗ ଲୋଡୁଥିବା ବାରିଫ୍ଲୋ ଲାବ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ରୋଜିପ୍, ଆଭେଟି ଲର୍ଣ୍ଣିଂ, ହସ୍ତିକା ଏବଂ ଏନ୍‌ଏମ୍ ମ୍ୟାନେଜ୍‌ମେଣ୍ଟ ସର୍ଭିସ୍ ଷ୍ଟାର୍ଟଅପ୍ ସମୂହ ସେମାନଙ୍କ କାର୍ଯ୍ୟଖସଡ଼ାର ବିବରଣୀ ଉପସ୍ଥାପନ କରିଥିଲେ। ସଚିବଙ୍କ ହସ୍ତକ୍ଷେପ ପରେ ୟୁକୋ ବ୍ୟାଙ୍କ ପକ୍ଷରୁ 'ହସ୍ତିକା' ଏବଂ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ 'ଗ୍ରୋଜିପ୍'କୁ ଋଣ ଯୋଗାଇଦେବାକୁ ଘୋଷଣା କରିଛନ୍ତି। ସେହିପରି ଏନ୍.ଏମ୍. ମ୍ୟାନେଜ୍‌ମେଣ୍ଟକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଯୋଗ କରିବା ଲାଗି ବିଚାର କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଅନ୍ୟପଟେ ଯାଞ୍ଚ ପ୍ରକ୍ରିୟା ସମୟରେ ସାମାନ୍ୟ ତ୍ରୁଟିବିଚ୍ୟୁତି ଥିଲେ ମଧ୍ୟ ଦରଖାସ୍ତକୁ ବ୍ୟାଙ୍କସ୍ତରରେ ନାକଚ କରିଦିଆଯାଉଛି। ଏଭଳି ୬୭ ଦରଖାସ୍ତ ନାକଚ୍ ହୋଇଛି। ଅନ୍ୟ ୫୫ ଦରଖାସ୍ତ ବ୍ୟାଙ୍କସ୍ତରରେ ଅଟକି ରହିଛି, ଯାହାକୁ ନେଇ ସଚିବ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି ତ୍ରୁଟି ସୁଧାରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ୨୫ ବ୍ୟାଙ୍କର ପ୍ରତିନିଧି ଯୋଗଦେଇଥିଲେ।

# ଅସ୍ୱାସ୍ଥ୍ୟକର ଖାଦ୍ୟ ଧରିଲା ଜନସ୍ୱାସ୍ଥ୍ୟ ବିଭାଗ



ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

**■୮ ଦୋକାନ, ପାଉଁରୁଟି ଫ୍ୟାକ୍ଟ୍ରିରେ ଚଢ଼ାଉ**

**■ଆଦାୟ ହେଲା ୧୫ଶହ ଟଙ୍କା ଜରିମାନା**

ଅନୁଗୋଳ ଅଫିସ, ୨୯।୭

ଅନୁଗୋଳ ସହରରେ ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଲୋକଙ୍କୁ ବିକ୍ରି କରାଯାଉଛି। ଏ ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ପାଇବା ପରେ ଗୁରୁବାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ଚଢ଼ାଉ କରାଯାଇଛି। ୮ଟି ଦୋକାନ ଓ ଏକ ପାଉଁରୁଟି ଫ୍ୟାକ୍ଟ୍ରି ଯାଞ୍ଚ କରାଯାଇ ୧୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଫୁଡ୍ ଇନ୍ସପେକ୍ଟର ହରପ୍ରିୟା ବେହେରା ଓ ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ଏହି ସମୟରେ ଉକ୍ତ ପାଉଁରୁଟି ଫ୍ୟାକ୍ଟ୍ରିରେ ଅପରିଷ୍କାର ପରିବେଶ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏଥିସହ ପ୍ରସ୍ତୁତ ପାଉଁରୁଟି ପ୍ୟାକେଟ୍ ଉପରେ ପ୍ରସ୍ତୁତି ତାରିଖ ଉଲ୍ଲେଖ ନ ଥିବାରୁ ଫ୍ୟାକ୍ଟ୍ରି ମାଲିକଙ୍କୁ ୫ଶହ ଟଙ୍କା ଜରିମାନା କରାଯାଇଥିଲା। ଏଥିସହ ୭ ଦିନ ମଧ୍ୟରେ ବ୍ୟବସ୍ଥା ସୁଧାରିବାକୁ ଚେତାବନୀ ଦିଆଯାଇଥିଲା। ସେହିପରି ୮ଟି ଦୋକାନ ଉପରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ଘଟଣା ସମ୍ପର୍କରେ ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ବେହେରା କହିଛନ୍ତି, ବର୍ଷା ଦିନେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି ହେଉଥିବାରୁ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।


**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOI NAGAR, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, E-mail: ohpc.co@gmail.com
CIN: U40101OR1995SGC003963

No. OHPC:TECH:C&P:08/2020-21/4667 Dated: 28.07.2021

**NOTICE INVITING TENDER No. 09/2021-22**

No. CAD-738: Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelope from the Reputed organizations having PAN and GST Registration Certificate for the work as mentioned below.

| Description of Services | Cost of tender paper (Non-refundable) in Rs. |
|---|---|
| Providing photocopy services at OHPC Corporate Office, Bhubaneswar | Rs.2360.00 (Rs.2000.00+ GST@18%) |

**For details of the tender documents, terms & conditions please visit our website www.ohpcltd.com from dt. 03.08.2021.**

General Manager (C&P)
OIPR-04012/11/0008/2122



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No.11 of 2021-22**

No. O-470:- 1. name of the work: Design, supply, installation, testing & commissioning of packaged water treatment plant (unconventional type) for different PWS schemes in the district of Kandhamal.
**(Refer DTCN available in the website: tendersorissa.gov.in)**
2. Total No. of work : 2 Nos.
3. Estimated cost : Rs.30.00 lakh to Rs.70.00 lakh.
4. Eligible bidder : Reputed Manufacturer / Authorised Distributor/ Authorised Dealer / C&B and B&A class contractor.
5. Period of completion : 04 months to 06 months (Refer DTCN available in the website tendersorissa.gov.in)
6. Other details:

| Procurement Officer | Bid Identification No. | Availability of tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Superintending Engineer, RWSS Division, Phulbani | 11 of 2021-22 | Dt. 5.8.2021 at 10.00 hrs. | Dt. 14.8.2021 upto 17.00 hrs. | Dt.16.8.2021 at 11.00 A.M. |

Further details can be seen from the website www.tendersorissa.gov.in.
Corrigendum, if any, will be uploaded in website only.

Sd./- Superintending Engineer, RWS&S Division, Phulbani
OIPR-25006/11/0005/2122



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail id: seccbbsr@gmail.com
**E-procurement Tender Call Notice No.04 of 2021-22**
**No. 1918 (Estg.) Bhubaneswar the 27th July-2021**

No. B-260: The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one numbers of Building work (Composite) to be received in online bidding, double cover system for construction work as detailed in: **https://tendersorissa.gov.in**. The details of bid documents will be available in the above website from 5.00 PM of 06.08.2021 to 5:00 PM of 19.08.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11:00 AM of 21.08.2021 in the Office of the Chief Construction Engineer, Central (R&B) Circle Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum / Corrigendum, if required, will be available only in the Website.

Sd./-Er.T.K.Panda
Chief Construction Engineer
Central (R&B) Circle, Bhubaneswar
OIPR-34005/11/0004/2122



## ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼
**DISTRICT MINERAL FOUNDATION, SUNDARGARH**
**District Mineral Foundation**
**Collectorate Campus, Sundargarh.770001**
**Email ID: dmfsundergarh@gmail.com, Tel No, - 06622-273846**
Letter No.2595/(DMF)/2021 Dated the 29.07.2021
**RFP NO.:-DMF/SNG/07-2021-22**

| | | | |
|---|---|---|---|
| 1 | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals from reputed implementing NGOs/Agencies/ Firms of National and International repute for **"Management of Working Women's Hostel at Rourkela city of Sundargarh District supported by Dept. of WCD&MS, Govt of Odisha & District Mineral Foundation, Sundargarh"** as detailed in the Scope of Work in this DTCN. The interested and eligible Firms with valid Registration Certificate, as detailed in DTCN, may apply for the same in OFF-LINE mode. (For details visit **www.sundergarh.nic.in**). | | |
| 2 | Nature of works | : | RFP document for Management of Working Women's Hostel at Rourkela city of Sundargarh District supported by Dept. of WCD&MS, Govt of Odisha & District Mineral Foundation, Sundargarh. |
| 3 | Method of Selection | : | QCBS |
| 4 | RFP (Bid) Cost (Demand Draft) - Non refundable | : | Rs.10,000/- in favour of Chief Executive Officer, District Mineral Foundation, Sundargarh to be drawn at Sundargarh |
| 5 | EMD (Demand Draft) | : | Rs.50,000/- in favour of Chief Executive Officer, District Mineral Foundation, Sundargarh to be drawn at Sundargarh. |
| 6 | Availability of RFP document in the website | : | From 11.00 A.M. of 30.07.2021 to 12.08.2021 upto 5.00 P.M. |
| 7 | Last date of receipt of bid | : | 12.08.2021 upto 5.00 P.M. |
| 8 | Mode of receipt of bids | : | Through Speed Post/ Registered Post (India Post only) and by no other means. |
| 9 | Date of opening of technical bid and financial bid & Power-point presentation | : | Date- 13.8.2021 at 11.00 A.M. |
| 10 | Address for business query and correspondence | : | **District Mineral Foundation, Collectorate Campus, Near Sub-Collector Office, Sundargarh- 770001, Tel.No.- 06622-273846, Website: www.sundergarh.nic.in, E-mail Id- dmfsundergarh@gmail.com** |
| 11 | The bidders have to participate in OFF-LINE bidding only. Further details can be seen from the Sundargarh District website (www.sundergarh.nic.in). Any addendum/ corrigendum/ cancellation of tender can also be seen in the said website. For queries, if any, then contact E-mail ID: dmfsundergarh@gmail.com | | |

Sd./- Collector, & Chairperson
DMF, Sundargarh



Government of Odisha
Skill Development and Technical Education Department
Directorate of Technical Education & Training, Odisha
At-Killamaidan, PO-Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com
No.KK-40:-

**NOTICE INVITING REQUEST FOR PROPOSALS (RFP)**
**For Design, Engineering, Supply, Installation, Testing, Commissioning Including Insurance, Warranty, Spare Parts and Operation & Maintenance of Off Grid Rooftop Solar Power Plants at 15 Government ITIs of Odisha under STRIVE Project.**

**NIT No. DTET/ /2021-22/7611 Date: 30.07.2021**

The Directorate of Technical Education and Training, Odisha intends to inviteTechnical and Financial Proposals from the approved empanelled vendors of TPCODL, reputed firms under MSME/Start-up of Odisha, reputed vendors empanelled by Government of India/Government of Odisha organizations for Design, Engineering, Supply, Installation, Testing, Commissioning including insurance, warranty, spare parts and Operation & Maintenance for Off Grid Rooftop Solar Power Plants at 15 Government ITIs of Odisha under STRIVE project. Bidders may view and study the RFP document containing the detailed terms & conditions from the website http://www.dtetorissa.gov.in from 30th July'2021. The bids are to be submitted as per procedure given in the RFP document. Any addendum/corrigendum (if required) will be uploaded at DTE&T website mentioned above.

Sd./- DTE&T, Odisha, Cuttack
OIPR-14004/11/0005/2122



See Career Appointment on every Wednesday & Saturday

## ସାପ କାମୁଡ଼ାରେ ମହିଳା ମୃତ

ମାଲକାନଗିରି,(ଡି.ଏନ.ଏ.): ମାଲକାନଗିରି ସଦର ଥାନା ଗୋରାଖୁଣ୍ଟା ପଞ୍ଚାୟତ କୁର୍ଷୁଖାଡା ଗ୍ରାମରେ ବୁଧବାର ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ମୁକୁନ୍ଦ ପଡିଆମିଙ୍କ ସ୍ତ୍ରୀ ଦୀପା ପଡିଆମି (୨୮) । ରାତିରେ ଦୀପା ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ଏହା ଜାଣିବା ପରେ ସାପଟିକୁ ମାରି ପୋଡ଼ିଦେଇଥିଲେ । ପରେ ପରିବାର ଲୋକେ ଦୀପାଙ୍କୁ ଡାକ୍ତରଖାନା ନେଇଥିଲେ । ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦୀପାଙ୍କର ୩ ବର୍ଷର ପୁଅଟିଏ ରହିଛି ।

## ସଂକ୍ଷେପରେ

### ଜନସେବା କେନ୍ଦ୍ର ସିଲ୍ ନକଲି ଆୟ ପ୍ରମାଣପତ୍ର ପ୍ରସ୍ତୁତ ଅଭିଯୋଗ

**ଦିଗପହଣ୍ଡି,୨୯।୭(ଡି.ଏନ.ଏ.):** ନକଲି ଆୟ ପ୍ରମାଣପତ୍ର ପ୍ରସ୍ତୁତ ଅଭିଯୋଗରେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୈଁଠଖଣ୍ଡି ଗ୍ରାମରେ ଥିବା ଜିତେନ୍ଦ୍ର ସେଠୀଙ୍କ ଦ୍ୱାରା ପରିଚାଳିତ ଜନସେବା କେନ୍ଦ୍ର (କଷ୍ଟମର ସର୍ଭିସ ସେଣ୍ଟର)କୁ ଗୁରୁବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି । ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ସୂଚନା ପ୍ରକାରେ, ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ କୈଁଠଖଣ୍ଡି ରାଜସ୍ୱ ସର୍କଲ ଅଧୀନ ବୁରୁଡ଼ାଙ୍ଗ ଗ୍ରାମର ରାମଚନ୍ଦ୍ର ସେଠୀଙ୍କୁ ଆୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହାର ନକଲ କରି ଚକାତେନ୍ତୁଳି ଗ୍ରାମର ବୁଦ୍ଧିଆ ଗୌଡଙ୍କ ନାଁରେ ଉକ୍ତ ଜନସେବା କେନ୍ଦ୍ରର ମାଲିକ ଗତ ୧୯ ତାରିଖରେ ଆୟ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ସରକାରୀ ସହାୟତା ପାଇଁ ଆବେଦନ କରିଥିବା ବୁଦ୍ଧିଆଙ୍କ ଆୟ ପ୍ରମାଣପତ୍ରକୁ ବିଡିଓ ହଳଧର ଶବର ଯାଞ୍ଚ କରିବା ପରେ ତାହା ନକଲି ବୋଲି ଜଣାପଡ଼ିଥିଲା । ବିଡିଓଙ୍କ ସୂଚନାକୁ ଭିତ୍ତିକରି ତସହିଲଦାର, କୈଁଠଖଣ୍ଡି ସର୍କଲର ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ, ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟର ସାର୍ଟିଫିକେଟ ସେକ୍ସନର କର୍ମଚାରୀ ରୋଜାଲିନ ଡାକୁଆ ପ୍ରମୁଖ ଜନସେବା କେନ୍ଦ୍ରରେ ଚଢ଼ାଉ କରିଥିଲେ । ଉକ୍ତ ଘଟଣାର ତଦନ୍ତ କରାଯିବା ପରେ ଅଭିଯୁକ୍ତ ତଥା ଜନସେବା କେନ୍ଦ୍ରର ମାଲିକଙ୍କ ନାଁରେ ଦିଗପହଣ୍ଡି ଥାନାରେ ଏତଲା ଦିଆଯିବ ବୋଲି ତହସିଲଦାର କହିଛନ୍ତି ।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଛେଣ୍ଡିପଦା, ୨୮।୭(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଖମାର ବାଣେଶ୍ୱର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିପିନ୍ ୧୯୮୯ରୁ ଏଠାରେ ଶିକ୍ଷକତା ଆରମ୍ଭ କରିଥିଲେ । ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବୀର କିଶୋର ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖମାର ଗ୍ରାମ୍ୟ କମିଟିର ଚୈତନ୍ୟ ସାହୁ, ସମ୍ପାଦକ ଘାସିରାମ ମାଝି, ଖମାର ନୋଡାଲ୍ ସ୍କୁଲ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ବାବୁଲାଲ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ବିପିନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ ।

### ମେଡିକାଲ ସିଟ୍ ସଂରକ୍ଷଣ ନିଷ୍ପତ୍ତିକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ଡାକ୍ତରୀ ପାଠ ପଢ଼ିବା ଲାଗି ଆଗ୍ରହୀ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପାଇଁ ୨୭% ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ବର୍ଗ ପାଇଁ ୧୦% ସ୍ଥାନ ସଂରକ୍ଷଣ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ସର୍ବଭାରତୀୟ କୋଟା (ଏଆଇକ୍ୟୁ) ଆଧାରରେ ଏହି ସୁବିଧା ମିଳିବ ଏବଂ ୨୦୨୧-୨୨ ଶିକ୍ଷା ବର୍ଷରୁ ଏହା ଲାଗୁ ହେବ, ଯାହାକୁ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିଲାଗି ସେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓବିସି ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ମେଡିକାଲ ଶିକ୍ଷାକ୍ଷେତ୍ରରେ ଏଭଳି ନିଷ୍ପତ୍ତି ଯୁଗାନ୍ତକାରୀ । ଅଣସଂରକ୍ଷଣ କ୍ଷେତ୍ରରେ ସିଟ୍‌କୁ ହ୍ରାସ କରା ନ ଯାଇ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ଦେଶର ୫ ହଜାର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ଚାକିରି ପାଇଲେ ମାଙ୍କିଡ଼ିଆ ଜନଜାତି ଯୁବକ

**ବାରିପଦା ଅଫିସ, ୨୯।୭**

- ଜିଲାପାଳ ଦେଲେ ଚୁକ୍ତିଭିତ୍ତିକ ନିଯୁକ୍ତି
- ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ କରିଥିଲେ ପ୍ରଶଂସା


ବାୟା ମାଙ୍କିଡ଼ିଆଙ୍କୁ ଜିଲାପାଳ ବିନୀତ ଭରଦ୍ୱାଜ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ।

ମାଙ୍କିଡ଼ିଆ ଜନଜାତିର ପ୍ରଥମ ମାଟ୍ରିକ୍ୟୁଲେଟ ବାୟା ମାଙ୍କିଡ଼ିଆଙ୍କୁ ମିଳିଛି ସରକାରୀ ଚାକିରି । ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୩୨୪୭/୨୯।୭।୨୧ ଅନୁଯାୟୀ ଜିଲାପାଳ ବିନୀତ ଭରଦ୍ୱାଜ ଗୁରୁବାର ତାଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତିପତ୍ର ଓ ଲାପ୍‌ଟପ୍ ପ୍ରଦାନ କରିଛନ୍ତି । ସେ ଉଦଳାସ୍ଥିତ ଅନ୍ୱେଷା ଛାତ୍ରାବାସରେ ରହି ଛାତ୍ରମାନଙ୍କୁ ପାର୍ଟଟାଇମ୍ ଟ୍ୟୁଶନ କରିବେ । ଛାତ୍ରାବାସରେ ରହି ଶିକ୍ଷାଗ୍ରହଣ କରୁଥିବା ଶିକ୍ଷାର୍ଥୀମାନଙ୍କୁ କମ୍ପ୍ୟୁଟର ବାବଦରେ ଅଧିକ ଶିକ୍ଷା ପ୍ରଦାନ କରିବା ସହିତ ଚିତ୍ରାଙ୍କନ, ଗଳ୍ପ, କୁଇଜ୍ ସମ୍ପର୍କରେ ଶିକ୍ଷାଦାନ କରିବେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତି, ଜିଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ମହାପାତ୍ର ଓ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ , ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଭଣ୍ଡାରୀପାଳ ଅଞ୍ଚଳର ବାୟା ୨୦୧୦ରେ ଅସନବଣୀ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ମାଙ୍କିଡ଼ିଆ ଜନଜାତିର ଟେକ ରଖିଥିଲେ । ଏହି ଖବରପାଇ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀସିଂ ପାଟିଲ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅତି ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ହେଁ ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ରହିଥିଲା । ତାଙ୍କ ବଡ଼ଭାଇ ଓ ମା' ଜଙ୍ଗଲରୁ ଖଜୁରିପତ୍ର ସଂଗ୍ରହ କରି ସେଥିରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ପରିବାର ଭରଣପୋଷଣ କରୁଥିଲେ । ଦିନ ମଜୁରିଆ ଭାବେ କାମ କରି ବାୟା ମେଘାସନି କଲେଜ ନୁଦୁଡ଼ିହାରୁ +୨ କଳାରେ ଉତ୍ତୀର୍ଣ୍ଣ ହେବା ପରେ +୩ ଦ୍ୱିତୀୟ ବର୍ଷରେ ପଢୁଥିଲେ । ତେବେ ଅର୍ଥାଭାବରୁ ପାଠପଢ଼ା ଛାଡ଼ି ପରିବାର ଚଳାଇବା ପାଇଁ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରୁଥିଲେ । ଏକଥା ଜଣାପଡ଼ିବା ପରେ ଜିଲାପାଳ ଭରଦ୍ୱାଜ ତାଙ୍କୁ ଛାତ୍ରାବାସରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରିଛନ୍ତି । ଏଥିପାଇଁ ସେ ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଓ ତାଙ୍କ ମା'ଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି ।

# ସୀମାନ୍ତ ଅଞ୍ଚଳରେ ବାଘ

**ପଦ୍ମପୁର,୨୯।୭(ଡି.ଏନ୍.ଏ.)**


ମୋବାଇଲରେ ଭାଇରାଲ ହୋଇଥିବା ବାଘ ଫଟୋ ।

- ଭାଇରାଲ ହେଉଛି ଫଟୋ
- କୌଣସି ସ୍ଥାନରେ ମିଳିନି ପଦଚିହ୍ନ: ବନ ବିଭାଗ

ରାୟଗଡ଼ା-ଗଜପତି ଜିଲା ସୀମାନ୍ତ ମୋହନା ବ୍ଲକ ନିକଟ ଜଙ୍ଗଲରେ ଏବଂ ମୁଖ୍ୟରାସ୍ତାରେ ବାଘ ବୁଲୁଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର ହେଉଥିବାବେଳେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ରାସ୍ତାକଡ଼ରେ ବୁଲୁଥିବା ବାଘ ଫଟୋ ଭାଇରାଲ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯିବା ସହ ରାଇପଙ୍ଗା ଅଞ୍ଚଳ ଗସ୍ତକରି ଲୋକଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି ।

ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଜାତୀୟ ରାଜପଥ ତଥା ବ୍ରହ୍ମପୁରରୁ ଅବିଭକ୍ତ କୋରାପୁଟ ଜିଲାକୁ ସଂଯୋଗ କରୁଥିବା ରାୟଗଡ଼ା-ଗଜପତି ସୀମାନ୍ତ ରାଇପଙ୍ଗା ନିକଟରେ ଏକ କଲରାପତରିଆ ବାଘକୁ ଲୋକେ ଦେଖିଥିବା ଏବଂ ରାସ୍ତାରେ ଯାଉଥିବା ବସ୍ ଅଟକି ରହିଥିବା ନେଇ ସୂଚନା ମିଳିଥିଲା । କେତେଜଣ ବ୍ୟକ୍ତି ବାଘ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ଚର୍ଚ୍ଚାକୁ ଆସିଥିଲା । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ତେବେ ବାଘ କେଉଁଠାରୁ ଆସିଲା ନା ଏହା ଏକ ଗୁଜବ ତାହା ସ୍ପଷ୍ଟ ହୋଇପାରିନାହିଁ । ତେବେ ରାୟଗଡ଼ା ଜିଲାର ଗୁଡାରୀ, ଗୁଣପୁର ଏବଂ ଗଜପତି ଜିଲାର ଜଙ୍ଗଲରେ ଗଣନା ଅନୁଯାୟୀ ବାଘ ନ ଥିବା କୁହାଯାଉଛି । ଅନ୍ୟପକ୍ଷରେ ଗୁଣପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ଗୁଡାରୀ ରେଞ୍ଜର ସଂଘମିତ୍ରା ଭୋଇ ଏବଂ ମୋହନା ରେଞ୍ଜର ଗୌରୀ ପ୍ରସାଦ ରଥଙ୍କୁ ପଚାରିବାରୁ ସେମାନେ କହିଛନ୍ତି, ରାଇପଙ୍ଗା ଅଞ୍ଚଳରେ ଅନୁସନ୍ଧାନ କରାଯାଇଥିଲା । ହେଲେ କୌଣସି ସ୍ଥାନରେ ବାଘର ପଦ ଚିହ୍ନ ଦେଖିବାକୁ ମିଳିନାହିଁ । ତେଣୁ ଲୋକେ ଆତଙ୍କିତ ନ ହେବା ପାଇଁ ସେମାନେ କହିଛନ୍ତି ।

# ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୯।୭**

### ସ୍ତ୍ରୀଙ୍କୁ ଏସିଡ୍ ମାଡ଼ ମାମଲା

ଢେଙ୍କାନାଳ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଗୁରୁବାର ଏକ ଏସିଡ୍ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି । ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ଅଭିଯୁକ୍ତ ସ୍ୱାମୀ ବିକାଶ ଚନ୍ଦ୍ର ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ମନୋରଞ୍ଜନ ନାଏକ ଓରଫ ମନୁଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି ।

ମାମଲାର ବିବରଣୀ ଅନୁଯାୟୀ, ରୁନି ନାଏକ ଏବଂ ବିକାଶ ୨୦୦୯ ଜୁଲାଇ ୨୬ରେ ପ୍ରେମ ବିବାହ କରିଥିଲେ । ସ୍ୱାମୀଙ୍କ ସହ ମନୋମାଳିନ୍ୟ ପରେ ରୁନି ଅନୁଗୋଳ ପଞ୍ଚମହଲାସ୍ଥିତ ସ୍ୱଧାର ଗୃହରେ ରହୁଥିଲେ । ୨୦୧୬ ଡିସେମ୍ବର ୧୩ରେ ହିନ୍ଦୋଳ କୋର୍ଟରେ ସ୍ୱାମୀଙ୍କ ବିରୋଧରେ ଦାଏର କରିଥିବା ମାମଲାରେ ହାଜର ହେବା ପାଇଁ ନୋଟିସ ପାଇ ରୁନି ସ୍ୱଧାର ଗୃହରୁ ଜଣେ କର୍ମଚାରୀଙ୍କ ସହ ଆସିଥିଲେ । କୋର୍ଟ କାର୍ଯ୍ୟ ପରେ ବିକାଶ ତାଙ୍କୁ ବାଧ କରି ବାଇକ୍‌ରେ ବସାଇ ନେଇଯାଇଥିଲେ । ସାତମାଇଲ ପେଟ୍ରୋଲ ପମ୍ପ ନିକଟ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଜଣେ ଲୋକଙ୍କ ନିକଟରେ ବିକାଶ ବାଇକ୍ ଅଟକାଇବା ପରେ ସମ୍ପୃକ୍ତ ବ୍ୟକ୍ତି ରୁନିଙ୍କ ମୁହଁକୁ ଏସିଡ୍ ମାଡ଼ କରିଥିଲେ । ରୁନି ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ବିକାଶ ଅଭିଯୁକ୍ତଙ୍କୁ ବାଇକ୍‌ରେ ବସାଇ ଚମ୍ପଟ ମାରିଥିଲେ । ପୋଲିସ, ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ରୁନିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହିନ୍ଦୋଳ ଥାନାରେ ନଂ. ୧୦୨/୧୬, ଦଫା ୩୨୬(ଏ), ଦଫା ୩୨୬ (ବି), ୧୨୦(ବି)ରେ ମାମଲା ରୁଜୁ ହୋଇଥିଲା । ୧୫ଜଣଙ୍କ ସାକ୍ଷ୍ୟପ୍ରମାଣ ଏବଂ ଡାକ୍ତରୀ ରିପୋର୍ଟ ଆଧାରରେ ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି । ବିକାଶଙ୍କୁ ଦଫା ୩୨୬ (ଏ)ରେ ୧୦ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି । ଜରିମାନା ଅନାଦାୟେ ଅଧିକ ମାସେ ଜେଲଦଣ୍ଡ ଭୋଗିବାକୁ ଏଥିରେ କୁହାଯାଇଛି । ଦଫା ୩୨୬ (ବି)ରେ ୫ବର୍ଷ କାରାଦଣ୍ଡ, ୧ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ମାସେ କାରାଦଣ୍ଡ ସେହିପରି ଦଫା ୧୨୦ (ବି)ରେ ୧୦ବର୍ଷ କାରାଦଣ୍ଡ, ୧ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ଏକ ମାସ ଜେଲଦଣ୍ଡ ପ୍ରଦାନ କରାଯାଇଛି । ସମସ୍ତ ଦଣ୍ଡାଦେଶ ସମାନ୍ତରାଳ ଭାବେ ଚାଲିବ । ମାମଲାକୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପରିଚାଳନା କରିଥିଲେ ।


ସ୍ୱାଧୀନତା ଦିବସରେ ଜାତୀୟ ପତାକାର ଚାହିଦାକୁ ନେଇ କଟକ ଗଙ୍ଗାମନ୍ଦିର ଅଞ୍ଚଳରେ ଜାତୀୟ ପତାକା ତିଆରି କରୁଥିବା ୨ କାରିଗର ।

# ଆରମ୍ଭ ହେବ ଦୂର ଓ ନିରନ୍ତର ଶିକ୍ଷା


ବୈଠକରେ ଉପସ୍ଥିତ କୁଳପତିଙ୍କ ସମେତ ଅନ୍ୟ ଅଧିକାରୀମାନେ ।

**ବଇଣ୍ଡା,୨୮।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ଏବଂ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟରେ ଅଗଷ୍ଟ ମାସରେ ଦୂର ଓ ନିରନ୍ତର ଶିକ୍ଷା ଆରମ୍ଭ ହେବ । ଏ ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ବୁଧବାର କୁଳପତି ପ୍ରଫେସର ଡକ୍ଟର ସଞ୍ଜୀବ ମିତଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପିଜି କାଉନସିଲର ଚେୟାରମ୍ୟାନ ଡ. ସଞ୍ଜିତ କୁମାର ସାହୁ, କଲେଜ ଉନ୍ନୟନ ପରିଷଦ ଚେୟାରମ୍ୟାନ ଡକ୍ଟର ଅଜୟ ବେହେରା, ନିର୍ଦ୍ଦେଶକ ଏଚ୍‌ଆରଡିସି ପ୍ରଫେସର ବୁଲୁ ମହାରଣା, ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା, କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ସମେତ ୧୮ କଲେଜର ଅଧ୍ୟକ୍ଷ ଯୋଗ ଦେଇଥିଲେ । ଏହି ମହାବିଦ୍ୟାଳୟ ଗୁଡିକରେ ଖୁବଶୀଘ୍ର ପିଜିଡିସିଏ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି । ପରେ ଏମବିଏ, ଏମସିଏ, ବିସିଏ, ବିଏ, ବିକମ ପାଠ୍ୟକ୍ରମ ଆରମ୍ଭ ହେବ ନେଇ ବୈଠକରେ ଆଲୋଚନା ହୋଇଥିଲା ।

# ମଦ ଦୋକାନରୁ ଲୁଟ୍, ୫ ଗିରଫ

**ବଇଣ୍ଡା,୨୯।୭(ଡି.ଏନ.ଏ.)**

କିଶୋରନଗର ଥାନା ବାମୁରଠାରେ ଥିବା ଏକ ବିଦେଶୀ ମଦ ଦୋକନରୁ ବୁଧବାର ସାଢେ ୪ ଲକ୍ଷ ଟଙ୍କା ସହ ୪ ପେଟି ମଦ ଲୁଟ ହୋଇଥିବା କର୍ମଚାରୀ ନରେନ୍ଦ୍ର ମହାପାତ୍ର ଅଭିଯୋଗ କରିଥିଲେ । ପୋଲିସ ନଂ. ୧୧୩/୨୧ରେ ଏକ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ତପନ ମହାନ୍ତି, ଜଳେନ୍ଦ୍ର ବେହେରା, ଜିତେନ୍ଦ୍ର ଭୂଈଁଆ, ନୁନୁକାପଶି ଗ୍ରାମର ଶୁଭ୍ର ପ୍ରକାଶ ଶତପଥୀ ଏବଂ ଆଶିଷ ବେହେରା । ସେମାନଙ୍କଠାରୁ ଏକ ଏକ ସ୍କର୍ପିଓ (ନଂ. ଓଆର୧୯କେ-୯୪୦୦) ଜବତ କରାଯାଇଛି । ପୋଲିସ କହିଛି, ସମ୍ପୃକ୍ତ ୫ ଜଣ ମଦ ଆଣିବା ପାଇଁ ଯାଇଥିଲେ । ସେଠାରେ ଥିବା ନରେନ୍ଦ୍ର ଓ ମଦ ଦୋକାନର ମ୍ୟାନେଜର ବିକାଶ ସାହୁଙ୍କ ସହ ସେମାନଙ୍କର ଗଣ୍ଡଗୋଳ ହୋଇଥିଲା । ପରେ ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ମଦ ଓ ଟଙ୍କା ଲୁଟ୍ କରି ଖସିଯାଉଥିବାବେଳେ ରେଢାଖୋଲ ପୋଲିସ ତାଙ୍କୁ କାବୁ କରି କିଶୋରନଗର ପୋଲିସ ଜିମା ଦେଇଥିଲା । ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ କହିଛନ୍ତି ।


ଲୁଟ୍ ଅଭିଯୋଗରେ ଗିରଫ ୫ ଜଣ ଅଭିଯୁକ୍ତ ।

# '୧୩୯ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ସମସ୍ତ ଦାୟିତ୍ୱ ନିଅ'

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

### ମାଟ୍ରିକ ଫଳାଫଳରୁ ବଞ୍ଚିତ ମାମଲାର ଶୁଣାଣି କଲେ ଓଏଚ୍‌ଆର୍‌ସି

ଚଳିତବର୍ଷ ବିକଳ୍ପ ମୂଲ୍ୟାୟନରୁ ବଞ୍ଚିତ ୧୩୯ଜଣ ଦିବ୍ୟାଙ୍ଗ ମାଟ୍ରିକ ଛାତ୍ରୀଛାତ୍ରୀଙ୍କ ମାମଲାରେ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) । ଶୁକ୍ରବାର ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା ଦେବାକୁ ଯାଉଥିବା ସମ୍ପୃକ୍ତ ଦିବ୍ୟାଙ୍ଗ ପିଲାଙ୍କ ସମସ୍ତ ଦାୟିତ୍ୱ ରାଜ୍ୟ ସରକାର ବହନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ବୋର୍ଡ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଦିବ୍ୟାଙ୍ଗ ଦୃଷ୍ଟିହୀନ ପିଲାଙ୍କ ପରୀକ୍ଷା ଖାତାରେ ଲେଖିବା ପାଇଁ ଲିପିକାର, ଯିବାଆସିବା ପାଇଁ ଆବଶ୍ୟକ ଗାଡ଼ି, ଖାଦ୍ୟପେୟ, ସେମାନଙ୍କ ସହ ଅଭିଭାବକଙ୍କ ରହଣି ଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା, ଡାକ୍ତରୀ ଚିକିତ୍ସା ଆଦି ସୁବିଧା ଉପଲବ୍ଧ କରିବା ପାଇଁ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସୁନ୍ଦରଗଡ଼ ଜିଲାର ସବ୍‌ଦେଗା ଓ କୁତ୍ରା ପରୀକ୍ଷା ସେଣ୍ଟରକୁ ଜିଲା ମୁଖ୍ୟାଳୟ ସ୍ଥିତ ବି.ଏସ୍ ହାଇସ୍କୁଲ୍‌ରେ ମିଶା ଯାଇ ଗୋଟିଏ ସେଣ୍ଟର କରିବା ନେଇ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନାଙ୍କ ଏକ ପିଟିଶନର ତୁରନ୍ତ ଶୁଣାଣି କରି କମିଶନ ଏହି ରାୟ ଦେଇଛନ୍ତି । ଶୁଣାଣିବେଳେ ଓଡ଼ିଶା ଅଭିଭାବକ ମହାସଂଘର ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, କେତେଜଣ ଦିବ୍ୟାଙ୍ଗ ଛାତ୍ର ଉପସ୍ଥିତ ଥିଲେ ।

ଚଳିତବର୍ଷ କରୋନା ପାଇଁ ପୂର୍ବ ପରୀକ୍ଷାର ନମ୍ବର ଆଧାରରେ ରାଜ୍ୟର ୬ ଲକ୍ଷ ପିଲାଙ୍କ ଫଳାଫଳ ପ୍ରକାଶ କରିଥିଲା ବୋର୍ଡ । ହେଲେ ସମ୍ପୃକ୍ତ ୧୩୯ ଦିବ୍ୟାଙ୍ଗ ପିଲାଙ୍କ ଫଳାଫଳ ବାହାର କରାଯାଇ ନ ଥିଲା । ଏନେଇ ମନୋଜ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ । କମିଶନ ଏହାର ଶୁଣାଣି କରି ଦିବ୍ୟାଙ୍ଗ ପିଲାଙ୍କ ଅଫ୍‌ଲାଇନ୍ ପରୀକ୍ଷା ଉପରେ ଅଙ୍କୁଶ ଲଗାଇଥିଲେ । ଏଥିସହ ଅଫ୍‌ଲାଇନ ପରୀକ୍ଷା ସମୟରେ ସେମାନଙ୍କର କୌଣସି ସମସ୍ୟା ହେଲେ ଏଥିପାଇଁ ବୋର୍ଡ଼ ଦାୟୀ ରହିବ ବୋଲି କମିଶନ କହିଥିଲେ । ଶୁକ୍ରବାର ଅଫ୍‌ଲାଇନ୍ ପରୀକ୍ଷା ଥିବାରୁ କମିଶନ ଗୁରୁବାର ପିଟିଶନର ଜରୁରୀ ଶୁଣାଣି କରିଥିଲେ । ଶୁଣାଣିବେଳେ ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତ ରିପୋର୍ଟ ଦାଖଲ କରାଯାଇଥିଲା । ଦିବ୍ୟାଙ୍ଗ ପିଲା କରେସ୍‌ପଣ୍ଡେଣ୍ଟ କୋର୍ସ ମାଧ୍ୟମରେ ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ୍ କରିଥିବାରୁ ଏମାନଙ୍କର କୌଣସି ସ୍ଥାୟୀ ରେଜିଷ୍ଟ୍ରେଶନ ନମ୍ବର ଓ ପୂର୍ବ ପରୀକ୍ଷାର ଆଇନ ସମ୍ମତ ତଥ୍ୟ ବୋର୍ଡ ପାଖରେ ନାହିଁ । ଆଇନ ଅନୁଯାୟୀ ସେମାନଙ୍କୁ ଆକଳନ ଭିତ୍ତିରେ ନମ୍ବର ଦିଆଯିବା ବି ସମ୍ଭବ ନୁହେଁ । ତେଣୁ ପରୀକ୍ଷା ନ କରି ରେଜଲ୍ଟ ବାହାର କରିବାକୁ ନିଜର ଆଇନଗତ ଅସାମର୍ଥ୍ୟ ଜଣାଇଥିଲା ବୋର୍ଡ ।

ପିଲାମାନେ ଦିବ୍ୟାଙ୍ଗ ହୋଇଥିବାରୁ ମାନବିକତା ଓ ସହୃଦୟତାର ସହିତ ବିଚାର କରିବାକୁ ଶୁଣାଣିବେଳେ ଆବେଦନକାରୀ ମନୋଜ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ୩ ଅଭିଯୁକ୍ତ ଜେଲ ଗଲେ

### ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୨୯।୭(ସ୍ୱ.ପ୍ର.)**


ଖବରଦାତା ସମ୍ମିଳନୀରେ ଗିରଫ ୩ ଅଭିଯୁକ୍ତ ।

### ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସର ତନାଘନା

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ୍ ହୋଇଥିଲା । ଏ ସଂକ୍ରାନ୍ତରେ ଜୁନ୍ ୪ରେ ପୀଡ଼ିତା ଓ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୨୩/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି ।

ଗୁରୁବାର ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି, ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଅଶ୍ଳୀଳ ଭିଡ଼ିଓ ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିଲା । ଏହି ଘଟଣାରେ ପଶ୍ଚିମବଙ୍ଗ ନଦିଆ ଜିଲା ଅଞ୍ଚଳର ଏମ୍‌ଡି ମିଲନ ଶେଖ୍ ଓ ମୁଲାୟମ୍ ଶେଖ୍ ଏବଂ କଟକ ଜିଲା ସାଲେପୁର ଥାନା ଅଞ୍ଚଳର ଦେବଦତ୍ତ ବେହେରାଙ୍କ ସମେତ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା । ପୋଲିସ ମିଲନ, ମୁଲାୟମ ଓ ଦେବଦତ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ସହ ପଡ଼ିଶା ଘର ଲୋକଙ୍କ ଦୀର୍ଘଦିନରୁ ଜମିବାଡ଼ି ବିବାଦ ଲାଗି ରହିଛି । ମିଲନ ଓ ତାଙ୍କ ଭାଇ ମୁଲାୟମ ଏହି ଅଞ୍ଚଳରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ । ମିଲନଙ୍କ ସହିତ ମୋର ସମ୍ପର୍କ ବଢ଼ିବା ପରେ ଏହାର ସୁଯୋଗ ନେଇ ସେ ମୋର ଅଶ୍ଳୀଳ ଭିଡ଼ିଓ ଉତ୍ତୋଳନ କରି ସମ୍ପୃକ୍ତ ପଡ଼ିଶା ଘରକୁ ଦେଇଥିଲେ । ପଡ଼ିଶା ଘର ଲୋକଙ୍କ ସହିତ ସାଲେପୁରର ଦେବଦତ୍ତ ଓ ଅନ୍ୟ କେତେଜଣ ସେହି ଭିଡ଼ିଓକୁ ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପରେ ଭାଇରାଲ୍ କରିଥିଲେ ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ପବିତ୍ର ମହାରଣା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

#### ପରିଚୟ ଖୋଜୁଛି ପୋଲିସ

**ଭୁବନେଶ୍ୱର,୨୯।୭(ବ୍ୟୁରୋ):** କ୍ୟାପିଟାଲ ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡ୍ ନିକଟ ଏକ କଦମ୍ବ ଗଛରୁ ଗୁରୁବାର ଭୋର୍‌ରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭୨/୨୧)ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ତଦନ୍ତ ସେପରି ଆଗେଇ ପାରିନି। ତେଣୁ ପ୍ରଥମେ ପରିଚୟ ପାଇବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ମୃତ ଯୁବକଙ୍କ ବୟସ ୨୫ରୁ ୩୦ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ। ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

### ଭିଏସ୍‌ଏସ୍ ନଗରରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଭୁବନେଶ୍ୱର, ୨୯।୭ (ବ୍ୟୁରୋ):** ଭିଏସ୍‌ଏସ୍ ନଗରରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ୧୯୭୮ରେ ଭିଏସ୍‌ଏସ୍ ନଗର ପ୍ରତିଷ୍ଠା ଦିନଠାରୁ ଏଠାରେ ଏକ ଛୋଟ ଆବକ୍ଷ ପ୍ରତିମୂର୍ତ୍ତି ରହିଥିବାବେଳେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନୀୟ ଲୋକେ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ୨୦୦୮ ଅକ୍ଟୋବର ୨୩ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଭିଏସ୍‌ଏସ୍‌ନଗର ପରିବର୍ତ୍ତେ ଜୟଦେବ ବିହାର ଛକରେ ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ହୋଇଥିବା ନିଷ୍ପତ୍ତିକୁ ତୀବ୍ର ବିରୋଧ କରାଯାଇଥିଲା। ହେଲେ ଅର୍ଥାଭାବର ଆଳ ଦେଖାଇ ଏହି ପ୍ରତିମୂର୍ତ୍ତି ଆଜିପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇ ପାରିଲା ନାହିଁ ବୋଲି ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ଅଭିଯୋଗ କରିଛନ୍ତି। ସେହିପରି ନିକଟରେ ସହରରେ ୫ଟି ସ୍ଥାନରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ ଭିଏସ୍‌ଏସ୍ ନଗରକୁ ଅଣଦେଖା କରାଯାଇଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ଫନୀ ସହାୟତାରୁ ବଞ୍ଚିତ ମତ୍ସ୍ୟଜୀବୀଙ୍କ ଆନ୍ଦୋଳନ ଚେତାବନୀ

**ବ୍ରହ୍ମଗିରି,୨୯।୭(ଡି.ଏନ୍.ଏ.):** ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ମିଳିପାରୁନି ସରକାରୀ ସହାୟତା। ଏ ନେଇ ବ୍ରହ୍ମଗିରି ସାମୁଦ୍ରିକ ମତ୍ସ୍ୟଜୀବୀ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ସୂଚନା ମୁତାବକ, ଫନୀରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସରକାର ଘର ଭାଙ୍ଗା ସହାୟତା ୯୫ହଜାର ଟଙ୍କା ଘୋଷଣା କରିଥିଲେ। ସହାୟତାରେ ଅନିୟମିତତା ଦର୍ଶାଇ ତତ୍କାଳୀନ ଜିଲାପାଳ ଚୟନ ହୋଇଥିବା କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଥିଲେ। ଏପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହେଉ ନ ଥିବାରୁ କ୍ଷତିଗ୍ରସ୍ତମାନେ ହଇରାଣ ହେଉଛନ୍ତି। ତୁରନ୍ତ ଘର ଭଙ୍ଗା ସହାୟତା ପ୍ରଦାନ, ବ୍ୟାଙ୍କ ଆକାଉଣ୍ଟକୁ ଚଳନ କରିବା ଦାବି ୭ଦିନରେ ପୂରଣ ନ ହେଲେ ବ୍ରହ୍ମଗିରି ସାମୁଦ୍ରିକ ମତ୍ସ୍ୟଜୀବୀ ଆନ୍ଦୋଳନ କରିବ ବୋଲି ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରେରଣ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ଡେଲାଙ୍ଗ,୨୯।୭(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ପୁରୀ ସଦର ଥାନା ଅଞ୍ଚଳର ହାପି ଗୋଛାୟତ(୨୨)। ଅଭିଯୋଗ ମୁତାବକ, ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ବାଳିକା ଗତ ଜୁନ ୨୯ରୁ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୫୬/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଯୁବକକୁ ଗିରଫ କରିଥିଲେ। ଉଭୟଙ୍କ ଡାକ୍ତରୀ ମାଇନା ସହ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲ ପଠାଇଦିଆଯାଇଥିବା ପୋଲିସ କହିଛି।

# ଲୋଗୋ ଅସଲି, ଘଣ୍ଟା ନକଲି

କଟକ ଅଫିସ, ୨୯।୭





ଗିରଫ ଅଭିଯୁକ୍ତ କାଳୀପ୍ରସାଦ ମହାନ୍ତି।

- ୮୮୪ ଘଣ୍ଟା ଜବତ
- ଦୋକାନ କର୍ମଚାରୀ ଗିରଫ, ମାଲିକ ଫେରାର

ଘଣ୍ଟାରେ ଏକ ନିର୍ଦ୍ଦିଷ୍ଟ ନାମୀ କମ୍ପାନୀର ଅସଲି ଲୋଗୋ ରହିଛି। କିନ୍ତୁ ଘଣ୍ଟା ନକଲି। ଏହି ନକଲି ହାତଘଣ୍ଟା ବିକ୍ରି ଅଭିଯୋଗରେ ବାଦାମବାଡି ପୋଲିସ ଦୋକାନର କର୍ମଚାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା କିଶୋରନଗର ଅଞ୍ଚଳର କାଳୀପ୍ରସାଦ ମହାନ୍ତି(୪୨)। ତାଙ୍କ ଦୋକାନରୁ ୮୮୪ ନକଲି ଘଣ୍ଟା ପୋଲିସ ଜବତ କରିଛି।

ବାଦାମବାଡି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଏସ.ଏନ. ମୁଦୁଲି କହିଛନ୍ତି, ବାଦାମବାଡି ଥାନା ଅନ୍ତର୍ଗତ ଜିତ୍ ମାର୍କେଟର ଆର.କେ. ୱାଚ୍‌କୋ.ରେ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ନକଲି ଘଣ୍ଟା ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ବୁଧବାର ଉକ୍ତ ଦୋକାନରେ ପୋଲିସ ଚଢାଉ କରି ୩୬୦ଟି ମହିଳା(ମେଟାଲ ବ୍ୟାଣ୍ଡ), ୨୯୯ଟି ପୁରୁଷ(ମେଟାଲ ବ୍ୟାଣ୍ଡ), ୧୩୭ଟି ପୁରୁଷ(ରବର ବ୍ୟାଣ୍ଡ), ୮୮ଟି ମେଟାଲ ହାତଘଣ୍ଟା ଜବତ କରିବା ସହ କାଳୀପ୍ରସାଦଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୨୧୫/୨୧) ରୁଜୁ ହୋଇଛି। ଅନ୍ୟପକ୍ଷରେ ଏହି ବେଆଇନ କାରବାରର ମୁଖ୍ୟ ଅଭିଯୁକ୍ତ ତଥା ଦୋକାନ ମାଲିକ ରାଜକିଶୋର ହରିଚନ୍ଦନ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

# ୫ବର୍ଷ ପରେ ଚିଟ୍‌ଫଣ୍ଡ ସଂସ୍ଥାର ନିର୍ଦ୍ଦେଶକ ୟୁପିରୁ ଗିରଫ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

**ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଇଓଡବ୍ଲ୍ୟୁ**

ଓଡିଶାରେ ଅଫିସ ଖୋଲି ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିନେବା ଅଭିଯୋଗରେ ଏକ ଚିଟ୍‌ଫଣ୍ଡ୍ ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଉତ୍ତରପ୍ରଦେଶର ବରେଲିରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରାଜସ୍ଥାନ ବିକାନର୍‌ର ଦିଲୀପ କୁମାର ଜେନ୍। ଦିଲୀପ ଦୀର୍ଘ ୫ବର୍ଷ ହେବ ଫେରାର ଥିଲେ। ଗିରଫ ପରେ ଇଓଡବ୍ଲୁ ତାଙ୍କୁ ବରେଲି ସିଜେଏମ୍ କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡିଶା ଆଣୁଥିବା ସୂଚନା ମିଳିଛି।

୨୦୧୦ରୁ ୨୦୧୩ ମଧ୍ୟରେ ଦିଲୀପ ଅନ୍ୟ ସହଯୋଗୀଙ୍କ ସହ ମିଶି ଓଡିଶାରେ ଇଣ୍ଟର ଓସେନ ବିଦେଶ ଲିମିଟେଡ୍ ନାମରେ ଚିଟ୍‌ଫଣ୍ଡ୍ ସଂସ୍ଥା ଖୋଲିଥିଲେ। ପ୍ରଥମେ ଭୁବନେଶ୍ୱର, କଟକ ଓ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଫିସ ଖୋଲିଥିଲା। ଲୋକଙ୍କୁ ଅଧିକ ସୁଧ ବା କମ୍ ସମୟରେ ଟଙ୍କା ଦ୍ୱିଗୁଣିତ ହେବାର ପ୍ରଲୋଭନ ଦେଖାଇ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରିଥିଲେ। ତେବେ ନିର୍ଦ୍ଧାରିତ ସମୟରେ ଟଙ୍କା ନ ଫେରାଇ ଅଭିଯୁକ୍ତମାନେ ୨୦୧୩ରେ ସଂସ୍ଥା ବନ୍ଦ କରି ଫେରାର ହୋଇଯାଇଥିଲେ। ଏ ନେଇ ତାଳଚେରର ଲକ୍ଷ୍ମୀ ନାରାୟଣ ମହାପାତ୍ର ୨୦୧୬ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ପୂର୍ବରୁ ଏହି ମାମଲାରେ ସଂସ୍ଥାର ଅନ୍ୟ ଦୁଇ ନିର୍ଦ୍ଦେଶକ ସୁନିତା ସାମଲ ଓ ମନୋରଞ୍ଜନ ରାଏଙ୍କୁ ଗିରଫ କରାଯାଇଥିଲା। ଦିଲୀପ ରାଜ୍ୟ ବାହାରକୁ ଫେରାର ହୋଇଯାଇଥିଲେ। କିଛିଦିନ ତଳେ ଦିଲୀପ ଦିଲ୍ଲୀରେ ଥିବା ନେଇ ଇଓଡବ୍ଲୁ ସୂଚନା ପାଇଥିଲା। ୨୧ ତାରିଖରେ ଇଓଡବ୍ଲୁ ଚଢ଼ାଉ ପୂର୍ବରୁ ଅଭିଯୁକ୍ତ ଦିଲୀପ ଚକ୍‌ମା ଦେଇ ସେଠାରୁ ଖସି ପଳାଇଥିଲେ। ଏହାପରେ ସେ ବିକାନେର ଓ ପରେ ଭାୟା ଗାଜିଆବାଦ୍ ଦେଇ ବରେଲି ଯାଇ ଆତ୍ମଗୋପନ କରିଥିଲେ। ହେଲେ ତାଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ଇଓଡବ୍ଲ୍ୟୁ ଶେଷରେ ବୁଧବାର ବରେଲିର ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

# ଯୌତୁକ ସାମଗ୍ରୀ ନେଇଗଲେ ସ୍ତ୍ରୀ

କଟକ ଅଫିସ,୨୯।୭

**ଫେସ୍‌ବୁକ୍‌ରୁ ପ୍ରେମ ବିବାହକରି ପ୍ରତାରଣା ମାମଲା**

ଫେସ୍‌ବୁକ୍‌ରୁ ପ୍ରେମକରି ବିବାହ ଓ ପରେ ପ୍ରତାରଣା ମାମଲାରେ ନୂଆ ମୋଡ ଆସିଛି। ପ୍ରଥମେ ସ୍ୱାମୀ ଓ ପରେ ସ୍ତ୍ରୀ ପରସ୍ପର ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ଶେଷରେ ସ୍ତ୍ରୀ ବାଲେଶ୍ୱର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକ୍ରମେ ଗୁରୁବାର ବାଲେଶ୍ୱର ପୋଲିସ ସହାୟତାରେ ସ୍ୱାମୀଙ୍କ କଟକ ମର୍କତନଗରସ୍ଥିତ ଘରୁ ସ୍ତ୍ରୀ ସମସ୍ତ ଯୌତୁକ ସାମଗ୍ରୀ ନେଇଯାଇଥିବା ସ୍ଥାନୀୟ ଥାନା ଅଧିକାରୀ ବିଥୁଟି ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମର୍କତ ନଗର ଅଞ୍ଚଳରେ ରହୁଥିବା ମୋହିତ ଶର୍ମା ଓ ବାଲେଶ୍ୱର ଅଞ୍ଚଳର ସମ୍ପୃକ୍ତା ଯୁବତୀଙ୍କ ମଧ୍ୟରେ ଗତବର୍ଷ ଫେସ୍‌ବୁକ୍‌ରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗତ ନଭେମ୍ବର ୨୫ରେ ଉଭୟଙ୍କର ବିବାହ ହୋଇଥିଲା। କିନ୍ତୁ ମୋହିତଙ୍କ ସହ ସ୍ତ୍ରୀ ସମ୍ପର୍କ ରଖୁ ନ ଥିଲେ। ବରଂ ଅଜଣା ବ୍ୟକ୍ତି ମୋହିତଙ୍କୁ ଫୋନ୍‌ରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଗତ ୧୩ତାରିଖରେ ମୋହିତଙ୍କ ଉପରେ ଆକ୍ରମଣ ହୋଇଥିଲା। ସେ ଗତ ୧୪ରେ ଅଫିସରୁ ଘରକୁ ଆସିବାବେଳେ ଘରେ ତାଲା ପକାଇଦେଇ ସ୍ତ୍ରୀ ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ସ୍ତ୍ରୀ ଓ ତାଙ୍କ ପରିବାର ଲୋକେ ନିର୍ଯାତନା ଦେଉଥିବା ମୋହିତ ଗତ ୧୭ ତାରିଖରେ ମର୍କତ ନଗର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ମୋହିତଙ୍କ ନାଁରେ ମହିଳା ଥାନାରେ ପାଲଟା ଅଭିଯୋଗ ଆଣିଥିଲେ ସ୍ତ୍ରୀ। ସେ ଅଭିଯୋଗ କରିଥିଲେ, ବାହାଘର ପରେ ମୋହିତ ତାଙ୍କୁ ନିର୍ଯାତନା ଦେଉଥିଲେ। ତାଙ୍କୁ ବାରମ୍ବାର ଟଙ୍କା ମାଗନ୍ତି। ବ୍ୟବସାୟ ପାଇଁ ସେ ୧୫ ଲକ୍ଷ ଟଙ୍କା ମାଗୁଥିଲେ। ମାତ୍ର ଟଙ୍କା ନ ଦେବାରୁ ତାଙ୍କୁ ମାରିଦେବାର ଧମକ ଦେଇଥିଲେ। ତେବେ ଗତ ୨୨ ତାରିଖରେ ଦମ୍ପତିଙ୍କୁ କଟକ ମହିଳା ଥାନାର ମାଧ୍ୟମ କେନ୍ଦ୍ରରେ କାଉନସେଲିଂ କରାଯାଇଥିଲା। ଏହି ସମୟରେ ଉଭୟ ପରସ୍ପରର ପରିବାର ଉପରେ ଦୋଷ ଲଦିଥିଲେ। ପରସ୍ପର ବିରୋଧରେ ଅଭିଯୋଗ ଆଣିବାଥିବାବେଳେ ଏହାର ସମାଧାନ ହୋଇପାରି ନ ଥିଲା।





ଜାତୀୟ ଶିକ୍ଷାନୀତି-୨୦୨୧କୁ ବିରୋଧ କରି ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି (ଏଆଇଏସ୍‌ଇସି) ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ରାଜଭବନ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମହାପ୍ରଭୁଙ୍କର ହେଲା ମହାସ୍ନାନ

### ସ୍ପର୍ଶ କରିଦେଲେ ଆପଟ ସେବକ



ପୁରୀ ଅଫିସ,୨୯।୭

ଶ୍ରୀମନ୍ଦିରରେ ଗୁରୁବାର ସାମାନ୍ୟ ବିଭ୍ରାଟ ଯୋଗୁ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସକାଳେ ନୀତି ଚାଲୁଥିବାବେଳେ ଜଣେ ପାଣିଆ ଆପଟ ସେବକ ଅଜାଣତରେ ମହାପ୍ରଭୁଙ୍କୁ ସ୍ପର୍ଶ କରିଦେବାରୁ ମହାସ୍ନାନ ନୀତି କରାଯାଇଛି। ଅବକାଶ ନୀତି ପରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇଥିଲା। ଫଳରେ ଅନ୍ୟାନ୍ୟ ନୀତି ବିଳମ୍ବ ହୋଇଥିଲା। ଶ୍ରୀମନ୍ଦିର ନିୟମ ଅନୁଯାୟୀ, ରତ୍ନସିଂହାସନ ସମ୍ମୁଖରେ କୌଣସି ଭକ୍ତ ବା ସେବାୟତ ପଡ଼ି ଆହତ ହୋଇ ରକ୍ତ ପଡ଼ିଲେ, କେହି ବାନ୍ତି ବା ପରିସ୍ରା କଲେ ଏବଂ ନୀତି ଚାଲିଥିବାବେଳେ ଦାରୁଦିଅଁଙ୍କୁ କେହି ସ୍ପର୍ଶ କଲେ ଅନ୍ୟ ସମସ୍ତ ନୀତି ସ୍ଥଗିତ ରଖାଯାଇ ମହାସ୍ନାନ ନୀତି କରାଯାଇଥାଏ। ମହାସ୍ନାନ ନୀତି ସରିବା ପରେ ପୁଣି ଦୈନିକ ନୀତିକାନ୍ତି ଆଗେଇ ଥାଏ।

# ଟ୍ରେନ୍ ଆଗକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା



ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ଜଗି ରହିଛି।

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କାର୍ଗିଲ୍ ବସ୍ତି ନିକଟ ରେଳ ଧାରଣାରେ ଟ୍ରେନ ଆଗକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖଣ୍ଡଗିରି ଥାନା ପାତ୍ରପଡା କ୍ରିଷ୍ଣା ବିହାରର ସ୍ମୃତିରେଖା ନନ୍ଦ(୨୭)। ଜିଆର୍‌ପି ଥାନା ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୧) ରୁଜୁ କରିଛି। ପୋଲିସ ସୂଚନାନୁଯାୟୀ, ସ୍ମୃତିରେଖା 'ବାଇପୋଲାର ସାଇକୋସିସ୍' ରୋଗରେ ପୀଡିତ ହୋଇ ୩ ବର୍ଷ ହେବ ଚିକିତ୍ସିତ ହେଉଥିଲେ। ଏହି ରୋଗରେ ଆକ୍ରାନ୍ତ ହେଲେ ସାଧାରଣତଃ ପୀଡିତଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖିବାକୁ ମିଳେ। ସ୍ମୃତିରେଖା ମଧ ପୂର୍ବରୁ ଅନେକ ସମୟରେ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଗୁରୁବାର ସ୍ମୃତିରେଖାଙ୍କୁ ତାଙ୍କ ସ୍ୱାମୀ ବଡ଼ଗଡ଼ ଥାନା ଟଙ୍କପାଣି ରୋଡ୍‌ରେ ଥିବା ବାପଘରକୁ ଛାଡ଼ିବାକୁ କାରରେ ନେଉଥିଲେ। କାର୍ଗିଲ୍ ବସ୍ତି ନିକଟରେ କାର୍‌ଟି ଅଟକିଥିବାବେଳେ ସ୍ମୃତିରେଖା ହଠାତ୍ ଡୋର୍ ଖୋଲି ରେଳ ଧାରଣା ଆଡକୁ ଦୌଡିବାକୁ ଲାଗିଥିଲେ। ସ୍ୱାମୀ କାର ରଖି ତାଙ୍କୁ ଧରିବାକୁ ପଛରେ ଦୌଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ମଧ ତାଙ୍କୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେହି ସମୟରେ ଏକ ଟ୍ରେନ୍ ଆସିବାରୁ ସେ ତା' ଆଗକୁ ଡେଇଁ ପଡ଼ିଥିଲେ।

## ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ ବ୍ୟବସାୟୀ

**ବ୍ରହ୍ମଗିରି,୨୯।୭(ଡି.ଏନ୍.ଏ.):** ପୁରୁଣା ସୁନା ବଦଳାଇ ନୂଆ ସୁନା ଦେବାକୁ କହି ଜଣେ ବ୍ୟବସାୟୀ ବ୍ରହ୍ମଗିରି ଥାନା ଅଞ୍ଚଳର ୫ ଗ୍ରାମର ମହିଳାଙ୍କଠାରୁ ପ୍ରାୟ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଛନ୍ତି। ଠକେଇର ଶିକାର ମହିଳାଙ୍କ କହିବାନୁଯାୟୀ, ଉକ୍ତ ବ୍ୟବସାୟୀଙ୍କ ଘର କଟକ ଅଞ୍ଚଳରେ। ସେ ଗାଁକୁ ଗାଁ ବୁଲି ବୁଲି ସୁନା ବ୍ୟବସାୟ କରନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କୋଭିଡ୍ କେୟାର ସେଣ୍ଟରରୁ କଏଦୀ ଚମ୍ପଟ

କୋଣାର୍କ,୨୯।୭(ଡି.ଏନ୍.ଏ.)

କୋଣାର୍କ କୋଭିଡ୍ କେୟାର ସେଣ୍ଟରରୁ ବୁଧବାର ରାତି ୪ଟାରେ ଜଣେ କଏଦୀ ଚମ୍ପଟ ମାରିଥିବା ଜଣାପଡ଼ିଛି। ସେ ହେଲେ ନିମାପଡ଼ା ଥାନା ତେନ୍ତୁଳିଗାଁ ଅଞ୍ଚଳରେ ମାନସ ମହାପାତ୍ର। ଏକ ଚୋରି ମାମଲାରେ ମାନସଙ୍କୁ ପୋଲିସ ଗିରଫ କରିଥିଲା। ସେ କରୋନା ପଜିଟିଭ ଥିବା ଜଣାପଡ଼ିବା ପରେ ତାଙ୍କୁ ଗତ ୨୨ତାରିଖରେ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ସୁରକ୍ଷାକର୍ମୀ ଓ କାର୍ଯ୍ୟରତ ଅଧିକାରୀଙ୍କ ଅବହେଳା ଯୋଗୁ ମାନସ ବୁଧବାର ବିଳମ୍ବିତ ରାତିରେ ଫେରାର ହୋଇଯାଇଛନ୍ତି। ଫଳରେ କୋଭିଡ ସେଣ୍ଟରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଘଟଣାକୁ ଗୁରୁତ୍ୱ ଦେବା ସହ ସୁରକ୍ଷା କର୍ମୀ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏଥିସହ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଅଭିଯୁକ୍ତ ଘରକୁ ଗଲେ ଥାନାରେ ଜିମା ଦେବାକୁ କୁହାଯାଇଛି।

## ନନ୍ଦନକାନନରେ ଧଳାବାଘ ସଂଖ୍ୟା ବଢ଼ିବ

ବାରଙ୍ଗ,୨୯।୭(ଡି.ଏନ୍.ଏ.)

ନନ୍ଦନକାନନରେ ବଢ଼ିବ ଧଳା ବାଘଙ୍କ ସଂଖ୍ୟା। ଧଳାବାଘ ସଂଖ୍ୟା ବୃଦ୍ଧିରେ ୧ନଂ. ସ୍ଥାନକୁ ନନ୍ଦନକାନନ ଯିବାପାଇଁ ଉଦ୍ୟମ ଆରମ୍ଭ ହେବ। ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ ପାଳନ ଅବସରରେ ଗୁରୁବାର ନନ୍ଦନକାନନ କର୍ତ୍ତୃପକ୍ଷ ଏକ ରୋଡମ୍ୟାପ ତିଆରି କରିବା ପାଇଁ ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ୨ବର୍ଷ ମଧ୍ୟରେ ଧଳାବାଘ ବଂଶ ବୃଦ୍ଧି ଓ ଉନ୍ନତମାନର ଏନକ୍ଲୋଜର କରିବା ପାଇଁ ଆଲୋଚନା ହୋଇଛି। ଏଥିସହ ସମସ୍ତ ବାଘ ଏନକ୍ଲୋଜରର ସ୍ଥିତିକୁ ପରଖିଛନ୍ତି। ନନ୍ଦନକାନନ ବନ୍ଦ ରହିଥିବାରୁ ଅନଲାଇନରେ ଏହାକୁ ପାଳନ କରାଯାଇଛି। ବ୍ୟାଘ୍ର ସଂରକ୍ଷଣକୁ ନେଇ ଅନଲାଇନରେ ଆୟୋଜିତ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୮୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ନନ୍ଦନକାନନରେ ବାଘ ପରିଚାଳନା ଉପରେ ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆ ପ୍ଲାଟଫର୍ମରେ ମୁକ୍ତିଲାଭ କରିଥିଲା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜୀବ କୁମାର କହିଛନ୍ତି।

# ଚିଲିକାରୁ ୪୩୦ ଏକର ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୨୯।୭(ଡି.ଏନ୍.ଏ.)





ଚିଲିକାକୁ ନେଇ ମତ୍ସ୍ୟଜିବୀ, ପେଷାଦାର ମତ୍ସ୍ୟଜୀବୀ ଏବଂ ପ୍ରଶାସନ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଗୁରୁବାର ଠାରୁ ଚିଲିକାରୁ ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୀ ଜିଲା ପ୍ରଶାସନ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଘେରି ଉଚ୍ଛେଦ କରାଯାଇଛି। ଗୁରୁବାର ସୋଲାକୁଦି ଏବଂ ବନମାଳ ଅଞ୍ଚଳରୁ ୪୩୦ଏକର ଚିଲିକାରେ ହୋଇଥିବା ମାଟି ଘେରି ବନ୍ଧକୁ ପ୍ରଶାସନ ଉଚ୍ଛେଦ କରିଛି। କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ୨ଟି ଜେସିବି ମେସିନ ଏବଂ ୧୦୦ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୪ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ସେଠୀ କହିଛନ୍ତି। କରୋନା ସମୟରେ ଲୋକମାନେ ହାତବାନ୍ଧି ଘରେ ବସିଥିବା ବେଳେ ପ୍ରଶାସନର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛ। ଚିଲିକା ଉପରେ ନିର୍ଭର କରି ଚଳୁଥିବା ଅଧିବାସୀଙ୍କ ଉପରେ ପ୍ରଶାସନ ଚୁଲିରେ ପାଣି ଢାଳିବା ଭଳି କାର୍ଯ୍ୟ କରୁଛି ବୋଲି ଚିଲିକା ଉପକୂଳବାସୀ କହିଛନ୍ତି। କରୋନାରୁ ମୁକ୍ତି ପର୍ଯ୍ୟନ୍ତ ସରକାର ଘେରି ଉଚ୍ଛେଦ କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ ଚିଲିକା ଉପରେ ନିର୍ଭର କରି ଚଳୁଥିବା ଅଧିବାସୀମାନେ ସରକାରଙ୍କୁ ନିବେଦନ କରିଛନ୍ତି। ଉଚ୍ଛେଦ କାର୍ଯ୍ୟକ୍ରମରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିଭାଗ କନିଷ୍ଠଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ, ରାଜସ୍ୱ ସୁପରଭାଇଜର ମଧୁସୂଦନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ଜେନା, ସରୋଜ ନାୟକ, ଜ୍ୟୋତି ରଞ୍ଜନ ବେହେରା, ତପନ ରାଉତରାୟ, ରାଜୀବ ଲୋଚନ ସାହୁ, ରାଜସ୍ୱ ବିଭାଗ କର୍ମଚାରୀ ଗୋବର୍ଦ୍ଧନ ପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

## ୨ ଅଭିଯୁକ୍ତ କୋର୍ଟଚାଲାଣ

**କଣିହାଁ,(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ୍ ଥାନା ପୋଲିସ କୋର୍ଟ ଗିରଫ ପରୱାନାକୁ ନେଇ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଆଇଆଇସି ଅନାମ ଲାକ୍ରା କହିଛନ୍ତି, ରେଙ୍ଗାଳି ଡ୍ୟାମ୍ ଫିଲଟର ହାଉସରୁ ଚୋରି ଘଟଣାରେ ୨ ଜଣ ଫେରାର ଥିଲେ। କୋର୍ଟ ୱାରେଣ୍ଟକୁ ନେଇ ବୁଧବାର ରେଙ୍ଗାଳି ଝରାସାହିର ରଞ୍ଜନ ଦେହୁରୀ ଓ ଗୁରୁବାର ଗଙ୍ଗା ଦଣ୍ଡପାଟିଆଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ୭୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୯।୭:** ଅନୁଗୋଳ ଜିଲାରୁ ଗୁରୁବାର ୭୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୪୨ ହଜାର ୯୨୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୧୬ ଜଣ, ବଅଁରପାଳ ବ୍ଲକରୁ ୧୩, କଣିହାଁ ବ୍ଲକରୁ ୯, ଛେଣ୍ଡିପଦା ବ୍ଲକରୁ ୮, ଅନୁଗୋଳ ବ୍ଲକରୁ ୭, ଅନୁଗୋଳ ପୌରାଞ୍ଚଳରୁ ୬, କିଶୋରନଗର ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୪ ଓ ତାଳଚେର ପୌରାଞ୍ଚଳରୁ ୪ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୦୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଜିଲାରୁ ପୁଣି ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମୋଟ ମୃତକଙ୍କ ସଂଖ୍ୟା ୨୪୭ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବକେୟା ନ ମିଳିଲେ ଆନ୍ଦୋଳନ

**ତାଳଚେର,୨୯।୭(ନି.ପ୍ର.):** ତାଳଚେର ପୌର ପରିଷଦରେ କାର୍ଯ୍ୟରତ ସମସ୍ତ ନିୟମିତ ଏବଂ ଏନ୍ଏମ୍ଆର୍ ସଫେଇ କର୍ମଚାରୀଙ୍କୁ ୩ ମାସର ଦରମା ଦିଆଯାଇ ନାହିଁ। ତୁରନ୍ତ ବକେୟା ପ୍ରଦାନ କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କର୍ମଚାରୀମାନେ କହିଛନ୍ତି ଯେ, ପୌର କାର୍ଯ୍ୟାଳୟରେ ନୂଆ ନିର୍ବାହୀ ଅଧିକାରୀ ଯୋଗଦେବା ପରେ ସେମାନେ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ୩ ମାସର ଦରମା ଦିଆଯାଉ ନାହିଁ। ଅର୍ଥ ଅଭାବରୁ ସେମାନେ ପରିବାର ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଶନ ଠାରୁ ଔଷଧ ଖର୍ଚ୍ଚ ବହନ କରିପାରୁ ନାହାନ୍ତି। ଦୀର୍ଘ ଦିନ ହେବ ୫ମ ଓ ୬ଷ୍ଠ ବେତନ ବକେୟା ପ୍ରଦାନ କରାଯାଇନାହିଁ। ମହାମାରୀ ସମୟରେ ଅଫିସ ତରଫରୁ ମାସ୍କ, ଗ୍ଲୋଭସ, ସାନିଟାଇଜର, ସାବୁନ ଦିଆଯାଉ ନାହିଁ। ନିୟମିତ ଓ ଏନ୍ଏମ୍ଆର୍ମାନଙ୍କୁ ଅଲଗା ଭାବେ ସଫେଇ କାର୍ଯ୍ୟ ବଣ୍ଟନ କରାଯାଉ। ପ୍ରତିମାସର ୫ ତାରିଖରେ ଦରମା ପ୍ରଦାନ କରାଯାଉ। ଆସନ୍ତା ମାସ ୫ ତାରିଖ ସୁଦ୍ଧା ଏ ନେଇ ପଦକ୍ଷେପ ନିଆ ନ ଗଲେ ୬ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସହ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଫେଇ କର୍ମଚାରୀ ଭୁବନ ଗୋଛାୟତ, ଧୂଳିଆ ନାଏକ, ନିର୍ମଳା ନାଏକ, ଭଜିଲି ଗୋଛାୟତ, ପ୍ରସନ ନାଏକ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାତ କହିଛନ୍ତି, ୩ ମାସରେ ଥରେ ଗ୍ରାଣ୍ଟ ମିଳେ। କେବଳ ସଫେଇ କର୍ମଚାରୀ ନୁହନ୍ତି, ସମସ୍ତ କର୍ମଚାରୀ ୩ ମାସରେ ଥରେ ଦରମା ପାଆନ୍ତି।

### ଶ୍ରୀଅରବିନ୍ଦ ଆଶ୍ରମ ସାଧକଙ୍କ ବିୟୋଗ

**ଅନୁଗୋଳ ଅଫିସ, ୨୯।୭:** ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ସାଧକ ଶ୍ରୀପତି ଦାସ (୮୪)ଙ୍କ ବୁଧବାର ପରଲୋକ ହୋଇଛି। ସେ ଦୁଇ ବର୍ଷ ହେବ ଆଶ୍ରମର ନର୍ସିଂହୋମ୍ରେ ଚିକିତ୍ସିତ ଥିଲେ। ସାଧକ ଦାସ ୧୯୩୭ ଅଗଷ୍ଟ ୧୮ ତାରିଖରେ ଅନୁଗୋଳ ଜିଲା ବନ୍ତଳାର କଞ୍ଜିନୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷକତା କରୁଥିବା



ସମୟରେ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିଚେରୀସ୍ଥିତ ଆଶ୍ରମକୁ ଯାଇ ସାଧନା ଆରମ୍ଭ କରିଥିଲେ। ପରେ ସେଠାରେ ସେ ସାଧକ ଭାବେ ଜୀବନ କଟାଇଥିଲେ। ଆଶ୍ରମରେ ଓଡ଼ିଆ ପ୍ରେସ୍ ନବଜ୍ୟୋତି କାର୍ଯ୍ୟାଳୟ ଗଠନରେ ସହଯୋଗ ସହ ଶ୍ରୀମା-ଅରବିନ୍ଦଙ୍କ ରଚିତ ପୁସ୍ତକ ଗୁଡ଼ିକର ଓଡ଼ିଆ ଅନୁବାଦ କରିଥିଲେ। ସେଠାରେ ଶେଷକୃତ୍ୟ ସମୟରେ ତାଙ୍କ ଭାଣିଜୀ ସ୍ନିଗ୍ଧା ପଟ୍ଟନାୟକ ଓ ଭଣଜା ସୁନୀଲ ପଟ୍ଟନାୟକ ଉପସ୍ଥିତ ଥିଲେ। ତାଙ୍କ ଆତ୍ମାର ସଦ୍ଗତି ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ନୀରବ ପ୍ରାର୍ଥନା କରାଯାଇଥିଲା।

### ବ୍ୟବସାୟୀଙ୍କ ପରଲୋକ

**ଖମାର,୨୯।୭(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ଖମାର ସୁଲିଆ ବଜାର ୱେଲଫେୟାର ଆସୋସିଏଶନର ବରିଷ୍ଠ ସଦସ୍ୟ ତଥା ବ୍ୟବସାୟୀ ଈଶ୍ୱର ଚନ୍ଦ୍ର ଗଡ଼ନାୟକ (୮୪)ଙ୍କ ଗୁରୁବାର ଭୋର ୩ଟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଖବର ଜଣାପଡ଼ିବା ପରେ ସଂଘ ପକ୍ଷରୁ ଦିନକ ପାଇଁ ସୁଲିଆ ବଜାର ବନ୍ଦ ରହିଥିଲା। ପରେ ସଭାପତି ଧରଣୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଫଣୀ ଭୂଷଣ ବିଶ୍ୱାଳ, ବିକାଶ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ପ୍ରଧାନ, ସରୋଜ କୁମାର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ବେହେରା, ଇନ୍ଦ୍ରମଣି ସାହୁଙ୍କ ସମେତ ବହୁ ବ୍ୟବସାୟୀ ଏକ ଶୋକସଭାରେ ଯୋଗଦେଇଥିଲେ।

# ବର୍ଷାକୁ ନାହିଁ ଭରସା

- ଆବଶ୍ୟକତାର ଅଧା ବି ବର୍ଷିନି
- ସ୍ୱାଭାବିକ ହୋଇପାରୁନି ଚାଷ କାର୍ଯ୍ୟ
- ଆଶଙ୍କା ମଧ୍ୟରେ ଅନୁଗୋଳ ଚାଷୀ

**ଅନୁଗୋଳ ଅଫିସ, ୨୯।୭**
**(ଅମିତ କୁମାର ସାମଲ)**



ବର୍ଷା ଅଭାବରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ।

କଥାରେ ଅଛି ଆଷାଢ଼-ଶ୍ରାବଣ, ମେଘ ବରଷେ ଘନ ଘନ। ଚାଷ ଓ ଚାଷୀ ପାଇଁ ଏହି ଦୁଇ ମାସ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ହେଲେ ଆଷାଢ଼ ଯାଇ ଶ୍ରାବଣ ଆରମ୍ଭ ହୋଇଥିଲେ ମଧ୍ୟ ଅନୁଗୋଳ ଜିଲାରେ ସ୍ୱାଭାବିକ ହୋଇପାରୁନି କୃଷି କାର୍ଯ୍ୟ। ଆବଶ୍ୟକ ବୃଷ୍ଟିର ଅଧା ବି ଏଯାଏ ହୋଇ ନ ଥିବାରୁ ରୁଆ ଉପୁଡ଼ା ଜିଲାରେ ଆଗେଇପାରୁ ନାହିଁ। ଲଘୁଚାପ ଯୋଗୁ ଆସନ୍ତା ୪ ତାରିଖ ଯାଏ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ଏହା ଚାଷୀଙ୍କ ମନରେ ଆଶା ଭରିପାରୁ ନାହିଁ। କାରଣ ଗତବର୍ଷ ଏହି ସମୟରେ ଚାଷୀ ହତାଶ ହୋଇଥିବାରୁ ଚଳିତବର୍ଷ ବର୍ଷା ଉପରେ ବିଶ୍ୱାସ ରଖିପାରୁ ନାହିଁ। ଫଳରେ ଜିଲାର ୮ଟି ଯାକ ବ୍ଲକରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି।

କୃଷି ବିଭାଗର ସୂଚନା ଅନୁଯାୟୀ, ଜୁଲାଇ ସୁଦ୍ଧା ଅନୁଗୋଳ ଜିଲାରେ ୩୪୭ ମିଲିମିଟର ବର୍ଷା ହେବା କଥା। କିନ୍ତୁ ଅଦ୍ୟାବଧି ମାତ୍ର ୧୫୭.୮୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ଗତବର୍ଷ ୨୩୮.୦୮ ମି.ମି. ତୁଳନାରେ ବହୁ କମ୍। ଚଳିତ ଲଘୁଚାପଜନିତ ବର୍ଷା ପରେ ଉକ୍ତ ପରିମାଣ ୨ଶହ ମିଲିମିଟର ହୋଇପାରେ। ତଥାପି ଏହା ଚାଷ କାର୍ଯ୍ୟକୁ ସ୍ୱାଭାବିକ କରିପାରିବ ନାହିଁ। ଜିଲାର ପାଲଲହଡ଼ାରେ ସର୍ବାଧିକ ୨୪୩ ମି.ମି. ବର୍ଷା ହୋଇଛି। ବଅଁରପାଳରେ ୨୩୧ ମି.ମି., କିଶୋରନଗରରେ ୨୨୪.୮ ମି.ମି., ତାଳଚେରରେ ୨୨୪ମି.ମି., କଣିହାଁରେ ୨୦୯ ମି.ମି., ଅନୁଗୋଳରେ ୧୯୭.୪ ମି.ମି., ଆଠମଲ୍ଲିକରେ ୧୬୪.୩ମି.ମି. ଓ ଛେଣ୍ଡିପଦାରେ ସବୁଠୁ କମ୍ ୧୩୦ ମି.ମି. ବର୍ଷା ହୋଇଛି। ଚଳିତବର୍ଷ ଜିଲାରେ ମୋଟ୍ ୮୬ ହଜାର ୪୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅନିୟମିତ ବୃଷ୍ଟିପାତ ଯୋଗୁ ସେହି ଲକ୍ଷ୍ୟ ଏବେ ୪୬ ହଜାର ୯୮୫ ହେକ୍ଟରରେ ଯାଏ ପହଞ୍ଚିପାରିଛି। ଅନୁଗୋଳ ବ୍ଲକରେ ୧୨ ହଜାର ୨୧୦ ହେକ୍ଟର ମଧ୍ୟରୁ ଅଦ୍ୟାବଧି ୩ ହଜାର ୮୧୭ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରିଛି। ସେହିପରି ବଅଁରପାଳ ବ୍ଲକରେ ୧୦ ହଜାର ୬୭୫ ହେକ୍ଟର ମଧ୍ୟରୁ ୪ ହଜାର ୫୬୭ ହେକ୍ଟର, ଛେଣ୍ଡିପଦାରେ ୧୨ ହଜାର ୪୬୩ ହେକ୍ଟରରୁ ୬ ହଜାର ୭୫୪ ହେକ୍ଟର, ଆଠମଲ୍ଲିକରେ ୧୨ ହଜାର ୧୮୬ରୁ ୬ ହଜାର ୮୯୦ ହେକ୍ଟର, କିଶୋରନଗରରେ ୮ ହଜାର ୪୩୨ରୁ ୩ ହଜାର ୫୩୫ ହେକ୍ଟର, ତାଳଚେରରେ ୭ ହଜାର ୫୪୦ରୁ ୫ ହଜାର ୮୮୭ ହେକ୍ଟର, କଣିହାଁରେ ୧୨ ହଜାର ୧୭୯ରୁ ୭ ହଜାର ୩୫୮ ହେକ୍ଟର, ପାଲଲହଡ଼ାରେ ୧୦ ହଜାର ୩୬୦ରୁ ୮ ହଜାର ୧୭୭ ହେକ୍ଟର ଜମିରେ ଚାଷ କାର୍ଯ୍ୟ ସରିଛି। ଜିଲାର କେତେକ ସ୍ଥାନରେ କମ୍ ବୃଷ୍ଟିପାତ ନେଇ ସରକାରଙ୍କୁ ପୂର୍ବରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଅଧିକ ବର୍ଷା ହୋଇ ନ ଥିଲେ କିଛି ବ୍ଲକରେ ଧାନ ସ୍ଥାନରେ ମୁଗ ଓ ବିରି ଚାଷ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯିବାକୁ ପ୍ରସ୍ତୁତି କରାଯାଉଥିଲା। ରାଜ୍ୟ କୃଷି ବିଭାଗର ଉପନିର୍ଦ୍ଦେଶକ ମଧ୍ୟ ଅନୁଗୋଳ ଗସ୍ତରେ ଆସି କେତେକ ବ୍ଲକରେ ସ୍ଥିତି ଅନୁଧ୍ୟାନ କରିଥିଲେ। ହେଲେ ଲଘୁଚାପଜନିତ ବର୍ଷା ହେଉଥିବାରୁ ଚାଷ ସ୍ଥିତି ସୁଧୁରିଯିବାର ଆଶା କରାଯାଉଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

### ପାଣି ନ ଥିବାରୁ ଭଜୁଡ଼ିଗଲା



"ଆବଶ୍ୟକ ବର୍ଷା ଅଭାବରୁ ଜମିରେ ପାଣି ନାହିଁ। ତେଣୁ ଚଳିତବର୍ଷ ଚାଷ ଅବସ୍ଥା କ'ଣ ହେବ, ତାହା ଚାଷୀମାନେ ଭାବିପାରୁ ନାହାନ୍ତି। ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଫସଲ ବଞ୍ଚିବ କି ମରିବ ତାହା କାହାକୁ ଜଣାନାହିଁ। ତେଣୁ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେଇଛୁ।

-ପାପୁନ୍ ସାହୁ
ଚାରବାଟି, ଛେଣ୍ଡିପଦା

### ମେଘୁଆ ପାଗ ଦେଉଛି ଆଶ୍ୱାସନା



"ମାସେ ହେଲାଣି ବର୍ଷା ସେପରି ନାହିଁ। ଖରା ଅଧିକ ହେଉଥିବାରୁ ବିଲ ଶୁଖିଯାଉଛି। ଆଷାଢ଼ ମାସରେ ଏପରି ସ୍ଥିତି ଯୋଗୁ ଚାଷ ଜିଲାରେ କାର୍ଯ୍ୟ ପଛେଇ ଚାଲିଛି। ଦୁଇ ଦିନ ହେଲା ଲଘୁଚାପ ଯୋଗୁ କିଛି କିଛି ବର୍ଷା ହେଉଛି। ପାଗ ମେଘଯୁକ୍ତ ରହୁଛି। ଏହା ଚାଷୀ ଭାଇମାନଙ୍କ ମନରେ ଆଶ୍ୱାସନା ଦେଉଛି।

-ରମାକାନ୍ତ ସାହୁ
ପାଣିହରା, ଖମାର

### ମରୁଡ଼ି ଆଶଙ୍କାରେ ନିଦ ହଜିଗଲାଣି



"ଆଷାଢ଼ ଆରମ୍ଭରୁ ତଳି ଉଠାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ପରେ ବର୍ଷା ଠିକ୍ ଭାବେ ହେଲାନାହିଁ। ତେଣୁ ରୁଆ କାର୍ଯ୍ୟ ଆଗେଇପାରୁ ନାହିଁ। ଆଗାମୀ ଦିନରେ ଯଦି ଏପରି ଅନିୟମିତ ବର୍ଷା ହୁଏ ତା'ହେଲେ ମରୁଡ଼ି ଆଶଙ୍କା ଦେଖାଦେଇପାରେ। ସେଥିପାଇଁ ଜିଲାର ଚାଷୀମାନଙ୍କ ଆଖିରୁ ନିଦ ହଜିଗଲାଣି।

-ହାଡ଼ିବନ୍ଧୁ ସାହୁ
ବରସାହି, ଛେଣ୍ଡିପଦା

### ଅଧିକ ସମସ୍ୟା ହେବ ନାହିଁ



"ଅନୁଗୋଳ ଜିଲାରେ ମାସେ ହେଲା ନିଅଣ୍ଟିଆ ବର୍ଷା ଚାଷୀଙ୍କୁ ହତାଶ କରିଥିଲା। ହେଲେ କିଛି ଦିନ ହେବ ଅଳ୍ପ ଅଳ୍ପ ବର୍ଷା ହେଉଥିବାରୁ ଚାଷରେ ଅଧିକ ସମସ୍ୟା ରହିବ ନାହିଁ। ତେଣୁ ଚାଷୀ ଭାଇମାନେ ଯଥାଶୀଘ୍ର ବେଉଷଣ ଓ ରୁଆପୋତା କରିବାକୁ ପ୍ରସ୍ତୁତ ହୋଇଯାଆନ୍ତୁ।

-ଦେବରାଜ ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୋଳ

## ଖୋଲିଲା ଏମ୍ଜିର ନୂତନ ଶୋ'ରୁମ୍



ଏମ୍ଜି ମୋଟର ଇଣ୍ଡିଆ ପକ୍ଷରୁ ନୂତନ ଶୋ' ରୁମ ଉଦ୍ଘାଟନ କରାଯାଉଛି।

**ବଅଁରପାଳ,୨୯।୭(ଡି.ଏନ.ଏ.)**

ଅନୁଗୋଳ ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥର ବଅଁରପାଳ ଥାନା ନୂଆହତା ଛକ ନିକଟରେ ବୁଧବାର ଏମ୍ଜି ମୋଟର ଇଣ୍ଡିଆ ପକ୍ଷରୁ ଏକ ନୂତନ ଶୋ' ରୁମ ଉଦ୍ଘାଟିତ ହୋଇଛି। ସାମଲ ଗ୍ରୁପ୍ ଚେୟାରମ୍ୟାନ୍ ଗଙ୍ଗାଧର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମଲ ଗ୍ରୁପ୍ ଶିଳ୍ପପତି ରମେଶ ସାମଲ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ ଉପସ୍ଥିତ ଥିଲେ। ଅନୁଗୋଳର ଡିଲର ଡ. ଅବିନାଶ ସାମଲ ଯୋଗଦେଇ ସୌଖିନ ଗାଡ଼ିର ବୈଶିଷ୍ଟ ଉପରେ କହିବା ସହ ଗ୍ରାହକମାନେ କିଭଳି ଲାଭିନ୍ୱିତ ସେବା ପାଇପାରିବେ, ସେଥିପ୍ରତି ଯତ୍ନବାନ ରହିବୁ ବୋଲି ପ୍ରକାଶ କରିଥିଲେ। ଡିଲର ଡେଭଲପମେଣ୍ଟ ଏମ୍ଜି ମୋଟର ଇଣ୍ଡିଆ ନିର୍ଦ୍ଦେଶକ ପଙ୍କଜ ପାର୍କର ଯୋଗଦେଇ ଉତ୍ତମ ସେବା ଯୋଗାଇବାରେ ଚେଷ୍ଟା କରିବୁ ବୋଲି କହିଥିଲେ। ସିଇଓ ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ୱଶୁରଙ୍କୁ ଉଠାଇ ଆଣିଲା ପୋଲିସ

**ଅନୁଗୋଳ ଅଫିସ, ୨୯।୭**

ଅନୁଗୋଳ ସହର ହେମସୁରପଡ଼ାର ମହିଳା ହରପ୍ରିୟା ନାୟକ(୩୫)ଙ୍କୁ ବୁଧବାର ତାଙ୍କ

**ବୋହୂଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣା**

ଶ୍ୱଶୁର ଶଙ୍କର ନାୟକ(୮୧) ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ହରପ୍ରିୟାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ପଠାଯାଇଥିବା ବେଳେ ଏ ନେଇ ଅନୁଗୋଳ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ହରପ୍ରିୟାଙ୍କ ବାପାଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ. ୩୭୬/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଅଭିଯୁକ୍ତ ଶଶୁର ଶଙ୍କର ନାୟକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ହରପ୍ରିୟାଙ୍କ ବାପା ଏତଲାରେ ଦର୍ଶାଇଛନ୍ତି, ବୋହୂ ଉପରେ କୌଣସି କାରଣରୁ ଶ୍ୱଶୁର ଶଙ୍କର ରାଗ ରଖିଥିଲେ। ନିର୍ଯାତନା ମଧ୍ୟ ଦେଉଥିଲେ। ଏହି କାରଣରୁ ତାଙ୍କ ଝିଅ ସ୍ୱାମୀ ସହ ବାହାରେ ରହୁଥିଲେ। ଦିଅରଙ୍କ ବାହାଘର ପାଇଁ ହରପ୍ରିୟା ଶାଶୁଘରକୁ ଯାଇଥିବା ବେଳେ ଶ୍ୱଶୁର ତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଘଟଣାସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରିଛି। ଘଟଣାର ତଦନ୍ତ ଏସ୍ଆଇ ଅନୁପମା ପାତ୍ର କରୁଥିବା ଥାନା ସୂତ୍ରରୁ ସୂଚନା ମିଳିଛି।



ହରପ୍ରିୟାଙ୍କ ଶାଶୁଘର ଲୋକେ ଦୁଃଖରେ ବସିଛନ୍ତି।

## ପାଠାଗାର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

**ଛେଣ୍ଡିପଦା,୨୯।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଅଁରପାଳ ବ୍ଲକ ବଡକେରଜାଙ୍ଗ ହାଇସ୍କୁଲଠାରେ ଏକ ନୂତନ ପାଠାଗାର ନିର୍ମାଣ କରାଯିବ। ଏ ନେଇ ଗୁରୁବାର ପାଠାଗାରର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଗନ ବିହାରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବରିଷ୍ଠ ନେତା ଶେଷଦେବ ସାହୁ, କିଶୋରୀ ରାଉଳ, କାଳିଆ ପ୍ରଧାନ, ସହକାରୀ ଶିକ୍ଷକ ଗୌରଚନ୍ଦ୍ର ନାୟକ, ପୂର୍ବତନ ନାଏବ ସରପଞ୍ଚ ସୁଶାନ୍ତ ପ୍ରଧାନ, ଶେଷଦେବ ପ୍ରଧାନ, ସିଲୁ ନନ୍ଦ, ସରୋଜ ସାହୁ, ସତ୍ୟଜିତ ସାହୁ, ସୁଧାଂଶୁ ଶେଖର ରଥ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି , ସ୍କୁଲ ଉନ୍ନୟନ କମିଟି, ମୋ ସ୍କୁଲ ଅଭିଯାନ କମିଟି କର୍ମକର୍ତ୍ତା ତଥା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଯୋଗ ଦେଇଥିଲେ।

## ୨୫ ସ୍କୁଲର ଟପ୍ପର୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଛେଣ୍ଡିପଦା,୨୯।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଟପ୍ପର୍ ହୋଇଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ହେଲପ୍ଫୁଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବ୍ଲକ ସଭାଗୃହଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୋଟ୍ ୨୫ଟି ଉଚ୍ଚ ବିଦ୍ୟାଳୟର ଟପ୍ପର୍ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଗୋପବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟ ଉପାଧ୍ୟକ୍ଷ ସୁଦୀପ ଗଡନାୟକ, ପରମାନନ୍ଦ ପାତ୍ର, ଟ୍ରଷ୍ଟ ପ୍ରତିଷ୍ଠାତା ରାମଚନ୍ଦ୍ର ସାହୁ ଯୋଗଦେଇଥିଲେ। ସିଦ୍ଧେଶ୍ୱର ଦାସ, ଆନନ୍ଦ ଚନ୍ଦ୍ର ସାହୁ, ବାବୁଲାଲ ବେହେରା, ସିପନ ଦେହୁରୀ, ପପୁ ସାହୁ ସହଯୋଗ କରିଥିଲେ।

## ଅନୁଗୋଳ ଉପରେ ବିହାରୀ ଗ୍ୟାଙ୍ଗଙ୍କ ଆଖି

**ଅନୁଗୋଳ ଅଫିସ, ୨୯।୭**

- ଅଭିନବ ଉପାୟରେ କରୁଛନ୍ତି ଲୁଟ୍
- ଜଣଙ୍କୁ ଗିରଫ କଲା ପୋଲିସ
- ଅନ୍ୟ ଜଣେ ମରିଲା ଫେରାର

ଅନୁଗୋଳ ସହରରେ ଥିବା ବ୍ୟବସାୟୀଙ୍କ ଉପରେ ବିହାରୀ ଚୋରମାନଙ୍କ ଆଖି ପଡ଼ିଛି। ଏପରି ଘଟଣା ଜଣାପଡ଼ିବା ପରେ ଅନୁଗୋଳ ପୋଲିସର ନିଦ ହଜିଯାଇଛି। ଏକାଧିକ ଦୋକାନରୁ ଚୋରି କରିଥିବା ଜଣେ ଦୁର୍ବୃତ୍ତଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଏସ୍ଆଇ ଅବଦୁଲ୍ ୱାସିମ୍ ଖାନ୍ ମାଡ଼ି ବସିଥିବାବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଏହି ଘଟଣାରେ ଅନୁଗୋଳ ପୋଲିସ ଅଧିକ ଖୋଳତାଡ଼ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିହାରରୁ ଆସିଥିବା ଏକ ଚୋର ଗ୍ୟାଙ୍ଗ ଅନୁଗୋଳ ସହରରେ ଘନ ଘନ ଚୋରି ଚଳାଇଛନ୍ତି। ହେମସୁରପଡ଼ାସ୍ଥିତ ଏକ ସ୍ପୋର୍ଟ୍ସ ସାମଗ୍ରୀ ଦୋକାନରୁ ସେମାନେ ଚୋରି କରିଥିବା ଦୋକାନ ମାଲିକ ଶୁଭ୍ରଜିତ୍ ସାମଲ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ତଦନ୍ତ କରି ବିହାରର ଲକ୍ଷ୍ମଣ କୁମାର ସ୍ୱର୍ଣ୍ଣକାରଙ୍କୁ ଗିରଫ କରିଛି। ତାଙ୍କ ସହ ଏକ ଗ୍ୟାଙ୍ଗ ବିହାରରୁ ଆସିଥିବା ଅଭିଯୁକ୍ତ ଲକ୍ଷ୍ମଣ ପୋଲିସ ନିକଟରେ ପ୍ରକାଶ କରିଛି। ସେମାନେ ଟାର୍ଗେଟ୍ କରିଥିବା ଦୋକାନରୁ ପ୍ରଥମେ କିଛି ସାମଗ୍ରୀ କିଣୁଥିଲେ। ଦୋକାନୀଙ୍କୁ ଗୋଟିଏ ଦୁଇ ହଜାର ଟଙ୍କିଆ ନୋଟ୍ ଦେଉଥିଲେ। ପରେ ଦୋକାନୀଙ୍କୁ ସାମଗ୍ରୀ ଭଲ ନ ଥିବା କହି ଉକ୍ତ ସାମଗ୍ରୀ ସହ ଟଙ୍କା ଧରି ବାଇକ୍ରେ ଅପେକ୍ଷା କରିଥିବା ସହଯୋଗୀଙ୍କ ସହ ଚମ୍ପଟ ମାରୁଥିଲେ। ଏ ନେଇ ଦୋକାନୀମାନେ ଅନୁଗୋଳ ଥାନାକୁ ଅବଗତ କରିବା ପରେ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଜଣେ ଅଭିଯୁକ୍ତଙ୍କୁ କାବୁ କରିଛନ୍ତି। ଘଟଣାରେ ଅଧିକ ତଦନ୍ତ କରାଯାଉଥିବା ଅନୁଗୋଳ ଥାନା ପକ୍ଷରୁ କୁହାଯାଇଛି।



ଗିରଫ ବିହାରୀ ଗ୍ୟାଙ୍ଗର ସଦସ୍ୟ।

## ୧୦ କେନ୍ଦ୍ରରେ ୨୮୯ ପରୀକ୍ଷାର୍ଥୀ

**ଢେଙ୍କାନାଳ ଅଫିସ, ୨୯।୭**

ଜୁଲାଇ ୩୦ରୁ ଆରମ୍ଭ ହେଉଥିବା ଅଫ୍ଲାଇନ୍ ମାଟ୍ରିକ ପରୀକ୍ଷାରେ ଢେଙ୍କାନାଳ ଜିଲାର ୨୮୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ପିଲାଙ୍କ ଲାଗି ୧୦ କେନ୍ଦ୍ର କରାଯାଇଥିବା ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

ନୂଆ ଭୁବନ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୭ ହାଇସ୍କୁଲର ୧୮ଜଣ, ଢେଙ୍କାନାଳ ଜୁବିଲିଟାଉନ ଶ୍ରୀବଳରାମ ହାଇସ୍କୁଲରେ ୧୩ ହାଇସ୍କୁଲର ୩୦ ଜଣ, ଗୁଲେହି କୃଷ୍ଣଚନ୍ଦ୍ରପୁର ସରକାରୀ ନୋଡାଲ ହାଇସ୍କୁଲରେ ୭ ହାଇସ୍କୁଲର ୧୯ଜଣ, ଆଲତୁମା ନୋଡାଲ ହାଇସ୍କୁଲରେ ୫ ହାଇସ୍କୁଲର ୨୬ଜଣ, ପିଙ୍ଗୁଆ ହାଇସ୍କୁଲରେ ୫ ହାଇସ୍କୁଲର ୧୩ଜଣ, ବାରିହାପୁର ହାଇସ୍କୁଲରେ ୫ ହାଇସ୍କୁଲର ୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ଜିଲାର ୪ କେନ୍ଦ୍ରରେ ଓଡ଼ିଶା ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆୟୋଜିତ ହେବ। ଢେଙ୍କାନାଳସ୍ଥିତ ଏଲ୍.ଏମ୍. ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩ ହାଇସ୍କୁଲର ୪୫, ବଡ଼ସୁଆଁଳ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୨ ହାଇସ୍କୁଲର ୧୧, ବଳରାମପ୍ରସାଦ ପଞ୍ଚାୟତ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୨ ହାଇସ୍କୁଲର ୬୬, ମୁଣ୍ଡେଇଲୋ ବିଶ୍ୱେଶ୍ୱର ବିଦ୍ୟାପୀଠ କେନ୍ଦ୍ରରେ ୨ ହାଇସ୍କୁଲର ୪୮ ଜଣ ପରୀକ୍ଷାର୍ଥୀ ଦେବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମାଟ୍ରିକ୍ ପରୀକ୍ଷା ଦେବେ ୨୬୧ ଛାତ୍ରୀଛାତ୍ର

**ଅନୁଗୋଳ ଅଫିସ, ୨୯।୭**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆୟୋଜିତ ମାଟ୍ରିକ ପରୀକ୍ଷା ୩୦ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପରୀକ୍ଷା ପରିଚାଳନା ନିମନ୍ତେ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ନିରୀକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତି ପରୀକ୍ଷା କେନ୍ଦ୍ରକୁ ମାସ୍କ ପ୍ରଦାନ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

ଅନୁଗୋଳ ଜିଲାରେ ମୋଟ୍ ୧୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେଥିରୁ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ୮ଟି ବ୍ଲକ ହେଡକ୍ୱାର୍ଟରରେ ଗୋଟିଏ ଲେଖାଏ କରି ୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏଠାରେ ୨୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିଭଳି ଅନ୍ୟ ୫ଟି ପରୀକ୍ଷାକେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆୟୋଜନ ହେବ। ଏହି କେନ୍ଦ୍ରରେ ମୋଟ୍ ୫୨୧ ଜଣ ପରୀକ୍ଷା ଦେବେ। ଏହାକୁ ପରିଚାଳନା ନିମନ୍ତେ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ନିରୀକ୍ଷକଙ୍କୁ ମିଶାଇ ୭୦ ଜଣଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ପରୀକ୍ଷାର୍ଥୀଙ୍କ ଉପରେ ନଜର ରଖିବାକୁ ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସ୍ତରୀୟ ସ୍କ୍ୱାଡ୍ ସହ ସ୍ପେଶାଲ ସ୍କ୍ୱାଡ୍ ଓ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ବଅଁରପାଳ ପିଭିକେ ଉଚ୍ଚ ବିଦ୍ୟାଳୟରେ ୧୯ ଜଣ, କଣିହାଁ ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟରେ ୮୩, ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲରେ ୬୯, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ୯, କିଶୋରନଗର ହାଇସ୍କୁଲରେ ୧୧, ପାଲଲହଡ଼ା ମହତାବ ହାଇସ୍କୁଲରେ ୮ ଓ ତାଳଚେର ଯୁବରାଜ ହାଇସ୍କୁଲରେ ୩୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିସହ କୁମଣ୍ଡ ଜରାସିଂହା ହାଇସ୍କୁଲରେ ୧୧୦ ଜଣ, ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧୧, ପଞ୍ଚାୟତ ହାଇସ୍କୁଲ ବିଜିଗୋଳରେ ୧୩୦, ସରକାରୀ ସମଲ ବ୍ୟାରେଜ ହାଇସ୍କୁଲରେ ୧୧୨ ଜଣ ଓ ପାଲଲହଡ଼ା ଟାଉନ ଉଚ୍ଚ ବିଦ୍ୟାଳୟରେ ୫୮ ଜଣ ରାଜ୍ୟମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ ବୋଲି ଜିଲା ଶିକ୍ଷା ଅଧିକାରୀ ସାହୁ କହିଛନ୍ତି।





ପରୀକ୍ଷା ପୂର୍ବରୁ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରସ୍ତୁତି ଶେଷ।

# ଉନ୍ନତମାନର ମତ୍ସ୍ୟଚାଷ ଉପରେ ଗୁରୁତ୍ୱ

**ଜୁନାଗଡ଼, ୨୯।୭ (ଡି.ଏନ.ଏ.)**

ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ଦେଶରେ କଳାହାଣ୍ଡି ଜିଲା ମତ୍ସ୍ୟ ଚାଷ ଉତ୍ପାଦନ କ୍ଷେତ୍ରରେ ଏକନମ୍ବର ସ୍ଥାନ ଅଧିକାର କରିଛି। ୨୦୨୦ବର୍ଷ ପାଇଁ ନୂଆଦିଲ୍ଲୀଠାରେ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ କଳାହାଣ୍ଡି ଜିଲା ମାଛଚାଷ ପାଇଁ ପୁରସ୍କୃତ ହୋଇଛି। ଜିଲାର ଜୟପାଟଣା, ଜୁନାଗଡ, ଗୋଲାମୁଣ୍ଡା, ଧର୍ମଗଡ ସମେତ ବିଭିନ୍ନ ବ୍ଲକରେ ଉନ୍ନତମାନର ମାଛ ଚାଷ କରାଯାଉଛି। ଯଦ୍ୱାରା ଚାଷୀମାନେ ସ୍ୱାବଲମ୍ବୀ ହେବା ସହିତ ଆର୍ଥିକ ସ୍ଥିତି ସୁଦୃଢ କରିବାରେ ସକ୍ଷମ ହୋଇପାରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସିଫା (ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶଓ୍ୱାଟର ଆକ୍ୱାକଲଚର) ନିର୍ଦ୍ଦେଶକ ଡାକ୍ତର ସରୋଜ କୁମାର ସ୍ୱାଇଁ ଜୁନାଗଡ



ସିଫା ନିର୍ଦ୍ଦେଶକ ଡାକ୍ତର ସରୋଜ କୁମାର ସ୍ୱାଇଁଙ୍କ ସହ ହାବସପୁରସ୍ଥିତ ବାୟାସାଗର ମାଛ ଉତ୍ପାଦନ କେନ୍ଦ୍ରଠାରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଆଲୋଚନା କରୁଛନ୍ତି।

## ସିଫା ନିର୍ଦ୍ଦେଶକଙ୍କ ଜୁନାଗଡ଼ ବ୍ଲକ ଗସ୍ତ

ବ୍ଲକ ଗସ୍ତ କରିଥିଲେ। ପ୍ରଥମେ ସେ ବଲଦିଆମାଳ ଓ ପରେ ହାବସପୁରସ୍ଥିତ ସରକାରୀ ବାୟାସାଗର ମାଛ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାକାର ଚାଷୀମାନଙ୍କ ସହ ଆଲୋଚନା କରି ଉନ୍ନତମାନର ମତ୍ସ୍ୟ ଚାଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ହାବସପୁର ମାଛ ଉତ୍ପାଦନ କେନ୍ଦ୍ର ଦେଖି ସନ୍ତୋଷବ୍ୟକ୍ତ କରିଥିଲେ। ଏକଦା କଳାହାଣ୍ଡି ଜିଲାକୁ ଆନ୍ଧ୍ରପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗରୁ ମାଛ ଆମଦାନୀ ହେଉଥିବା ବେଳେ ଏଣିକି ଉନ୍ନତମାନର ମାଛ କଳାହାଣ୍ଡିରେ କରାଯିବ। ଯଦ୍ୱାରା ଜିଲାର ମାଛ ବାହାର ରାଜ୍ୟକୁ କିଭଳି ରପ୍ତାନି ହୋଇପାରିବ ସେ ପ୍ରକ୍ରିୟା କରାଯିବ ବୋଲି ସିଫା ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ଉପସ୍ଥିତ ଜୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ପ୍ରକାଶ କରିଛନ୍ତି। ଏହି ସମୟରେ ସିଫାର ବରିଷ୍ଠ ବୈଜ୍ଞାନିକ ପି. ରାଉତରାୟ, ଡାକ୍ତର ନାଗେଶ ବାରିକ, ଭବାନୀପାଟଣା ପୂର୍ବତନ ପୌରାଧ୍ୟକ୍ଷ ଆଦିତ୍ୟ ନନ୍ଦ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ମହିଚଲା ସରପଞ୍ଚ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ବଢ଼ିଲେ ବଢ଼ଇ ଛାଇ,
ନାଟୁଆ ବଢ଼ିଲେ ବଢ଼ଇ ଛଇ।**

ଗଛ ଯେତେ ବଡ଼ ହୁଏ, ତାର ଶାଖା ପ୍ରଶାଖା ବା ଡାଳ ସେତେ ବଢ଼ିଥାଏ ; ଫଳରେ ଗଛ ତଳ ଅଧିକ ଛାଇ ପ୍ରଦାନ କରିଥାଏ। ସେହିପରି ନାଟ ତାମସାରେ ନାଟୁଆ ସଂଖ୍ୟା ବଢ଼ିଲେ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରତିପାଦନ ପାଇଁ ଏକରକମର ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଡ଼ ଖସିଲେ ଜଣେ ମରେ,
ତୁଣ୍ଡ ଖସିଲେ ବଂଶ ମରେ।**

ଗୋଡ଼ ଖସିଗଲେ ସ୍ଥଳ ବିଶେଷରେ ଜଣେ ପଡ଼ି ଲହୁଲୁହାଣ ହୋଇଯାଏ। ପରନ୍ତୁ ତୁଣ୍ଡ ଖସିଗଲେ ବା ଅପ୍ରିୟ କଥା ପାଟିରୁ ବାହାରିଗଲେ ପରିଣତି ଅନେକ ସମୟରେ ସାଙ୍ଘାତିକ ହୋଇଯାଏ, ଯାହାର ପରାଭବ ଅନେକଙ୍କୁ ଭୋଗିବାକୁ ପଡ଼ିଥାଏ। ଅସାବଧାନତା ହିଁ ଅସୁବିଧାର କାରଣ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁଷ୍ଟିହୀନତା କବଳରେ ମହିଳା

**ଓ୍ୱାଶିଂଟନ୍, ୨୯।୭**

କୋଭିଡ୍-୧୯ ମହାମାରୀ ଯୋଗୁ ଗତ ବର୍ଷ ଭାରତରେ ଲାଗୁ ହୋଇଥିବା ଦେଶବ୍ୟାପୀ ଲକ୍‌ଡାଉନ୍ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଘୋର ପ୍ରଭାବ ପକାଇଛି। ବହୁସଂଖ୍ୟାରେ ମହିଳା ଏହି ସମୟରେ ପୁଷ୍ଟିହୀନତାର ଶିକାର ହୋଇଥିବା ଆମେରିକାଭିତ୍ତିକ ଏକ ଗବେଷକ ଗୋଷ୍ଠୀ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଟାଟା-କର୍ନେଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏଗ୍ରିକଲଚର ଆଣ୍ଡ ନ୍ୟୁଟ୍ରିଶନ ପକ୍ଷରୁ ଉତ୍ତରପ୍ରଦେଶର ମହାରାଜଗଞ୍ଜ, ବିହାରର ମୁଙ୍ଗେର, ଓଡ଼ିଶାର କନ୍ଧମାଳ ଏବଂ କଳାହାଣ୍ଡି ଆଦି ୪ ପଛୁଆ ଜିଲାକୁ ନେଇ ଏହି ଅଧ୍ୟୟନ କରାଯାଇଥିଲା।

ରିପୋର୍ଟ ଅନୁଯାୟୀ, ୨୦୧୯ ମେ' ତୁଳନାରେ ୨୦୨୦ ମେ'ରେ ଏହି ଜିଲାଗୁଡ଼ିକରେ ଖାଦ୍ୟ ବାବଦରେ ଖର୍ଚ୍ଚ କାଟ କରାଯାଇଛି। ବିଶେଷ କରି ମହିଳାମାନେ ସେମାନଙ୍କ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀକୁ ତାଲିକାରୁ ବାଦ୍ ଦେଇଛନ୍ତି। ଅଣ୍ଡା, ମାଂସ, ପନିପରିବା, ଫଳ ଆଦି କ୍ରୟ ବହୁମାତ୍ରାରେ ହ୍ରାସ ପାଇଛି। ସ୍ୱତନ୍ତ୍ର ସାଧାରଣ ବଣ୍ଟନ ବ୍ୟବସ୍ଥା, ପ୍ରତ୍ୟକ୍ଷ ସୁବିଧା ସ୍ଥାନାନ୍ତର, ଅଙ୍ଗନଓ୍ୱାଡ଼ି କର୍ମୀଙ୍କ ଯୋଗେ ଖାଦ୍ୟ ପହଞ୍ଚାଯିବା ବ୍ୟବସ୍ଥା ସତ୍ତ୍ୱେ ଏପରି ହୋଇଥିବା ଇକୋନୋମିଆ ପଲିଟିକା ଜର୍ନାଲରେ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ମହାମାରୀ ପୂର୍ବରୁ ମଧ୍ୟ ମହିଳାଙ୍କ ନିତିଦିନିଆ ଖାଦ୍ୟ ତାଲିକାରେ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ସାମିଲ ନ ଥିଲା। କୋଭିଡ୍ ଯୋଗୁ ଏହା ଆହୁରି ଖରାପ ହୋଇଛି। ମହାମାରୀର ପ୍ରଭାବ ଯୋଗୁ ପୁଷ୍ଟିକର ଆହାରରୁ ବଞ୍ଚିତ ହେଉଥିବା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ କିମ୍ବା ବର୍ଗର ଲୋକଙ୍କ ସମସ୍ୟା ଦୂର ଦିଗରେ ଆବଶ୍ୟକ ନୀତି ପ୍ରଣୟନ ହେବା ଆବଶ୍ୟକ ବୋଲି କର୍ନେଲ ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି। ନୀତି ପ୍ରଣୟନକାରୀମାନେ ମହାମାରୀର ନକାରାତ୍ମକ ପ୍ରଭାବ ଏବଂ ମହିଳାଙ୍କ ପୁଷ୍ଟିକର ଖାଦ୍ୟ ଉପରେ ଅନ୍ୟାନ୍ୟ ସମସ୍ୟା ସୃଷ୍ଟିକାରୀ କାରକକୁ ଚିହ୍ନଟ କରି ମହିଳା ଏବଂ ଅନ୍ୟାନ୍ୟ ପଛୁଆ ଗୋଷ୍ଠୀର ଆବଶ୍ୟକତା ପୂରଣ ଓ ନିରାପତ୍ତା ନିଶ୍ଚିତ କରିବା ଦିଗରେ ବିଶେଷ ଧ୍ୟାନ ଦେବା ଜରୁରୀ ବୋଲି ଗବେଷକମାନେ କହିଛନ୍ତି।

## ଲକ୍‌ଡାଉନ ବଢ଼ାଇଛି ସ୍ୱାସ୍ଥ୍ୟ ସମସ୍ୟା



# ଈଶ୍ୱରା ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ଆଠଗଡ଼, ୨୯।୭ (ସ୍ୱ.ପ୍ର.)**



ଆଠଗଡ଼ ବ୍ଲକ ଅନ୍ତର୍ଗତ ଦୋରଡ ପଞ୍ଚାୟତର ଈଶ୍ୱରା ଗ୍ରାମକୁ ଗୁରୁବାର ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହି ଗ୍ରାମରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଅଗଷ୍ଟ ୭ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଅପହରଣ ପରେ ଲୁଟ୍ ମାମଲା: ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲଦଣ୍ଡ

**କଟକ ଅଫିସ, ୨୯।୭**

ଜଣେ ବ୍ୟକ୍ତିଙ୍କୁ ଅପହରଣ ପରେ ଲୁଟ୍ କରିବା ମାମଲାରେ କଟକର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଗୁରୁବାର ଅଭିଯୁକ୍ତ ବାବୁଲି ଡାକୁଆଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟେ ତାଙ୍କୁ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ଏହି ମାମଲାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ଓ ତାପସ ବାରିକ ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ, ୨୦୧୩ ଅକ୍ଟୋବର ୧ ତାରିଖରେ ନିରଞ୍ଜନ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କୁ କଟକ ଜିଲା ବଡମ୍ବା ଅଞ୍ଚଳର ବାବୁଲି ଭୁବନେଶ୍ୱର ନେଉଥିଲେ। ବାଟରେ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଅପହରଣ କରିଥିଲେ। ପରେ ନିରଞ୍ଜନଙ୍କ ସୁନାଚେନ୍, ସୁନାମୁଦି ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇଥିଲେ। ଏହି ମାମଲାର ଶୁଣାଣି କଟକ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ଆସିଷ୍ଟାଣ୍ଟ ସେସନ୍ କୋର୍ଟରେ ଶୁଣାଣି ଚାଲିଥିଲା।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନାକଟିଦେଉଳ, ୨୯।୭ (ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତର ଗଦାଧରପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଏକ ବରଗଛରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର କାଳୀଚରଣ ପଣ୍ଡା (ବବୁଲୁ,୨୮)। ସୂଚନା ଅନୁସାରେ ମଧ୍ୟାହ୍ନରେ ବାଟଗାଁ ଜାମୁଯୋରୀ ରାସ୍ତାର ଖରବେଳା ପୋଲ ନିକଟ ବରଗଛରେ ବବୁଲୁଙ୍କ ମୃତଦେହ ଝୁଲୁଥିବା ଦେଖି ଗାଁ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଚିହ୍ନଟ କରି ନାକଟିଦେଉଳ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର, ରେଢାଖୋଲ ଏସ୍‌ଡିପିଓ ଜ୍ୟୋତ୍ସ୍ନାମୟୀ ପ୍ରଧାନ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ଶରୀରର ପାଦ ମାଟିକୁ ଲାଗିଥିବା ବେଳେ ବିଭିନ୍ନ ଅଙ୍ଗରୁ ରକ୍ତ ବାହାରୁ ଥିବାରୁ ଏହା ହତ୍ୟା ଘଟଣା ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବ 'ଦ ଡିଭାଇନ୍ ଡକ୍ଟର'

**ସମ୍ବଲପୁର, ୨୯।୭ (ବ୍ୟୁରୋ):** ପୋର୍ଟ ବ୍ଲେୟାର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରମାଣିକ ଚଳଚ୍ଚିତ୍ର ଦ ଡିଭାଇନ୍ ଡକ୍ଟର ପ୍ରଦର୍ଶିତ ଲାଗି ମନୋନିତ ହୋଇଛି। ଯୁବ ନିର୍ଦ୍ଦେଶକ ଓ ପ୍ରାୟୋଜକ ଗୌତମ ମିଶ୍ରଙ୍କ ଗୀତାଞ୍ଜଳି ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ସତ୍ୟ ଘଟଣା ଉପରେ ଆଧାରିତ। କୀଟନାଶକ ଜନିତ ଆତ୍ମହତ୍ୟା ସମଗ୍ର ବିଶ୍ୱରେ ଏକ ଜଟିଳ ସାମାଜିକ ସମସ୍ୟା ଭାବେ ଉଭା ହୋଇଛି। ପ୍ରତିବର୍ଷ ଲକ୍ଷାଧିକ ଲୋକ କୀଟନାଶକ ପିଇ ପ୍ରାଣ ହରାଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀ। ନିର୍ଦ୍ଦେଶକ ମିଶ୍ରଙ୍କ ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର ଖଡିଛୁଆଁ ମଧ୍ୟ ଦେଶର ବିଭିନ୍ନ ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହୋଇଛି। ଏହି ସଫଳତା ଲାଗି ତାଙ୍କୁ ଗୁରୁବାର ସମ୍ବଲପୁରର ବିଭିନ୍ନ କଳାକାର, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଶୁଭେଚ୍ଛା ଜଣାଇଛନ୍ତି।

GOVERNMENT OF ODISHA
No. O-483
OFFICE OF THE EXECUTIVE ENGINEER, RURAL WORKS DIVISION, NIMAPARA
Mail I.D- ee_nimapara@yahoo.co.in
No:- Tender Online-Divn.NPR-02/2021-22
Date: 28.07.2021
e-Procurement NOTICE
1. Name of the work : Road Works for the year 2021-22.
2. Total No. of Projects : 03 (Three) Nos. of project.
3. Estimated cost of projects : Varies from Rs.4.65 lakh to Rs. 9.93
4. Class of contractor :
A) Estimated Cost more than Rs.40.00 lakhs and upto Rs. 300.00 lakhs. : "B" Class & "A" Class (of Odisha PWD) or relevant Class of other licensing authorities.
B) Estimated Cost more than Rs 20.00 laks and upto Rs. 40.00 lakhs. : "C" Class & "B" Class (of Odisha PWD) or relevant Class of other licensing authorities.
C) Estimated Cost upto Rs. 20.00 lakhs : "D" Class & "C" Class (of Odisha PWD) or relevant Class of other licensing authorities.
5. Mode of Submission of tender : Tender should be submitted online only in website: www.tendersorissa.gov.in.
6. Period of Completion : As per TCN
7. Other details. :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Nimapara | Tender Online - Divn. NPR-02/2021-22 | 09.08.2021 at 11.00 A.M. | 19.08.2021 upto 5.00 P.M. | 18.08.2021 upto 5.00 P.M. | 26.08.2021 at 11.00 A.M. Office of the E.E., R.W. Division, Nimapara |

Further details can be seen from the website: www.tendersorissa.gov.in.
Executive Engineer, Rural Works Division, Nimapara
OIPR-25099/11/0002/2122

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୧୦୩୫୫/IND-II-PH-୪୨୨
ତାରିଖ ୨୭।୭।୨୦୨୧
CAD-732
ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ, ଓଡ଼ିଶା**ର ସମ୍ବଲପୁର ଜିଲ୍ଲାର ଲପଙ୍ଗା ବ୍ଲକ ଅନ୍ତର୍ଗତ ପାଣ୍ଡଲୋଇ ଗ୍ରାମରେ ଅବସ୍ଥିତ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବୃତାନ୍ତ କ୍ଷମତା ସ୍ପଞ୍ଜ୍ ଆଇରନ-ବାର୍ଷିକ ୨୦୫୪୦୦୦ ଟନ୍, ବିଲେଟ୍ (ମାଇଲ୍ଡ ଏବଂ ଆଲୋଏ ଷ୍ଟିଲ୍) - ବାର୍ଷିକ ୨୩୭୩୫୬୬ ଟନ୍, ରୋଲ୍ଡ ଉତ୍ପାଦନ - ବାର୍ଷିକ ୧୫୬୦୦୦୦ ଟନ୍, କ୍ୟାପ୍ଟିଭ ପାଓ୍ୱାର- ୩୦୮ ମେଗାଓ୍ୱାଟ୍, ପେଲେଟ୍ସ- ବାର୍ଷିକ ୩୦୦୦୦୦୦ ଟନ୍, ପ୍ରୋଡ୍ୟୁସର ଗ୍ୟାସ ପ୍ଲାଣ୍ଟ- ୯୬୪୫୦ ନର୍ମାଲ ଘନମିଟର / ଘଣ୍ଟା, ସିଂଟର ପ୍ଲାଣ୍ଟ- ବାର୍ଷିକ ୫୯୦୬୨୫, ବ୍ଲାଷ୍ଟ ଫର୍ଣ୍ଣେସ୍ - ବାର୍ଷିକ ୩୯୩୭୫୦ ଟନ୍‌କୁ ସମ୍ପ୍ରସାରଣ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୩୧।୦୮।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ପାଣ୍ଡଲୋଇ** ଗ୍ରାମ ସ୍ଥିତ ପାଣ୍ଡଲୋଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସମ୍ବଲପୁର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସମ୍ବଲପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସମ୍ବଲପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ସମ୍ବଲପୁର**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଓ୍ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0019/2122

OFFICE OF THE MUNICIPAL COUNCIL, GUNUPUR
e-Procurement Notice
Tender Reference No. GUN-MUN-55/2021-22
No. 1727 Dated: 26.07.2021
No. C-664: 1. Type of work: Civil Work, 2. Total No. of works: 01 (One) No. of work, 3. Estimate Cost: Rs.31,58,692/-, 4. Period of Completion: 03 (Three) Months, 5. Date & time of availability of Bid document in the portal: 10.00 A.M. of 27.07.2021 to 5.00 P.M. of 09.08.2021, 6. Last date/time for receipt of bid in the portal: Upto 5.00 P.M. of 09.08.2021, 7. Date of Opening of Technical & Financial Bid: 11.00 A.M. of 10.08.2021, 8. Name & Address of the Officer Invited Bid: Executive Officer, Gunupur Municipality. Further details can be seen from the e-procurement portal www.tendersorissa.gov.in.
Sd./- Executive Officer
Gunupur Municipality
OIPR-13104/11/0008/2122

BHUBANESWAR MUNICIPAL CORPORATION
Phone: 0674-2431253, Fax: 0674-2432895
E-mail: info@bmc.gov.in
No. 62218 Dt.27.07.21
AUCTION SALE NOTICE
No. C-658: Sealed quotations in plain paper are invited from intending bidders for auction sale of following types of condemned vehicles of BMC.

| Sl. No. | Type of Vehicle | Nos. |
|---|---|---|
| 1 | Excavator | 2 Nos. |
| 2 | Ambassador Car | 1 No. |
| 3 | JCB Robbert | 1 No. |
| 4 | Mini Door Auto Tipper | 10 Nos. |
| 5 | Hook Lodder Lory | 6 Nos. |
| 6 | Auto Rickshaw | 1 No. |

a. Last date of receipt of sealed quotation on 16.08.2021
b. Inspection of vehicle from 29.07.2021 to 13.08.2021 during office hours. Date & time of opening on
The details of condemned vehicles terms & conditions, EMD, to be deposited, off set price etc. can be seen from BMC website www.bmc.gov.in or can be seen at BMC office (Mechanical Section) from
Sd./- Executive Engineer, No.-II
Bhubaneswar Municipal Corporation
OIPR-13002/11/0039/2122

No. C-667
WATCO
OFFICE OF THE MANAGING DIRECTOR, WATCO
Ground Floor, Unnati Bhawan, H.B. Colony, Satyanagar, Bhubaneswar - 751007, Odisha, India, Telefax: +91-674-2391444,
E-mail: mail@watcoodisha.in, md@watcoodisha.in
INVITATION FOR BIDS (IFB)
Bid Identification No. WATCO(W) - 07/2021-22 Dtd.28.07.2021
Letter No. 5495 Dt.28.07.2021
1. Name of the Work : Supply, testing and commissioning of submersible sewerage pump sets for P-9 pump house, Puri
2. Estimated Cost : Rs.50.59 lakh
3. Period of Completion : 45 days
4. Date & time of availability of bid document in the portal : From 11.00 A.M. of Dt.02.08.2021 to 5.00 P.M. of 16.08.2021
5. Last date/time of receipt of bids in the portal : 5.00 P.M. of 16.08.2021
6. Date & time of opening of technical bids : 12.30 P.M. of 17.08.2021
7. Name and address of the Officer Inviting Bid : Managing Director, WATCO Telefax: 0674-2391444 E-mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only.
Further details can be seen from the website www.tendersorissa.gov.in.
Sd./- (Managing Director), WATCO
OIPR-13170/11/0005/2122

No. CAD-736
obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
File: SMT-1752
NOTICE INVITING TENDER

| | | | |
|---|---|---|---|
| 1 | Name of Work | : | 1. Guest House for different group of pilgrims such as Construction of Dharmasalas at Baselisahi in the Heritage City of Puri under ABADHA Scheme on Turneky basis. |
| 2 | Bid Identification No. | : | 08/Tender/OBCC/2021-22 |
| 3 | Date of availability in e-procurement portal | : | August 02, 2021 to August 27, 2021 (till 5.00 P.M.) |
| 4 | Last date of receipt of Pre-bid Queries | : | August 10, 2021 (till 5.00 P.M.) |
| 5 | Date of issue of Pre-bid Clarification | : | August 12, 2021 |
| 6 | Date and time of opening of Technical Bids | : | August 27, 2021 by 5.30 P.M. |
| 7. | Further details can be seen from the e-Procurement portal https://www.tendersodisha.gov.in | | |

Sd./- EIC-cum-Managing Director
OIPR-34123/11/0008/2122

SAMBALPUR MUNICIPAL CORPORATION, SAMBALPUR, ODISHA - 768001
Phone No. 0663-2411316/Email: sambalpurm.hud@nic.in
Notice No. 6564/SMC Date: 28.07.2021
REQUEST OF PROPOSAL FOR SELECTION OF SUITABLE AGENCY FOR DISPOSAL OF "RECYCLABLES" FROM MATERIAL RECOVERY FACILITY CENTRE WITHIN SAMBALPUR MUNICIPAL CORPORATION AREA
No. C-665: Sealed tenders are hereby invited by Sambalpur Municipal Corporation from interested, reputed and suitable agency for disposal of "recyclables" for our 09 Nos. of material recovery facility centre within Sambalpur Municipal Corporation area as per the rate approved by the authority for a period of 05 (five) years.
The details of the bidding process are as follows:

| Sl. No. | Bidding Schedule | Dateline | |
|---|---|---|---|
| 1 | Date of Issue | 29.07.2021 | |
| 2 | Bid due date & time | 12.08.2021 | 01.30 P.M. |
| 3 | Opening of Bid date and time | 12.08.2021 | 04.00 P.M. |

Any other details or information can also be received from Sanitation Cell, Sambalpur Municipal Corporation. The details tender document can be downloaded from this office website www.smcsambalpur.nic.in.
The sealed tender proposal shall be submitted along with non-refundable application fees of Rs.10,000/- (Rupees Ten thousand only) in shape of Demand Draft from any Nationalize or Private Bank drawn in favour of the Commissioner, Sambalpur Municipal Corporation, Sambalpur - 768001 payable at Sambalpur.
Sd./- Commissioner
Sambalpur Municipal Corporation
OIPR-13122/11/0011/2122

Your classified advertisement published in Dhartri will be listed free in Dhartri online edition : www.dharitri.com

GOVERNMENT OF ODISHA
Odisha Community Tank Development and Management Society
7th Floor, Rajiv Bhawan, Bhubaneswar-751001
Ph. 0674-2512421, E-Mail: spuoiipcra.od@gov.in
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
REQUEST FOR BIDS (RFB) E-Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. OIIPCRA-W2-1/2021 Date. 27.07.2021
No.A-331:-
Name of Work: Civil Construction in Minor Irrigation Projects.
Total No. of Works: 21 Nos.
Estimated Cost of Work(s): Varies Approximately from **Rs.19.26 Lakhs to Rs.643.29 Lakhs.** (Total estimated cost of the 21 Nos. of works **Rs.2,962.91 Lakh**)
Cost of Bid Document: Free of Cost.
Time of completion: Refer to DTCN.
Availability of bid documents: From **31.07.2021** 10.00 hrs to **01.09.2021 up to 15.00 hrs** through online.
Date of Pre-Bid meeting: On dt: **10.08.2021** 11.30 hrs.
Period for receipt of bid(s): From **31.07.2021** 11.00 hrs to **01.09.2021 up to 15.00 hrs online.**
Payment of bid cost/ bid security: Shall be **paid On-line** through the E-Procurement portal of Govt. of Odisha.
Date of opening of bid(s): On dt: 01.09.2021 at 15.30 hrs onwards.
Details about the tender: Available in website of www.dowrodisha.gov.in and www.tendersodisha.gov.in
Name/Address of the OIT: **Project Director, OCTDMS, Odisha,** Address: 7th Floor, Rajiv Bhawan, Bhubaneswar, Dist: Khordha, PIN: 751001, E-mail: spuoiipcra.od@gov.in
OIPR-32188/11/0001/2122
Sd./- Project Director, OCTDMS

## ସଂକ୍ଷେପରେ

### ୩୦ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ପ୍ରଦାନ



**ଢେଙ୍କାନାଳ ଅଫିସ, ୨୯।୭:** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବୁଧବାର ମିଳିଛି ୩୦ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର। ବେଙ୍ଗାଲୁରୁସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁନାଇଟେଡ୍ ୱେର ସହଭାଗିତା ଏବଂ ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତାରେ ଚିକିତ୍ସାଳୟର ବରାଦ ମୁତାବକ ଏହାକୁ ପ୍ରଦାନ କରାଯାଇଛି। 'ଶୋଭା' ମୁଖ୍ୟ ଉଦୟେନ୍ଦୁ ମିଶ୍ର ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟରଗୁଡ଼ିକୁ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ରଙ୍କୁ ହସ୍ତାନ୍ତର କରିଥିଲେ। ମହାମାରୀ ସମୟରେ କୋଭିଡ୍ ଆକ୍ରାନ୍ତ ରୋଗୀଙ୍କ ଲାଗି ଏହି ମେଶିନ କାମରେ ଆସିବ ବୋଲି ସିଡିଏମ୍‌ଓ କହିଛନ୍ତି। ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମିଶ୍ର, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ବରିଷ୍ଠ ଆଇନଜୀବୀ ବସନ୍ତ ରଥ, ଅନୁଷ୍ଠାନର କାର୍ଯ୍ୟକ୍ରମ ମୁଖ୍ୟ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ ଆକ୍ରାନ୍ତ, ଜଣେ ମୃତ

**ଢେଙ୍କାନାଳ ଅଫିସ, ୨୯।୭:** ଢେଙ୍କାନାଳ ଜିଲାରୁ ଗୁରୁବାର ୩୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫୨ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୧୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୫, ହିନ୍ଦୋଳ ବ୍ଲକର ୭ ଓ ଏନ୍‌ଏସିର ୧, କାମାକ୍ଷାନଗର ବ୍ଲକର ୨ ଓ ଏନ୍‌ଏସିର ୩, ଓଡ଼ାପଡ଼ା ବ୍ଲକର ୧, ସଦର ବ୍ଲକର ୫, ଗଁଦିଆ ବ୍ଲକର ୩ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୩ ଜଣ ରହିଛନ୍ତି। ଜିଲାରେ ମୋଟ୍ ସକ୍ରିୟ ମାମଲା ୫୧୯ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସୁନୀଲଙ୍କୁ ୨ ଜିଲାର ପ୍ରଭାରୀ ଦାୟିତ୍ୱ



**ଢେଙ୍କାନାଳ ଅଫିସ, ୨୯।୭:** ଢେଙ୍କାନାଳର ପୂର୍ବତନ ନଗରପାଳ ତଥା ଭାଜପା ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମାଙ୍କୁ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ସମୀର ରଞ୍ଜନ ମହାନ୍ତିଙ୍କ ଅନୁମୋଦନ କ୍ରମେ ପୂର୍ବତନ ରାଜ୍ୟ ସଭାପତି କେ.ଭି. ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟ ପୌରାଞ୍ଚଳ କମିଟି ବୈଠକରେ ସୁନୀଲଙ୍କୁ ଏଥିଲାଗି ନିଯୁକ୍ତ କରାଯାଇଛି। ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଉପକୃତ ହେବେ କରୋନା ସଂକ୍ରମିତ



**ଆଠମଲ୍ଲିକ,୨୯।୭(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ସୁବିଧା ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ବୁଧବାର ଏକ ଅମ୍ଳଜାନ କନସେନ୍‌ଟ୍ରେଟର ପ୍ରଦାନ କରାଯାଇଛି। ଆମେରିକାରେ ବାସ କରୁଥିବା ପ୍ରବାସୀ ଭାରତୀୟ ଡା. ରାଜନ ସୁବୟିହା ଓ ଡା. ତପତି ପଣ୍ଡାଙ୍କ ପକ୍ଷରୁ ଦି ବ୍ରିଥ୍ ଇଣ୍ଡିଆ ଏସିଟି ଫାଉଣ୍ଡେଶନ ଜରିଆରେ ଏହା ଦିଆଯାଇଛି। ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ଉପରୋକ୍ତ ଦୁଇ ଡାକ୍ତରଙ୍କ ପୁତୁରା ଡାକ୍ତର ନନ୍ଦନ ପଣ୍ଡାଙ୍କ ମାଧ୍ୟମରେ ଏହି କନସେନ୍‌ଟ୍ରେଟର ପ୍ରଦାନ କରାଯାଇଥିଲା। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା, ଡା.ଦେବାଶିଷ ଭଞ୍ଜ, ଡା. ଅନିଲ କୁମାର ଦେ ଉପସ୍ଥିତ ଥିଲେ। ଏହି ଉପକରଣ କୋଭିଡ୍ ସଂକ୍ରମିତଙ୍କ ସେବାରେ ଲାଗିପାରିବ ବୋଲି ଡାକ୍ତର ନନ୍ଦନ କହିଛନ୍ତି। ଉକ୍ତ ଅନୁଷ୍ଠାନ ଓଡ଼ିଶାର ବିଭିନ୍ନ ଡାକ୍ତରଖାନାକୁ ୧୩୦ରୁ ଊର୍ଦ୍ଧ୍ୱ ଅମ୍ଳଜାନ କନସେନ୍‌ଟ୍ରେଟର ଯୋଗାଇଛି।

# ବନ୍ଧ୍ୟାକରଣ ବାଟବଣା



- ଭୁବନ ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି
- ୪୯ ବର୍ଷ ଏନ୍‌ଏସି ଇତିହାସରେ ଥରେ ବି ହୋଇନି
- ବଢୁଛି ବାଇକ୍ ଦୁର୍ଘଟଣା, ହୀନସ୍ତା ହେଉଛନ୍ତି ଚାଳକ

ବିପିନ ବିହାରୀ ସେଠୀ
ଭୁବନ, ୨୯।୭(ଡି.ଏନ୍.ଏ.)

ମୁଣ୍ଡବ୍ୟଥା ବଢ଼ାଇଛନ୍ତି ବୁଲାକୁକୁର। ଗଳିକନ୍ଦିରେ ପଲପଲ ହୋଇ ବୁଲୁଛନ୍ତି। ରାଜରାସ୍ତାକୁ ଅକ୍ତିଆରକୁ ନେଉଛନ୍ତି। ଏକଲା ମଣିଷ ଦେଖିଲେ କାମୁଡ଼ିବାକୁ ଗୋଡ଼ାଉଛନ୍ତି। ସେମାନଙ୍କ ଦୌରାତ୍ମ୍ୟରେ ସବୁଠାରୁ ବେଶି ପ୍ରଭାବିତ ହେଉଛନ୍ତି ବାଇକ୍ ଆରୋହୀ। ପରସ୍ପର ଭିତରେ କାମୁଡ଼ା କାମୁଡ଼ି ହୋଇ ହଠାତ୍ ଗାଡ଼ି ସାମ୍ନାକୁ ଚାଲିଆସିବା କାରଣରୁ ଭାରସାମ୍ୟ ହରାଇ ଖଣ୍ଡିଆଖାବରା ହେଉଛନ୍ତି ଚାଳକ। ସହରାଞ୍ଚଳରେ କୁକୁର ବନ୍ଧ୍ୟାକରଣ ଯୋଜନା ଫେଲ୍ ମାରିଥିବାରୁ ସେମାନଙ୍କ ବଂଶବୃଦ୍ଧି ହେଉଛି ଏବଂ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ବୁଦ୍ଧିଜୀବୀ।

ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହେବାର ବିତିଗଲାଣି ୪୯ ବର୍ଷ। ୨୦୨୨ରେ ଏନ୍‌ଏସି ପାଳିବ ସୁବର୍ଣ୍ଣ ଜୟନ୍ତୀ ସମାରୋହ। ହେଲେ ଦୀର୍ଘ ୫ ଦଶନ୍ଧି ମଧ୍ୟରେ ସହରାଞ୍ଚଳରେ କୁକୁର ବଂଶ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ନେବା ତ ଦୂରର କଥା, ଯୋଜନା ମଧ୍ୟ ଆରମ୍ଭ ହୋଇନାହିଁ। ଦିନକୁ ଦିନ ସହର ସହର ଜନସଂଖ୍ୟା ବଢୁଥିବାବେଳେ କୁକୁର ବଂଶବୃଦ୍ଧି ମୁଣ୍ଡବ୍ୟଥାର କାରଣ ପାଲଟିଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୦ ଏପ୍ରିଲ ୧ରୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସହରାଞ୍ଚଳର ୧୦୭ ଜଣ କୁକୁର କାମୁଡ଼ାର ଶିକାର ହୋଇଥିଲେ। ୨୦୨୧ ଏପ୍ରିଲ ୧ରୁ ଚଳିତ ଜୁଲାଇ ୨୮ ମଧ୍ୟରେ ଏହି ସଂଖ୍ୟା ୨୫୭ରେ ପହଞ୍ଚିଲାଣି। ଭୁବନରେ ପାଗଳ କୁକୁର ଆତଙ୍କ ମଧ୍ୟ କିଛି କମ୍ ନୁହେଁ। ଖରାଦିନେ ଏମାନଙ୍କ ଦୌରାତ୍ମ୍ୟ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ସାଧାରଣ ଜନତାଙ୍କ ସମେତ ଗୃହପାଳିତ ପ୍ରାଣୀ ମଧ୍ୟ ପାଗଳ କୁକୁର ଆକ୍ରମଣର ଶିକାର ହୋଇ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଏନ୍‌ଏସିରେ ଦିନକୁ ଦିନ କୁକୁର କାମୁଡ଼ା ରୋଗୀ ସଂଖ୍ୟା ବଢୁଥିବାରୁ କେବଳ ପ୍ରଶାସନ ନୁହେଁ, ସ୍ୱାସ୍ଥ୍ୟ ବିଭାଗର ମଧ୍ୟ ଚିନ୍ତା ବଢ଼ିଛି। ପ୍ରତିକାର ସ୍ୱରୂପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସମୟରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ରହୁଛି। ସେହିପରି କୁକୁର ଆକ୍ରମଣରୁ ଜୀବନ ସୁରକ୍ଷା ଲାଗି ଲୋକେ ଆଗୁଆ ପ୍ରତିଷେଧକ ନେଉଛନ୍ତି। ସପ୍ତାହର ମଙ୍ଗଳବାର ଏବଂ ଶୁକ୍ରବାର ଦୁଇଦିନ ପ୍ରତିଷେଧକ ଦିଆଯାଉଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

ସହରରେ ଦିନକୁ ଦିନ କୁକୁର-ମଣିଷ ସଂଘର୍ଷ ବଢୁଥିବାବେଳେ କୁକୁର ବଂଶ ନିୟନ୍ତ୍ରଣ ଲାଗି ବନ୍ଧ୍ୟାକରଣ ଏକମାତ୍ର ବିକଳ୍ପ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ବିଚାର କରିବା ଲାଗି ସେମାନେ ଦାବି କରିଛନ୍ତି।

### ଅଣ୍ଡିରା କୁକୁର ଅଧିକ ହିଂସ୍ର

କୁକୁର ଏକ ବିଶ୍ୱସ୍ତ ପ୍ରାଣୀ। ପରିବେଶ ସନ୍ତୁଳନ ରକ୍ଷାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଆନୁପାତିକ ହାର ତୁଳନାରେ ସଂଖ୍ୟା ବଢ଼ିଲେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସୂଚନା ଅନୁଯାୟୀ, ପ୍ରଜନନ ସମୟରେ ଅଣ୍ଡିରା କୁକୁରମାନେ ଅଧିକ ହିଂସ୍ର ହୋଇ ଉଠନ୍ତି। ମିଳନ ସମୟରେ କେହି ବାଧକ ସାଜୁଥିବା ଅନୁଭବ କଲେ ସେମାନେ ପ୍ରତିକ୍ରିୟାଶୀଳ ହୋଇ କାମୁଡ଼ି ଥାଆନ୍ତି। ସେହିପରି ଖାଦ୍ୟାଭାବ ମଧ୍ୟ କୁକୁରଙ୍କ ମାନସିକ ସ୍ଥିତି ବିଗାଡ଼ି ଦେଇଥାଏ। ଫଳରେ ସେମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଆକ୍ରମଣ କରିଥାଆନ୍ତି। ମାଈ କୁକୁରଙ୍କ କ୍ଷେତ୍ରରେ ଏଭଳି ପ୍ରବୃତ୍ତି କମ୍ ଦେଖିବାକୁ ମିଳେ। ଶାବକଙ୍କ ସୁରକ୍ଷା ପ୍ରତି ବିପଦ ଦେଖାଦେଲେ ମାଈ କୁକୁର ଆକ୍ରମଣ କରିଥାଏ। ତେଣୁ ସାଧାରଣତଃ ଅଣ୍ଡିରା କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥାଏ। ଏହାଦ୍ୱାରା ସେମାନଙ୍କ ହିଂସ୍ର ପ୍ରବୃତ୍ତି ଉପରେ ନିୟନ୍ତ୍ରଣ ଆସେ ଏବଂ ମଣିଷ-କୁକୁର ସଂଘର୍ଷ ଅନେକାଂଶରେ ହ୍ରାସ ପାଇଥାଏ।

### ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ



କିଛିଦିନ ହେଲା କାର୍ଯ୍ୟରେ ଯୋଗଦେଇଛି। ଏନ୍‌ଏସିର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ବିଷୟରେ ସମୀକ୍ଷା କରାଯାଉଛି। ଦୀର୍ଘ ବର୍ଷ ହେଲା ସହରରେ କୁକୁରଙ୍କ ବନ୍ଧ୍ୟାକରଣ ହୋଇନାହିଁ। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

- ଦୁର୍ଯ୍ୟୋଧନ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ

### ରାସ୍ତାରେ ଯିବାକୁ ଭୟ ଲାଗୁଛି



ଏନ୍‌ଏସି କର୍ତ୍ତୃପକ୍ଷ କୁକୁର ବଂଶ ନିୟନ୍ତ୍ରଣ କରିବା ଲାଗି ଗୁରୁତ୍ୱ ଦେଉନାହାନ୍ତି। ରାସ୍ତାରେ ଏକୁଟିଆ ଯିବାକୁ ଭୟ ଲାଗୁଛି। ତିନିଦିନ ତଳେ କୁକୁର କାମୁଡ଼ାର ଶିକାର ହୋଇଥିଲି। ପ୍ରାଥମିକ ଚିକିତ୍ସା ହୋଇଛି। ଶୁକ୍ରବାର ଡାକ୍ତରଖାନାରେ ଟିକା ନେବି।

- ବିଶ୍ୱନାଥ ନାୟକ, କୁକୁର କାମୁଡ଼ାର ଶିକାର ହୋଇଥିବା ବ୍ୟକ୍ତି

### ସ୍ଥାୟୀ ସମାଧାନ ଜରୁରୀ



ବୁଲା କୁକୁର, ଷଣ୍ଢ ଏବଂ ଗୋରୁଙ୍କ ପ୍ରାଦୁର୍ଭାବରେ ସହରବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବୁଲାଜନ୍ତୁଙ୍କୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ଏହାର ସ୍ଥାୟୀ ସମାଧାନ ଜରୁରୀ ହୋଇପଡ଼ିଛି।

- ରଥ ସେଠୀ, ବରିଷ୍ଠ ନାଗରିକ

### କ'ଣ ରହିଛି ନିୟମ

ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌର ପରିଷଦ ଏବଂ ମହାନଗର ନିଗମ ଅଞ୍ଚଳରେ ବୁଲା କୁକୁର ବଂଶ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ୨୦୦୧ରେ ଆଣିଥିଲେ ଆନିମଲ ବାର୍ଥ କଣ୍ଟ୍ରୋଲ (ଡଗ୍) ରୁଲ୍‌ସ, ଯାହା ଏବିସି ରୁଲ୍ସ ନାମରେ ପରିଚିତ। ତଦନୁଯାୟୀ ଏକ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଅନୁପାତଠାରୁ ବୁଲା କୁକୁରଙ୍କ ସଂଖ୍ୟାରେ ବୃଦ୍ଧି ଘଟିଲେ ସମ୍ପୃକ୍ତ କର୍ତ୍ତୃପକ୍ଷ ବନ୍ଧ୍ୟାକରଣ ପଦ୍ଧତିର ସହାୟତା ନେଇପାରିବେ। ସ୍ଥାନୀୟ ପ୍ରଶାସନ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରାଣୀଙ୍କ ମଙ୍ଗଳ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ ସହାୟତାରେ ଅଣ୍ଡିରା କୁକୁରଙ୍କ ବନ୍ଧ୍ୟାକରଣ କରିବେ। ତେବେ ଏହା ସମ୍ପୂର୍ଣ୍ଣ ଯନ୍ତ୍ରଣାରହିତ ହେବ। କୌଣସି ପରିସ୍ଥିତିରେ କୁକୁରଙ୍କ ପ୍ରତି କ୍ରୂର ବ୍ୟବହାର ପ୍ରଦର୍ଶନ କରାଯାଇପାରିବ ନାହିଁ। ସେମାନଙ୍କୁ ଧରି ଏକ ସ୍ୱତନ୍ତ୍ର ଗାଡ଼ିରେ ସେଲ୍‌ଟର ଗୃହକୁ ଅଣାଯିବ। ସେଠାରେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପରେ ଚିକିତ୍ସା କରାଯିବ। ପୁନର୍ବାର କୁକୁରଙ୍କୁ ସେମାନେ ରହୁଥିବା ମୂଳ ସ୍ଥାନରେ ଛାଡ଼ି ଦିଆଯିବ।

## ଟେଷ୍ଟ ହାଉସ ଗୃହ ଅକ୍ତିଆର କରିବ ପୌରପାଳିକା

- ବେଆଇନ ଭାବେ ନିର୍ମାଣ ହୋଇଛି
- ଦିଆଗଲା ଢେଙ୍ଗୁରା

ଅନୁଗୋଳ ଅଫିସ, ୨୯।୭

ଅନୁଗୋଳ ସହର ଅମଲାପଡ଼ାସ୍ଥିତ ଦୁର୍ଗାମଣ୍ଡପ ପଡ଼ିଆରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଏକ ଟେଷ୍ଟ ହାଉସକୁ ପୌରପାଳିକା ଶୁକ୍ରବାର ନିଜ ଅକ୍ତିଆରକୁ ନେବ। ଏ ନେଇ ଗୁରୁବାର ଢେଙ୍ଗୁରା ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ଜଣାଇ ଦିଆଯାଇଛି। ପ୍ରକାଶ ଯେ, ଉକ୍ତ ପଡ଼ିଆକୁ ଜବରଦଖଲ କରି ଟେଷ୍ଟ ହାଉସ ମାଲିକ ଘର ନିର୍ମାଣ କରିଥିବା ନେଇ ସ୍ଥାନୀୟ ଲୋକ ବହୁ ପୂର୍ବରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଗତ ଏପ୍ରିଲ ୧୭ ତାରିଖରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ପୌରପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ଘଟଣାର ଅନୁଧ୍ୟାନ କରାଯାଇଥିଲା। ଏପରି କି ଉକ୍ତ ଗୃହ ବେଆଇନ ଭାବେ ନିର୍ମାଣ କରାଯାଇଥିବା ନେଇ ତଦନ୍ତକାରୀ ଟିମ୍ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ଏହାପରେ ଉକ୍ତ ଗୃହକୁ ପୌରପାଳିକା ନିଜ ଅକ୍ତିଆରକୁ ନେବ ବୋଲି ଜିଲାପାଳ ତଥା ପୌରପ୍ରଶାସକ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ଜିଲାରେ କୋଭିଡ୍ ନିୟନ୍ତ୍ରଣ ଅଭିଯାନ ପାଇଁ ପୌରପାଳିକା ସେତେବେଳେ ତାହା କରିପାରି ନ ଥିଲା। ଏବେ ଜିଲାରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ଥିବାରୁ ପୌରପାଳିକା ପକ୍ଷରୁ ଗୁରୁବାର ଅପରାହ୍ନରେ ଉକ୍ତ ଅଞ୍ଚଳରେ ଢେଙ୍ଗୁରା ଦିଆଯାଇଛି। ଉକ୍ତ ବେଆଇନ ଗୃହକୁ ଅକ୍ତିଆର କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି। ସହରରେ ସରକାରୀ ଜମିରେ ଏଭିଳି ଅନେକ ନିର୍ମାଣ କରାଯାଉଛି। ପୌରପାଳିକା ପକ୍ଷରୁ ସେଗୁଡ଼ିକୁ ଚିହ୍ନଟ କରି ଉଚ୍ଛେଦ କରିବାକୁ ଦାବି ହେଉଛି।

# ମନେପଡ଼ିଲେ କାରଗିଲ୍ ବୀର



ଶହୀଦ ସ୍ତମ୍ଭ ନିକଟରେ ସ୍ମୃତିଚାରଣ କରାଯାଉଛି।

ଢେଙ୍କାନାଳ ଅଫିସ, ୨୯।୭

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ସ୍ତମ୍ଭରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହିତ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସ୍ମଲ୍, ସଦସ୍ୟ କୃଷ୍ଣଚନ୍ଦ୍ର ନାୟକ, ବିଭୁପ୍ରସାଦ ମହାପାତ୍ର, ପି. ଆଞ୍ଜେନେୟ, ଆଶୁତୋଷ କର, ରୋଜେଶ୍ ପରିଡ଼ା, ସ୍ମାରକ ରଞ୍ଜନ ଦାସ, ରବୀନ୍ଦ୍ର ସୋନୀ, ଦେବାଶିଷ ନାୟକ, ଶୁଭମ୍ ଗୁରୁଙ୍ଗ୍, ଜ୍ୟୋତିପ୍ରକାଶ ବେହେରା, ହେମନ୍ତ ପୃଷ୍ଟି, ସୌରଭ ମହାପାତ୍ର, ଦିବ୍ୟରଞ୍ଜନ ବେହେରା, ବବୁଲ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୂର ହେଲା ଜଳ ନିଷ୍କାସନ ସମସ୍ୟା

ଖମାର,୨୯।୭(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ଖମାରସ୍ଥିତ ଶଙ୍ଖପୁର ହାଇସ୍କୁଲ ସାହି ଛକ ନିକଟରେ ଜମିରହୁଥିବା ବର୍ଷା ଜଳ ନିଷ୍କାସନ ନିମନ୍ତେ ଗୁରୁବାର ପଦକ୍ଷେପ ନିଆଯାଇଛି। ଏଠାରେ ଥିବା ଏକ କଲଭର୍ଟ ସମ୍ମୁଖରେ ଜଣେ ଜମି ମାଲିକ ମାଟି ପକାଇ ଅବରୋଧ କରିଥିବାରୁ ମାସ ମାସ ଧରି ପାଣି ଜମି ରହୁଥିଲା। ଫଳରେ ରାସ୍ତା ଉପରେ ନିର୍ଭର କରୁଥିବା ୨୦୦୦ରୁ ଅଧିକ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପାଲଲହଡ଼ା ତହସିଲଦାର ସ୍ୱାଗତ ଦାସଙ୍କ ନିର୍ଦ୍ଦେଶକ୍ରମେ ଖମାର ରାଜସ୍ୱ ନିରୀକ୍ଷକ ବିଭୂତି ଭୂଷଣ ଧଳ ପହଞ୍ଚି ମାଟି ପକାଯାଇ କରାଯାଇଥିବା ଅବରୋଧକୁ ହଟାଇଥିଲେ। ଫଳରେ ସମସ୍ୟା ସମାଧାନ ହୋଇଥିବା ରାଜସ୍ୱ ନିରୀକ୍ଷକ ଧଳ କହିଛନ୍ତି।

## ଇଂଲିଶ ପାଠ୍ୟୋପକରଣ ପ୍ରଦାନ



ପିଲାମାନଙ୍କୁ ଇଂଲିଶ ପାଠ୍ୟୋପକରଣ କିଟ୍ ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୨୯।୭

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ସଦର ବ୍ଲକ୍‌ର ମଧୁସାହୁପାଟଣା ଗ୍ରାମରେ ଗୁରୁବାର ଛାତ୍ରୀଛାତ୍ରଙ୍କୁ ଇଂଲିଶ ପାଠ୍ୟୋପକରଣ କିଟ୍ ପ୍ରଦାନ କରାଯାଇଛି। ଜିଲାର ସମସ୍ତ ପଞ୍ଚାୟତରେ ଏଭଳି କିଟ୍ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ମହିଳା ଶାଖା ସଭାନେତ୍ରୀ ପ୍ରଭାତୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଜୁନ ସାହୁ, ଭରତ ଦାସ, ଶିଳ୍ପିଶ୍ରୀ ହରିଚନ୍ଦନ, କୈଳାସ ମହାପାତ୍ର, ମିତୁନା ବେହେରା, ରମେଶ ରାଜ, ଧୀରପାଟଣା ଗ୍ରାମ ସଭାପତି ଇନ୍ଦ୍ରମଣି ସାହୁ, ମାଣିପୁର ସଭାପତି ଅନ୍ନପୂର୍ଣ୍ଣା ମହାରଣା, ରବୀନ୍ଦ୍ରନାଥ ସାହୁ, ଭାସ୍କର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ପରଖିବେ ପାରାଲିଗାଲ ସ୍ୱେଚ୍ଛାସେବୀ

ଢେଙ୍କାନାଳ ଅଫିସ, ୨୯।୭

ଢେଙ୍କାନାଳ ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ ଦେହୁରୀଙ୍କ ନିର୍ଦ୍ଦେଶରେ ୪ଦିନିଆ ଭର୍ଚୁଆଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନସେବା କମିଟି ଏବଂ ପରଜଙ୍ଗ ପାଇଁ ନୂତନ ଭାବେ ଚୟନ ହୋଇଥିବା ପାରାଲିଗାଲ ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ, ଅସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ସ୍ୱେଚ୍ଛାସେବୀଙ୍କ ପ୍ରଥମ ଦାୟିତ୍ୱ। ତାଲୁକ ଆଇନ ସେବା କମିଟିର ଅନୁମତିକ୍ରମେ ସେମାନେ ହାଜତ, ଚିକିତ୍ସାଳୟ, ପଞ୍ଚାୟତ କ୍ଲିନିକ ପରିଦର୍ଶନ କରି ସ୍ୱଚ୍ଛତା ପରଖିବେ। ଅନ୍ତେବାସୀ ଓ ରୋଗୀମାନେ କିଭଳି ସେବା ପାଉଛନ୍ତି ତାହାର ତଦାରଖ କରିବେ। ଏ ସମ୍ପର୍କିତ ଆଇନଗତ ବ୍ୟବସ୍ଥା ବିଷୟରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

ସଂସ୍କାରମୂଳକ କାର୍ଯ୍ୟରେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଭୂମିକା, ପାରିବାରିକ ଓ ସମ୍ପତ୍ତିଗତ ଆଇନ ବିଷୟରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଅମିୟ ସାହୁ ବିଶଦ ଆଲୋଚନା କରିଥିଲେ। ଜିଲା ଶ୍ରମ ଅଧିକାରୀ ସତ୍ୟ ଆଚାର୍ଯ୍ୟ ଶ୍ରମ ଆଇନ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଶିଶୁ ଓ ମହିଳା ଆଇନ, ପବ୍ଲିକ ପ୍ରସିକ୍ୟୁଟର ଗଣେଶ୍ୱର ବେହେରା ଫୌଜଦାରି ଏବଂ ଦେୱାନୀ ଆଇନ, ପରଜଙ୍ଗ ତହସିଲଦାର ଜୟନ୍ତ କୁମାର ଜୟସିଂ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା, ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ।



ଅନ୍‌ଲାଇନରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ଗୋଚର ଜମିରେ ବାଲି ପାହାଡ଼

- ବଢ଼ିଲା କୁନାଲ୍ ଷ୍ଟ୍ରକ୍‌ଚର କମ୍ପାନୀ ଅଡୁଆ
- ବ୍ରାହ୍ମଣୀରୁ ବେଆଇନ ବାଲି ଉଠାଣ ଅଭିଯୋଗ
- ହୀନସ୍ତା ହେଉଛନ୍ତି ପଥଚାରୀ, ଛାତ୍ରୀଛାତ୍ର
- ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ

ପରଜଙ୍ଗ, ୨୯।୭(ଡି.ଏନ୍.ଏ.)

ଜଙ୍ଗଲ ଜମିରୁ ବେଆଇନ ଲଘୁ ଖଣିଜ ଚାଲାଣ ମାମଲାରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ତଦନ୍ତରେ ଫସିଥିବା କୁନାଲ ଷ୍ଟ୍ରକ୍‌ଚର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଅଡୁଆ ବଢ଼ିବାରେ ଲାଗିଛି। ବେଆଇନ ଭାବେ ଗୋଚର ଜମିରେ ବିପୁଳ ପରିମାଣର ନିର୍ମାଣ ସାମଗ୍ରୀ ଗଚ୍ଛିତ କରି ରଖିବା ଏବଂ ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ପ୍ରଭାବିତ ହେବା ନେଇ ପରଜଙ୍ଗ ବ୍ଲକର ସାମାଜିକ କର୍ମୀ ଶାନ୍ତନୁ କୁମାର ଭୁକ୍ତା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଇ-ଅଭିଯୋଗ କରିଥିଲେ। ମୁଖ୍ୟ ଶାସନ ସଚିବ ମାମଲାକୁ ଗମ୍ଭୀରତାର ସହ ନେଇଛନ୍ତି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବଙ୍କ ଚିଠି ସଂଖ୍ୟା ୨୧୬୯୭ ତା.୨୭।୭।୨୦୨୧ ଅନୁଯାୟୀ ଅଭିଯୋଗର ନିରପେକ୍ଷ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଢେଙ୍କାନାଳ ଜିଲାପାଳ ଏବଂ ପରଜଙ୍ଗ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ପରଜଙ୍ଗ ଦେଇ ନିର୍ମାଣ ଚାଲିଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଦାୟିତ୍ୱ ନେଇଛି କୁନାଲ୍ କମ୍ପାନୀ। ଠିକାସଂସ୍ଥା ବେଆଇନ ଭାବେ ଲଘୁଖଣିଜ ଉତ୍ତୋଳନ କରି ଗୋଚର ଜମିରେ ଗଚ୍ଛିତ ରଖୁଛି। ସ୍ଥାନୀୟ ପ୍ରଶାସନ ଠିକାସଂସ୍ଥାର ଏଭଳି ବେଆଇନ କାର୍ଯ୍ୟକୁ ଘଣ୍ଟ ଘୋଡ଼ାଉଛି। ପରଜଙ୍ଗ ତହସିଲ ଅନ୍ତର୍ଗତ ସରାଙ୍ଗ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ଗୋଚର ଜମିରେ ଠିକାସଂସ୍ଥା କ୍ୟାମ୍ପ୍ କରି ରାସ୍ତା ନିର୍ମାଣ ଲାଗି ଏକ ବ୍ଲାଚ୍ ମିକ୍ସିଂ ପ୍ଲାଣ୍ଟ ସ୍ଥାପନ କରିଛି। ଉକ୍ତ ପ୍ଲାଣ୍ଟକୁ ରାତି ଅଧିଆ ଶତାଧିକ ଟ୍ରିପ ବାଲି ଯୋଗାଣ ହେଉଛି। ଗୋଚର ଜମି ଉପରେ ବିପୁଳ ପରିମାଣର ବାଲି ଗଚ୍ଛିତ କରି ରଖାଯାଇଛି। ସାମାନ୍ୟ ପବନରେ ବାଲି ଉଡୁଥିବାରୁ ଯାତ୍ରୀ ଏବଂ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ଦୈନିକ ଯେତିକି ବାଲି କାମରେ ଲାଗୁଛି, ରାତିରେ ପୁଣି ସେତିକି ପରିମାଣର ବାଲି ନଦୀରୁ ଉଠାଯାଉଛି। ଏହି କାର୍ଯ୍ୟ ଅତି ଚତୁରତାର ସହ କରାଯାଉଛି। ଅନ୍ୟପଟେ ସ୍ଥାନୀୟ ରାଜସ୍ୱ ବିଭାଗ ଲୋକଦେଖାଣିଆ ଭାବେ ଫାଇନ୍ ଆଦାୟ କରି ଚୁପ୍ ହୋଇ ବସିପଡ଼ିଛି। ବ୍ଲାଚ ମିକ୍ସ ପ୍ଲାଣ୍ଟରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। ଲୋକମାନଙ୍କ ଦାବିକୁ ତହସିଲ ପ୍ରଶାସନ ଏବଂ ରାଜସ୍ୱ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି ବୋଲି ସାମାଜିକ କର୍ମୀ କହିଛନ୍ତି।



ଗୋଚର ଜମିରେ ଗଚ୍ଛିତ କରି ରଖାଯାଇଥିବା ବାଲି।

ଠିକାସଂସ୍ଥା ପକ୍ଷରୁ ଗୋଚର ଜମିରେ ବିପୁଳ ବାଲି ଗଚ୍ଛିତ କରି ରଖାଯାଇଥିବା ଅଭିଯୋଗକୁ ତହସିଲଦାର ଜୟନ୍ତ କୁମାର ଜୟସିଂ ସ୍ୱୀକାର କରିଛନ୍ତି। ଏଥିସହ କଂକ୍ରିଟ ମିକ୍ସିଂ ପ୍ଲାଣ୍ଟ ସ୍ଥାପନ କରାଯାଇଥିବା କଥା ମଧ୍ୟ ଜାଣିଥିବା କହିଛନ୍ତି। ନଦୀରୁ ଉଠାଣ ହେଉଥିବା ବାଲିର ପରିମାଣ ହିସାବ କରି ଅର୍ଥ ଆଦାୟ କରାଯିବ ବୋଲି ତହସିଲଦାର କହିଛନ୍ତି। ତେବେ ରାସ୍ତା ନିର୍ମାଣରେ କେତେ ପରିମାଣର ବାଲି ଲାଗିଛି, ବ୍ରାହ୍ମଣୀ ନଦୀ ଶଯ୍ୟାରୁ କେତେ ପରିମାଣର ବାଲ ବେଆଇନ ଭାବେ ଉଠାଣ ହୋଇଛି ତାହା ବିଭାଗ କେମିତି ଆକଳନ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାସଂସ୍ଥା ପ୍ରତି ରାଜସ୍ୱ ବିଭାଗ କୋହଳ ମନୋଭାବ ପୋଷଣ କରୁଥିବାରୁ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅଲିମ୍ପିକ ଚାମ୍ପିୟନଙ୍କୁ ହରାଇଲେ ଅତନୁ




ଟୋକିଓ,୨୯।୭(ପି.ଟି.)

ଭାରତୀୟ ପୁରୁଷ ତୀରନ୍ଦାଜ ଅତନୁ ଦାସ ବ୍ୟକ୍ତିଗତ ଇଭେଣ୍ଟରେ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଦୁଇଥର ଅଲିମ୍ପିକ୍ ଚାମ୍ପିୟନ କୋରିଆର ଓହ ଜିନ ହ୍ୟେକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ପୂର୍ବରୁ ତାଙ୍କ ସ୍ତ୍ରୀ ଦୀପିକା କୁମାରୀ ମଧ୍ୟ ମହିଳା ବିଭାଗ ବ୍ୟକ୍ତିଗତ ଇଭେଣ୍ଟରେ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରଶେ କରିଛନ୍ତି। ଅତନୁ ୬-୫ରେ ୩୯ ବର୍ଷୀୟ ଓହଙ୍କୁ ହରାଇବାରେ ସକ୍ଷମ ହୋଇଥିଲେ।

ଦୀପିକା ଓ ଅତନୁ ଏଥର ସଫଳ ହେଲେ ଭାରତ ପାଇଁ ତୀରନ୍ଦାଜୀରେ ପ୍ରଥମ ପଦକ ହାସଲ କରିବେ ବୋଲି କୁହାଯାଇପାରେ। ପୂର୍ବରୁ ଅତନୁ ଚାଇନିଜ ତାଇପେର ଡେଙ୍ଗ ୟୁ-ଚେଙ୍ଗଙ୍କୁ ୬-୪ରେ ହରାଇଥିଲେ। ସ୍ୱାମୀ- ସ୍ତ୍ରୀ ଯୋଡି ଅତନୁ ଓ ଦୀପିକାଙ୍କୁ ବାଦ୍ ଦେଲେ ବାକି ସବୁ ଭାରତୀୟ ତୀରନ୍ଦାଜ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। ଶୁକ୍ରବାର ଦୀପିକା ପ୍ରି- କ୍ୱାର୍ଟରରେ ରୁଡିଆର ୮ ନମ୍ବର ତୀରନ୍ଦାଜ ସେନିଆ ପେରେଭାଙ୍କୁ ଭେଟିବେ। ପେରୋଭା ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟପଟେ ଅତନୁ ଘରୋଇ ତୀରନ୍ଦାଜ ତଥା ଫେଭରାଇଟ ତାକାହାରୁ ପୁରୁକାୱାଙ୍କୁ ଭେଟିବେ।

ପୂର୍ବରୁ ମିକ୍ସଡ ଟିମ୍ ଓ ପୁରୁଷ ଟିମ୍ ଶନିବାର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ସେନାବାହିନୀ ଯୋଡି ତରୁଣଦୀପ ରାୟ ଓ ପ୍ରବୀଣ ଯାଦବ ବୁଧବାର ପରାସ୍ତ ହୋଇ ବିଦାୟ ନେଇସାରିଛନ୍ତି। ପୂର୍ବରୁ ଅତନୁ ଓହଙ୍କୁ ୨୦୧୯ ବ୍ୟାଙ୍କକ ଏସିଆନ ଚାମ୍ପିୟନଶିପ୍‌ରେ ପରାସ୍ତ କରିଥିଲେ। ଓହ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ଚଳିତ ୨୦୨୦ ଅଲିମ୍ପିକ୍ସରେ ଟିମ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ଜିତିଛନ୍ତି।

# କ୍ୱାର୍ଟର ଫାଇନାଲରେ ସିନ୍ଧୁ

ଟୋକିଓ,୨୯।୭(ପି.ଟି.)

ଟୋକିଓ ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଭାରତ ପାଇଁ ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ୫ ବର୍ଷ ତଳେ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ସିନ୍ଧୁ ଏଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ୨୬ ବର୍ଷୀୟା ସିନ୍ଧୁ ଗୁରୁବାର ଡେନ୍‌ମାର୍କର ମିଆ ବ୍ଲିଚ୍‌ଫେଲ୍ଟଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଷଷ୍ଠ ସିଡ୍‌ମାନ୍ୟତା ପାଇଥିବା ସିନ୍ଧୁ ୧୩ତମ ସିଡ୍ ବ୍ଲିଚ୍‌ଫେଲ୍ଟଙ୍କୁ ମାତ୍ର ୪୧ ମିନିଟ୍‌ରେ ୨୧-୧୫, ୨୧-୧୩ରେ ହରାଇ ଅଗ୍ରଗତି କରିଛନ୍ତି।

ପ୍ରଥମ ଗେମ୍‌ରେ ଭଲ ଆରମ୍ଭ କରିଥିଲି। କୋଚ୍‌ଙ୍କ ପରାମର୍ଶ କ୍ରମେ ରଣନୀତି ବଦଳାଇଥିଲି ଓ ପ୍ରଥମ ଗେମ୍‌ରେ ବିଜୟୀ ହୋଇଥିଲି। ଦ୍ୱିତୀୟ ଗେମ୍‌ରେ ମଧ୍ୟ ଭଲ ଖେଳିଥିଲି। ଅଗ୍ରଣୀ ବଜାୟ ରଖିବା ସହ ବିଜୟୀ ହୋଇଥିଲି ବୋଲି ମ୍ୟାଚ୍ ପରେ ସିନ୍ଧୁ କହିଛନ୍ତି। ସିନ୍ଧୁ ଏବେ ପରବର୍ତ୍ତୀ ମ୍ୟାଚ୍‌ରେ ଜାପାନର ଅକେନ ୟାମାଗୁଚିଙ୍କୁ ଭେଟିବେ। ଅନ୍ୟ ଏକ ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୟାମାଗୁଚି କୋରିଆର କିମ୍ ଗାଏଉନଙ୍କୁ ୨୧-୧୭, ୨୧-୧୮ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ବିଶ୍ୱର ୫ ନମ୍ବର ଖେଳାଳି ୟାମାଗୁଚିଙ୍କୁ ପୂର୍ବରୁ ସିନ୍ଧୁ ୧୧ଥର ହରାଇଥିବା ବେଳେ ତାଙ୍କଠାରୁ ୭ ଥର ପରାସ୍ତ ହୋଇଛନ୍ତି। ଚଳିତବର୍ଷ ମାର୍ଚ୍ଚରେ ସିନ୍ଧୁ ତାଙ୍କୁ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ହରାଇଥିଲେ।

ବ୍ଲିଚ୍‌ଫେଲ୍ଟଙ୍କ ବିପକ୍ଷରେ ସିନ୍ଧୁ ଆକ୍ରମଣାତ୍ମକ ଖେଳି ପ୍ରଦର୍ଶନ କରି ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ମଝିରେ ଅବଶ୍ୟ ବ୍ଲିଚ୍‌ଫେଲ୍ଟ ଛୋଟିଆ ପ୍ରତ୍ୟାବର୍ତ୍ତନ କରିବାକୁ ସଫଳ ହୋଇଥିଲେ। ବୁଧବାର ସିନ୍ଧୁ ବିଶ୍ୱର ୩୪ ନମ୍ବର ଖେଳାଳି ହଂକଂର ଏନ୍‌ୟାଇ ଚେଉଙ୍ଗ୍‌ଙ୍କୁ ୨୧-୯, ୨୧-୧୬ରେ ପରାସ୍ତ କରିଥିଲେ ଓ ଗ୍ରୁପ୍ ଜେ'ର ଶୀର୍ଷକୁ ଉଠିଥିଲେ। ଏକମାତ୍ର

**ବ୍ୟାଡ୍‌ମିଣ୍ଟନ**

ଭାରତୀୟ ଭାବେ ସିନ୍ଧୁ ଭାରତ ପାଇଁ ବ୍ୟାଡ୍‌ମିଣ୍ଟନରେ ପଦକ ଆଶା ବଜାୟ ରଖିଛନ୍ତି। ପୂର୍ବରୁ ବି. ସାଇ ପ୍ରଣୀଥ ପୁରୁଷ ସିଙ୍ଗଲ୍ସରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ସେ ନେଦରଲାଣ୍ଡ୍ସର ମାର୍କ କାଲିଜୋଉଙ୍କଠାରୁ ଗ୍ରୁପ୍ ଡି'ରେ ପରାସ୍ତ ହୋଇଥିଲେ। ସେହିପରି ମଙ୍ଗଳବାର ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଗ୍ରୁପ୍‌ରେ ଦୁଇଟି ମ୍ୟାଚ୍ ଜିତିବା ପରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ।


ବିଜୟ ହାସଲ ପରେ ପି.ଭି. ସିନ୍ଧୁଙ୍କ ପ୍ରତିକ୍ରିୟା।

# ସଜନ ପ୍ରକାଶଙ୍କ ଚ୍ୟାଲେଞ୍ଜ୍ ଶେଷ

ଟୋକିଓ, ୨୯।୭ (ପି.ଟି.)

ସଜନ ପ୍ରକାଶ ହିଟ୍‌ରେ ଦ୍ୱିତୀୟ ହୋଇଥିଲେ ମଧ୍ୟ ପୁରୁଷ ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ଏଥିସହିତ ଅଲିମ୍ପିକ୍ସରେ ତାଙ୍କ ଅଭିଯାନ ଶେଷ ହୋଇଛି। ପୂର୍ବରୁ ୨୦୧୬ ରିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ପ୍ରକାଶ ଦ୍ୱିତୀୟ ଧିମା ହିଟ୍‌ରେ ୫୩.୪୫ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ ସଜନ ୫୧.୭୪ ସେକେଣ୍ଡ ଟାଇମିଂ ସହ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ। ସେ ଏହାଠାରୁ ମଧ୍ୟ ବହୁ ପଛରେ ରହିଥିଲେ। କେରଳର ଏହି ୨୭ ବର୍ଷୀୟ ସନ୍ତରଣକାରୀ ୫୫ଜଣ ସନ୍ତରଣକାରୀଙ୍କ ମଧ୍ୟରେ ୪୬ତମ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ୧୬ଜଣ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୋକିଓ ଗେମ୍ସରେ ଭାଗ ନେଇଥିବା ଭାରତର ସମସ୍ତ ୩ ସନ୍ତରଣକାରୀ ସଜନ, ଶ୍ରୀହରି ନଟରାଜ ଓ ମାନା ପଟେଲ ନୈରାଶ୍ୟଜନକ ପ୍ରଦର୍ଶନ ସହ ସ୍ୱଦେଶ ମୁହାଁ ହୋଇଛନ୍ତି।

# ମେରୀ କମ୍‌ଙ୍କ ଦୁର୍ଭାଗ୍ୟଜନକ ପରାଜୟ

ଟୋକିଓ, ୨୯।୭(ପି.ଟି.)

୬ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀ କମ୍ (୫୧କେଜି) ଦୁର୍ଭାଗ୍ୟଜନକ ଭାବେ ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି। ଗୁରୁବାର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଏହି ଭାରତୀୟ ମହିଳା ବକ୍ସର ୨୦୧୬ ସଂସ୍କରଣ ବ୍ରୋଞ୍ଜ ବିଜୟିନୀ କଲମ୍ବିଆର ଇଙ୍ଗ୍ରିଟ୍ ଭାଲେନ୍‌ସିଆଙ୍କଠାରୁ ପରାଜିତ ହୋଇ ପ୍ରି-କ୍ୱାର୍ଟରରୁ ବିଦାୟ ନେଇଛନ୍ତି। ମେରୀ କମ୍ ୩ ରାଉଣ୍ଡ ବିଶିଷ୍ଟ ଏହି ମୁକାବିଲାରେ ୨ଟିରେ ବିଜୟ ଲାଭ କରିଥିବା ସତ୍ତ୍ୱେ ପରାଜିତ ହୋଇଛନ୍ତି। ଭାରତୀୟ ବକ୍ସର ଓପନିଂ ରାଉଣ୍ଡରେ ୪-୧ରେ ପଛୁଆ ରହିଥିଲେ। ୫ଜଣ ଜଜ୍‌ଙ୍କ ମଧ୍ୟରୁ ୪ଜଣ ଭାଲେନ୍‌ସିଆଙ୍କ ସପକ୍ଷରେ ୧୦-୨ ସ୍କୋର ଦେଇଥିଲେ। ପରବର୍ତ୍ତୀ ଦୁଇ ରାଉଣ୍ଡରେ ୫ଜଣ ଜଜ୍‌ଙ୍କ ମଧ୍ୟରୁ ୩ ଜଣ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। କିନ୍ତୁ ଓଭରଅଲ ସ୍କୋରଲାଇନ୍ ତଥାପି ଭାଲେନ୍‌ସିଆଙ୍କ ସପକ୍ଷରେ ରହିଥିଲା। ମଣିପୁରର ଏହି ବକ୍ସର ତୃତୀୟ ରାଉଣ୍ଡ ମୁକାବିଲ କ୍ଲାନ୍ତ ଜଣାପଡୁଥିଲେ। ତାଙ୍କୁ ୩-୨ ନିଷ୍ପତ୍ତିରେ ପରାଜୟବରଣ କରିବାକୁ ହୋଇଥିଲା। ଏହା ସତ୍ତ୍ୱେ ୩୮ ବର୍ଷୀୟା ମେରୀ କମ୍ ବକ୍ସିଂ ଛାଡ଼ିବା ଲାଗି ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି।


ପରାଜିତ ହେବା ପରେ ଏମ୍.ସି. ମେରୀକମ।

# ଆମେରିକା ପୋଲଭଲ୍ଟର ପଜିଟିଭ୍ ପରେ ଅଷ୍ଟ୍ରେଲିଆ ଦଳ କ୍ୱାରାଣ୍ଟାଇନ୍‌ରେ

**ଟୋକିଓ, ୨୯।୭ (ଏପି):** ଆମେରିକାର ପୋଲଭଲ୍ଟର ସାମ୍ କେଣ୍ଡ୍ରିକ୍ସ କୋଭିଡ୍ ଟେଷ୍ଟରେ ପଜିଟିଭ ଆସିବାରୁ ଅଷ୍ଟ୍ରେଲିଆର ସମଗ୍ର ଟ୍ରାକ୍ ଟିମ୍ ଏବେ ସାମୟିକ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। କେଣ୍ଡ୍ରିକ୍ସ ହେଉଛନ୍ତି ଦୁଇଥର ବିଶ୍ୱ ଚାମ୍ପିୟନ ଏବଂ ଜଣେ ରେକର୍ଡ ହୋଲ୍ଡର ମଧ୍ୟ। ତାଙ୍କୁ ଆମେରିକାର ଜଣେ ଅନ୍ୟତମ ହାଇପ୍ରୋଫାଇଲ୍ ଆଥ୍‌ଲେଟ ଭାବେ ବିବେଚନା କରାଯାଏ। କରୋନା ସଂକ୍ରମିତ ହୋଇଥିବାରୁ ସେ ଟୋକିଓ ଗେମ୍ସରୁ ଓହରିଯାଇଛନ୍ତି। କେଣ୍ଡ୍ରିକ୍ସ ଚଳିତ ସପ୍ତାହରେ ଟ୍ରେନିଂ ଟ୍ରାକ୍‌ରେ ଅନ୍ୟ କେତେଜଣ ଆଥ୍‌ଲେଟଙ୍କ ସହ ଅଭ୍ୟାସ କରୁଥିଲେ। ସେ ପଜିଟିଭ ଜଣାପଡ଼ିବା ପରେ ୫୪ ଜଣିଆ ଅଷ୍ଟ୍ରେଲିଆ ଦଳ (୪୧ ଆଥ୍‌ଲେଟ ଓ ୧୩ ଅଫିସିଆଲ)ର ସମସ୍ତ ସଦସ୍ୟଙ୍କୁ ସାମୟିକ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। କାରଣ ଅଷ୍ଟ୍ରେଲିଆର ୩ ଜଣ ଆଥ୍‌ଲେଟ କେଣ୍ଡ୍ରିକ୍ସଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାର କିଛି ଘଣ୍ଟା ପରେ ଅଷ୍ଟ୍ରେଲିଆନ ଅଲିମ୍ପିକ କମିଟି ତରଫରୁ ଘୋଷଣା କରାଯାଇଥିଲା ଯେ, ସମ୍ପୃକ୍ତ ୩ ଆଥ୍‌ଲେଟଙ୍କ କୋଭିଡ୍ ଟେଷ୍ଟ ଫଳାଫଳ ନେଗେଟିଭ ଆସିଛି। ସେମାନେ ସ୍ୱାଭାବିକ କାର୍ଯ୍ୟକଳାପ କରିପାରିବେ। ତେବେ ସେମାନେ ପୁଣି ଅଭ୍ୟାସ ଆରମ୍ଭ କଲାବେଳେ ଦୂରତା ରକ୍ଷା କରି ପ୍ରୋଟୋକଲକୁ କଡ଼ାକଡ଼ି ମାନି ଚଳିବାକୁ ହେବ।

# ଶେଷ ମୁହୂର୍ତ୍ତରେ ଡାକରା ପାଇଲେ ଦୀକ୍ଷା

ଟୋକିଓ, ୨୯।୭ (ପି.ଟି.)

ଅଗଷ୍ଟ ୫ରେ ଆରମ୍ଭ ହେବାକୁ ଥିବା ମହିଳା ଗଲ୍ଫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଦୀକ୍ଷା ଡାଗର ଶେଷ ମୁହୂର୍ତ୍ତରେ ଡାକରା ପାଇଛନ୍ତି। ଅଲିମ୍ପିକ୍ସ ଗଲ୍ଫ ପ୍ରତିଯୋଗିତାରେ ଭାରତରୁ କେଉଁମାନେ ଭାଗ ନେବେ ତାହାର ଏକ ତାଲିକା ଚଳିତମାସ ପ୍ରଥମ ଭାଗରେ ପ୍ରକାଶ ପାଇଥିଲା। ଦୀକ୍ଷାଙ୍କ ନାମ ରିଜର୍ଭ ଖେଳାଳି ତାଲିକାରେ ରହିଥିଲା। ଅନ୍ତର୍ଜାତୀୟ ଗଲ୍ଫ ମହାସଂଘ ଭାରତୀୟ ଗଲ୍ଫ ୟୁନିୟନ (ଆଇଜିୟୁ) ଜରିଆରେ ଦୀକ୍ଷାଙ୍କୁ ଆମନ୍ତ୍ରଣ କରିଛି। ଗେମ୍ସରେ ଭାଗ ନେବା ଲାଗି ଦୀକ୍ଷା ଯେପରି ଠିକଣା ସମୟରେ ପହଞ୍ଚିପାରିବେ ସେନେଇ ଆଇଜିୟୁ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି। ଦଳରେ ସେ ଆଦିତି ଅଶୋକଙ୍କ ସହ ଯୋଗଦେବେ। ବାମହାତୀ ଦୀକ୍ଷାଙ୍କ ଲାଗି ଏହା ପ୍ରଥମ ଅଲିମ୍ପିକ୍ସ ହେବ। ଆଦିତି ଦ୍ୱିତୀୟ ଥର ଅଲିମ୍ପିକ୍ସରେ ଭାଗ ନେଉଛନ୍ତି। ସୂଚନାଯୋଗ୍ୟ, ଦୀକ୍ଷା ଜନ୍ମରୁ ଜଣେ ବଧିର। ପୂର୍ବରୁ ସେ ୨୦୧୭ରେ ବଧିର ଅଲିମ୍ପିକ୍ସରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ହାସଲ କରିଥିଲେ। ଖବର ଅନୁସାରେ ଦକ୍ଷିଣ ଆଫ୍ରିକାର ପାଉଲା ରେଟୋ ଓହରିଯିବା ଏବଂ ଗଲ୍ଫର ସାରା ସ୍କୋବରଙ୍କ ସ୍ଥାନରେ ଅନ୍ୟ ଜଣେ ଖେଳାଳିଙ୍କୁ ପଠାଇବା ଲାଗି ଅଷ୍ଟ୍ରିଆ ମନା କରିଦେବାରୁ ଦୀକ୍ଷା ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛନ୍ତି। ସେ ପୂର୍ବରୁ ୨୦୧୮ ଏସିଆନ ଗେମ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୯ରେ ସେ ପ୍ରଫେସନାଲ ହେବା ପରେ ଲେଡିଜ ୟୁରୋପିଆନ ଟୁର୍‌ରେ ଦୁଇଟି ଟାଇଟଲ ଜିତିବାରେ ସକ୍ଷମ ହୋଇଛନ୍ତି। ତନ୍ମଧ୍ୟରୁ ଗୋଟିଏ ଟିମ୍ ଇଭେଣ୍ଟ ରହିଛି।


ଦୀକ୍ଷା ଡାଗର

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

Tender Call No. 7560 Dt.28.07.21

**TENDER CALL NOTICE**

No. E-267: Sealed tenders are hereby invited from authorized agencies/firms/suppliers for supply of Laboratory items (Chemicals, Consumables, Equipment and Reagent) for RT-PCR Laboratory, Bargarh district. Bid documents should be submitted through Regd. Post/Speed Post/Courier. For date, time & terms and conditions regarding tender call, please log on to the district website **www.bargarh.nic.in**.

Sd./- Chief District Medical & Public Health Officer, Bargarh
OIPR-10124/11/0009/2122

**ANGUL FRESH PRODUCER COMPANY LIMITED, ANGUL**
C/o. DRDA Office Building, DRDA, Angul, Odisha, India, PIN - 759122, E-mail: angulfreshpcl@gmail.com
CIN: U01400OR2021PTC035778, PAN: AAUCA8829Q
TAN: BBNA04836G

Notice No. 18 Date: 26.07.2021

**ADVERTISEMENT**

No. CAD-72: Application is invited from eligible candidates for the Post of Chief Executive Officer, Accountant cum MIS and Cluster Coordinators, Angul for Angul Fresh Producer Company Ltd., C/o. DRDA Office Building, 2nd Floor, DRDA, Angul, Odisha, PIN - 759122. The detail advertisement along with terms & conditions may be downloaded from the following website: **www.angul.nic.in** from 26.07.2021 to 09.08.2021 upto 5.00 P.M. through Registered Post/Speed Post/Courier only. No other means will be accepted. The Managing Director, AFPCL, Angul reserves the rights to reject any or all applications without assigning any reason thereof.

Sd./- Managing Director
AFPCL, Angul
OIPR-19132/11/0001/2122

**OFFICE OF THE NOTIFIED AREA COUNCIL, CHANDBALI**
Pin: 756133 (Odisha)
E.Mail: chandbalin-hud@gov.in/chandbali.nac@gmail.com
Letter No.1666/ Dt.27.7.21

**QUOTATION CALL NOTICE**

No.C-657:- The Executive Officer Chandbali NAC invites Quotation for following works & supply of items.

1. Electrical Work & Wiring of all Wealth Centre in Chandbali NAC.
2. Sanitation Cleaning Material & Equipment use in Chandbali NAC.
3. 5T-Transmission School Accessories (Furniture & Electronics equipment etc.)
4. Chandbali NAC New building & Council Hall Office Accessories Items (Furniture, Door & Window Screen & others).
5. Office Stationary items use in Chandbali NAC.

The detail information are available at NAC office. The rate should be furnished ineach quotation paper.

The quotatin paper cost Rs.500.00 (Rupees Five hundred) only & available from 28.07.2021 to 03.08.2021 during office hour except holidays. The sealed quotation paper reached to the undersigned on or before 03.08.2021 by 10.00 A.M. through Speed Post/ Regd. Post/ by hand. The quotation paper will be open on 03.08.2021 at 11.00 A.M. in presence of interested party or their authorized agent. The authority reserves all the rights to reject any or all quotation without assigning any reason thereof.

Sd./- Executive Officer, Chandbali NAC
OIPR-13129/11/0005/2122

**OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA**
e-mail ID-sepwd_rgda@yahoo.com, Phone/Fax No.- 06856-223049
e-Procurement Notice
**Bid Identification No. C.C.E. (RANDB) RGDA-01/2021-22 (Online)**
No. 815 Date: 28.07.2021

No. B-253:- **INVITATION FOR BIDS**

| | | | |
|---|---|---|---|
| 1. | The **Chief Construction Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate bids** in **double cover mode** to be received in **online mode** only for the construction of works as detailed in the table below. | | |
| 2. | Nature of work | : | Building works |
| 3. | No. of work | : | 7 (Seven) Nos. of work |
| 4. | Estimated Cost (Approximately) | : | Rs.247.12 lakhs, Rs.254.51 lakhs, Rs.234.26 lakhs, Rs.234.36 lakhs, Rs.868.02 lakhs, Rs.134.25 lakhs, Rs.145.32 lakhs. |
| 5. | Bid Cost | : | Rs.10,000/- (each) |
| 6. | Class of Contractor | : | "B" Class/ "A" Class / "Special" Class and "Super" class as per Financial Eligibility |
| 7. | Availability of Bid Documents in the website | : | 11.00 hrs of Dt. 04.08.2021 to 16.00 hrs of Dt.19.08.2021. |
| 8. | Date of opening of Bid | : | 11.00 hrs of Dt.21.08.2021. |
| 9. | The bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-32412/11/0001/2122
Sd./- Chief Construction Engineer, Rayagada (R&B) Circle, Rayagada

**OFFICE OF THE SUPERINTENDENT S.C.B. MEDICAL COLLEGE & HOSPITAL, CUTTACK**
Email ID: scbsuperintendent@gmail.com, Ph.: 0671-2414080

**TENDER CALL NOTICE**

No. E-265: Sealed tenders in plain papers/pads are invited from intending Manufacturers/Distributors/Stockiest/ Wholesaler for supply of medicine and medical consumable items in bulk quantity to the undersigned as per requirement of the hospital which will be valid for a period of one year from the date of approval. The tenders should be reached in the office of the undersigned latest by 4 P.M. on Dt.04.08.2021 in Registered Post/Speed Post which will be opened on same day i.e. Dt.04.08.2021 at 5 P.M. in the office chamber of the Superintendent, SCB Medical College & Hospital, Cuttack.

The tender paper and other set of terms and conditions can be obtained from the Central Store (Tech. Section) on all working days between 10 A.M. to 4 P.M. on submission of the Xerox copy of Money Receipt worth Rs.500/- (Rupees Five Hundred) only (Non-refundable) deposited in the Accounts Section of the office of the undersigned on downloaded from our website **www.scbmch.in** and submission of DD worth Rs.500/- (Rupees five hundred) only pledged in favour of Superintendent SCBMCH, Cuttack from a Nationalized Bank towards the cost of tender paper which should be attached with the tender document. The authority has reserved his/her right to cancelled the tender without assigning any reason.

Sd./- Medical Superintendent
SCB Medical College, Hospital, Cuttack
OIPR-10011/11/0019/2122

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

**ବିଜ୍ଞାପନ**

No. PP-22: ଚୌଦ୍ୱାରସ୍ଥିତ ବୟନ ବୈଷୟିକ ଅନୁଷ୍ଠାନରେ (Institute of Textile Technology) ବୟନ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ୨୦୨୧-୨୨ ଶିକ୍ଷା ବର୍ଷରେ ନାମ ଲେଖାଇ ପଢ଼ିବା ପାଇଁ ୫ (ପାଞ୍ଚ) ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯୋଗ୍ୟତା ଅନୁସାରେ ବଛାଯିବା ପାଇଁ ତା୨୫।୦୮।୨୦୨୧ରିଖ ସୁଦ୍ଧା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫାରମରେ ନିଜର ସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରାର୍ଥୀମାନଙ୍କ ବୟସ ୨୦୨୧ ଜୁଲାଇ ୧ ତାରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନଥିବ। ପ୍ରାର୍ଥୀ ଦଶମ ଷ୍ଟାଣ୍ଡାର୍ଡ/ଏଚ୍.ଏସ.ସି. ପରୀକ୍ଷାରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। କମ୍ପାର୍ଟମେଣ୍ଟାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ଯୋଗ୍ୟ ବିବେଚିତ ହେବା ପାଇଁ ସେମାନେ ପ୍ରଥମ ସୁଯୋଗ ପରୀକ୍ଷାରେ ରଖିଥିବା ସର୍ବନିମ୍ନ ଶତକଡ଼ା ନମ୍ବରକୁ ବିଚାରକୁ ନିଆଯିବ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦରଖାସ୍ତ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ନିମ୍ନଲିଖିତ ମୂଳ ପ୍ରମାଣପତ୍ର (Original)ର ଅବିକଳ ନକଲ ଓ ନିଜର ଫଟୋସହ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା, ଭୁବନେଶ୍ୱର - ୭୫୧୦୦୭ଙ୍କ ନିକଟରେ ତା୨୫।୦୮।୨୦୨୧ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

୧. ଦଶମ ଷ୍ଟାଣ୍ଡାର୍ଡ/ଏଚ୍.ଏସ୍.ସି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣପତ୍ର।
୨. ଉପରୋକ୍ତ ପରୀକ୍ଷାରେ ହାସଲ କରିଥିବା ନମ୍ବର ତାଲିକା (Mark Sheet)।
୩. ବୁଣାକାର ସମ୍ପ୍ରଦାୟଭୁକ୍ତ ହୋଇଥିବା ଉପଯୁକ୍ତ ପ୍ରମାଣ ପତ୍ର।
୪. ପ୍ରାର୍ଥୀମାନେ ଓଡ଼ିଶାର ବାସିନ୍ଦା ହୋଇଥିବାର ଆବଶ୍ୟକୀୟ ପ୍ରମାଣପତ୍ର (Residential Certificate) ଦେବା ଦରକାର।

ସ୍ୱା./- ନିର୍ଦ୍ଦେଶକ
ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା
OIPR-31003/11/0011/2122

**ଏମ୍‌ଏସ୍‌ଏମ୍‌ଇକୁ ୧.୬୫ ଲକ୍ଷ କୋଟିର ସହାୟତା**

ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍‌(ଇସିଏଲ୍‌ଜିଏସ୍‌)ରେ ୧.୦୯ କୋଟି ଏମ୍‌ଏସ୍‌ଏମ୍‌ଇ ଋଣ ଗ୍ରହୀତାଙ୍କୁ ୧.୬୫ ଲକ୍ଷ କୋଟିର ଗ୍ୟାରେଣ୍ଟି ସହାୟତା ପ୍ରଦାନ କରାଯାଇଥିବା ପାର୍ଲାମେଣ୍ଟ ପକ୍ଷରୁ ଗୁରୁବାର ସୂଚନା ମିଳିଛି। ୨୦୨୦ରେ ଆତ୍ମନିର୍ଭର ଭାରତ ପ୍ୟାକେଜ ଅଧୀନରେ ଏହି ଯୋଜନା ହାତକୁ ନିଆଯାଇଥିଲା। କରୋନାରେ କ୍ଷତିଗ୍ରସ୍ତ ଏମ୍‌ଏସ୍‌ଏମ୍‌ଇ ଏବଂ କ୍ଷୁଦ୍ରଶିଳ୍ପକର ପରିଚାଳନା ପାଇଁ ଆର୍ଥିକ ସହାୟତା ପ୍ରଦାନ ସେଗୁଡିକର ବାଣିଜ୍ୟକୁ ପୁଣି ଥରେ ଚଳାଇବା ଦିଗରେ ଏଭଳି ବ୍ୟବସ୍ଥା କରାଯାଇଥିଲା।

# ବଜାରକୁ ଆସିଲା ସ୍କୋଡା 'କୁଶାକ'

**ଭୁବନେଶ୍ୱର,୨୯।୭**



ସ୍କୋଡା ଅଟୋ ଇଣ୍ଡିଆର ନୂଆ 'କୁଶାକ' ମଡେଲ ଓଡିଶା ବଜାରକୁ ପ୍ରବେଶ କରିଛି। କମ୍ପାନୀର ସହଯୋଗୀ ଡିଲର ଟ୍ରିନିଟି ସ୍କୋଡା ପରିସରରେ ଏହି ନୂତନ ମଡେଲକୁ ବୁଧବାର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଓଡିଆ ଅଭିନେତା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋ'ରୁମର ସ୍ୱତ୍ୱାଧିକାରୀ ଦେବେଶ ପ୍ରଶାଦ ନନ୍ଦ, ସିଏ ସ୍ୱାତି କେଜିରିୱାଲ ଏବଂ ପଦ୍ମଶ୍ରୀ ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତି ଥିଲେ। ଏହି ଯାନର ବଜାର ଦର ୧୦.୪୯ ଲକ୍ଷରୁ ୧୭.୫୯ ଲକ୍ଷ ଟଙ୍କା ରହିଛି। ଏହା ୫ଟି ରଙ୍ଗ ଏବଂ ୩ଟି ଟ୍ରାନ୍ସମିଶନ ସହ ଆସୁଛି। ଏଥିରେ ଟିଏସ୍‌ଆଇ ଟେକ୍ନୋଲୋଜି, ୧୦ଇଞ୍ଚ ଟଚ୍‌ ସ୍କ୍ରିନ ବିଶିଷ୍ଟ ସୂଚନା ପ୍ରଦାନକାରୀ ସିଷ୍ଟମ, ଭେଣ୍ଟିଲେଟଡ ସିଟ ଏବଂ କ୍ରୁସ କଣ୍ଟ୍ରୋଲ ଭଳି ବ୍ୟବସ୍ଥା ରହିଛି। ଗ୍ରାହକଙ୍କ ମନୋରଞ୍ଜନ ପାଇଁ ସନରୁଫ୍‌ ସୁବିଧା ରଖାଯାଇଛି। ସୁରକ୍ଷା ଦୃଷ୍ଟି କୋଣରୁ ୬ଟି ଏୟାର ବ୍ୟାଗ, ପାର୍କିଂ କ୍ୟାମେରା, ଟାୟାର ପ୍ରେସର ନିୟନ୍ତ୍ରକ ରହିଛି। କାରଟି ଆକ୍ଟିଭ୍‌, ଆମ୍ବିଶନ୍‌ ଓ ଷ୍ଟାଇଲ ଭଳି ୩ଟି ମଡେଲରେ ଏହା ଆସୁଛି। ଭାରତୀୟ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି ଯାନଟି ପ୍ରସ୍ତୁତ କରାଯାଇଥିବା ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜ୍ୟାକ୍‌ ହୋଲିସ କହିଛନ୍ତି।

# ହିରୋର ନୂଆ ଏଚ୍‌ଏଫ୍‌ ୧୦୦

**କଟକ, ୨୯।୭**



ହିରୋ ମୋଟୋକର୍ପ ପକ୍ଷରୁ ନୂଆ ଏଚ୍‌ଏଫ୍‌ ୧୦୦ ଶୁଭାରମ୍ଭ କରାଯାଇଛି। କଟକସ୍ଥିତ ସନି ମୋଟର୍ସ ଶୋ' ରୁମ୍‌ରେ ଏହାକୁ ଉନ୍ମୋଚନ କରାଯାଇଥିଲା। ଗ୍ରାମାଞ୍ଚଳ ବଜାରରେ ଏହି ମଡେଲଟି ବେଶ୍‌ ଲୋକପ୍ରିୟ ସାବ୍ୟସ୍ତ ହୋଇପାରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଣ୍ଟ୍ରି ଲେଭଲ ଗ୍ରାହକଙ୍କ ଲାଗି ଏକ ଭରସାଯୋଗ୍ୟ ବ୍ରାଣ୍ଡ ହେବା ସହ ସର୍ବବୃହତ୍‌ ନେଟ୍‌ୱର୍କରେ ସେବା ହିରୋର ୬ ଷ୍ଟ୍ରୋକ ଏବଂ ଗୁଣଯୁକ୍ତ ସେବା ଗ୍ରାହକ ଲାଭ କରିପାରିବେ। ନୂଆ ଗ୍ରାଫିକ୍ସ ଏବଂ ବ୍ଲାକ୍‌ ଥିମ ସହ ଏହି ମୋଟରସାଇକେଲକୁ କମ୍ପାନୀ ଅଧିକ ଷ୍ଟାଇଲିଶ କରିଛି। ଏଥିରେ ବିଏସ୍‌-୬ ଇଞ୍ଜିନ, ପ୍ରୋଗ୍ରାମ ଏଫ୍‌ଆଇ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର, ନ୍ୟୁନ ମେଣ୍ଟେନାନ୍ସ ଖର୍ଚ୍ଚ, ଉଚ୍ଚ ମାଇଲେଜ, ଦୀର୍ଘ ଇଞ୍ଜିନ ଲାଇଫ, ସର୍ବୋତ୍ତମ ପିକ୍‌ଅପ୍‌ ଏବଂ ନିରାପତ୍ତା ଭଳି ଫିଚର ରହିଛି। ସେହିଭଳି ଆରାମ ସହ ନାଇଲନ ୬ ପାର୍ଟ, ଫ୍ଲାଟ ସିଟ୍‌ ଉନ୍ନତ ସସ୍‌ପେନଶନ, ଉନ୍ନତ ବ୍ରେକିଂ, ଭେଇକିଲ ଚେକ୍‌ ଲାଇଟ, ଉଜ୍ଜ୍ୱଳ ହେଡ୍‌ଲ୍ୟାମ୍ପ ଏଥିରେ ରହିଛି। ଗ୍ରାହକ ୫ ବର୍ଷର ୱାରେଣ୍ଟି ସହ ୫ ମାଗଣା ସର୍ଭିସ, ସର୍ଭିସ ଏବଂ ସ୍ପେୟାର ପାର୍ଟସ ଉପଲବ୍ଧ।

# ଓଡ଼ିଶାରେ ଗ୍ରାହକ ବେଶ୍ ବ୍ରାଣ୍ଡ୍ ସଚେତନ

**ଗ୍ରାହକ ବର୍ତ୍ତମାନ ନୂଆ ଟ୍ରେଣ୍ଡର ଫ୍ୟାଶନକୁ ଗୁରୁତ୍ୱ ଦେଉଛନ୍ତି। ଏହି ଧାରା ବିଭିନ୍ନ ସମୟରେ ବଦଳୁଥିବା ଦେଖିବାକୁ ମିଳୁଛି। ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ ଲାଗି ସବୁବେଳେ ଚେଷ୍ଟା ଜାରି ରହିଛି। ବର୍ଷର ବିଭିନ୍ନ ସମୟରେ ନୂଆ ନୂଆ କଲେକ୍ସନ ପ୍ରସ୍ତୁତକରି ବଜାରକୁ ଛାଡୁଛୁ। ପୋଷାକ କଥା କହିଲେ ଓଡ଼ିଶାରେ ଗ୍ରାହକ ବେଶ୍ ବ୍ରାଣ୍ଡ୍ ସଚେତନ ଥିବା କୁହନ୍ତି ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ୍ 'ଡ୍ୟୁକ ଫ୍ୟାଶନ'ର ସଭାପତି ବଲ୍‌କାର ସିଂ। କମ୍ପାନୀର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭୁବନେଶ୍ୱର ଗସ୍ତରେ ଆସିଥିବା ସିଂଙ୍କ ସହ ଧରିତ୍ରୀର ଆଳାପ...**



ବଲ୍‌କାର ସିଂ

**ଓଡ଼ିଶା କାହିଁକି ଆପଣଙ୍କୁ ଭଲ ଲାଗେ?**

❖ ପ୍ରାୟ ୧୬ ବର୍ଷ ତଳେ ପ୍ରଥମେ ଏଠାକୁ ଆସିବା ବେଳେ ଓଡ଼ିଶା ସମ୍ପର୍କରେ ବେଶି କିଛି ଜଣା ନ ଥିଲା। ଏଠାରେ ବିଭିନ୍ନ ସ୍ଥାନ ବୁଲିବାର ସୁଯୋଗ ମିଳିଛି। ଅଂଶୀଦାରଙ୍କ ସହ ଭେଟିବାକୁ ରାଜ୍ୟର ପ୍ରାୟ କୋଣକୁ ଯାଇଛି। ଏଠାକାର କଳା ସଂସ୍କୃତି ଏବଂ ଭାସ୍କର୍ଯ୍ୟ ସ୍ୱତନ୍ତ୍ର। ଲୋକମାନେ ଅତି ଆପଣାର ଲାଗନ୍ତି। ସେମାନଙ୍କ ବ୍ୟବହାର ଅତି ସୁମଧୁର ଏବଂ ଆତ୍ମୀୟତାଭରା।

**ରାଜ୍ୟରେ କାରବାର ସମ୍ପର୍କରେ କ'ଣ କହିବେ?**

❖ ପ୍ରାୟ ୪୦ ବର୍ଷ ହେବ ଓଡ଼ିଶାରେ ଆମ ଉପସ୍ଥିତି ରହିଛି। କମ୍ପାନୀର ମୋଟ ବାଣିଜ୍ୟକୁ ଓଡ଼ିଶା ବଜାରର ଯୋଗଦାନ ଆଖିଦୃଶିଆ ରହି ଆସିଛି। ଏହି ଧାରାରେ ବୃଦ୍ଧି ମଧ୍ୟ ହେଉଛି। ସହରାଞ୍ଚଳ ସହ ଗ୍ରାମାଞ୍ଚଳର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ନିରନ୍ତର ଉଦ୍ୟମ ଜାରି ରଖିଛୁ। ବିଭିନ୍ନ କୌଶଳ ମଧ୍ୟ ଆପଣାଉଛୁ। ୩୦ ସ୍ୱତନ୍ତ୍ର ଆଉଟଲେଟ ଦ୍ୱାରା ସେବା ଯୋଗାଉଛୁ। ଶପ୍ ଇନ୍ ଶପ୍ ବର୍ଗରେ ମଧ୍ୟ ଉପସ୍ଥିତି ଜାହିର କରିଛୁ। ଡିଲର, ଡିଷ୍ଟ୍ରିବ୍ୟୁଟର୍ସ, ରିଟେଲର ଏବଂ ଷ୍ଟୋର ଓନରଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ବିଶେଷ ପଦକ୍ଷେପ ଦ୍ୱାରା ଗ୍ରାହକଙ୍କ ନିକଟବର୍ତ୍ତୀ ହେବାକୁ ଚେଷ୍ଟା ଜାରି ରହିଛି।

**ଓଡ଼ିଶାରେ ଫ୍ୟାଶନ ଟ୍ରେଣ୍ଡକୁ କିଭଳି ଦେଖନ୍ତି?**

❖ ପୂର୍ବାଞ୍ଚଳର ଅନ୍ୟ ବଜାର ତୁଳନାରେ ଓଡ଼ିଶାର ଗ୍ରାହକମାନେ ବେଶ୍ ବ୍ରାଣ୍ଡ ସଚେତନ। ଯେକୌଣସି ଆୟ ବର୍ଗର ଲୋକ ହେଲେ ମଧ୍ୟ ନିଜ ସକ୍ଷମ ଅନୁସାରେ ବ୍ରାଣ୍ଡ ପୋଷାକ ଚୟନକରି ପିନ୍ଧିବାକୁ ପସନ୍ଦ କରୁଛନ୍ତି। ପୂର୍ବାଞ୍ଚଳର ଅନ୍ୟ ରାଜ୍ୟଗୁଡିକରେ ଏହି ଧାରା ସାଧାରଣତଃ ଦେଖିବାକୁ ମିଳେନାହିଁ।

**ବଜାର ଚାହିଦା ପୂରଣ ଲାଗି କିଭଳି ଯୋଜନା ଗ୍ରହଣ କରିଛନ୍ତି?**

❖ ଯୁବବର୍ଗ ସର୍ବଦା ଆମ ଫୋକସରେ ରହି ଆସିଛନ୍ତି। ସେମାନଙ୍କ ଫ୍ୟାଶନ ଚାହିଦା ପୂରଣକୁ ସର୍ବଦା ଅଗ୍ରାଧିକାର ଦେଇ ଆସିଛୁ। ଟ୍ରେଣ୍ଡି ଫ୍ୟାଶନ, ଷ୍ଟାଇଲ, ଗ୍ରାହକ ସନ୍ତୁଷ୍ଟି, ଭାଲ୍ୟୁ, ପରିବର୍ତ୍ତିତ ଫ୍ୟାଶନ ଚାହିଦା, ଡିଜାଇନ, ଅନ୍ତର୍ଜାତୀୟ ବଜାରକୁ ଦେଖି ପ୍ରଡକ୍ଟ ଏବଂ ସୁଲଭ ମୂଲ୍ୟକୁ ଧ୍ୟାନରେ ରଖାଯାଇଛି। ୧୯୬୬ ପରଠାରୁ ଆମେ ସବୁବେଳେ କିଛି ନୂଆ କରିଆସିଛୁ। ଯୁବବର୍ଗଙ୍କ ଭଲ ପାଇବା ଯୋଗୁ ଆମେ ଏକ ସଫଳ ବ୍ରାଣ୍ଡ ଭାବେ ପରିଚିତ। ବର୍ତ୍ତମାନ ଷ୍ଟାଣ୍ଡାର୍ଡାଇଜ ଫିଟ୍, ଗୁଣବତ୍ତା, ବିସ୍ତୃତ ବର୍ଗରେ ଫ୍ୟାଶନ ରାଇଟ ଷ୍ଟାଇଲ ସହ ନୂଆ ସେଗ୍‌ମେଣ୍ଟରେ ମଧ୍ୟ ପ୍ରବେଶ କରିଛୁ।

**କେଉଁ ସେଗ୍‌ମେଣ୍ଟରେ କାରବାର ଭଲ ହେଉଛି?**

❖ ସ୍ପୋର୍ଟସ ୱେର, ଟି-ଶାର୍ଟ, ଶାର୍ଟ, ଡେନିମ, ଟ୍ରାଉଜର,ଟପ୍ସ, ଜେଗିଙ୍ଗସ, ଆକ୍ଟିଭୱେର, ଆସେସୋରିଜ, ଫୁଟ୍‌ୱେରର ବିସ୍ତୃତ କଲେକ୍ସନ ଆଣିଛୁ। ସେହିଭଳି ଶୀତଦିନ ସହ ଅନ୍ୟ ଋତୁ ଲାଗି ମଧ୍ୟ ସ୍ୱତନ୍ତ୍ର କଲେକ୍ସନ ବଜାରକୁ ଛାଡୁଛୁ। ଆମର ପ୍ରାୟ ସବୁ ସେଗ୍‌ମେଣ୍ଟରେ କାରବାର ଭଲ ରହୁଛି। ସୁଲଭତା ହେତୁ ଆମର ପ୍ରଡକ୍ଟ ଗ୍ରହଣୀୟ ହେଉଛି। ସବୁବେଳେ ଗ୍ରାହକଙ୍କ ସମର୍ଥନ ପାଇଛୁ। ନୂଆ କରିବା ଲାଗି ଏହା ପ୍ରେରଣା ଯୋଗାଉଛି। ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ଫ୍ୟାଶନ ଆମେ ପ୍ରସ୍ତୁତ କରୁଛୁ। କରୋନା ଲାଗି ମାସ୍କ ମଧ୍ୟ ଉପଲବ୍ଧ ରହିଛି। ଚଳିତ ବର୍ଷ ଶେଷ ସୁଦ୍ଧର ଅଣ୍ଡରୱେର ସେଗ୍‌ମେଣ୍ଟରେ ପ୍ରବେଶ ଯୋଜନା ରହିଛି।

**ଲୋଭନୀୟ ଅଫର ସମ୍ପର୍କରେ ଆପଣଙ୍କ ମତ କ'ଣ?**

❖ ବିଭିନ୍ନ ବ୍ରାଣ୍ଡ ଏଭଳି କରୁଥିବା ଦେଖାଯାଉଛି। ଗ୍ରାହକଙ୍କ ପକେଟକୁ ସୁହାଇଲା ଭଳି ପ୍ରଡକ୍ଟ ପ୍ରସ୍ତୁତ ନ କରି ଅଧିକ ମୂଲ୍ୟର ପ୍ରଡକ୍ଟ ବିକ୍ରି ହେଉଥିବା ଦେଖାଯାଉଛି। ଏହା ଉପରେ ଅଫର ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ରାଣ୍ଡଗୁଡିକ ଉଦ୍ୟମ କରିଥାନ୍ତି। ଆମେ ବିଶେଷ ଅଫର ଉପରେ ବିଶ୍ୱାସ କରି ନ ଥାଉ। ଆମେ ସର୍ବଦା ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ସୁଲଭ ମୂଲ୍ୟରେ ପ୍ରଦାନ କରିଥାଉ। ଆମ ପ୍ରଡକ୍ଟଗୁଡିକ ମାସ୍ ସେଗ୍‌ମେଣ୍ଟ ଲାଗି ଉଦ୍ଦିଷ୍ଟ। ସେମାନଙ୍କ ପକେଟକୁ ଏହା ଖାପ ଖାଉଛି। ଫଳରେ ଆମେ ବିକ୍ରିରେ ସଫଳତା ହାସଲ କରିଛୁ।

**କରୋନା ପ୍ରଭାବକୁ କିଭଳି ସାମ୍ନା କରିଲେ?**

❖ କାରବାର ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଉତ୍ପାଦନ ପ୍ରଭାବିତ ହେବା ଯୋଗୁ ଯୋଗାଣ ଚେନ୍ ଉପରେ ଏହାର ପ୍ରଭାବ ରହିଥିଲା। ବଜାର ବନ୍ଦ ହୋଇ ପଡ଼ିଥିବାରୁ ଉତ୍ପାଦନ ମଧ୍ୟ କମାଉଥିଲୁ। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ବଜାର ବେଶି କ୍ଷତିଗ୍ରସ୍ତ ହୋଇନାହିଁ। ପାର୍ବଣ ଆଡକୁ ସବୁ ଠିକ୍ ରହିଲେ କାରବାର ବଢ଼ିପାରେ। ଧୀରେ ଧୀରେ ବଜାର ସ୍ୱାଭାବିକ ସ୍ଥିତିକୁ ଫେରୁଛି। ପୂର୍ବ ବର୍ଷ ତୁଳନାରେ ଉତ୍ପାଦନରେ ଉନ୍ନତି ଆସିଛି। ଆଗକୁ ସବୁ କିଛି ଠିକ୍ ହେବ ବୋଲି ଆଶା।

**ସାରା ଦେଶରେ ଆପଣଙ୍କ ଉପସ୍ଥିତି କିଭଳି ରହିଛି?**

❖ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମରତ। ସାରା ଦେଶରେ ଆମେ ବର୍ତ୍ତମାନ ୪୫୫ ଏକ୍ସକ୍ଲୁସିଭ ଷ୍ଟୋର ସହ ସେବା ଯୋଗାଉଛୁ। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ଏହା ୫୫୦ ଛୁଇଁବା ନେଇ ଲକ୍ଷ୍ୟ ରଖାଯାଇଛି।

## ଫୁରସତ୍

**ଆଜି ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ**

# ବିଶ୍ୱକୁ ଏକାଠି ରଖିପାରିବ ବନ୍ଧୁତା



ବର୍ଣ୍ଣନା କରି ହୁଏନା ବନ୍ଧୁତ୍ୱର ପରିଭାଷା। ଏହି ସମ୍ପର୍କ ଶାଶ୍ୱତ। ପ୍ରକୃତ ବନ୍ଧୁତ୍ୱରେ ଖୋଜା ପଡ଼େନା ଧନ ସମ୍ପତ୍ତି। ବନ୍ଧୁର ସୁଖଦୁଃଖ ହାନିଲାଭରେ ସହଯୋଗର ହାତ ବଢ଼ାଉଥିବା ଲୋକ ହିଁ ପ୍ରକୃତ ବନ୍ଧୁ। ବିଶ୍ୱ ଇତିହାସରେ ବନ୍ଧୁତାକୁ ନେଇ ବହୁ ସତ୍ୟ କଥା, କାହାଣୀ ଆଦି ରହିଛି। ଭାରତୀୟ ସଂସ୍କୃତିରେ ଶ୍ରୀକୃଷ୍ଣ ସଖା ସୁଦାମାଙ୍କ ପ୍ରତି ପ୍ରଦର୍ଶନ କରିଥିବା ମହାନ ଆଦର୍ଶ ବନ୍ଧୁତାର ପରିଭାଷାକୁ ଶ୍ରେଷ୍ଠ କରି ଗଢ଼ି ତୋଳିଛି। ଏହାର ପ୍ରଭାବ ଭାରତୀୟ ସଂସ୍କୃତିରେ ସର୍ବଦା ପ୍ରତିଫଳିତ ହୋଇଥାଏ।

ଏହି ସମ୍ପର୍କର ପରିଭାଷାର ପ୍ରସାର ବିଶ୍ୱସ୍ତରରେ କରାଯିବା ଲାଗି ପ୍ରତିବର୍ଷ ଜୁଲାଇ ୩୦ରେ ଅର୍ନ୍ତଜାତୀୟ ବନ୍ଧୁତ୍ୱ ଦିବସ ପାଳନ କରାଯାଇଥାଏ। ମଣିଷଙ୍କ ମଧ୍ୟରେ ନିବିଡ଼ ବନ୍ଧୁତା ଭଳି ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଏଭଳି ସମ୍ପର୍କ ସୃଷ୍ଟି କରାଯାଇପାରିଲେ ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ସଫଳ ହୋଇପାରିବ। ଏହି ଉଦ୍ଦେଶ୍ୟରେ ବନ୍ଧୁତ୍ୱ ଦିବସରେ ସଚେତନା ସୃଷ୍ଟି କରାଯାଇଥାଏ। ୨୦୧୧ ଏପ୍ରିଲ୍ ୨୭ରେ ଜାତିସଂଘର ଅନୁମୋଦନ କ୍ରମେ ଜୁଲାଇ ୩୦ରେ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ପାଳନ ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ବିଶେଷ ଦିନରେ ଭିନ୍ନ ଭିନ୍ନ ସଂସ୍କୃତି, ଦେଶ, ଏବଂ ଆଦର୍ଶ ମଧ୍ୟରେ ବନ୍ଧତ୍ୱ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥାଏ। ଏହି ଦିବସ ଶାନ୍ତି, ସୁଖ ଏବଂ ଏକତାକୁ ପ୍ରୋତ୍ସାହିତ କରିଥାଏ। ଶାରୀରିକ ଗଠନ, ବିଚାରଧାରା, ପରମ୍ପରା, ରାଜନୈତିକ ସ୍ଥିତି ଆଦିରେ ଭିନ୍ନତା ରହିଥିବା ପୃଥିବୀର ବିଭିନ୍ନ ଅଞ୍ଚଳର ଲୋକଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇପାରିଲେ ଆଉ ଯୁଦ୍ଧର ବିଭୀଷିକା ଆତଙ୍କ ସୃଷ୍ଟି କରିପାରିବ ନାହିଁ। ଏହାର ମହତ୍ୱକୁ ଉପଲବ୍ଧି କରି ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ପାଳନ କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଥାଏ।

ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସର ନାମକରଣ ପୂର୍ବରୁ, ପ୍ରଥମେ ୧୯୫୮ରେ ବନ୍ଧୁତା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସଂସ୍କୃତିର ପ୍ରଚାର ପାଇଁ ଅଭିଯାନକୁ ପ୍ରୋତ୍ସାହିତ କରୁଥିବା ୱାର୍ଲ୍ଡ ଫ୍ରେଣ୍ଡସିପ କ୍ରୁସେଡ ନାମକ ଏକ ଅନ୍ତର୍ଜାତୀୟ ନାଗରିକ ସଂଗଠନ ଦ୍ୱାରା ଏକ ପ୍ରସ୍ତାବ ଦିଆଯାଇଥିଲା। ୧୯୩୦ରେ ଜୋଏସ୍ ହଲ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ହଲ୍ ମାର୍କ କାର୍ଡରୁ ଏଭଳି ଦିବସ ପାଳନ ପାଇଁ ପ୍ରେରଣା ମିଳିଥିଲା। ତେବେ ଭାରତରେ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତା ଦିବସ ଭାବେ ପାଳନ କରାଯାଇଥାଏ। ୨୦୨୧ରେ ଏହି ଦିନଟି ଅଗଷ୍ଟ ୧ରେ ପଡୁଛି।

# କୁନି ମହାକାଶ ବିଜ୍ଞାନୀ




**ରିଓ ଡି ଜେନେରିଓ:** ବ୍ରାଜିଲର ନିକୋଲ ଅଲିଭେରା ଡି ଲିମା ମାତ୍ର ୭ ବର୍ଷ ବୟସରେ ମହାକାଶ ଗବେଷଣା କ୍ଷେତ୍ରରେ ଖ୍ୟାତି ହାସଲ କରିପାରିଛନ୍ତି। ମହାକାଶ ସମ୍ପର୍କରେ ଜାଣିବାର ଜିଜ୍ଞାସା ଯୋଗୁ ଏବେ ଦୁନିଆର ସର୍ବ କନିଷ୍ଠ ଜ୍ୟୋର୍ତିବିଜ୍ଞାନୀ ପାଲଟିଛନ୍ତି। ସେ ୭ଟି ଗ୍ରହାଣୁପିଣ୍ଡ ଖୋଜି ଏକ ନିଆରା ରେକର୍ଡ ନିଜ ନାଁରେ କରିଛନ୍ତି। ୨ ବର୍ଷ ବୟସରେ ନିକୋଲ ଆମେରିକୀୟ ସ୍ପେସ ଏଜେନ୍ସି ଏବଂ ଅନ୍ତର୍ଜାତୀୟ ମହାକାଶ ବିଜ୍ଞାନ ଗବେଷଣା କେନ୍ଦ୍ର ସହଯୋଗର ହୋଇଥିବା କାର୍ଯ୍ୟକ୍ରମ 'ଆଷ୍ଟ୍ରଏଡ ହଣ୍ଟ'ରେ ସେ ଯୋଗ ଦେଇଥିଲେ। ସେବେଠାରୁ ମହାକାଶ ସମ୍ପର୍କରେ ଜାଣିବା ଲାଗି ତାଙ୍କର ଉତ୍ସାହ ବୃଦ୍ଧି ପାଇଥିଲା। ନିକଟରେ ନିକୋଲ ବ୍ରାଜିଲର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏବଂ ଜ୍ୟୋର୍ତିର୍ବିଜ୍ଞାନ ଏବଂ ଏରୋନଟିକ୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସେମିନାରରେ ଭାଷଣ ଦେବାର ସୁଯୋଗ ମଧ୍ୟ ପାଇଥିଲେ।

**ମନେ ପଡ଼ନ୍ତି**

**ଶ୍ରଦ୍ଧା ସୁମନ**



**୰ଡା. ପ୍ରତାପ ଚନ୍ଦ୍ର ପଣ୍ଡା**

ସ୍ଥାନ: ନୂଆବଜାର, ଭଦ୍ରକ

ଆବିର୍ଭାବ: ୨୧।୧୧।୧୯୪୬
ତିରୋଧାନ: ୨୧।୦୭।୨୦୨୧

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣଙ୍କର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୧୨୦୯



# କ୍ୟାଲେଣ୍ଡରରେ ଐଶ୍ୱର୍ଯ୍ୟାଙ୍କ ଗ୍ଲାମର

**ମୁମ୍ବାଇ:** ବଲିଉଡ୍ ବିୟୁଟି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ତାଙ୍କ ନୂଆ ଲୁକ୍‌କୁ ନେଇ ଚର୍ଚ୍ଚାରେ। ବେଶ କିଛିଦିନ ହେବ ବଡ଼ ପରଦାରୁ ଦୂରେଇ ରହିଥିବା ଐଶ୍ୱର୍ଯ୍ୟା ଏବେ ଏକ ଫଟୋକୁ ନେଇ ଚର୍ଚ୍ଚାକୁ ଫେରିଛନ୍ତି। ଏଥର ଐଶ୍ୱର୍ଯ୍ୟା ଡବ୍ବୁ ରତ୍ନାନୀଙ୍କ କ୍ୟାଲେଣ୍ଡର ପାଇଁ ଫଟୋ ଶୁଟ୍ କରିଛନ୍ତି। ୨୦୨୧ର ଏହି କ୍ୟାଲେଣ୍ଡର ପାଇଁ ଐଶ୍ୱର୍ଯ୍ୟା ଯେଉଁ ଫଟୋ ଶୁଟ୍ କରିଛନ୍ତି ତାହାର ଏକ ଫଟୋ ଡବ୍ବୁ ନିଜେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବୁଧବାର ଏହା ଇନଷ୍ଟାଗ୍ରାମରେ ଶେୟାର କରାଯିବା ପରେ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସକମାନେ ଖୁସି ହୋଇ ଯାଇଛନ୍ତି। ଡବ୍ବୁ ରତ୍ନାନୀଙ୍କ କ୍ୟାଲେଣ୍ଡର ପାଇଁ ଐଶ୍ୱର୍ଯ୍ୟାଙ୍କର ଏହା ୨୨ ତମ ଫଟୋ ଶୁଟ୍। ରତ୍ନାନୀ ଯେଉଁ ଫଟୋଟି ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି ତାହା ଏକ ବ୍ଲାକ ଆଣ୍ଡ ହ୍ୱାଇଟ୍ ଫଟୋ। ହେଲେ ବି ଏଥିରେ ଐଶ୍ୱର୍ଯ୍ୟାଙ୍କ ଗ୍ଲାମର ସହଜରେ ବାରି ହୋଇ ପଡୁଛି। ଏଥିରେ ରତ୍ନାନୀ କ୍ୟାପଶନରେ ଲେଖିଛନ୍ତି. ଯଦି ଆପଣଙ୍କ ଭିତରେ ଉଜ୍ଜ୍ୱଳତା ଅଛି ତେବେ ଏହା ବାହାରେ ବି ପ୍ରକାଶ ପାଇବ। ଐଶ୍ୱର୍ଯ୍ୟା ଏବେ ଏକ ସାଉଥ୍ ଫିଲ୍ମରେ କାମ କରୁଛନ୍ତି। ସେ ପୁଣିଥରେ ବଲିଉଡ୍‌କୁ ଫେରିବେ ବୋଲି ପ୍ରଶଂସକମାନେ ଆଶା ରଖିଛନ୍ତି।

# ୭୮ ବର୍ଷରେ ଡ୍ୟାନ୍ସ ଷ୍ଟାର

**ନୂଆଦିଲ୍ଲୀ:** ମନର ସବୁ ଇଚ୍ଛାକୁ ପୂରଣ କରିବା ପାଇଁ ସମସ୍ତେ ସୁଯୋଗ ପାଆନ୍ତି ନାହିଁ। ସେଥିପାଇଁ ତ ଅନେକ ନିଜ ପିଲାଦିନର ଇଚ୍ଛାକୁ ପୂରଣ କରି ନ ପାରି ଅବସୋସରେ ଜୀବନ କଟାଇ ଦିଅନ୍ତି ତ ଆଉ କେତେଜଣ ମନର ଇଚ୍ଛାକୁ ପୂରା କରିଥାନ୍ତି ପରିଣତ ବୟସରେ। ଏମିତି ଜଣେ ମହିଳା ହେଉଛନ୍ତି କୃଷ୍ଣାକୁମାରୀ, ଯିଏ କି ୭୮ ବର୍ଷ ବୟସରେ ନାଚ ଶିଖି ଷ୍ଟାର ପାଲଟିଛନ୍ତି। ନେପାଳର ୭୮ ବର୍ଷୀୟା କୃଷ୍ଣାକୁମାରୀ ଏହି ବୟସରେ ସେ ସୋସିଆଲ ମିଡିଆରେ ପାଲଟିଛନ୍ତି ଷ୍ଟାର। କୃଷ୍ଣାଙ୍କର ନୃତ୍ୟକଳା ଦେଖିବା ପାଇଁ ଲୋକଙ୍କର ଢେର୍ ଆକର୍ଷଣ ରହିଛି। ତାଙ୍କର ମାତ୍ର ଗୋଟିଏ ଭିଡିଓକୁ କୋଟି କୋଟି ଲୋକ ଦେଖି ସାରିଲେଣି। କୃଷ୍ଣା କହନ୍ତି, ନୃତ୍ୟ କରିବା ପାଇଁ ପିଲାବେଳରୁ ତାଙ୍କର ଆଗ୍ରହ ରହିଥିଲା। ମାତ୍ର ପରିବାର ଲୋକଙ୍କ ଆକଟ ଯୋଗୁ ସେ ନାଚ ଶିଖିବାର ସୁଯୋଗ ପାଇ ନ ଥିଲେ। ବିବାହ ପରେ ମଧ୍ୟ ତାଙ୍କୁ କୌଣସି ସୁଯୋଗ ମିଳି ନ ଥିଲା। ତାଙ୍କ ପିଲାମାନେ ବଡ଼ ହେବା ପରେ କିଛିଦିନ ତଳେ ସେ ନାଚ ଶିଖିବା ଆରମ୍ଭ କରିଥିଲେ। ଏବେ ସେ ବେଶ୍ ସୁନ୍ଦରଭାବେ ନୃତ୍ୟ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇ ପାରିଛନ୍ତି। ସ୍ଥାନୀୟ ଅଞ୍ଚଳରେ କୌଣସି ସ୍ଥାନରେ କିଛି ଉତ୍ସବ ହେଉଥିଲେ କୃଷ୍ଣା ସେଠାରେ ନୃତ୍ୟକଳା ପ୍ରଦର୍ଶନ କରି ଭରପୂର ମନୋରଞ୍ଜନ କରିଥାନ୍ତି। କୃଷ୍ଣାଙ୍କୁ ଏବେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ବିବାହ କିମ୍ବା ଅନ୍ୟ ଉତ୍ସବରେ ନୃତ୍ୟ ପାଇଁ ନିମନ୍ତ୍ରଣ ମିଳୁଛି। ତେବେ କୃଷ୍ଣା ନୃତ୍ୟ କରୁଥିବାର ଏକ ଭିଡିଓକୁ ସୋସିଆଲ ମିଡିଆରେ ଏବେ ୧ କୋଟି ୮୦ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି। କୃଷ୍ଣାଙ୍କର ଏଭଳି ଏକ ଉଦ୍ୟମ ପାଇଁ ଏବେ ତାଙ୍କ ପିଲାମାନେ ମଧ୍ୟ ବେଶ୍ ଖୁସି ହୋଇଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ବିଭିନ୍ନ ସ୍ଥାନରୁ ଲୋକେ ପ୍ରଶଂସା କରୁଛନ୍ତି। କୃଷ୍ଣା କହନ୍ତି, ବଞ୍ଚିଥିବା ପର୍ଯ୍ୟନ୍ତ ସେ ନୃତ୍ୟ କରିବାକୁ ଚାହାନ୍ତି।



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NURSING**



**ADMISSION OPEN**
**For Session 2021-22**
Courses Offered
**B.Sc. Nursing (4 yrs.)**
(Approved by ONMRC, BBSR, and Affiliated by Utkal University, BBSR.
**GNM (3 yrs.)**
(Approved by ONMRC, BBSR and Affiliated by Indian Nursing Council, New Delhi)
**ANM (2 yrs.)**
(Approved by ONMRC, BBSR and Affiliated by Indian Nursing Council, New Delhi)
**DMLT (2 yrs.)**
(Approved by DMLT / RT Council BBSR)
**PALLI CHANDAN GROUP OF INSTITUTION**
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଅମନ ବଙ୍ଗାଳୀ**



ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
9311642059
8750699637

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ୱାର୍ଟରରେ ଭାରତୀୟ ପୁରୁଷ ଦଳ



ଟୋକିଓ,୨୯।୭

ଟୋକିଓ ଅଲିମ୍ପିକ୍ସ ହକି ଇଭେଣ୍ଟରେ ଭାରତୀୟ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପୁଲ୍-ଏ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ଆର୍ଜେଣ୍ଟିନାକୁ ୩-୧ ଗୋଲରେ ପରାସ୍ତ କରି ଏହି ସଫଳତା ପାଇଛି। ଭାରତ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅନ୍ତିମ ୨ ମିନିଟ୍‌ରେ ଭାରତ ଦୁଇଟି ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଚକ୍‌ମା ଦେଇଛି। ଏପର୍ଯ୍ୟନ୍ତ ଭାରତ ୪ଟି ମ୍ୟାଚ୍ ଖେଳି ତୃତୀୟ ବିଜୟ ହାସଲ କରି ପୁଲ୍ ଏ'ରେ ତା'ର ଦ୍ୱିତୀୟ ସ୍ଥାନ ପକ୍କା କରିଛି। ଭାରତ କେବଳ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ଶୀର୍ଷରେ ରହିଛି। ପୁଲ୍-ଏ'ରେ

## ଅଲିମ୍ପିକ୍ସ ହକି

୬ଟି ଦଳ ସାମିଲ ଥିବାବେଳେ ଆର୍ଜେଣ୍ଟିନା ପଞ୍ଚମ ସ୍ଥାନରେ ରହି ସଂଘର୍ଷ କରୁଛି। କ୍ୱାର୍ଟର ଫାଇନାଲ ଦୌଡ଼ରେ ରହିବାକୁ ହେଲେ ଏବେ ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନା ନ୍ୟୁଜିଲାଣ୍ଡକୁ ହରାଇବା ଅପରିହାର୍ଯ୍ୟ ହୋଇପଡିଛି। ପୁଲ୍-ଏ ଓ ବି'ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଭାରତ ଏବେ ତା'ର ଫାଇନାଲ ପୁଲ୍ ମ୍ୟାଚ୍‌ରେ ଶୁକ୍ରବାର ଆୟୋଜକ ଜାପାନକୁ ଭେଟିବ।

ଦୀର୍ଘ ୩୭ ବର୍ଷ ପରେ ଭାରତ ଅଲିମ୍ପିକ୍ ହକିରେ ଭାରତୀୟ ପୁରୁଷ ଦଳ ପୁଲ୍ ପର୍ଯ୍ୟାୟରେ ୩ଟି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଶେଷଥର ପାଇଁ ଭାରତ ୧୯୮୪ରେ ପୁଲ୍ ପର୍ଯ୍ୟାୟରେ ୩ଟି ମ୍ୟାଚ ଜିତିଥିଲା। ଯଦି ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଭାରତ ଜାପାନକୁ ହରାଏ ତେବେ ୧୯୭୨ ପରେ ଭାରତ ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚ୍ ଜିତିବ। ୧୯୭୨ ଅଲିମ୍ପିକ୍ସରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୭ରୁ ୫ଟି ମ୍ୟାଚ୍ ଜିତିଥିଲା। ୧୯୮୪ ପରଠାରୁ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୨ରୁ ଅଧିକ ମ୍ୟାଚ୍ ଜିତିପାରି ନ ଥିଲା। ୧୯୮୦ ପରେ ଭାରତକୁ କୌଣସି ପଦକ ମିଳିପାରି ନାହିଁ। ଏପରିକି ଭାରତ ୨୦୦୮ରେ ଅଲିମ୍ପିକ୍ସ କ୍ୱାଲିଫାଏ କରିପାରି ନ ଥିଲା।

ସ୍ଥାନୀୟ ଓଇ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ଆର୍ଜେଣ୍ଟିନାକୁ କୌଣସି ସୁଯୋଗ ଦେଇ ନ ଥିଲା। ପ୍ରଥମ ଦୁଇଟି କ୍ୱାର୍ଟରରେ କୌଣସି ଗୋଲ ହୋଇପାରି ନ ଥିଲା। ତୃତୀୟ କ୍ୱାର୍ଟରରେ ୪୩ତମ ମିନିଟରେ ବରୁଣ କୁମାର ପ୍ରଥମ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ୫ ମିନିଟ୍ ପରେ ଆର୍ଜେଣ୍ଟିନାର ସୁଥ କାସେଲା ୪୮ତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ସ୍କୋର କରି ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ବିବେକ ସାଗର ପ୍ରସାଦ ଓ ହରମନପ୍ରୀତ ସିଂ ଯଥାକ୍ରମେ ୫୮ ଓ ୫୯ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଶେଷ ମୁହୂର୍ତ୍ତରେ ବିଜୟୀ କରାଇଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଭାରତ ଆର୍ଜେଣ୍ଟିନା ଡିଫେନ୍ସ ଉପରେ ଚାପ ପକାଇବାରେ ସମର୍ଥ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିଥିଲା। ତେବେ ଆର୍ଜେଣ୍ଟିନା ଡିଫେନ୍ସ ଭାରତର ସବୁ ଆକ୍ରମଣକୁ ପ୍ରତିହତ କରିଥିଲା। ଭାରତୀୟ ଖେଳାଳିମାନେ ଏକାଧିକ ବାର ଆର୍ଜେଣ୍ଟିନା ସର୍କଲରେ ପ୍ରବେଶ କରିଥିଲେ ମଧ୍ୟ ଫାଇନାଲ ପାସ୍ ମିସ୍ କରିଥିଲା। ତୃତୀୟ ମିନିଟ୍‌ରେ ଭାରତ ଗୋଲ କରିବାର ସୁଯୋଗ ପାଇଥିଲା। ସିମରନଜିତ ସିଂଙ୍କ ପାସକୁ ଦିଲପ୍ରୀତ ସିଂ ହିଟ୍ କରିଥିଲେ। ତେବେ ଆର୍ଜେଣ୍ଟିନା ଗୋଲକିପର ଜୁଆନ ଭିଭାଲଡି ଏହାକୁ ସେଭ କରିବାରେ ସଫଳ ହୋଇଥିଲେ। ଭାରତ ୧୬ଥର ଓ ଆର୍ଜେଣ୍ଟିନା ୨ଥର ପ୍ରତିପକ୍ଷ ସର୍କଲରେ ପ୍ରବେଶ କରିଥିଲା। ପ୍ରଥମ ହାଫ୍‌ରେ କୌଣସି ଦଳ ପେନାଲ୍ଟି ସୁଯୋଗ ପାଇ ନ ଥିଲେ ଓ ଗୋଲ ମଧ୍ୟ ହୋଇପାରି ନ ଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ଭାରତ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ୩୫ତମ ମିନିଟ୍‌ରେ ଗୁରଜନ୍ତ ସିଂ ନିକଟରୁ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ସେହିପରି ରୂପିନ୍ଦର ପାଲ ସିଂ କ୍ରମାଗତ ଦୁଇଟି କର୍ନର ମିସ୍ କରିଥିଲେ। ଶେଷରେ ବରୁଣ ପ୍ରଥମ ଗୋଲ ଦେଇ ଭାରତୀୟ ଶିବିରରେ ଉତ୍ସାହ ଆଣି ଦେଇଥିଲେ। ସେ ତୃତୀୟ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ସେହିପରି ଆର୍ଜେଣ୍ଟିନା ୪୮ତମ ମିନିଟ୍‌ରେ ତା'ର ପ୍ରଥମ ପେନାଲ୍ଟି କର୍ନର ପାଇଥିଲା ଓ କାସେଲା ଏହାକୁ ଗୋଲରେ ପରିଣତ କରିଥିଲେ। ଏହାପରେ ଆର୍ଜେଣ୍ଟିନା ଦୁଇଟି ସୁଯୋଗ ପାଇଥିଲେ ମଧ୍ୟ ଫାଇଦା ଉଠାଇପାରି ନ ଥିଲା। ଭାରତୀୟ ଡିଫେନ୍ସ ଓ ଗୋଲ କିପର ପି.ଆର. ଶ୍ରୀଜେସ ଚମତ୍କାର ପ୍ରଦର୍ଶନ କରିଥିଲେ। ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନକୁ କୋଚ୍ ଗ୍ରାହମ ରିଡ୍ ପ୍ରଶଂସା କରିଛନ୍ତି। ଆର୍ଜେଣ୍ଟିନା ବିପକ୍ଷରେ ଖେଳିବା ସେତେଟା ସହଜ ନ ଥିଲା। ଗତଥରର ଚାମ୍ପିୟନ ଆର୍ଜେଣ୍ଟିନା ଏକ ବିଶ୍ୱସ୍ତରୀୟ ଦଳ ହୋଇଥିବାରୁ ଏହି ବିଜୟ ଭାରତ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ବିଜୟ ହାସଲ କରିଥିଲେ ମଧ୍ୟ ଭାରତ ଏକାଧିକ ସୁଯୋଗ ହାତଛଡ଼ା କରିଛି ବୋଲି ସେ ନିଜ ଖେଳାଳିମାନଙ୍କୁ ସତର୍କ କରାଇଦେଇଛନ୍ତି। ତେବେ ଖେଳାଳିମାନେ ଧୈର୍ଯ୍ୟର ସହିତ ଗେମ୍ ପ୍ଲାନ୍‌କୁ କାର୍ଯ୍ୟରେ ପରିଣତ କରିଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ଜାପାନ ବିପକ୍ଷ ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଭାରତ ଏହି ପ୍ରଦର୍ଶନକୁ ଦୋହରାଇବ ବୋଲି ସେ ଆଶାପ୍ରକାଶ କରି କହିଛନ୍ତି।

ବିବେକ ସାଗର ପ୍ରସାଦ



ବିଜୟ ହାସଲ ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ହକି ଦଳ।

## ଛୋଟ ଦେଶର ବଡ଼ ଆଥଲେଟ୍

ଟୋକିଓ, ୨୯।୭ (ପି.ଟି.)



ପଦକ ସହ ଆଲେସାଣ୍ଡ୍ରା ପେରିଲି

ଟୋକିଓ ଅଲିମ୍ପିକ୍ସରେ ଜନ ସଂଖ୍ୟାରେ ବହୁତ ଛୋଟ ଦେଶର ଆଥଲେଟ୍‌ମାନେ ମଧ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ଏପରି ଜଣେ ଆଥଲେଟ୍ ହେଲେ ଆଲେସାଣ୍ଡ୍ରା ପେରିଲି। ପେରିଲି ହେଉଛନ୍ତି ୩୪,୦୦୦ ଲୋକସଂଖ୍ୟା ବିଶିଷ୍ଟ ସାନ୍ ମାରିନୋ ଦେଶର ଆଥଲେଟ୍। ସେ ମହିଳା ଟ୍ରାପ୍ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। "ଏହା ମୋ ପାଇଁ ପ୍ରଥମ ଅଲିମ୍ପିକ୍ ନ ଥିଲେ ହେଁ ପ୍ରଥମ ପଦକ। ମୋ ଦେଶ ପାଇଁ ମଧ୍ୟ ଏହା ପ୍ରଥମ ଅଲିମ୍ପିକ୍ସ ପଦକ। ଆମ ଦେଶ ବହୁତ ଛୋଟ ସତ, ମାତ୍ର ପଦକ ହାସଲ କରି ବହୁତ ଗର୍ବ ଅନୁଭବ ହେଉଛି" ବୋଲି ନିଜ ପ୍ରତିକ୍ରିୟାରେ ପେରିଲି ପ୍ରକାଶ କରିଛନ୍ତି। ଏହା ପୂର୍ବରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଦେଶଭାବେ ବର୍ମୁଡାର ଫ୍ଲୋରା ଡୁଫି ସ୍ୱର୍ଣ୍ଣ ପଦକ ପାଇଥିଲେ। ମାତ୍ର ଅଲିମ୍ପିକ୍ସରେ ଭାଗ ନେଇଥିବା ସବୁଠାରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଦେଶ ହେଉଛି ସାନ୍ ମାରିନୋ। ତେଣୁ ପେରିଲି ଏବେ ଡୁଫିଙ୍କୁ ପଛରେ ପକାଇ ଦେଇଛନ୍ତି।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୫ | ୭ | ୯ | ୩୧ |
| ଜାପାନ | ୧୫ | ୪ | ୬ | ୨୫ |
| ଆମେରିକା | ୧୪ | ୧୪ | ୧୦ | ୩୮ |
| ଆରଓସି | ୮ | ୧୧ | ୯ | ୨୮ |
| ଅଷ୍ଟ୍ରେଲିଆ | ୮ | ୨ | ୧୦ | ୨୦ |
| ଗ୍ରେଟ ବ୍ରିଟେନ | ୫ | ୭ | ୬ | ୧୮ |
| ଦକ୍ଷିଣ କୋରିଆ | ୪ | ୩ | ୫ | ୧୨ |
| ଫ୍ରାନ୍ସ | ୩ | ୫ | ୩ | ୧୧ |
| ଜର୍ମାନୀ | ୩ | ୩ | ୭ | ୧୩ |
| ଇଟାଲୀ | ୨ | ୭ | ୧୦ | ୧୯ |
| ନେଦରଲାଣ୍ଡ୍ସ | ୨ | ୭ | ୪ | ୧୩ |
| କାନାଡ଼ା | ୨ | ୩ | ୫ | ୧୦ |
| ହଙ୍ଗେରି | ୨ | ୧ | ୨ | ୫ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| କ୍ରୋଏସିଆ | ୨ | ୦ | ୧ | ୩ |
| କୋସୋଭୋ | ୨ | ୦ | ୦ | ୨ |
| ବ୍ରାଜିଲ | ୧ | ୩ | ୩ | ୭ |
| ସୁଇଜରଲାଣ୍ଡ | ୧ | ୩ | ୨ | ୬ |
| ରୋମାନିଆ | ୧ | ୩ | ୦ | ୪ |
| ଚାଇନିଜ୍ ତାଇପେ | ୧ | ୨ | ୩ | ୬ |
| ଚେକ୍ ରିପବ୍ଲିକ୍ | ୧ | ୨ | ୧ | ୪ |
| ନ୍ୟୁଜିଲାଣ୍ଡ | ୧ | ୨ | ୧ | ୪ |
| ଜର୍ଜିଆ | ୧ | ୨ | ୦ | ୩ |
| ସର୍ବିଆ | ୧ | ୧ | ୨ | ୪ |
| ଅଷ୍ଟ୍ରିଆ | ୧ | ୧ | ୧ | ୩ |
| ହଂକଂ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଆୟର୍ଲାଣ୍ଡ | ୧ | ୦ | ୧ | ୨ |
| ଉଜ୍‌ବେକିସ୍ତାନ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ଫିଜି | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ଲାଟ୍‌ଭିଆ | ୧ | ୦ | ୦ | ୧ |
| ନରୱେ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ସ୍ଲୋଭାକିଆ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ସ୍ପେନ | ୦ | ୨ | ୧ | ୩ |
| ଦକ୍ଷିଣ ଆଫ୍ରିକା | ୦ | ୨ | ୦ | ୨ |
| ଇଣ୍ଡୋନେସିଆ | ୦ | ୧ | ୨ | ୩ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ବେଲଜିୟମ | ୦ | ୧ | ୧ | ୨ |
| ଡେନମାର୍କ | ୦ | ୧ | ୦ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| କଲମ୍ବିଆ | ୦ | ୧ | ୦ | ୧ |
| ଭାରତ | ୦ | ୧ | ୦ | ୧ |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ପୋଲାଣ୍ଡ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| ଭେନଜୁଏଲା | ୦ | ୧ | ୦ | ୧ |
| ୟୁକ୍ରେନ | ୦ | ୦ | ୪ | ୪ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ମେକ୍ସିକୋ | ୦ | ୦ | ୨ | ୨ |
| ତୁର୍କୀ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| କ୍ୟୁବା | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ପର୍ତ୍ତୁଗାଲ | ୦ | ୦ | ୧ | ୧ |
| ସାନ୍ ମାରିନୋ | ୦ | ୦ | ୧ | ୧ |

## ଶୁକ୍ରବାର ଭାରତର କାର୍ଯ୍ୟସୂଚୀ (ଭାରତୀୟ ସମୟ ଅନୁସାରେ)

**ତୀରନ୍ଦାଜୀ:**
- ମହିଳା ବ୍ୟକ୍ତିଗତ ପ୍ରି-କ୍ୱାର୍ଟରଫାଇନାଲ-ଦୀପିକା କୁମାରୀ ବନାମ କେସେନିଆ ପେରୋଭା (ରଷିଆନ ଅଲିମ୍ପିକ କମିଟି), ସମୟ: ସକାଳ ୬ଟା।

**ଆଥଲେଟିକ୍ସ:**
- ପୁରୁଷ ୩,୦୦୦ ମିଟର ଷ୍ଟିପଲଚେଜ୍ ରାଉଣ୍ଡ ୧- ଅବିନାଶ ସାବ୍‌ଲେ, ସମୟ: ସକାଳ ୬ଟା ୧୭ ମିନିଟ।
- ପୁରୁଷ ୪୦୦ ମିଟର ହର୍ଡଲ୍ସ ରାଉଣ୍ଡ ୧ ହିଟ୍ ୫ -ଏମ୍.ପି, ଜାବିର, ସମୟ: ସକାଳ ୮ଟା ୨୭।
- ମହିଳା ୧୦୦ ମିଟର ରାଉଣ୍ଡ ୧ ହିଟ୍ସ-ଦୂତୀ ଚାନ୍ଦ, ସମୟ ସକାଳ ୮ଟା ୪୫।
- ମିକ୍ସଡ ୪x୪୦୦ ମିଟର ରିଲେ ରେସ୍ ରାଉଣ୍ଡ ୧, ହିଟ୍ ୨-ସମୟ: ଅପରାହ୍ନ ୪ଟା ୪୨।

**ବ୍ୟାଡ୍‌ମିଣ୍ଟନ:**
- ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ- ପି.ଭି. ସିନ୍ଧୁ ବନାମ ଆକାନେ ୟାମାଗୁଚି (ଜାପାନ), ସମୟ: ଅପରାହ୍ନ ୧ଟା ୧୫।

**ବକ୍ସିଂ:**
- ମହିଳା ୬୦ କେଜି ରାଉଣ୍ଡ ଅଫ୍ ୧୬ ବାଉଟ୍- ସିମରନଜିତ କୌର ବନାମ ସୁଦାପର୍ନ ସେସୋଣ୍ଡି (ଥାଇଲାଣ୍ଡ). ସମୟ: ସକାଳ ୮ଟା ୧୮।
- ମହିଳା ୬୯କେଜି କ୍ୱାର୍ଟରଫାଇନାଲ ବାଉଟ୍-ଲଭଲିନା ବୋର୍ଗୋହେନ୍ ବନାମ ନିନ୍ ଚିନ୍ ଚେନ୍ (ଚାଇନିଜ ତାଇପେ), ସମୟ ସକାଳ ୮ଟା ୪୮।

**ଅଶ୍ୱଚାଳନା:**
- ଇଭେଣ୍ଟିଂ ଡ୍ରେସେଜ୍ ଡେ' ୱାନ ସେସନ ୨-ଫୌଆଦ ମିର୍ଜା, ସମୟ: ଅପରାହ୍ନ ୨ଟା।

**ଗଲ୍ଫ:**
ପୁରୁଷ ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୨-ଅନିର୍ବାଣ ଲାହିରି ଓ ଉଦୟନ ମାନେ, ସମୟ ପ୍ରତ୍ୟୁଷ ୪ଟା।

**ହକି:**
- ମହିଳା ପୁଲ୍ ଏ' ମ୍ୟାଚ- ଭାରତ ବନାମ ଆୟର୍ଲାଣ୍ଡ, ସମୟ: ସକାଳ ୮ଟା ୧୫।
- ପୁରୁଷ ପୁଲ୍ ଏ' ମ୍ୟାଚ- ଭାରତ ବନାମ ଜାପାନ, ସମୟ ଅପରାହ୍ନ ୩ଟା।

**ସେଲିଂ:**
- ପୁରୁଷ ସ୍କିଫ୍ ୪୯ ଇଆର ରେସ୍ ୭,୮ ଓ ୯-କେ.ସି. ଗଣପତି ଓ ବରୁଣ ଠକ୍କର, ସମୟ: ସକାଳ ୮ଟା ୩୫।
- ମହିଳା ଲେଜର ରାଡିଆଲ ରେସ୍ ୯ ଓ ୧୦- ନେତ୍ରା କୁମାନାନ୍, ସମୟ: ସକାଳ ୮ଟା ୩୫ ।
- ପୁରୁଷ ଲେଜର ରେସ୍ ୯ ଓ ୧୦- ବିଷ୍ଣୁ ସର୍ବାନାନ, ସମୟ ପୂର୍ବାହ୍ନ ୧୧ଟା ୫ ମିନିଟ।

**ଶୁଟିଂ:**
- ମହିଳା ୨୫ମିଟର ପିସ୍ତଲ କ୍ୱାଲିଫିକେଶନ ରାପିଡ୍-ମନୁ ଭାକର ଓ ରାହି ସାର୍ନୋବତ, ସମୟ: ସକାଳ ୫ଟା ୩୦।
- ମହିଳା ୨୫ ମିଟର ପିସ୍ତଲ ଫାଇନାଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## କ୍ୱାର୍ଟରରେ ପଦାର୍ପଣକାରୀ ସତୀଶ

ଟୋକିଓ,୨୯।୭(ପି.ଟି.)

ଅଲିମ୍ପିକ୍ସରେ ଭାରତର ପ୍ରଥମ ସୁପର ହେଭିୱେଟ (୯୧+କେ.ଜି.) ବକ୍ସର ଭାବେ ଅଂଶଗ୍ରହଣ କରିଥିବା ସତୀଶ କୁମାର ପଦାର୍ପଣରେ ହିଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କାରି ଭାରତ ପାଇଁ ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ଗୁରୁବାର ସେ ଜାମାଇକାର ରିକାର୍ଡୋ ବ୍ରାଉନ୍‌ଙ୍କୁ ହରାଇ ଏହି ସଫଳତା ପାଇଛନ୍ତି।

୩୨ ବର୍ଷୀୟ ସତୀଶ ୪-୧ରେ ବ୍ରାଉନଙ୍କୁ ଅତି ସହଜରେ ହରାଇଛନ୍ତି। ସେ ପୂର୍ବରୁ ଦୁଇଥର ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ମଧ୍ୟ ଏକାଧିକବାର ଜାତୀୟ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛନ୍ତି। ବ୍ରାଉନଙ୍କ ଦୁର୍ବଳ ଫୁଟୱାର୍କରୁ ସେ ଫାଇଦା ଉଠାଇଛନ୍ତି। ସତୀଶ ଏହି ବାଉଟ୍‌ରେ ମାପଚୁପ୍ ପ୍ରଦର୍ଶନ କରିଥିଲେ। ତାଙ୍କ ପ୍ରଦର୍ଶନକୁ ଭାରତୀୟ ବକ୍ସିଂ ହାଇପରଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଏଭା ପ୍ରଶଂସା କରିଛନ୍ତି। କ୍ୱାର୍ଟରରେ ସତୀଶ ଉଜବେକିସ୍ତାନର ବାଖୋଡିର ଜାଲୋଲୋଭଙ୍କୁ ଭେଟିବେ। ଏସିଆନ ଚାମ୍ପିୟନ ଜାଲୋଲୋଭ ୫-୦ରେ ଆଜରବୈଜାନର ମହମ୍ମଦ ଅବଦୁଲ୍ଲାୟେଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ତେବେ ଏହି ମୁକାବିଲାରେ ସତୀଶ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ ବୋଲି ନିଏଭା କହିଛନ୍ତି।

ସତୀଶ ପୂର୍ବରୁ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିଲେ। ଉତ୍ତରପ୍ରଦେଶର ବୁଲନ୍ଦ ସହରରେ ରହୁଥିବା ସତୀଶ ଜଣେ ସୈନିକ। ସେ କବାଡି ଖେଳୁଥିଲେ। ତେବେ ତାଙ୍କର ଦୃଢ ତଥା ଶକ୍ତିଶାଳୀ ଶରୀର ଦେଖି ଆର୍ମି କୋଚ୍‌ମାନେ ତାଙ୍କୁ ବକ୍ସିଂ ଖେଳିବାକୁ ଉତ୍ସାହିତ କରିଥିଲେ। ଅପରପକ୍ଷରେ ୩୧ ବର୍ଷୀୟ ବ୍ରାଉନ ୧୯୯୬ ପରେ ଜାମାଇକାର ପ୍ରଥମ ବକ୍ସର ଭାବେ ଅଲିମ୍ପିକ୍ସ କ୍ୱାଲିଫାଏ କରିଛନ୍ତି।



ସତୀଶ କୁମାର (ଡାହାଣ) ଓ ରିକାର୍ଡୋ ବ୍ରାଉନ୍‌ଙ୍କ ମଧ୍ୟରେ ଲଢ଼େଇ।

# ‘ଟ୍ରାକ୍ ଭଲ ଅଛି, ଟାଇମିଂରେ ଉନ୍ନତି ଆଶା’

**ଭୁବନେଶ୍ୱର, ୨୯।୭(କ୍ରୀଡ଼ା ପ୍ରତିନିଧି)**




ଟୋକିଓ ଟ୍ରାକ୍‌ରେ ଦୂତୀ ଚାନ୍ଦ।

- ଟୋକିଓ ଅଲିମ୍ପିକ୍ସ ମହିଳା ୧୦୦ ମିଟର ରେସ୍ ଆଜି
- ଭାରତୀୟ ସମୟ ସକାଳ ୮ଟା ୪୫ରୁ ପ୍ରଥମ ହିଟ୍ ଆରମ୍ଭ ହେବ
- ମୋଟ ୭ଟି ହିଟ୍ ଅନୁଷ୍ଠିତ ହେବ

ଟୋକିଓ ଅଲିମ୍ପିକ୍ସର ଆଥ୍‌ଲେଟିକ୍ସ ଇଭେଣ୍ଟ ଶୁକ୍ରବାରଠାରୁ ଜାପାନ ନ୍ୟାଶନାଲ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଏହାର ମହିଳା ୧୦୦ ମିଟର ଇଭେଣ୍ଟରେ ଅବତୀର୍ଣ୍ଣ ହେବେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ପ୍ରଥମେ ୩ଟି ପ୍ରିଲିମିନାରି ରାଉଣ୍ଡ ଅନୁଷ୍ଠିତ ହେବ। ଏହା ପରେ ଯାଇ କେଉଁ ହିଟ୍‌ରେ କେଉଁ ପ୍ରତିଯୋଗୀ ଭାଗନେବେ ତାହା ଜଣାପଡ଼ିବ ବୋଲି ସମ୍ପ୍ରତି ଜାପାନରେ ଅଭ୍ୟାସ ଚଳାଇଥିବା ଦୂତୀ ପ୍ରକାଶ କରିଛନ୍ତି। ‘‘ଟ୍ରାକ୍ ବହୁତ ଭଲ, ପାଗ, ପରିବେଶ ମଧ୍ୟ ବଢ଼ିଆ ରହିଛି। ଆମକୁ ସୁହାଇବାପରି ଖାଦ୍ୟ ମଧ୍ୟ ମିଳୁଛି। ତେଣୁ ଏଠାରେ ଏ ପର୍ଯ୍ୟନ୍ତ ସେପରି କିଛି ଅସୁବିଧା ହୋଇନାହିଁ। ମୋଟ ୭ଟି ହିଟ୍ ଅନୁଷ୍ଠିତ ହେବ। ପ୍ରତି ହିଟ୍‌ରେ ୮ ପ୍ରତିଯୋଗୀ ରେସ୍ କରିବେ। ଶୁକ୍ରବାର ପୂର୍ବାହ୍ନ ୧୦ଟା ପରେ ହିଟ୍ ପାଇଁ ଷ୍ଟାର୍ଟ ଲିଷ୍ଟ ବାହାରିବ। ତା’ ପରେ ଯାଇ ମୋର କେଉଁ ହିଟ୍‌ରେ ରେସ୍ ପଡ଼ିବ ଏବଂ ସେଥିରେ କେଉଁ ଦେଶର ପ୍ରତିଦ୍ୱନ୍ଦ୍ୱୀମାନେ ଅଛନ୍ତି ତା’ ଉପରେ ଅନେକ କିଛି ନିର୍ଭର କରିବ। ଭଲ ପ୍ରଦର୍ଶନ କରିବା ଆଶା ରହିଛି। ବିଶେଷ କରି ହିଟ୍ ସମୟରେ ଟାଇମିଂରେ ଉନ୍ନତି ଆଣିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ’’ ବୋଲି ସେ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ୧୧.୧୫ ସେକେଣ୍ଡ ସ୍ପର୍ଶ କରିଥିବା ପ୍ରତିଯୋଗୀ ଏବଂ ବିଶ୍ୱ ର୍ୟାଙ୍କ୍ ଅନୁସାରେ ଯୋଗ୍ୟତା ପାଇଥିବା ଆଥ୍‌ଲେଟମାନେ ସିଧାସଳଖ ହିଟ୍‌ରେ ଭାଗନେବେ। ପ୍ରିଲିମିନାରି ରାଉଣ୍ଡରେ ଭାଗ ନେବାକୁ ଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ଟାଇମିଂଧାରୀ ହିଟ୍ ପାଇଁ ଯୋଗ୍ୟତା ପାଇବେ। ଏହି ରାଉଣ୍ଡରେ ପ୍ରତି ହିଟ୍‌ରେ ୯ ଜଣ ଲେଖାଏ ପ୍ରତିଯୋଗୀ ଅଛନ୍ତି। ଅର୍ଥାତ୍ ୨୭ ପ୍ରତିଯୋଗୀଙ୍କୁ ନେଇ ୩ ପ୍ରିଲିମିନାରି ରାଉଣ୍ଡ ଅନୁଷ୍ଠିତ ହେବ। ପ୍ରିଲିମିନାରି ରାଉଣ୍ଡ ପରେ ଭାରତୀୟ ସମୟ ସକାଳ ୮ଟା ୪୫ରୁ ପ୍ରଥମ ହିଟ୍ ଆରମ୍ଭ ହେବ। ତେଣୁ ଦୂତୀ କେଉଁ ହିଟ୍‌ରେ ଦୌଡ଼ିବେ ଜଣା ପଡ଼ିବା ପରେ ଯାଇ ତାଙ୍କ ରେସ୍ ଟାଇମିଂ ସ୍ପଷ୍ଟ ହୋଇପାରିବ। ‘‘ପୂର୍ବରୁ ଯେଉଁପରି ଟ୍ରେନିଂ କରୁଥିଲି ଜାପାନରେ ପହଞ୍ଚିବା ପରେ ମଧ୍ୟ ତାହା ଜାରି ରହିଛି। କିଛି ନୂଆ ନାହିଁ। ଫିଟ୍‌ନେସ୍‌କୁ ବିଶେଷ ଧ୍ୟାନ ଦେଉଛି। ଏବେ ରେସ୍ ଉପରେ ଫୋକସ ରହିଛି’’ ବୋଲି କହିଛନ୍ତି ଦୂତୀ।

ଏଥର ଅଲିମ୍ପିକ୍ସରେ ପ୍ରିଲିମିନାରି ରାଉଣ୍ଡକୁ ମିଶାଇ ୧୦୦ ମିଟରରେ ପାଖାପାଖି ୮୦ ଆଥ୍‌ଲେଟ ରେସ୍‌ରେ ଅବତୀର୍ଣ୍ଣ ହେବା ସମ୍ଭାବନା। ଅଲିମ୍ପିକ୍ସ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ଟାଇମିଂ ଏବଂ ବିଶ୍ୱ ର୍ୟାଙ୍କ୍ ଅନୁସାରେ ୫୬ ଆଥ୍‌ଲେଟ ହିଟ୍ ପାଇଁ ଯୋଗ୍ୟ। କେତେକ ଦେଶର ଜାତୀୟ ଅଲିମ୍ପିକ୍ କମିଟି ପକ୍ଷରୁ ବିଶ୍ୱସ୍ତରୀୟ ଆଥ୍‌ଲେଟଙ୍କୁ ରେସ୍‌ରେ ଭାଗନେବାର ସୁଯୋଗ ମିଳିଥାଏ। ୨୦୧୬ ରିଓ ଅଲିମ୍ପିକ୍ସରେ ଏମାନଙ୍କ ସଂଖ୍ୟା ୧୬ ଥିଲା। ପ୍ରକାଶଯୋଗ୍ୟ ଯେ, ଦୂତୀ ପଟିଆଲାରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ ମିଟ୍‌ରେ ୧୧.୧୭ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ୨ ସେକେଣ୍ଡ ପାଇଁ ସେ ଅଲିମ୍ପିକ୍ସ ୧୦୦ ମିଟର କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ସ୍ପର୍ଶ କରିପାରି ନ ଥିଲେ ହେଁ ବିଶ୍ୱ ର୍ୟାଙ୍କ୍ ଅନୁସାରେ ଟୋକିଓ ଟିକେଟ ପାଇ ଯାଇଥିଲେ। ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରିଥିବା ଦୂତୀ ଟୋକିଓ ଯିବା ପୂର୍ବରୁ ହାଇଦ୍ରାବାଦର ପୁଲେଲା ଗୋପୀଚାନ୍ଦ ଏକାଡେମୀରେ କୋଚ୍ ନାଗାପୁରୀ ରମେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭ୍ୟାସ କରିଥିଲେ। କରୋନା ମହାମାରୀ ପାଇଁ ଟ୍ରେନିଂ କିଛିଟା ବାଧାପ୍ରାପ୍ତ ହୋଇଥିଲେ ହେଁ ଗତ କିଛିମାସ ଧରି କଠିନ ପରିଶ୍ରମ କରି ଆସିଛି। ଏବେ ପରୀକ୍ଷା ସମୟ ଉପନୀତ। ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ମୁଁ ସବୁବେଳେ ଉଦ୍ୟମ କରିଥାଏ। ଏଥର ମଧ୍ୟ ସେହି ଲକ୍ଷ୍ୟ ରହିବ ବୋଲି ଦୂତୀ ପ୍ରକାଶ କରିଛନ୍ତି।




**ଫୁଜିସାୱା:** ଟୋକିଓ ଅଲିମ୍ପିକ୍ସର ଇନୋଶିମା ପୋତାଶ୍ରୟରେ ଅନୁଷ୍ଠିତ ମହିଳା ୱାନ-ପର୍ଶନ ଡିଙ୍ଘେ (ଲେଜର) ରେସ୍ ଅବସରରେ ଭାରତର ନେତ୍ରା କୁମାନନ।

# ଆମେରିକାର ସୁନିସାଙ୍କୁ ସ୍ୱର୍ଣ୍ଣ




**ଟୋକିଓ, ୨୯।୭ (ଏପି):** ସବୁଥର ଭଳି ଏଥର ଜଣେ ଆମେରିକୀୟ ଅଲିମ୍ପିକ୍ସ ମହିଳା ଜିମ୍ନାଷ୍ଟିକ୍ସ ଅଲ୍‌ରାଉଣ୍ଡ ଫାଇନାଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ହେଉଛନ୍ତି ସୁନିସା ଲି’। ଗୁରୁବାର

## ଜିମ୍ନାଷ୍ଟିକ୍ସ ଫାଇନାଲ

ଚିତ୍ତାକର୍ଷକ ଫାଇନାଲରେ ସେ ବ୍ରାଜିଲର ରେବିକା ଆଣ୍ଡ୍ରେଡ୍‌ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିନେଇଛନ୍ତି। ଗତଥରର ଚାମ୍ପିୟନ ତଥା ଆମେରିକାର ସିମୋନ ବାଇଲ୍ସ ଷ୍ଟାଣ୍ଡରେ ଉପସ୍ଥିତ ରହି ବିଜୟକୁ ଉପଭୋଗ କରିଥିଲେ। ଆମେରିକା କ୍ରମାଗତ ୫ ଥର ଏହି ଟାଇଟଲ ଜିତି ଆସୁଛି। ଆଣ୍ଡ୍ରେଡ୍‌ଙ୍କୁ ପଛରେ ପକାଇବା ଲାଗି ଲି’ଙ୍କ ମୋଟ ୫୭,୪୩୩ ପଏଣ୍ଟ ଯଥେଷ୍ଟ ଥିଲା। ଅଲ୍‌ରାଉଣ୍ଡ ଜିମ୍ନାଷ୍ଟିକ୍ସରେ ପଦକ ଜିତିବାରେ ଆଣ୍ଡ୍ରେଡ୍ ପ୍ରଥମ ଲାଟିନ ଆମେରିକୀୟ ଆଥ୍‌ଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ରୁଷୀୟ ଜିମ୍ନାଷ୍ଟ ଆଞ୍ଜେଲିନା ମେଲ୍‌ନିକୋଭା ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଦୁଇଦିନ ପୂର୍ବେ ଟିମ୍ ଫାଇନାଲରେ ରୁଷିଆ ଅଲିମ୍ପିକ କମିଟି (ଆର୍‌ଓସି)କୁ ସ୍ୱର୍ଣ୍ଣ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଇକୋର୍ସା, କଟକ-ବି, ଭୁବନେଶ୍ୱର-ଏ, ଭଦ୍ରକ ବିଜୟୀ

**ଭୁବନେଶ୍ୱର,୨୯।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଦିନିକିଆ ଫର୍ମାଟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଇକୋର୍ସା, ବୌଦ୍ଧ, ଗଞ୍ଜାମ, କଟକ-ବି, ସୁନ୍ଦରଗଡ଼, ଭଦ୍ରକ, ଭୁବନେଶ୍ୱର-ଏ ଓ ଖୋର୍ଦ୍ଧା ବିଜୟ ହାସଲ କରିଛନ୍ତି। ତେବେ ରେଲୱେ ଷ୍ଟାଡିୟମରେ ବାଲେଶ୍ୱର-ଦେଓଗଡ଼ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଓଦା ଆଉଟଫିଲ୍ଡ ଯୋଗୁ ବାତିଲ ହୋଇଛି।

ଟୁର୍ନାମେଣ୍ଟର ୧୯ତମ ମ୍ୟାଚ୍‌ରେ ଇକୋର୍ସା ୮୬ ରନରେ ଅନୁଗୋଳକୁ ହରାଇଛି। ଟସ୍ ଜିତି ଇକୋର୍ସା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଜବାବରେ ଅନୁଗୋଳ ୧୮.୧ ଓଭରରେ ୮୬ ରନ କରି ଅଲଆଉଟ ହୋଇଥିଲା। ଇକୋର୍ସାର ସୁଜିତ ଲେଙ୍କା ୧୦୧ ରନର ଅପରାଜିତ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ସେହିପରି ୨୦ତମ ମ୍ୟାଚ୍‌ରେ ବୌଦ୍ଧ ୨୯ ରନରେ କେନ୍ଦ୍ରାପଡାକୁ ହରାଇଥିଲା। ଟସ୍ ଜିତି ବୌଦ୍ଧ ୩୧ ଓଭରରେ ୫ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ୩୦.୨ ଓଭରରେ ୧୫୧ ରନକରି ଅଲ୍‌ଆଉଟ ହୋଇଥିଲା।

୨୧ତମ ମ୍ୟାଚ୍‌ରେ ଗଞ୍ଜାମ ୭ ଉଇକେଟରେ କଳାହାଣ୍ଡିକୁ ହରାଇଛି। ଟସ୍ ଜିତି କଳାହାଣ୍ଡି ୨୨.୪ ଓଭରରେ ୯୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ଗଞ୍ଜାମ ୧୭.୪ ଓଭରରେ ୩ ଉଇକେଟ ହରାଇ

## କଳାହାଣ୍ଡି କପ୍
## ସୁଜିତଙ୍କ ଶତକ

୯୪ ରନକରି ବିଜୟୀ ହୋଇଥିଲା।

୨୨ତମ ମ୍ୟାଚ୍‌ରେ କଟକ- ବି ୭ ଉଇକେଟରେ ଢେଙ୍କାନାଳକୁ ହରାଇଥିଲା। ଟସ୍ ଜିତି ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୪୩. ୧ ଓଭରରେ ୨୦୭ ରନକରି ଅଲଆଉଟ ହୋଇଥିଲା। ଜବାବରେ କଟକ-ବି ୪୦.୪ ଓଭରରେ ୩ ଉଇକେଟ ହରାଇ ୨୦୮ ରନକରି ବିଜୟୀ ହୋଇଛି।

୨୩ତମ ମୁକାବିଲାରେ ସୁନ୍ଦରଗଡ ୭ ଉଇକେଟରେ ମାଲକାନଗିରିକୁ ହରାଇଛି। ଟସ୍ ଜିତି ମାଲକାନାଗିରି ୪୬ ଓଭରରେ ୬ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ସୁନ୍ଦରଗଡ଼ ୩୯.୩ ଓଭରରେ ୩ ଉଇକେଟ ହରାଇ ୧୬୧ ରନ କରି ବିଜୟୀ ହୋଇଛି।

୨୪ତମ ମ୍ୟାଚ୍‌ରେ ଭଦ୍ରକ ୭୫ ରନରେ ନବରଙ୍ଗପୁରକୁ ହରାଇଛି। ଟସ ହାରି ଭଦ୍ରକ ୩୭.୪ ଓଭରରେ ୧୭୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ନବରଙ୍ଗପୁର ୨୫.୩ ଓଭରରେ ୯୫ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା।

୨୫ତମ ମୁକାବିଲାରେ ଭୁବନେଶ୍ୱର-ଏ ୭ ଉଇକେଟରେ ନୂଆପଡାକୁ ହରାଇଛି। ଟସ୍ ଜିତି ନୂଆପଡା ୨୪ ଓଭରରେ ୭ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର-ଏ ୨୦.୧ ଓଭରରେ ୩ ଉଇକେଟ ହରାଇ ୧୨୨ ରନ କରି ବିଜୟୀ ହୋଇଥିଲା।

ସେହିପରି ୨୬ତମ ମୁକାବିଲାରେ ଖୋର୍ଦ୍ଧା ୭ ଉଇକେଟରେ ନୟାଗଡ଼କୁ ହରାଇଛି। ଟସ୍ ହାରି ନୟାଗଡ଼ ୩୭.୪ ଓଭରରେ ୮୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ଖୋର୍ଦ୍ଧା ୧୩. ୪ ଓଭରରେ ୩ ଉଇକେଟ ହରାଇ ୮୩ ରନକରି ବିଜୟୀ ହୋଇଥିଲା।

# ଦାନୁଷ୍କା, ମେଣ୍ଡିସଙ୍କୁ ବାସନ୍ଦ ପାଇଁ ସୁପାରିସ

**କଲମ୍ବୋ, ୨୯।୭ (ପି.ଟି.):** ବ୍ୟାଟ୍ସମ୍ୟାନ ଦାନୁଷ୍କା ଗୁଣତିଲକା ଓ କୁସାଲ ମେଣ୍ଡିସଙ୍କୁ ୨ ବର୍ଷ ଏବଂ ଉଇକେଟକିପର-ବ୍ୟାଟର ନିରୋଶାନ ଡିକ୍‌ୱେଲାଙ୍କୁ ୧୮ମାସ ବାସନ୍ଦ କରିବା ଲାଗି ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲସି) ଦ୍ୱାରା ଗଠିତ ୫ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ସୁପାରିସ କରିଛି। ୟୁନାଇଟେଡ କିଙ୍ଗଡମ୍ ଟୁର୍ ବେଳେ ସେମାନେ ବାୟୋ-ସିକ୍ୟୋର ବବଲ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଶୃଙ୍ଖଳାକମିଟି ଦ୍ୱାରା ସେମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନଙ୍କୁ ଏହାଛଡ଼ା ୨୫,୦୦୦ ଆମେରିକୀୟ ଡଲାର ଲେଖାଏଁ ଜରିମାନା ପାଇଁ ମଧ୍ୟ ସୁପାରିସ ହୋଇଛି। ଏହି ଖେଳାଳିମାନେ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ପୂର୍ବରୁ ଡରହାମ୍‌ରେ କୋଭିଡ୍ ସେଫ୍ଟି ବାୟୋ-ବବଲ କୋଭିଡ୍ ସେଫ୍ଟି ନିୟମ ଉଲ୍ଲଂଘନ କରିଥିଲେ। ଏହି ଖେଳାଳି ତ୍ରୟଙ୍କୁ ସେତେବେଳ ତୁରନ୍ତ ସସ୍‌ପେଣ୍ଡ କରି ଦେଶକୁ ପଠାଇ ଦିଆଯାଇଥିଲା। ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଏହି ୩ ଖେଳାଳିଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଗୁଣତିଳକା, ମେଣ୍ଡିସ ଓ ଡିକ୍‌ୱେଲାଙ୍କ ନାମ ଭ୍ରମଣକାରୀ ଭାରତ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜ ପାଇଁ ଦଳ ମନୋନୟନ ବେଳେ ବିଚାରକୁ ନିଆଯାଇ ନ ଥିଲା। ଏସ୍‌ଏଲସି କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଗୃହୀତ ହେବାପରେ ଯାଇ ଏହି ୩ କ୍ରିକେଟର ଦଣ୍ଡିତ ହେବେ।

# ସିରିଜ ଜିତିଲା ଶ୍ରୀଲଙ୍କା

**କଲମ୍ବୋ,୨୯।୭**

ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଶ୍ରୀଲଙ୍କା ୭ ଉଇକେଟରେ ଭ୍ରମଣକାରୀ ଭାରତକୁ ପରାସ୍ତ କରିଛି। ଏଥିସହ ଶ୍ରୀଲଙ୍କା ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୧ରେ ବିଜୟୀ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୮୧ ରନ ସଂଗ୍ରହ କରଥିଲା। ଟି୨୦ ଫର୍ମାଟ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଭାରତର ଏହା ସର୍ବନିମ୍ନ ସ୍କୋର। ଜବାବରେ ଶ୍ରୀଲଙ୍କା ୧୪.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି।

## ତୃତୀୟ ଟି୨୦
## ଭାରତର ବିପର୍ଯ୍ୟୟ

୮୨ ରନ ଛୋଟ୍ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ଅତି ସହଜରେ ୩୩ଟି ବଲ ବାକି ଥାଇ ବିଜୟୀ ହୋଇଥିଲା। ଦଳ ତରଫରୁ ଧନଞ୍ଜୟ ଡି ସିଲଭା ୨୩ ଓ ୱାନିଣ୍ଡୁ ହସରଙ୍ଗା ୧୪ ରନକରି ଅପରାଜିତ ରହିଥିଲେ। ଅଭିଷ୍କା ଫର୍ନାଣ୍ଡୋ ୧୨ ଓ ମିନୋଦ ଭାନୁକା ୧୮ ଓ ସାଦିରା ସମରବିକ୍ରମା ୬ ରନକରି ଲେଗ୍ ସ୍ପିନର ରାହୁଲ ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଚହର ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୩୬ ରନରେ ୫ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ଶିଖର ଧାୱନ ଖାତା ଖୋଲିବା ପୂର୍ବରୁ ପ୍ରଥମେ ଆଉଟ ହୋଇଥିଲେ। ସେ ନିଜର ପ୍ରଥମ ବଲରେ ହାଲୁକା ଶଟ୍ ଖେଳି ଧନଞ୍ଜୟ ଡି ସିଲଭାଙ୍କୁ କ୍ୟାଚ୍ ଦେଇ ଦୁଷ୍ମନ୍ତ ଚାମିରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଭାରତ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା ଓ ଭାରତୀୟ ଇନିଂସ ତାସଘର ପରି ଭୁଶୁଡି ପଡିଥିଲା। ଭାରତର ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଓପନର ଋତୁରାଜ ଗାଏକ୍ୱାଡ ୧୦ ବଲରୁ ୨ ଚୌକା ସହ ୧୪, ଭୁବନେଶ୍ୱର କୁମାର ୩୨ଟି ବଲ୍ ଖେଳି ୧୬, କୁଲଦୀପ ଯାଦବ ୨୮ ବଲରୁ ସର୍ବାଧିକ ୨୩ ରନକରି ଅପରାଜିତ ରହିଥିଲେ। ସଞ୍ଜୁ ସାମ୍‌ସନ, ବରୁଣ ଚକ୍ରବର୍ତ୍ତୀ ଖାତା ଖୋଲିପାରି ନ ଥିଲେ। ଦେବଦତ୍ତ ପଡିକାଲ ୯, ନୀତୀଶ ରାଣା ୬, ରାହୁଲ ଚହର ୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଚେତନ ସାକାରିୟା ୫ ରନକରି ଅପରାଜିତ ରହିଥିଲେ।

ପଞ୍ଚମ ଓଭରରେ ୱାନିଣ୍ଡୁ ହସରଙ୍ଗା ଦୁଇ ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିଥିଲେ। ସେ ଚତୁର୍ଥ ବଲ୍‌ରେ ସାମ୍‌ସନ ଓ ଅନ୍ତିମ ବଲ୍‌ରେ ଋତୁରାଜଙ୍କୁ ଏଲବିଡବ୍ଲ୍ୟୁ କରି ପ୍ୟାଭିଲିୟନ ଫେରାଇଥିଲେ। ଋତୁରାଜ, ପଡିକାଲ, ସାମ୍‌ସନ, ନୀତୀଶ ରାଣାଙ୍କ ଭଳି ତଥାକଥିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ତାରକାମାନେ ସାରା ସିରିଜରେ ବିଫଳ ହୋଇଛନ୍ତି। ୨୪ତମ ଜନ୍ମଦିବସରେ ଲେଗ୍ ସ୍ପିନର ହସରଙ୍ଗା ଭାରତୀୟ ବ୍ୟାଟିଂର ବିପର୍ଯ୍ୟୟ ଘଟାଇ ମାତ୍ର ୯ ରନ ବ୍ୟୟ କରି ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦସୁନ ସନକା ୨, ଦୁଷ୍ମନ୍ତ ଚାମିରା ଓ ରମେଶ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତ ଓ ଶ୍ରୀଲଙ୍କା ଦଳରେ ଗୋଟିଏ ଲେଖାଏ ପରିବର୍ତ୍ତନ କରିଥିଲେ।




ପ୍ଲେୟର ଅଫ୍ ଦି ସିରିଜ୍ ଓ ମ୍ୟାଚ୍ ୱାନିଣ୍ଡୁ ହସରଙ୍ଗା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭର ୮୧/୮ (କୁଲଦୀପ-୨୩*, ଭୁବନେଶ୍ୱର-୧୬, ଋତୁରାଜ-୧୪, ହସରଙ୍ଗା-୪/୯, ସନକା-୨/୨୦)।

ଶ୍ରୀଲଙ୍କା ୧୪.୩ଓଭରରେ ୮୨/୩ (ଡି ସିଲଭା-୨୩*, ହସରଙ୍ଗା-୧୪*, ଭାନୁକା-୧୮, ଫର୍ନାଣ୍ଡୋ-୧୨, ରାହୁଲ ଚହର-୩/୧୫)।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ